ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ମାର୍ଚ୍ଚ ୨୦୨୬ ସଂସ୍କରଣ



## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍, ଡି.ସି.ଏନ୍,ଡି

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଜାଗର ଅମାବାସ୍ୟା ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୦ |
| **ଗଳ୍ପ ବିଭାଗ** | | **୬୯** |
| ଅନେକ କଳାଛାଇ - ୩୭ | ଅଶୋକ ବିଶ୍ୱାଳ | ୭୦ |
| ବଡ଼ବାବୁ (ଧାରାବାହିକ କାହାଣୀ) | | ୮୪ |
| ଅଭିନୟ | ଅଭୟ କୁଣ୍ଡ | ୯୧ |
| ତୁମରି ଉତ୍ତର ଅପେକ୍ଷାରେ | ଅନନ୍ତ କୁମାର | ୯୪ |
| ବରପାତ୍ର | ଦେବାଶିଷ ମାଇତି | ୯୭ |
| ସହିଷ୍ଣୁତା | ଶୋଭାମୟୀ ପତ୍ରୀ | ୧୦୩ |
| ନିର୍ଭୟା | ଭବାନୀ ଶଙ୍କର ଦାଶ | ୧୦୫ |
| ଲୋଭ | ଆଶୁତୋଷ ମେହେର | ୧୦୯ |
| କୁକୁଡ଼ା ସଂକଟମୋଚନ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୧୨ |
| ଭଲ ପିଲା | ଜସ୍ମିନ୍ ସାହୁ | ୧୧୫ |
| **କବିତା ବିଭାଗ** | | **୧୧୬** |
| ୱାସିଂଟନର ପଥେ | ଶିବନାରାୟଣ ଦାସ | ୧୧୭ |
| ଜୀବନ ଭାସୁଛି ଆଖି ଲୁହରେ | ଡଃ ନାରାୟଣ ଚନ୍ଦ୍ର ସେନାପତି | ୧୨୨ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ନାରୀ | ଗଗନ ବିହାରୀ ନାୟକ | ୧୨୪ |
| ନାରୀ | ପୂଜା ପାଣିଗ୍ରାହୀ | ୧୨୫ |
| ପ୍ରେମର ପ୍ରତିଧ୍ୱନି | ସୁନିତା ପରିଡ଼ା | ୧୨୬ |
| ମାନସିକ ଶାନ୍ତି | ସୁନିତା ଦାଶ | ୧୨୭ |
| ଅଦୃଶ୍ୟ ବନ୍ଧନ | ଅମୃତନାରାୟଣ ଶତପଥୀ | ୧୨୮ |
| ବଲାଙ୍ଗୀର | ହୃଦାନନ୍ଦ ସୁନାନୀ | ୧୨୯ |
| ହୋଲି | କେଶବ ଚନ୍ଦ୍ର ନାୟକ | ୧୩୦ |
| ତୁମେ ମନେ ପଡ଼ | ଅଲେଖ ମେହେର | ୧୩୨ |
| ନୂପୁର | ଉମାକାନ୍ତ ବେହେରା | ୧୩୩ |
| ମହା ଶିବରାତ୍ରୀ | ସୂର୍ଯ୍ୟ ନାରାୟଣ ସାବତ | ୧୩୪ |
| ଯୁବକମାନେ | ଦଶରଥ ମାଝୀ | ୧୩୫ |
| ସଂଘର୍ଷ | ଦଣ୍ଡାସି ପ୍ରଧାନ | ୧୩୬ |
| ଭ୍ରଷ୍ଟାଚାର ରାଜନୀତି | ଆଶିଷ କୁମାର ସାହୁ | ୧୩୮ |
| ଏଇ ବସନ୍ତରେ | ନୀଳମଣି ଚାନ୍ଦ | ୧୪୦ |
| ବଣମଲ୍ଲୀର ଦୁଃଖ | ବିଚିତ୍ରାନନ୍ଦ ରାଉତ | ୧୪୧ |
| ପଖାଳ | ଗୋଲକ ବିହାରୀ ବେହେରା | ୧୪୩ |
| ତୁମେ ଆସିବ ବୋଲି | ବିନୟ ମହାପାତ୍ର | ୧୪୪ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଜୀବନେ ବିତିଛି ଅନେକ ସମୟ | ନିରଞ୍ଜନ ସାହୁ | ୧୪୬ |
| ଫଗୁଣ ଲଗନେ | ଅଜୟ କୁମାର ମହାନ୍ତି | ୧୪୮ |
| ହେ ସମୟ | ପ୍ରଭାତ କୁମାର ବୈଦ୍ୟ | ୧୪୯ |
| ମାତୃଭାଷାର ମମତା | ଦୁଷ୍ମନ୍ତ ବେହେରା | ୧୫୧ |
| ବିଶ୍ୱାସ | ଅଲିଭା ସାହୁ | ୧୫୨ |
| ଶ୍ରୀହରି ବନ୍ଦନା | ପ୍ରଦୀପ କୁମାର ଜିଲିକାରା | ୧୫୩ |
| ପ୍ରତିଭା | ଡଃ ମନ୍ଦାକିନୀ ପାଢ଼ୀ | ୧୫୬ |
| ମଳୟ ଦେଉଛି ପୀରତି ଛୁଆଁ | ନଳିନୀ ପ୍ରଭା ମିଶ୍ର | ୧୫୮ |
| | ଶୁଭଶ୍ରୀ ଖୁଣ୍ଟିଆ | ୧୫୯ |
| | ନରେନ୍ଦ୍ର କୁମାର ଦାସ | ୧୬୦ |
| ହୋଲି ପାଇଁ ଗୋଟେ କବିତା | ଡଃ ଭାରତୀ ହୋତା | ୧୬୨ |
| ସହିଷ୍ଣୁତା | ତରୁଣ କୁମାର ମିଶ୍ର | ୧୬୫ |
| ହେ ଈଶ୍ୱର | ଶ୍ୟାମା ପ୍ରସାଦ ବୋଷ | ୧୬୭ |
| ଜୟ ଶ୍ରୀ ଜଗନ୍ନାଥ | ଡଃ ସ୍ୱର୍ଣ୍ଣଲତା ଲେଙ୍କା | ୧୬୯ |
| କଟୁ ସତ୍ୟ | ରାଜୀବ ଚରଣ ପରିଡ଼ା | ୧୭୧ |
| ଆଖି ଅବୁଝାକୁ ଲୁହ ଅବୁଝା | ଡଃ ତାନଶ୍ରୀ ପାଣିଗ୍ରାହୀ | ୧୭୨ |
| | ସୁନିତା ମହାନ୍ତି | ୧୭୩ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ମଧୁ ବର୍ଣ୍ଣବୋଧ | ନିବେଦିତା ପଣ୍ଡା | ୧୭୪ |
| ମନ ଆଇନା | ଋତୁ ମହାନ୍ତି | ୧୭୫ |
| | କ୍ରିଷ୍ଣା ସେନାପତି | ୧୭୬ |
| | ସୌଭାଗ୍ୟ ଦାଶ | ୧୭୮ |
| | ବୀଣା ସାହୁ | ୧୭୯ |
| | ମାହେଶ୍ୱରୀ ଦାଶ | ୧୮୦ |
| | ବିଦ୍ୟୁତ ପ୍ରଭା ମିଶ୍ର | ୧୮୧ |
| | ସୁଶାନ୍ତ କୁମାର ସାହୁ | ୧୮୨ |
| | ସଚିକାନ୍ତ ରଥ | ୧୮୩ |
| ଠାବ କର ସତ୍ୟ ଧାମ | ହେମନ୍ତ କୁମାର ସାହୁ | ୧୮୪ |
| ଫଗୁଣ ଆସିଲା ବୋଲି | ଗୌରୀ ପଣ୍ଡା | ୧୮୬ |
| ଫଗୁ ଖେଳୁଛନ୍ତି ଦୋଳଗୋବିନ୍ଦ | ସୁଲୋଚନା ବଳ | ୧୮୭ |
| ସପନ ଦୀପରେ ଆଶା ସଳିତା | ଟି ରତ୍ନମାଳା ସୁବୁଦ୍ଧି | ୧୮୯ |
| ସୂଚନାଟିଏ ମୁଁ | ମଧୁସ୍ମିତା ସାହୁ | ୧୯୧ |
| ତୁମକୁ ଭଲପାଏ ବୋଲି | ଜୟନ୍ତୀ ବେହେରା | ୧୯୨ |
| ଛୋଟ ସିଲଟ ଏଇ ଜୀବନ | ସୁସ୍ମିତା ପଣ୍ଡା | ୧୯୩ |
| ସାହିତ୍ୟ ଖୋଜୁଛି ବିଜ୍ଞାନକୁ | କୁଞ୍ଜ ବିହାରୀ ନାଏକ | ୧୯୪ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

| | | |
|---|---|---|
| ଦୋଳବିମାନରେ ଜଗମୋହନ | ପୁଷ୍ପଲତା ମିଶ୍ର | ୧୯୬ |
| ଆ ଫେରିଆ ବୋଉଲୋ | ସୌଦାମିନୀ ତ୍ରିପାଠୀ | ୧୯୭ |
| ରଙ୍ଗମରା ଖାଲି ନାଆଁକୁ | ଡଃ ଧନଞ୍ଜୟ ମିଶ୍ର | ୨୦୦ |
| ପଳାଶ ଫୁଲର ନିଆଁ | କିରନ୍ ସ୍ୱାଇଁ | ୨୦୨ |
| କେଉଁଠି ତୁମେ ? | ସାଗର ଖରା | ୨୦୩ |
| ଏଇ ପାଟିରେ ଅମୃତ | ବାସନ୍ତୀ ଲତା ଜେନା | ୨୦୫ |
| ଲୁହରେ ଭିଜେଇ ନିଜକୁ ସଜେଇ | ତାରା ପ୍ରସାଦ ଜେନା | ୨୦୭ |
| ଆଜି ଫେରିଯିବି ଗାଆଁକୁ | ଶିଶିର କୁମାର ପଣ୍ଡା | ୨୦୮ |
| ପ୍ରେମର ରଂଗ ଏକ | ସ୍ୱର୍ଣ୍ଣ ରଥ ମହାପାତ୍ର | ୨୦୯ |
| ଝରଣା | ଆକୁଳାନନ୍ଦ ପୃଷ୍ଟି | ୨୧୧ |
| ଅନ୍ତର | ଅରୁଣ କୁମାର ଦାସ | ୨୧୩ |
| ଅବିଶ୍ରାନ୍ତ ଯୁଦ୍ଧ ପରେ | ସୁଶାନ୍ତ ଶେଖର ଦାଶ | ୨୧୪ |
| ପ୍ରକୃତିର କୋଳ | ଲିଟନ୍ କୁମାର ବେହେରା | ୨୧୬ |
| ବୋଉ | ଶର୍ମିଷ୍ଠା ଦାସ | ୨୧୭ |
| ଫରସୀ ହୁଲା | ସୁନୀଲ କୁମାର ଅଗସ୍ତି | ୨୧୮ |
| **ପ୍ରବନ୍ଧ ବିଭାଗ** | | **୨୨୦** |
| ପୁତ୍ ନାମକ ନର୍କ ଓ ପୁତ୍ର ଜନ୍ମ | ପ୍ରଭାତ କୁମାର ବୈଦ୍ୟ | ୨୨୧ |

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ନିର୍ବାଚନ ପରେ ବଙ୍ଗଳାଦେଶ | ଡା ରାଜ କିଶୋର ପଣ୍ଡା | ୨୨୫ |
| ସୋସିଆଲ୍ ମିଡ଼ିଆ | ମଧୁସ୍ମିତା ସାହୁ | ୨୩୨ |
| ବସନ୍ତ ରାସ | ଅର୍ଜୁନୀ ଚରଣ ବେହେରା | ୨୩୭ |
| ଓଡ଼ିଶାର ଦୋଳଯାତ୍ରା | ବାବାଜୀ ଚରଣ ଦାସ | ୨୪୧ |
| ମହିଳା ଶିକ୍ଷାବିତ୍ ନିୟତି ନନ୍ଦ | ଡଃ ସମୀର କୁମାର ନନ୍ଦ | ୨୪୩ |
| ବିଶେଷ ସୂଚନା | | ୨୪୬ |




ଯଦି ଆପଣ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ କରିବା ପାଇଁ ଲେଖା ପଠାଉଛନ୍ତି ତା ହେଲେ ନିଜର ପାସପୋର୍ଟ ସାଇଜର ଛବିଟିଏ ନିଶ୍ଚୟ ପଠାନ୍ତୁ । ଆପଣଙ୍କ ଛବି ହାଇ ଡେଫିନେସନ୍ (HD) କ୍ୱାଲିଟି ହେବା ଉଚିତ । ମୋବାଇଲ୍ ଦ୍ୱାରା ମଧ୍ୟ ଆପଣ ଭଲ ଛବି ଉତ୍ତୋଳନ କରି ପାରିବେ । ଆପଣଙ୍କ ଛବିରେ ଆପଣ ସ୍ୱଷ୍ଟ ଭାବରେ ଦେଖାଯାଉଥିବା ଆବଶ୍ୟକ । ଛବିର ପ୍ରଚ୍ଛଦପଟ ନିର୍ମଳ ରହିଲେ ଆପଣଙ୍କ ଛବି ସ୍ୱଷ୍ଟ ଦେଖାଯିବ ।

ବିଶେଷ ସୂଚନା : ଯଦି ଆପଣ ଆଗରୁ ଛବି ପଠାଇଛନ୍ତି ତା ହେଲେ ବାରମ୍ବାର ଛବି ପଠାଇବା ଆବଶ୍ୟକ ନାହିଁ । ବାରମ୍ବାର ଛବି ପଠାଇବା ଦ୍ୱାରା ଆମର ଇମେଲ୍ ସ୍ଥାନର ଅଭାବ ରହୁଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ମାର୍ଚ୍ଚ ୨୦୨୬ ସଂସ୍କରଣ ସହ ମୁଁ ଆପଣଙ୍କ ସମ୍ମୁଖରେ ଉପସ୍ଥିତ । ବର୍ଷର ଗ୍ରୀଷ୍ମ ସମୟ ଆରମ୍ଭ ନ ହୋଇଥିଲେ ସୁଦ୍ଧା ମଧ୍ୟ ପ୍ରାଚ୍ୟରେ ହେଉଥିବା ଯୁଦ୍ଧ ପରିପ୍ରେକ୍ଷୀରେ ବିଶ୍ୱର ସମସ୍ତ ଦେଶରେ ଉତ୍ତେଜନା ଦେଖା ଦେଇଛି । ଯଦିଓ ଭାରତ ଏହି ପରିସ୍ଥିତି ଠାରୁ ଢେର ଦୂରତ୍ୱ ବଜାୟ ରଖିବାକୁ ଚେଷ୍ଟା କରୁଛି କିନ୍ତୁ ଭାରତର ବିପକ୍ଷ ଦଳ ସରକାରଙ୍କୁ ଏଥିରେ ମଧ୍ୟସ୍ଥତା କରିବା ପାଇଁ ଉସୁକାଉଛନ୍ତି । ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଆହ୍ୱାନ ପତ୍ରିକାର ଏହି ସଂସ୍କରଣ ଆପଣଙ୍କୁ କିଛି ଆନନ୍ଦ ଆଣିଦେବ ବୋଲି ଆଶା କରୁଛି ।

ରାଜ୍ୟ ରାଜନୀତି ମଧ୍ୟ ଏହି ସମୟରେ ସରଗରମ ରହିଛି । ଚାଲନ୍ତୁ ଦୃଷ୍ଟି ପକାଇବା କିଛି ସାଂପ୍ରତିକ ସମୟର ଘଟଣାବଳୀ ଉପରେ ।

ମଧ୍ୟପ୍ରାଚ୍ୟର ଯୁଦ୍ଧ ସମସ୍ୟା ଭାରତ ଉପରେ ପରୋକ୍ଷଭାବରେ ପ୍ରଭାବ ପକାଇବା ଆରମ୍ଭ କରିଛି ଏବଂ ଏହି କ୍ରମରେ ଖାଉଟିଙ୍କ ଉପରେ ପ୍ରଥମ ପ୍ରହାର ପଡ଼ିଲା, ଖାଇବା ତେଲ ଦର ବୃଦ୍ଧି ହୋଇଛି । ଲିଟର ପିଛା ୧୦ ଟଙ୍କା ବଢ଼ିଥିବା ନେଇ ସୂଚନା । ତିନିରୁ ଚାରିଦିନ ପୂର୍ବେ ରିଫାଇନ୍ ତେଲ ଦର ୧୬୦ଟଙ୍କାରେ ବିକ୍ରି ହେଉଥିବା ବେଳେ ବର୍ତ୍ତମାନ ୧୦ ଟଙ୍କା ବୃଦ୍ଧି ପାଇ ୧୭୦ ଟଙ୍କାରେ ପହଞ୍ଚିଛି । କେତେକ ସ୍ଥାନରେ ୧୭୦ ଟଙ୍କାରେ ବିକ୍ରି ହେଉଛି । ସେହିପରି ପାମଲିନ ତେଲ ମଧ୍ୟ ୫ ଟଙ୍କା ବୃଦ୍ଧି ପାଇଛି । ପୂର୍ବରୁ ୧୪୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ବର୍ତ୍ତମାନ ୧୪୫ ଟଙ୍କାରେ ବିକ୍ରି ହେଉଛି ।

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଅଶୋଧିତ ତେଲ ଜାହାଜ ଠିକ୍ ସମୟରେ ପହଞ୍ଚି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାରୁନାହିଁ । ତେଣୁ ତେଲ ଦର ବୃଦ୍ଧି ପାଉଥିବା ନେଇ ଅନୁମାନ କରାଯାଉଛି । ତେବେ ତେଲ ଦର ବୃଦ୍ଧିକୁ ନେଇ ଚିନ୍ତାରେ ରହିଛନ୍ତି ଖାଉଟି । କିଛି ଦିନ ପୂର୍ବେ ଗ୍ୟାସ ଦର ବୃଦ୍ଧି ପାଉଥିବା ବେଳେ ବର୍ତ୍ତମାନ ଖାଇବା ତେଲ ଦର ବୃଦ୍ଧି ପାଇଛି ।

କୋରାପୁଟ କୋଲାବ ଜଳଭଣ୍ଡାରରେ ଶନିବାର ନବୋଦୟ ବିଦ୍ୟାଳୟର ତିନି ଛାତ୍ର ବୁଡ଼ି ମୃତ ଘଟଣାରେ ରବିବାର ନବୋଦୟ ସଂସ୍ଥାର ଆଞ୍ଚଳିକ କେନ୍ଦ୍ର ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କୋରାପୁଟ ନବୋଦୟ ବିଦ୍ୟାଳୟର ୨ ଜଣ ଶିକ୍ଷକ ଓ ଜଣେ କେୟାର ଟେକରଙ୍କୁ ନିଲମ୍ବିତ କରିଥିବା ସୂଚନା ରହିଛି । ଅପରପକ୍ଷେ ଘଟଣାର ତଦନ୍ତ ପାଇଁ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶକ୍ରମେ ରବିବାର କୋରାପୁଟ ନବୋଦୟ ବିଦ୍ୟାଳୟକୁ ଜିଲା ପ୍ରଶାସନର ଚାରି ଜଣିଆ ଟିମ୍ ପରିଦର୍ଶନ କରିଥିଲେ ।

ଚାରି ଜଣିଆ ଟିମରେ କୋରାପୁଟ ତହସିଲଦାର ସୟଦ ସବୀର ସାହାଙ୍କ ନେତୃତ୍ୱରେ ଏସଡିପିଓ ସଞ୍ଜୟ କୁମାର ମଣ୍ଡଳ ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ପ୍ରମୁଖ ବିଦ୍ୟାଳୟ ଯାଇ ଘଟଣା ସମ୍ପର୍କରେ ବିଦ୍ୟାଳୟ ଶିକ୍ଷକ ଅଧ୍ୟକ୍ଷା, କେୟାର ଟେକର ସମେତ ବିଭିନ୍ନ ଜଣକ ସହ ପଚାରି ବୁଝିଛନ୍ତି । ଏହାସହ ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ କୁହାଯାଇଛି ।

ଅନ୍ୟପକ୍ଷେ ମୃତକ ୩ ଛାତ୍ରଙ୍କ ଶବକୁ ବ୍ୟବଚ୍ଛେଦ କରାଯାଇ ସେମାନଙ୍କ ପରବାରକୁ ହସ୍ତାନ୍ତର କରାଯାଇଥିବା କୋରାପୁଟ ତହସିଲଦାର ସବୀର ସାହା ପ୍ରକାଶ କରିଛନ୍ତି । ଘଟଣା ଅନୁଯାୟୀ ପରୀକ୍ଷା ସାରିବା ପରେ ନବୋଦୟ ବିଦ୍ୟାଳୟର ୧୦ ଜଣ ନିକଟରେ ଥିବା କୋଲାବ ଜଳଭଣ୍ଡାରକୁ ଗାଧୋଇବାକୁ ଯାଇଥିଲେ । ୫ ଜଣ ଗାଧୋଉଥିବା ବେଳେ ୩ ଜଣ ପାଣିରେ ବୁଡ଼ି ଯାଇଥିଲେ ୨ ଜଣ ପହଁରି ବାହାରକୁ ଆସି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାଇଥିଲେ । ବାହାରେ ଥିବା ଅନ୍ୟ ପିଲାଙ୍କ ସହ ବିଦ୍ୟାଳୟକୁ ଆସି ବିଦ୍ୟାଳୟ ଶିକ୍ଷକଙ୍କୁ କହିବା ପରେ ସ୍ଥାନୀୟ ଗ୍ରାମବାସୀ ସହାୟତାରେ ୩ ଜଣଙ୍କୁ ଉଦ୍ଧାର କରି କୋରାପୁଟ ମେଡିକାଲକୁ ପଠାଇଥିଲେ ।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରବିବାର ସୁଭଦ୍ରା ଯୋଜନା ହିତାଧିକାରୀଙ୍କ ଆକାଉଣ୍ଟକୁ ଗଲା ଚତୁର୍ଥ କିସ୍ତି ଟଙ୍କା । ପୁରୀ ତାଳବଣିଆ ସଭାସ୍ଥଳରୁ ଟଙ୍କା ପଠାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରାଜ୍ୟର ୧ କୋଟି ୨ ଲକ୍ଷରୁ ଅଧିକ ମହିଳାଙ୍କ ଆକାଉଣ୍ଟକୁ ଟଙ୍କା ଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଥିସହିତ ଚଳିତ ଥର ୨ ଲକ୍ଷ ୧୩ ହଜାର ନୂଆ ହିତାଧିକାରୀ ମଧ୍ୟ ସୁଭଦ୍ରା ଯୋଜନାରେ ସାମିଲ ହୋଇଛନ୍ତି ।

ସଭାସ୍ଥଳରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ମହିଳାମାନଙ୍କୁ ଆର୍ଥିକ ସ୍ୱାଧୀନତା ଓ ସାମାଜିକ ସୁରକ୍ଷା ପ୍ରଦାନ କରିବା ଦିଗରେ 'ସୁଭଦ୍ରା' ଯୋଜନା ନାରୀଶକ୍ତିର ସ୍ୱପ୍ନକୁ ଏକ ନୂତନ ପରିଚୟ ଦେଇଛି । ମହିଳାମାନେ ନିଜସ୍ୱ ବ୍ୟବସାୟ ଏବଂ ଦକ୍ଷତା ବିକାଶ ସହ ଜଡ଼ିତ ହୋଇ ସ୍ୱାବଲମ୍ବୀ ହୋଇପାରିଛନ୍ତି ।

ମୋଟ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ଦିଆ ଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି । ସେ କହିଛନ୍ତି, ୫ ହଜାର କୋଟିରୁ ଅଧିକ ଟଙ୍କା ସିଧା ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯାଇଛି । ଏବେସୁଦ୍ଧା ମୋଟ ୧ କୋଟି ୧୨ ଲକ୍ଷ ୫୭ ହଜାର ୬୬୭ଜଣ ଆବେଦନ କରିଛନ୍ତି । ଯୋଗ୍ୟ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣ ହିତାଧିକାରୀଙ୍କ ମଧ୍ୟରେ ୨ ଲକ୍ଷ ୧୩ ହଜାର ୧୯୮ଜଣ ନୂଆ ହିତାଧିକାରୀ ଯୋଡି ହୋଇଛନ୍ତି । ସୁଭଦ୍ରା ଗ୍ରୀଭାନ୍ସ ପୋର୍ଟାଲରେ ଆସିଥିବା ଅଭିଯୋଗ ଆଧାରରେ ଯାଞ୍ଚ କରାଯାଇ ଆଉ ୩୬ ହଜାର ୩୮୫ଜଣ ସୁଭଦ୍ରା ଟଙ୍କା ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିପରି ଏପ୍ରିଲ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାସରେ ୨୧ ବର୍ଷ ହୋଇଥିବା ମହିଳାମାନେ ସୁଭଦ୍ରା ସହାୟତା ପାଇଁ ଆବେଦନ କରିପାରିବେ । ୨୧ ବର୍ଷ ହୋଇଥିବା ଯେଉଁ ମହିଳାମାନେ ଗତ ଜାନୁଆରୀ ମାସରେ ପ୍ରଥମ ସୁଭଦ୍ରା ଟଙ୍କା ପାଇଛନ୍ତି, ସେମାନଙ୍କ ପାଇଁ ଏହା ଦ୍ୱିତୀୟ କିସ୍ତି ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

୨୦୦୫ରେ ପାରାଦୀପର ଏକ ଘରୋଇ କମ୍ପାନୀଠାରୁ ଇଫ୍‌କୋ ଯେତେବେଳେ ସାର କାରଖାନାକୁ ୨୫୦୦ କୋଟି ଟଙ୍କାରେ କିଣିଥିଲା, ସେତେବେଳେ ବାର୍ଷିକ ଉତ୍ପାଦନ ଥିଲା ମାତ୍ର ୭.୫ ମିଲିୟନ ଟନ୍ । ଏବେ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୨୨ ଲକ୍ଷ ମେଟ୍ରିକ ଟନ୍ । ବିଶ୍ୱର ପ୍ରଥମ ନାନୋ ତରଳ ସାର ଏହି କାରଖାନାରୁ ଉତ୍ପାଦନ ହେଉଛି । ଏବେ ବିଶ୍ୱର ଅନେକ ଦେଶକୁ ଇଫ୍‌କୋ ଏହି ନାନୋ ତରଳ ସାର ରପ୍ତାନି କଲାଣି । ଏହା ଆମ ଦେଶ ପାଇଁ ଗର୍ବର ବିଷୟ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି । ପାରାଦୀପ ଇଫ୍‌କୋ କାରଖାନା ପରିସରରେ ଶୁକ୍ରବାର ଅପରାହ୍ନରେ ମନ୍ତ୍ରୀ ଶାହା ସଲ୍‌ଫ୍ୟୁରିକ ଏସିଡ୍ କାରଖାନା ୩ର ଲୋକାର୍ପଣ କରିବା ଅବସରରେ ଏହା କହିଛନ୍ତି । ଜୟ ଜଗନ୍ନାଥରୁ ଶାହା ତାଙ୍କ ଅଭିଭାଷଣ ଆରମ୍ଭ କରି କହିଛନ୍ତି, ସାଧାରଣ ନିର୍ବାଚନ ପରେ ଏହା ତାଙ୍କର ପ୍ରଥମ ସାର୍ବଜନିକ ଗସ୍ତ । ଏବେ ଡବଲ ଇଞ୍ଜିନ ସରକାର ଉନ୍ନତି ପଥରେ ଆଗେଇ ଚାଲିଛି । ଓଡ଼ିଶା ଦେଖୁଦେଖୁ ବିକଶିତ ହୋଇଯିବ ବୋଲି ସେ ଭରସା ଦେଇଛନ୍ତି ।

ଶାହା ଆହୁରି କହିଛନ୍ତି ଯେ, ଓଡ଼ିଶାର ମାଟି ତଳେ ଅନେକ ସମ୍ପଦ ରହିଛି । ମହାନଦୀ ପାଖରେ ଉର୍ବର ଜମି, ବିସ୍ତୀର୍ଣ୍ଣ ସମୁଦ୍ର ଉପକୂଳ ଏବଂ ଚିଲିକା ରହିଛି । ନୂଆ ସରକାର ଏହାର ଭିତ୍ତିଭୂମିର ବିକାଶ ପାଇଁ ଖସଡ଼ା କଲେଣି । ଆସନ୍ତା ଦିନରେ ଗୁଜରାଟ ଭଳି ଓଡ଼ିଶାର ବିକାଶ ହେବ । ସମବାୟ ଜରିଆରେ ଗ୍ରାମୀଣ ମହିଳା, ଜନଜାତି, ଓବିସି ଓ ମତ୍ସ୍ୟଜୀବୀଙ୍କୁ ସାମିଲ କରାଯିବ । ଏହି ବ୍ୟବସ୍ଥାରେ ପ୍ରତି ଗାଁରେ ଡେଏରୀ ପହଞ୍ଚିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୁଜରାଟ ଅମୁଲର ଉଦାହରଣ ଦେଇ ସେ କହିଥିଲେ ଯେ, ୩୬ ଲକ୍ଷ ଗ୍ରାମୀଣ ମହିଳାଙ୍କୁ ଏଥିରେ ସାମିଲ କରାଯାଇଛି ଏବଂ ବାର୍ଷିକ ୧ ଲକ୍ଷ ୩୦ ହଜାର କୋଟି ଟଙ୍କାର ବ୍ୟବସାୟ କରୁଛି । ସେହିଭଳି ଓଡ଼ିଶାର ଗ୍ରାମୀଣବର୍ଗଙ୍କ ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବଦ୍ଧପରିକର ବୋଲି ଶାହା କହିଛନ୍ତି ।

ଇଫ୍‌କୋ ପ୍ରସଙ୍ଗରେ ଶାହା କହିଛନ୍ତି, ଏହି କମ୍ପାନୀ ହେଉଛି ଦୁନିଆର ସବୁଠାରୁ ବଡ଼ ସମବାୟ ସଂସ୍ଥା । ଏହା ଅଧୀନରେ ଥିବା ୩୬ ହଜାର ସମବାୟ ୟୁନିଟ୍ ଓ ୫ କୋଟି କୃଷକ ହେଉଛନ୍ତି ଅସଲ ମାଲିକ । ଏହି ସଂସ୍ଥାରୁ ମିଳୁଥିବା ବାର୍ଷିକ ୩୮ଶହ କୋଟି ଟଙ୍କାର ଲାଭାଂଶ ଦେଶର ୫ କୋଟି କୃଷକ ପାଇଥାନ୍ତି । ଏହା ହିଁ ଇଫ୍‌କୋର ଅସଲି ଶକ୍ତି । ଏବେ ଇଫ୍‌କୋ ସଲ୍‌ଫ୍ୟୁରିକ ଏସିଡ୍ ପାଇଁ ଆଉ ବିଦେଶ ଉପରେ ନିର୍ଭରଶୀଳ ହେବନାହିଁ । ଉକ୍ତ ପ୍ରକଳ୍ପ ପାଇଁ ୭୫୦ କୋଟି ଟଙ୍କା ବ୍ୟୟ ହୋଇଛି । ଆଗାମୀ ଦିନରେ ଇଫ୍‌କୋ ସମସ୍ତ ସାର କାରଖାନାର ସଲ୍‌ଫ୍ୟୁରିକ ଆବଶ୍ୟକତା ପୂରଣ କରିବ ବୋଲି ଶାହା ଆଶାବ୍ୟକ୍ତ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବକ୍ତବ୍ୟରେ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହାଙ୍କୁ ପାରାଦୀପ ପୋର୍ଟ ସହର ସ୍ୱାଗତ କରୁଛି । ପାରାଦୀପ ହେଉଛି ଉଦୀୟମାନ ସହର ଓ ସମୃଦ୍ଧିର ପ୍ରତିବିମ୍ବ । ଦେଶର ପଣ୍ୟ କାରବାର କ୍ଷେତ୍ରରେ ଏବେ ପାରାଦୀପ ବନ୍ଦର ପ୍ରଥମ ସ୍ଥାନରେ ରହିଛି । ଆଗକୁ ଏହା ଏସିଆ ମହାଦେଶର ଗେଟ୍ ୱେ (ପ୍ରବେଶ ପଥ)ହେବାକୁ ଯାଉଛି । ପାରାଦୀପ ଓଡ଼ିଶା ବିକାଶର ପ୍ରୟୋଗଶାଳା । ଏଥିସହ ୟୁରିଆ ସାର ଉତ୍ପାଦନ କ୍ଷେତ୍ରରେ ଇଫ୍‌କୋ ଦେଶରେ ଅଗ୍ରଣୀ ଭୂମିକା ନେଉଥିବା ସେ ପ୍ରକାଶ କରିଥିଲେ । ଆଗକୁ ସମବାୟ ଯୁଗର ଆରମ୍ଭ ହେବାକୁ ଯାଉଛି ବୋଲି ମାଝୀ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପାରାଦୀପରୁ ତାଳଚେର ପର୍ଯ୍ୟନ୍ତ ନଦୀପଥ ବିକାଶ ସହ ଅନେକ ଯୋଜନା ହାତକୁ ନିଆଯାଇଛି । ସମବାୟ ଜରିଆରେ ସବୁ ବର୍ଗର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୋକଙ୍କୁ ଯୋଡ଼ାଯିବାକୁ ଯୋଜନା କରାଯାଇଛି । ଆଗକୁ ଗ୍ରାମୀଣ ଲୋକେ ସମବାୟ ମାଧ୍ୟମରେ ମାଲିକ ହେବେ ବୋଲି ସେ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଜଗତ୍ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ଜଗତ୍ସିଂହପୁର ବିଧାୟକ ଅମରେନ୍ଦ୍ର ଦାଶ, କେନ୍ଦ୍ର ସମବାୟ ସଚିବ ଆଶିଷ କୁମାର ଭୁଟାନୀ ପ୍ରମୁଖ ଉପସ୍ଥିତ ଥିଲେ । ଆରମ୍ଭରେ ଇଫ୍‌କୋ ପରିଚାଳନା ନିର୍ଦ୍ଦେଶକ କେ.ଜେ. ପଟେଲ ସ୍ୱାଗତ ବକ୍ତବ୍ୟ ରଖିବା ସହ ଇଫ୍‌କୋ ସଲଫ୍ୟୁରିକ ଏସିଡ୍ କାରଖାନା ସମ୍ପର୍କରେ ସୂଚନା ଦେଇଥିଲେ । ଇଫ୍‌କୋ ଅଧ୍ୟକ୍ଷ ଦିଲୀପ ସାଂଘାନୀ ଇଫ୍‌କୋର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ । ଶେଷରେ ପାରାଦୀପ ୟୁନିଟ୍ ମୁଖ୍ୟ ପ୍ରଦୀପ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ଇଫ୍‌କୋ ନିର୍ଦ୍ଦେଶକ ମଣ୍ଡଳୀ ଉପସ୍ଥିତ ଥିଲେ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ ପକ୍ଷରୁ ନୂତନ ପ୍ରଜାତିର ଉଭୟଚର ପ୍ରାଣୀ ଛୋଟ ଚିଙ୍ଗୁଡ଼ି ଆମ୍ଫିପୋଡ ଚିହ୍ନଟ ହୋଇଛି । ଗତ ଅକ୍ଟୋବରରେ ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ଗବେଷକ ଶ୍ରୀରାଜ ନାହାକ, ଗୀତାଞ୍ଜଳି ଭୋଇ ଓ ସୁମନ ପାତ୍ର ଗବେଷଣା ପାଇଁ ଆର୍ଯ୍ୟପଲ୍ଲୀ ସମୁଦ୍ର ବେଳାଭୂମିକୁ ଯାଇଥିବା ବେଳେ ସେଠାରୁ ଏହି ପ୍ରଜାତିର ଆମ୍ଫିପୋଡକୁ ଏକ ପଥୁରିଆ ଅଞ୍ଚଳରୁ ପାଇଥିଲେ । ଏହାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ପରୀକ୍ଷାଗାରକୁ ଆଣି ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇଥିଲା । ବିଭାଗର ପରୀକ୍ଷାଗାରର ମୁଖ୍ୟ ସହକାରୀ ପ୍ରାଧ୍ୟାପକ ଶେଷଦେବ ପାତ୍ର ନିରୀକ୍ଷକ ଭାବେ ରହିଥିଲେ । ପୂର୍ବରୁ ଏହି ପ୍ରଜାତିର ଆମ୍ଫିପୋଡ ମାଲେସିଆରୁ ଚିହ୍ନଟ ହୋଇଥିବା ବେଳେ ଏହାର ନାମକରଣ ଷ୍ଟିନୋଥୋଇ ଲୋରି ରହିଥିଲା । ବର୍ତ୍ତମାନ ଭାରତୀୟ ଉପକୂଳରେ ଏହା ପ୍ରଥମ ଥର ଚିହ୍ନଟ ହୋଇଥିବାରୁ ନାମକରଣ ଷ୍ଟିନୋଥୋଇ ଲୋରି ରହିଛି । ଏହି ପ୍ରଜାତିମାନେ ପଥରିଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ଥାନ ଏବଂ ଉଭୟ ଜଳ ଓ ସ୍ଥଳରେ ସନ୍ତସନ୍ତିଆ ସ୍ଥାନରେ ରହିଥାନ୍ତି । ଏମାନେ ଶିଉଳି, ପଚି ଯାଇଥିବା ଜିନିଷକୁ ଖାଦ୍ୟ ଭାବେ ଗ୍ରହଣ କରନ୍ତି । ଛୋଟ ମାଛ, କଙ୍କଡା, ପକ୍ଷୀ ଓ ସାମୁଦ୍ରିକ ପ୍ରାଣୀ ଏମାନଙ୍କୁ ଖାଦ୍ୟ ରୂପେ ଗ୍ରହଣ କରନ୍ତି । କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ପତ୍ରିକା ଜୋନାଲ ଅଫ ଦ ମେରାଇନ ବାୟୋଲୋଜି ଆସୋସିଏଶନରେ ଏହା ପ୍ରକାଶିତ ହୋଇଛି । ଏନେଇ ସହକାରୀ ପ୍ରାଧ୍ୟାପକ ଶେଷଦେବ ପାତ୍ର କହିଛନ୍ତି, ଗବେଷଣା ପାଇଁ ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଇନୋଭେଶନ ଏକ୍ସଟ୍ରାୟୁରାଲ ପ୍ରୋଗ୍ରାମ (ଏମ୍‌ଆର୍‌ଆଇପି) ଦ୍ୱାରା ଅନୁଦାନ ମିଳିଥିବାରୁ ଗବେଷିକା ଗବେଷକମାନେ ଆଣି ଏହାର ପରୀକ୍ଷା ନିରୀକ୍ଷା କରିଥିଲେ । ଏହା ଭିନ୍ନ ପ୍ରଜାତିର ହୋଇଥିବାରୁ ଏହା ଉପରେ ଅଧିକ ଗବେଷଣା କରି ତଥ୍ୟ ସଂଗ୍ରହ କରାଯିବ ବୋଲି ସେ କହିଛନ୍ତି ।

ରାଜ୍ୟରେ SIRକୁ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ  ସୂଚନା ଦେଇଛନ୍ତି । ସେ କହିଛନ୍ତି, ୯୦% ମ୍ୟାପିଂ କରାସରିଛି । ୨୦୨୫ ଭୋଟର ତାଲିକାରେ ଅଛନ୍ତି, ୨୦୦୨ରେ ବି ଥିଲେ BLOଙ୍କୁ ଜଣାଇବେ । ତେବେ ୨୦୦୨ରେ କେଉଁ ନିର୍ବାଚନମଣ୍ଡଳୀରେ ଥିଲେ BLOଙ୍କୁ ଜଣାଇବେ । ଆମେ ନିଜ ଆଡୁ ପ୍ରାୟ ୯୦ ପ୍ରତିଶତ ମ୍ୟାପିଂ କରିସାରିଛୁ । ଏହାର ଅର୍ଥ ୨୦୨୫ ଭୋଟର ତାଲିକାରେ ଥିବା ୯୦%ଙ୍କୁ ଟ୍ରେସିଂ କରିପାରିଛୁ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ।

ଅନ୍ୟପକ୍ଷେ ସେ କହିଛନ୍ତି, ୨୦୨୫ ତାଲିକାରେ ଥିବା ୯୦% ୨୦୦୨ ତାଲିକାରେ ବି ଅଛନ୍ତି । ଆଉ ୧୦ ପ୍ରତିଶତ ଆମ ପାଇଁ କଷ୍ଟକର, ସହରାଞ୍ଚଳ ପାଇଁ ସମସ୍ୟା । ଯଦି ୨୦୦୨ରେ ଆପଣଙ୍କ ନାଁ ନ ଥିଲା, ଆପଣଙ୍କ ବାପାମାଆଙ୍କୁ ଖୋଜାଯିବ । ୯୫% ମ୍ୟାପିଂ ଆମର ଲକ୍ଷ୍ୟ, ଏଭଳି ହେଲେ ସମସ୍ତଙ୍କ ପାଇଁ ସୁବିଧା ହେବ ବୋଲ ମୁଖ୍ୟ ନିର୍ବାଚନ ଅଧିକାରୀ  ସୂଚନା ଦେଇଛନ୍ତି ।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଦିଲ୍ଲୀ ଏମ୍‌ସ ସ୍ଥାନାନ୍ତର ହୋଇଛନ୍ତି । ତାଙ୍କର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୃଦ୍‌ରୋଗ ସମସ୍ୟା ଥିବାରୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି ହୋଇଥିଲେ । ଡାକ୍ତରମାନେ ତାଙ୍କର ଆଞ୍ଜିଓଗ୍ରାଫି କରିଥିବାବେଳେ ଅନ୍ୟ ଚିକିତ୍ସା ବି କରିଥିଲେ ।

ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍‌ସ ସ୍ଥାନାନ୍ତର ହୋଇଛନ୍ତି । ମନ୍ତ୍ରୀଙ୍କ ଅସୁସ୍ଥତା ଖବର ପାଇ ବିଭିନ୍ନ ମହଲରେ ଚିନ୍ତା ପ୍ରକଟ କରାଯିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଛି ।

କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ଗୋଛାପଡା ଥାନା ଅଞ୍ଚଳ କଟ୍ରିଙ୍ଗିଆରେ ଥିବା ଏକ ବିଦ୍ୟାଳୟରେ ଜଣେ ଶିକ୍ଷକ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ବାରମ୍ବାର ବଳାତ୍କାର କରିଛନ୍ତି । ଏ ନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି । ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଥାନାକୁ ଆଣି ପଚରା ଉଚରା କରୁଛି । ଘଟଣାକୁ ନେଇ ସମଗ୍ର ଜିଲାରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି ।

ମିଳିଥିବା ସୁଚନା ଅନୁସାରେ, ଫୁଲବାଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗତ ନଭେମ୍ବର ୨୧ରେ ବିଜ୍ଞାନ ମେଳା ଆୟୋଜିତ ହୋଇଥିଲା । ସମ୍ପୃକ୍ତ ଶିକ୍ଷକ ଛାତ୍ରୀଙ୍କୁ ତାଙ୍କ ପ୍ରକଳ୍ପ ନେଇ ସେଠାକୁ ଯାଇଥିଲେ । ଫେରିବା ବାଟରେ ଅନ୍ଧାର ହେବାରୁ ସୁଯୋଗ ନେଇ ଛାତ୍ରୀଙ୍କୁ ଭୟ ଦେଖାଇ ବଳାତ୍କାର କରିଥଲେ । ଏହି ସମୟରେ ଛାତ୍ରୀଙ୍କ ଚେତା ଚାଲି ଯାଇଥିଲା । ଚେତା ଫେରିବାରୁ ତାଙ୍କୁ ନେଇ ଘର ପାଖରେ ଛାଡିବା ସହ ଏହି ବିଷୟରେ କାହାକୁ କିଛି ନ କହିବାକୁ ଧମକ ଦେଇଥିଲେ ।

ଏହା ପରେ ଘଟଣା ସମାପ୍ତ ହୋଇ ନଥିଲା । ସମ୍ପୃକ୍ତ ଶିକ୍ଷକ ହଷ୍ଟେଲ ଦାୟିତ୍ୱରେ ରହି ବିଦ୍ୟାଳୟରେ ରହୁଥିଲେ । ଏହା ଭିତରେ ଛାତ୍ରୀଙ୍କୁ ଡାକି ଗତ ୧୮ ତାରିଖ ମଧ୍ୟରେ ୬ ଥର ବଳାତ୍କାର କରିଥିଲେ । ଘଟଣା ସମ୍ପର୍କରେ ଝିଅର ସାଙ୍ଗସାଥି ଜାଣିବା ପରେ ପ୍ରଧାନଶିକ୍ଷଙ୍କୁ ଅବଗତ କରିଥିଲେ । ହେଲେ ସେ କୌଣସି ପଦକ୍ଷେପ ନେଇ ନଥିଲେ । ଝିଅର ଶାରିରୀକ ଅବସ୍ଥା ବିଗିଡିବାରୁ ଅନ୍ୟ ଜଣେ ଶିକ୍ଷକ ପରିବାର ଲୋକଙ୍କୁ ଖବର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଇଥିଲେ । ସମ୍ପୃକ୍ତ ନାବାଳିକା ଘରଲୋକଙ୍କ ଆଗରେ ସବୁ କଥା କହିବା ପରେ ତାଙ୍କ ମା' ଗୋଛାପଡା ଥାନାରେ ଏତଲା ଦେଇଥିଲେ ।

ଏନେଇ ପଚରା ଯିବାରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜା କୁମାର ବେହେରା କହିଛନ୍ତି ଯେ, ମୋତେ କାଲି ଝିଅ ମାନେ ଆସି କହିଲେ ଯେ ସାର୍ ପୁଅପିଲାଙ୍କୁ ବାହାରକୁ ପଠାଇ ଦିଅନ୍ତୁ । ଆମେ କଥା ହେବୁ । ମୁଁ ପୁଅମାନଙ୍କୁ ପଠାଇଲା ପରେ ଝିଅମାନେ କହିଲେ ସମ୍ପୃକ୍ତ ସାର ଆମ ଦେହରେ ଅଶ୍ଳୀଳ ଭାବେ ହାତ ମାରୁଛନ୍ତି । ମୁଁ ପିଲାମାନଙ୍କୁ କହିଲି ହଉ ଠିକ ଅଛି ଏ ବିଷୟରେ ମୁଁ ପଦକ୍ଷେପ ନେଉଛି । ମୁଁ ବିଦ୍ୟାଳୟ କମିଟି ମେମ୍ବରଙ୍କୁ ଡାକି କଥା ହେବାକୁ କହିଥିଲି । ଶୁଣିବାକୁ ପାଇଲି ସମ୍ପୃକ୍ତ ଶିକ୍ଷକଙ୍କୁ ପୋଲିସ ଉଠାଇ ନେଇଛି । ଯେହେତୁ ଘଟଣା ତଦନ୍ତ ପରିସରରେ ଅଛି, ମୁଁ ଅଧିକ କିଛି କହିବି ନାହିଁ ବୋଲି ସେ କହିଛନ୍ତି । ସେହିପରି ଏ ସମ୍ପର୍କରେ ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ ଘଟଣା ଅତି ସମ୍ବେଦନଶୀଳ । ଘଟଣାର ତଦନ୍ତ ହେଉଛି ବୋଲି କହିଛନ୍ତି ।

ଅପରେଶନ ସାଇବର କବଚ ଗଞ୍ଜାମ ପୋଲିସକୁ ବଡ଼ ସଫଳତା ଆଣିଦେଇଛି । କୋଟି କୋଟି ଟଙ୍କାର ବେନିୟମ କାରବାର ଅଭିଯୋଗରେ ଗୋଟିଏ ପରେ ଗୋଟିଏ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁଛି । ଏହିଭଳି ସୋମବାର ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଭଞ୍ଜନଗର ଥାନା ପୋଲିସ ଟିମ୍ ଏକ ବଡ଼ ସାଇବର ଠକେଇ ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ଏନେଇ ଭଞ୍ଜନଗର ଥାନାରେ ୧୬୨/୨୦୨୬ରେ ଏକ ମାମଲା ପୋଲିସ ରୁଜୁ କରିଛି । ତଦନ୍ତ ସମୟରେ ପୋଲିସ ପକ୍ଷରୁ ପ୍ରାୟ ୪.୫ କୋଟି ଟଙ୍କାର ଠକେଇ ଦେବା ନେବା ଚିହ୍ନଟ କରାଯାଇଛି । ଅଭିଯୁକ୍ତମାନେ ବିଭିନ୍ନ ଡିଜିଟାଲ ମାଧ୍ୟମ ମାଧ୍ୟମରେ ଲୋକଙ୍କୁ ଠକି ଏହି ଅର୍ଥ ହସ୍ତଗତ କରିଥିବା ଅଭିଯୋଗ ରହିଛି । ଏଥିସହ ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

Listen to Odia Podcast Original at https://youtube.com/@drjyotiprasad

ରାଜଧାନୀରେ ପୁଣି ଗଡିଲା ମୁଣ୍ଡ । ରସୁଲଗଡ଼ ନିକଟ ଜିଜିପି କଲୋନୀରେ ଶନିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି । ମୃତ ଯୁବକ ଜଣଙ୍କ ରାହୁଲ ମହାରଣା । ସେ ଜଣେ ୟୁଟ୍ୟୁବ ବ୍ଲଗର । ରାତିରେ ୪ରୁ ୫ ଜଣ ରାହୁଲଙ୍କୁ ଛୁରି ଭୁସି ହତ୍ୟା କରିଥିବା ଜଣାପଡ଼ିଛି ।

ରାହୁଲଙ୍କୁ ରକ୍ତ ଜଡ଼ୁଜୁଡୁ ଅବସ୍ଥାରେ ତୁରନ୍ତ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲ ନିଆ ଯାଇଥିଲା । ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ଏ ଘଟଣା ଉକ୍ତ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ, ରାହୁଲ ଅକ୍ସିଜେନ ସିଲିଣ୍ଡର୍ କାରବାର କରନ୍ତି । ଏହା ସହ ସେ ଜଣେ ୟୁଟୁବ ବ୍ଲଗର୍ ଭାବେ ପରିଚିତ ।

ସୂଚନାଯୋଗ୍ୟ, ଗତ ପ୍ରାୟ ଦୁଇମାସ ପୂର୍ବରୁ ରାହୁଲଙ୍କର ଏକ ଏକ ଗୋଷ୍ଠୀ ସହ କେଣସି କାରଣରୁ ବିବାଦ ହୋଇଥିଲା । ଉଭୟ ପକ୍ଷ ଥାନାକୁ ଯାଇଥିଲେ । ଥାନାରେ ଆପୋସ ସମାଧାନ ହୋଇଥିଲା ।

ରାଜଧାନୀରେ ୟୁଟ୍ୟୁବର ରାହୁଲ୍ ମହାରଣା ହତ୍ୟା ମାମଲାରେ ଜଣେ ଯବାନଙ୍କ ସହ ୩ ଗିରଫ ହୋଇଛନ୍ତି । ଜଣେ ଯବାନ ଓ ତାଙ୍କର ୨ ପୁତୁରାଙ୍କୁ କମିଶନରେଟ ପୋଲିସ ଗିରଫ କରିଛି । ମଦ୍ୟପାନ ଓ ପରେ ଯୁକ୍ତିତର୍କକୁ ନେଇ ହତ୍ୟାକାଣ୍ଡ ଘଟିଥିବା ସୂଚନା ମିଳିଛି ।

ସୂଚନାଯୋଗ୍ୟ, ରସୁଲଗଡ଼ ନିକଟ ଜିଜିପି କଲୋନୀରେ ଶନିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଥିଲା । ମୃତ ଯୁବକ ଜଣଙ୍କ ରାହୁଲ ମହାରଣା ଜଣେ ୟୁଟ୍ୟୁବ ବ୍ଲଗର ଥିଲେ । ରାତିରେ ୪ରୁ ୫ ଜଣ ରାହୁଲଙ୍କୁ ଛୁରି ଭୁସି ହତ୍ୟା କରିଥିଲେ ।

ରାହୁଲଙ୍କୁ ରକ୍ତ ଜଡ଼ୁଜୁଡୁ ଅବସ୍ଥାରେ ତୁରନ୍ତ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲ ନିଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାଇଥିଲା । ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ଏ ଘଟଣା ଉକ୍ତ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ, ରାହୁଲ ଅକ୍ସିଜେନ ସିଲିଣ୍ଡର୍ କାରବାର କରନ୍ତି । ଏହା ସହ ସେ ଜଣେ ୟୁଟ୍ୟୁବ ବ୍ଲଗର୍ ଭାବେ ପରିଚିତ ଥିଲା ।

ପ୍ରତ୍ୟେକ ମାତାପିତା ନିଜ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଚିନ୍ତିତ । ମାତାପିତାମାନେ ସେମାନଙ୍କ ପିଲାମାନଙ୍କ ଶିକ୍ଷାଠାରୁ ଆରମ୍ଭ କରି ସେମାନଙ୍କ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ସବୁକିଛି ବିଷୟରେ ସର୍ବଦା ଚିନ୍ତିତ ଥାଆନ୍ତି । ଏହି ଚିନ୍ତାଗୁଡ଼ିକୁ ଦୂର କରିବା ପାଇଁ, କେନ୍ଦ୍ର ଏବଂ ରାଜ୍ୟ ସରକାର ମିଳିତ ଭାବରେ ବିଭିନ୍ନ ଯୋଜନା ଚଳାନ୍ତି । ଏହି ଯୋଜନାଗୁଡିକ ମଧ୍ୟରେ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା (PMMVY) ଅନ୍ୟତମ । ଏହା ଝିଅମାନଙ୍କ ଏବଂ ସେମାନଙ୍କ ମା'ମାନଙ୍କୁ ସମର୍ଥନ କରିବା ପାଇଁ ଆରମ୍ଭ ହୋଇଥିବା ଏକ କଲ୍ୟାଣକାରୀ ପଦକ୍ଷେପ । PMMVY ଯୋଜନା ଅଧୀନରେ, ସରକାର ଗର୍ଭବତୀ ମହିଳାଙ୍କୁ ୫,୦୦୦ ପ୍ରଦାନ କରନ୍ତି । ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ହେଉଛି ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନକାରୀ ମା'ମାନଙ୍କର ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାର ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ କରାଯାଇଥିବା ଏକ କେନ୍ଦ୍ର ସରକାରଙ୍କ ଯୋଜନା ।

୨୦୧୭ରେ ଆରମ୍ଭ ହୋଇଥିବା ଏହି ଯୋଜନାର ଲକ୍ଷ୍ୟ ଗର୍ଭଧାରଣ ସମୟରେ ମା'ମାନଙ୍କର ସୁରକ୍ଷାକୁ ପ୍ରୋତ୍ସାହିତ କରିବା, ସେମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଏବଂ ପ୍ରସବ ପରେ ସେମାନେ ପର୍ଯ୍ୟାପ୍ତ ପୁଷ୍ଟିସାର ପାଇବା ନିଶ୍ଚିତ କରିବା । ଏହି ଯୋଜନା ଅଧୀନରେ, ମହିଳାମାନଙ୍କୁ ସେମାନଙ୍କର ପ୍ରଥମ ସନ୍ତାନ ପାଇଁ ୫,୦୦୦ ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଏ । ଏହି ରାଶି ଦୁଇଟି କିସ୍ତିରେ ପ୍ରଦାନ କରାଯାଏ । ପ୍ରଥମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିସ୍ତି ହେଉଛି ଗର୍ଭାବସ୍ଥା ପଞ୍ଜୀକରଣ ପରେ ୩,୦୦୦ର ଆର୍ଥିକ ସହାୟତା ଏବଂ ପ୍ରସବ ପୂର୍ବରୁ ଅତି କମରେ ଗୋଟିଏ ଯାଞ୍ଚ । ଦ୍ୱିତୀୟ କିସ୍ତି ୨,୦୦୦ ସନ୍ତାନର ଜନ୍ମ ପରେ ପ୍ରଦାନ କରାଯାଏ ।

ଦ୍ୱିତୀୟ ସନ୍ତାନ ଝିଅ ହେଲେ ଯୋଜନାର ଲାଭ ୬,୦୦୦ ମିଳିବ । ଏହି ରାଶି ଝିଅର ଜନ୍ମ ପରେ ଏକକାଳୀନ ପ୍ରଦାନ କରାଯାଏ । ତେଣୁ ଜଣେ ଯୋଗ୍ୟ ମହିଳା ହାରାହାରି ୬,୦୦୦ ରୁ ୧୧,୦୦୦ର ମୋଟ ସହାୟତା ପାଆନ୍ତି ।

ଏହି ଯୋଜନାରୁ ଲାଭ ପାଇବା ପାଇଁ, ଜଣେ ମହିଳାଙ୍କ ବୟସ ଅତି କମରେ ୧୯ ବର୍ଷ ହେବା ଆବଶ୍ୟକ ଏବଂ ପରିବାରର ବାର୍ଷିକ ଆୟ ୮ ଲକ୍ଷରୁ ଅଧିକ ହେବା ଉଚିତ୍ ନୁହେଁ । ଯୋଗ୍ୟ ହେବା ପାଇଁ, ଯୋଗ୍ୟ ମହିଳାମାନଙ୍କୁ ଶିଶୁ ଜନ୍ମ ହେବାର ୨୭୦ ଦିନ ମଧ୍ୟରେ ସେମାନଙ୍କର ଆବେଦନ ଦାଖଲ କରିବାକୁ ପଡିବ ।

ଯୋଗ୍ୟ ହିତାଧିକାରୀମାନଙ୍କୁ ସରକାରୀ PMMVY ପୋର୍ଟାଲ https://pmmvy.wcd.gov.in ମାଧ୍ୟମରେ କିମ୍ବା ଅଫଲାଇନରେ ସେମାନଙ୍କ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ର କିମ୍ବା ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବେଦନ କରିବାକୁ ପଡିବ । ଆବଶ୍ୟକୀୟ ଡକ୍ୟୁମେଣ୍ଟ ମଧ୍ୟରେ ଏକ ବ୍ୟାଙ୍କ ଆକାଉଣ୍ଟ ସହିତ ଲିଙ୍କ ହୋଇଥିବା ଆଧାର କାର୍ଡ, ଏକ ବ୍ୟାଙ୍କ ପାସବୁକ, ଏକ ରାସନ କାର୍ଡ କିମ୍ବା ଆୟ ପ୍ରମାଣପତ୍ର ଏବଂ ଏକ MCP କାର୍ଡ ଅନ୍ତର୍ଭୁକ୍ତ ।

କଟକ ସର୍କଲ ମାଇନ୍ସ ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ମଙ୍ଗଳବାର ରାତି ପ୍ରାୟ ୧୦ଟା ୩୦ ମିନିଟ ସମୟରେ ମହାନ୍ତିଙ୍କୁ ଭିଜିଲାନ୍ସ ଧରିଛି । କୋଲ ଡିପୋ ସୁରୁଖୁରୁରେ ଚଳାଇବା ପାଇଁ ଜଣେ ବ୍ୟବସାୟୀଙ୍କଠାରୁ ସେ ୩୦,୦୦୦ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାବୁଡ଼ରେ ପଡ଼ିଛନ୍ତି । ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯିବା ସହ ତାଙ୍କୁ ଗିରଫ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରାଯାଇଛି । କଟକ ଅଫିସ, ଭୁବନେଶ୍ୱର ଶ୍ରୀବିହାର ଘର ସମେତ ଏକାଧିକ ସ୍ଥାନରେ ରେଡ୍ ହୋଇଛି । ବେଆଇନ ସଂପତ୍ତି ଠୁଳ ଅଭିଯୋଗରେ ବିଭିନ୍ନ ସ୍ଥାନରେ ଚଢାଉ ହୋଇଛି ।

କଟକ ସର୍କଲ ଖଣି ଉପନିର୍ଦ୍ଦେଶକ ଥିବା ଦେବବ୍ରତଙ୍କ ଘରୁ ବୁଧବାର ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହୋଇଛି । ଭୁବନେଶ୍ୱର ସ୍ଥିତ ଫ୍ଲାଟ୍‌ରେ ଟ୍ରଲି ବ୍ୟାଗ୍‌ରୁ ୪ କୋଟି ଟଙ୍କା ମିଳିଛି । ଓଡ଼ିଶା ଭିଜିଲାନ୍‌ସ ଇତିହାସରେ ଏହା ସର୍ବାଧିକ ଟଙ୍କା ଜବତ ବୋଲି ଜଣାପଡ଼ିଛି । ସେହିପରି ଦେବବ୍ରତଙ୍କ ଅଫିସ୍‌ରୁ ୧ ଲକ୍ଷ ୨୦ ହଜାର ଟଙ୍କା ଜବତ ହୋଇଛି । ଭୁବନେଶ୍ୱରର ପାହାଳରେ ଦୁଇ ମହଲା କୋଠା ଥିବା ଜଣାପଡ଼ିଛି । ଏହାସହ ୧୩୦ ଗ୍ରାମ ସୁନା ମଧ୍ୟ ଜବତ ହୋଇଥିବା ସୂଚନା ମିଳିଛି ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇଥିବା କଟକ ସର୍କଲ ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କ କଳାଧନର ଗୁମର ଫିଟିବାରେ ଲାଗିଛି । ସାଧାରଣ କର୍ମଚାରୀଙ୍କ ଭଳି ବେଶଭୂଷାରେ ଅଫିସ୍ ଆସୁଥିବା ଦେବବ୍ରତ କିନ୍ତୁ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିଲେ । ଶହୀଦନଗରରେ ବହୁ କୋଟି ମୂଲ୍ୟର ଏକ ବିଳାସପୂର୍ଣ୍ଣ ଫ୍ଲାଟ୍ କିଣିବାକୁ ଯୋଜନା କରିଥିଲେ । ଆଇଟି ଓ ଭିଜିଲାନ୍‌ସ ହାତରେ ଧରା ନ ପଡ଼ିବା ପାଇଁ ବାବୁ ଜଣକ ବିଲ୍ଡରଙ୍କୁ ନଗଦ ଆକାରରେ ଟଙ୍କା ଦେବେ ବୋଲି କହିଥିଲେ । ଅଗ୍ରିମ ଆକାରରେ କୋଟିଏ ଟଙ୍କା ଦେଇଥିବାବେଳେ ୪ କୋଟି ୨୭ ଲକ୍ଷ ୧୩ ହଜାର ୬ଶହ ଟଙ୍କା ଘରେ ଖଣିକରି ରଖିଥିଲେ । ଜଣେ କୋଇଲା ବେପାରୀଙ୍କଠାରୁ ୩୦ ହଜାର ଲାଞ୍ଚ ନେଇ ଭିଜିଲାନ୍‌ସ ହାତରେ ଧରାପଡ଼ିବା ପରେ ତାଙ୍କର କଳାସାମ୍ରାଜ୍ୟ ପଦାକୁ ଆସିଥିଲା । ଚଢ଼ାଉବେଳେ ଭୁବନେଶ୍ୱରର ପଟିଆ ନେଚର୍ସ କ୍ରେଷ୍ଟ ଆପାର୍ଟମେଣ୍ଟସ୍ଥିତ ତାଙ୍କ ଫ୍ଲାଟ୍‌ରୁ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସମେତ ୩୦୫.୪୦ ଗ୍ରାମ୍ ସୁନା ଓ ୬୦୦ ଗ୍ରାମ୍ ରୁପା ଅଳଙ୍କାର ଏବଂ ଅଫିସ ଚାମ୍ବରର ଟେବୁଲ ଡ୍ରୟରରୁ ୧ ଲକ୍ଷ ୨୦ ହଜାର ଟଙ୍କା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜବତ କରାଯାଇଥିଲା । ସେହିପରି ପଟିଆ ଫ୍ଲାଟ୍ ସମେତ ପାହାଳରେ ଦୁଇମହଲା କୋଠା, ୩ କୋଟିରୁ ଊର୍ଦ୍ଧ୍ୱ ବ୍ୟାଙ୍କ୍ ଓ ଇନ୍‌ସୁରାନ୍‌ସ ଜମାକୁ ମିଶାଇ ୧୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ଠୁଳ କରିଥିବା ଜଣାପଡ଼ିଛି । ତେବେ ଦେବବ୍ରତ ଏହି କଳାଧନ କେଉଁ ଉପାୟରେ ଅର୍ଜନକଲେ ତାହାର ଖୋଳତାଡ଼ କରିବା ପାଇଁ ଭିଜିଲାନ୍‌ସ ପକ୍ଷରୁ ଭୁବନେଶ୍ୱର ଭିଜିଲାନ୍‌ସ କୋର୍ଟରେ ୭ ଦିନିଆ ରିମାଣ୍ଡ ପାଇଁ ଆବେଦନ କରାଯାଇଛି । କୋର୍ଟ ଅନୁମତି ଦେବା ପରେ ତାଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରାଯିବ । ସେହିପରି ବାବୁଙ୍କ ପୂରା କଳା ଚିଠା ଖୋଲିବା ପାଇଁ ଆୟକର ବିଭାଗ ତାଙ୍କ ପରିବାର ଲୋକଙ୍କ ଆକାଉଣ୍ଟ ଏବଂ ସମ୍ପତ୍ତିର ଖୋଳତାଡ଼ କରୁଛି । ଆହୁରି ମଧ୍ୟ ଭିଜିଲାନ୍‌ସଠାରୁ ତଥ୍ୟ ପାଇବା ପରେ ଇଡି ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ଶୁକ୍ରବାର ଇଡି ଅଧିକାରୀ ଭିଜିଲାନ୍‌ସ ସହ ଆଲୋଚନା କରିଛନ୍ତି ।

ବାଲିରୁ ମଧ୍ୟ ଉପନିର୍ଦ୍ଦେଶକ ଦେବବ୍ରତ ଭଲ ଆୟ କରୁଥିଲେ । ବାଲିଘାଟରୁ ଟଙ୍କା ନେବା ପାଇଁ କୁଆଡ଼େ ତ୍ରିଶୂଳିଆ ଅଞ୍ଚଳର କିଛି ବାଲିମାଫିଆଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଆର୍‌କ୍ୟୁପି ଓ ଏଜେନ୍‌ସିମାନେ ବାଲିଘାଟର ମାଇନିଂ ପ୍ଲାନ୍ ସହ ଇସି ଦେବାରେ ଲିଜ୍‌ଧାରୀଙ୍କୁ ସହଯୋଗ କରିଥାନ୍ତି । ନିର୍ଦ୍ଦିଷ୍ଟ ଏକ ଏଜେନ୍‌ସିକୁ କୁଆଡ଼େ ଗୁରୁତ୍ୱ ଦେଇ ପରୋକ୍ଷରେ କଟକ ଜିଲାର ବିଭିନ୍ନ ବାଲିଘାଟରୁ କମ୍ ସମୟରେ ଟଙ୍କା ଆଦାୟର ବାଟ ବାହାର କରୁଥିଲେ ଦେବବ୍ରତ, ଯେଉଁଥିପାଇଁ ରାତାରାତି ସେ ଏତେ ପରିମାଣର କଳାଧନ ଅର୍ଜନ କରିଥିଲେ ବୋଲି ଚର୍ଚ୍ଚା ଜୋର୍ ଧରିଛି । ଏସବୁ ଖବର ଆଧାରରେ ଭିଜିଲାନ୍‌ସ, ଆୟକର ବିଭାଗ ଓ ଇଡି ତଦନ୍ତ କରୁଥିବା ସୂଚନା ମିଳିଛି ।

କଟକ ନିର୍ଗୁଣ୍ଡି ଷ୍ଟେଶନରେ ମାଲ୍‌ବାହୀ ୱାଗନ୍‌ରୁ କୋଇଲା ଅନ୍‌ଲୋଡ୍ ହୋଇ ଡିପୋକୁ ଯାଇଥାଏ । ଏଥିପାଇଁ ଅନ୍‌ଲାଇନ୍‌ରେ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ କ୍ଲିୟରାନ୍‌ସ ଦେଇଥାଏ । ଏହି କ୍ଲିୟରାନ୍‌ସ ଦେବାକୁ ଖଣି ଉପନିର୍ଦ୍ଦେଶକ ଦେବବ୍ରତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୩୦ରୁ ୬୦ ହଜାର ଟଙ୍କା ଲାଞ୍ଚ ନେଇଥାନ୍ତି । ଗୋଟିଏ ଦିନ ବିଳମ୍ବ କରିଦେଲେ ପ୍ରାୟ ୧ ଲକ୍ଷ ଟଙ୍କାର କ୍ଷତି ହୋଇଥାଏ । ତେଣୁ ବ୍ୟବସାୟୀମାନେ ବାବୁଙ୍କୁ ଟଙ୍କା ଦେଇ କୁଆଡ଼େ କ୍ଲିୟରାନ୍ସ କରାଉଥିଲେ । ଭୁବନେଶ୍ୱର ପଟିଆରେ ଥିବା ଏକ ଗାଡ଼ି ଶୋ'ରୁମ୍ ଅଫିସ ନିକଟରେ ଥିବା ବାବୁଙ୍କ ସିକ୍ରେଟ୍ ଚାମ୍ବରରେ ଏସବୁ ଡିଲ୍ ହେଉଥିଲା । ଚାମ୍ବର ଭିତରକୁ ମୋବାଇଲ ଫୋନ ଛଡ଼ାଯାଉ ନ ଥିଲା । କେବଳ ପିଅନ ହିଁ ମୋବାଇଲ ନେଇ ଯିବାକୁ ଅନୁମତି ଥିଲା ।

ହଷ୍ଟେଲରେ ସୀମା ଟପିଲେ ବଡ଼ ଶ୍ରେଣୀର ଛାତ୍ର । ତଳ ଶ୍ରେଣୀ ଛାତ୍ରଙ୍କୁ କରିଲେ ରାଗିଙ୍ଗ୍ । ଖେଳ ସମୟରେ ହଷ୍ଟେଲର ୩ ଜଣ ସପ୍ତମ ଶ୍ରେଣୀ ଛାତ୍ର ହଷ୍ଟେଲ ପଛ ପାଖରେ ଖେଳୁଥିବାରୁ ତାଙ୍କ ଉପରେ ନିର୍ଯାତନା ହୋଇଛି । ଏଭଳି ଘଟଣା ଘଟିଛି ଖୁଣ୍ଟା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ । ବିଦ୍ୟାଳୟ ହଷ୍ଟେଲରେ ରହି ପାଠ ପଢୁଥିବା ୩ ଜଣ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ନବମ ଶ୍ରେଣୀର ଦୁଇ ଜଣ ଛାତ୍ର ହଷ୍ଟେଲ ବାହାରେ ଆଣ୍ଠେଇ ଦେଇଥିଲେ । ଯାହାର ଭିଡିଓ ସାମ୍ନାକୁ ଆସିଛି । ଏପରିକି ହଷ୍ଟେଲର ସମସ୍ତ ଅନ୍ତେବାସୀଙ୍କ ସାମ୍ନାରେ ୩ ଛାତ୍ରଙ୍କୁ ଦୀର୍ଘ ସମୟ ଧରି ଆଣ୍ଠେଇ ଦିଆଯାଇଥିଲା । ଏପରିକି ସେହି ଛାତ୍ରମାନଙ୍କୁ ପଚାରିବାରୁ ସେମାନଙ୍କୁ ନବମ ଶ୍ରେଣୀର ଦୁଇ ଜଣ ଛାତ୍ର ଏହି ଦଣ୍ଡ ଦେଇଥିବା କହିଛନ୍ତି । ତେବେ ଭିଡିଓ ଦେଖି ରାତିରେ ବିଦ୍ୟାଳୟରେ ପହଞ୍ଚିଥିବା ଅଭିଭାବକଙ୍କୁ ପିଲା କହିଛନ୍ତି ସାଙ୍ଘାତିକ କଥା । ୩ ଜଣ ନୁହେଁ ବରଂ ୮ ରୁ ୯ ଜଣ ଛାତ୍ରଙ୍କୁ ହଷ୍ଟେଲରେ ଆଣ୍ଠେଇ ଦେବା ସହିତ ମାଡ଼ ମାରିଥିଲେ ନବମ ଶ୍ରେଣୀ ଛାତ୍ର । ଦୀର୍ଘ ସମୟ ଧରି ଏହିପରି ଆଣ୍ଠେଇ ଦେଇ ଥିଲେ ଏବଂ ପୂର୍ବରୁ ମଧ୍ୟ ଏହିପରି ଘଟଣା ଘଟିଛି ବୋଲି ଅଭିଭାବକଙ୍କୁ ଛାତ୍ରମାନେ କହିଛନ୍ତି ।

ସମୟ ଥିଲା ବାହାଘର ପାଇଁ ଶଗଡ ବ୍ୟବହାର ହେଉଥିଲା । ଶଗଡରେ କନ୍ୟା ଆସୁଥିଲେ ବରଘରକୁ ଏବଂ ବାହାଘର ହେଉଥିଲା । ବାଲ୍ୟ ବିବାହ ସମୟରେ ପ୍ରଚଳିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥିଲା ଏହି ପ୍ରଥା । ପରେ ଆସିଲା ପାଲିଙ୍କି ସମୟ । ପାଲିଙ୍କିରେ ବର ଯାଉଥିଲେ କନ୍ୟା ଘରକୁ । ସାଙ୍ଗରେ ଚାଲିଚାଲି ଯାଉଥିଲେ ବରଯାତ୍ରୀ । ବିବାହ କରି ଫେରିବା ବେଳେ ବର ଯାଇଥିବା ପାଲିଙ୍କିରେ ଫେରୁଥିବା ବେଳେ କନ୍ୟା ମଧ୍ୟ ପଛରେ ଆଉ ଗୋଟିଏ ପାଲିଙ୍କିରେ ଆସୁଥିଲେ । ଯୁଗରୁଚି ବଦଳି ଅନୁସାରେ ବିବାହ କାର୍ଯ୍ୟରେ ବ୍ୟବହୃତ ଶଗଡ ପରମ୍ପରା ବନ୍ଦ ହୋଇ ଯାଇଥିଲା । ବାହାଘର ସମୟରେ ବହୁ ଗାଡିମୋଟର ବ୍ୟବହାର ଏବେ ହୋଇ ଆସୁଛି । ଏପରିକି ହେଲିକପ୍ଟରରେ ମଧ୍ୟ ବିବାହ ପାଇଁ ବର ଯାଉଛନ୍ତି କନ୍ୟା ଘରକୁ । ତେବେ ଆଜିର କୃତ୍ରିମ ବୁଦ୍ଧିମତା ଓ ଡିଜିଟାଲ ଯୁଗରେ ଶଗଡରେ ବୋହୁ ଶାଶୁଘରକୁ ଆସି ବିବାହ କରିବା ପ୍ରାଚୀନ ପରମ୍ପରା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ସାମନ୍ତରାପଲି ଗାଁରେ । ପୋଲସରା ବ୍ଲକ କଳମ୍ବ ଗ୍ରାମ ସ୍କୁଲ ସାହିର ଦେବରାଜ ପ୍ରଧାନଙ୍କ ଝିଅ ବର୍ଷା ପ୍ରଧାନ ଆସିଥିଲେ ଶାଶୁଘର ସାମନ୍ତରାପଲି ଗ୍ରାମକୁ । ସବୁଠାରୁ ମଜାର କଥା ଯେ, ଏଥିପାଇଁ ବର ପ୍ରମୋଦ ପ୍ରଧାନଙ୍କ ପୁଅ ଶନିଷ୍ଟର ପ୍ରଧାନ ଓଡ଼ିଆ ସାହିର ଶଗଡିଆ ସୁରେନ୍ଦ୍ର ସ୍ୱାଇଁ ଓ ଯୁଧିଷ୍ଠିର ପରିଡାଙ୍କଠାରୁ ଶଗଡ଼ ମାଗି ଆଣି ରାତି ଅନିଦ୍ରା ହୋଇ ସୁନ୍ଦର ଭାବରେ ଶଗଡକୁ ଫୁଲରେ ସଜାଇଥିଲେ ।

ନିଜ ବିବାହ କାର୍ଯ୍ୟକୁ ସବୁଦିନ ପାଇଁ ସ୍ମୃତିମଧୁର କରି ରଖିବା ଉଦ୍ଦେଶ୍ୟରେ ଏପରି ଶନିଷ୍ଟର କରିଥିବା କହିଛନ୍ତି ଶନିଷ୍ଟର । ସେ ନିଜ ଧର୍ମପତ୍ନୀଙ୍କୁ ଆଣିବା ପାଇଁ ଶଗଡକୁ ବ୍ୟାବାହର କରିଥିଲେ । ତାହା ସହ ଡିଜେ ସାଉଣ୍ଡ ବଦଳରେ ବାଘ, ଷଣ୍ଢ ନୃତ୍ୟ ପରିବେଷଣ ବ୍ୟବସ୍ଥା ମଧ୍ୟ କରିଥିଲେ । ଶଗଡ଼ରେ କନ୍ୟା ଆସିବା ବେଳେ ରାସ୍ତାରେ ବହୁ ଯୁବକ ସେଲ୍‌ଫି ନେବାକୁ ଶଗଡ ଅଟକାଉଥିଲେ । ପୁରାତନ ପରମ୍ପରାକୁ ଆପଣାଇବାକୁ ଯୁବ ସମାଜ ପାଇଁ ସେ ଦେଇଛନ୍ତି ବାର୍ତ୍ତା । ଶନ୍ନିଷ୍ଟରଙ୍କ ମା, ଖୁଡୀ ମଧ୍ୟ ତାଙ୍କ ସମୟରେ ଶଗଡରେ ଆସିଥିଲେ ବୋଲି କହନ୍ତି ସେ । ୨୫ ତାରିଖରେ ବର୍ଷାଙ୍କୁ ବିବାହ କରିଥିବା ଶନିଷ୍ଟରଙ୍କ ଏଭଳି ବିବାହ ଏବେ ସବୁଆଡେ ଚର୍ଚ୍ଚାର ବିଷୟ ହୋଇଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ନାରାୟଣପୁର ଗ୍ରାମର ଜଣେ ୧୭ ବର୍ଷୀୟା ନାବାଳିକଙ୍କୁ ବିବାହ କରିବା ପାଇଁ ନିମନ୍ତ୍ରଣପତ୍ର ବଣ୍ଟା ସରିଥିଲା । ବାହାଘର ପାଇଁ ପରିବାର ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲିଥିଲା । ଘରେ ପହଞ୍ଚିଥିଲେ ସମସ୍ତ ବନ୍ଧୁ ବାନ୍ଧବ।  ବୁଧବାର ହୋଇଥାଆନ୍ତା ବାହାଘର । ଖବରପାଇ ପୋଲିସ ପ୍ରଶାସନ ପହଞ୍ଚିବା ସହ ବାଲ୍ୟ ବିବାହକୁ ରୋକିଥିବା ଜଣାପଡିଛି । ଦିଗପହଣ୍ଡି ସିଡିପିଓ ପୁଷ୍ପାଞ୍ଜଳି ବେହେରା ଏନେଇ ସୂଚନା ପାଇବା ପରେ କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଅଧିକାରୀ ସୁବାସ ଚନ୍ଦ୍ର ବାୟକଙ୍କ ସହ ନାବାଳିକାଙ୍କ ଘରେ ପହଞ୍ଚି ତାଙ୍କ ସ୍କୁଲ ସାର୍ଟିଫିକେଟ ଏବଂ ଆଧାରକାର୍ଡ ଯାଞ୍ଚ କରିବାରୁ ତାଙ୍କୁ ୧୭ ବର୍ଷ ୩ ମାସ ହୋଇଥିବା ଜଣାପଡିଥିଲା । ସିଡିପିଓ ଉପସ୍ଥିତ ମାତା ପିତା ଓ ସମ୍ପର୍କୀୟଙ୍କୁ ବାଲ୍ୟ ବିବାହ ପରିଣତି ଏବଂ ପ୍ରଚଳିତ ଆଇନ ବ୍ୟବସ୍ଥା ସମ୍ପର୍କରେ ବୁଝାସୁଝା କରିବା ପରେ ସେମାନେ ବିବାହ କାର୍ଯ୍ୟ ବନ୍ଦ ରଖିବାକୁ ସହମତି ପ୍ରକାଶ କରିଥିଲେ । ନାବାଳିକାଙ୍କ ପରିବାର ଲୋକେ ନିଜ ଭୁଲ ବୁଝିବା ସହିତ ୧୮ ବର୍ଷ ପୂରିବା ପରେ ହିଁ ଝିଅ ବାହାଘର କରିବେ ବୋଲି ଲିଖିତ ପତ୍ର ସିଡିପିଓଙ୍କୁ ପ୍ରଦାନ କରିଥିବା ଜଣାପଡିଛି ।

ଆଜିର ସଭ୍ୟ ସମାଜରେ ଜାତିପ୍ରଥା ଭଳି ପରମ୍ପରା ବଞ୍ଚିରହିଛି । ଜାତିପ୍ରଥା ଯୋଗୁ ଶବକୁ ମିଳିଲାନି ଚାରି କାନ୍ଧ । ଏପରିକି ବଡ଼ ପୁଅ ମଧ୍ୟ ଆସିଲେନି । ପାଖ ପଡୋଶୀ ଦେଖଣାହାରୀ ହୋଇ ଥିଲେ ମଧ୍ୟ କେହି ମଧ୍ୟ ମୃତକଙ୍କ ଶବକୁ ଛୁଇଁଲେନି । ଶେଷରେ କୌଣସି ଉପାୟ ନପାଇ ମୃତକଙ୍କ ଭଉଣୀ, ଭାଣିଜୀ, ଅନ୍ୟ ଜାତିରେ ବିବାହ କରିଥିବା ସାନ ଝିଅ ଓ ସାନ ପୁଅ ଶବକୁ କାନ୍ଧ ଦେଇ ଶେଷ କୃତ୍ୟ କରିଥିଲେ । ଏଭଳି ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ କଂଗ୍ରା ଗ୍ରାମରେ । ଜାତିପ୍ରଥାକୁ ନେଇ ଶବଦାହ ନିମନ୍ତେ ଚାରି କନ୍ଧ ଦେବାକୁ ଜାତିଭାଇ ମିଳିଲେନି । ବର୍ତ୍ତମାନ ସରକାର ଜାତିପ୍ରଥାକୁ ନେଇ ଯେତେ କଠୋର ଆଇନକାନୁନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଥିଲେ ମଧ୍ୟ ସଭ୍ୟ ସମାଜରେ ଜାତିପ୍ରଥା ରହିଥିବା ଦେଖିବାକୁ ମିଳୁଛି ।

ତେନ୍ତୁଲିଖୁଣ୍ଟି ବ୍ଲକ କଂଗ୍ରା ଗ୍ରାମର ଦୁର୍ଯ୍ୟୋନ ମାଝୀଙ୍କ ଗତକାଲି ରାତିରେ ଦେହାନ୍ତ ହୋଇଥିଲା । ତାଙ୍କର ଦୁଇ ପୁଅ ଓ ଦୁଇ ଝିଅ। କିନ୍ତୁ, ଦୁଇ ଝିଅ ଅନ୍ୟ ଜାତିର ପୁଅକୁ ବିବାହ କରିଥିବାରୁ ତାଙ୍କର ଦେହାନ୍ତ ହେବା ପରେ ସମାଜ ଲୋକ କାନ୍ଧଦେବାକୁ ଆସିଲେ ନାହିଁ । ଅତି ଦୁଃଖର ବିଷୟ ଯେ ତାଙ୍କର ବଡ଼ ପୁଅ ମଧ୍ୟ ଜାତିପ୍ରଥା ଜାଲରେ ପଡି ବାପାକୁ କାନ୍ଧ ଦେବାକୁ ଆସିନଥିଲେ । ଯାହା ଫଳରେ ଅନ୍ୟ କିଛି ଉପାୟ ନପାଇ ସାନପୁଅ ଶିବ ମାଝୀ, ଅନ୍ୟ ଜାତିରେ ବିବାହ କରିଥିବା ସାନ ଝିଅ ସ୍ୱପ୍ନା ମାଝୀ, ମୃତକଙ୍କ ଭଉଣୀ ଓ ଭାଣିଜୀ ମିଶି ଶବକୁ କାନ୍ଧ ଦେବା ସହ ଶ୍ମଶାନକୁ ନେଇ ସତ୍କାର କରିଥିଲେ । କିଛି ପାଖ ପଡୋଶୀ ଯାଇଥିଲେ ମଧ୍ୟ କେହିଁ ଛୁଇଁ ନଥିଲେ । ଯାହାକୁ ନେଇ ସାନ ପୁଅ ଜାତିପ୍ରଥା ନୀତି ନିୟମ ଉପରେ ଆଙ୍ଗୁଳି ଦେଖାଇବା ସହ ନ୍ୟାୟ ଭିକ୍ଷା କରିଛନ୍ତି । ଦୁନିଆ କେତେ ଆଗକୁ ଯାଇଥିଲେ ମଧ୍ୟ ଆଜି ବି ଲୋକେ ଜାତିପ୍ରଥା ଜାଲରେ ପଡିରହିଛନ୍ତି । ଅନ୍ୟ ଲୋକର କଥାରେ ପଡି ଜାତିପ୍ରଥା ନିୟମକୁ ଚାଲୁ ରଖିଥିବା ମୃତକଙ୍କ ସାନପୁଅ ଅଭିଯୋଗ ଆଣିଛନ୍ତି । ଏବେ ଜାତିରେ ମିଶିଲେ ହିଁ ମୃତକଙ୍କ ଆଗକୁ ଥିବା କାର୍ଯ୍ୟ କରିପାରିବେ ବୋଲି ସମାଜ ଲୋକେ କହୁଥିବା ଅଭିଯୋଗ ଆଣିଛନ୍ତି । ଅନ୍ୟପଟେ ଏଭଳି ଘଟଣାକୁ ନେଇ ଭତରା ସମାଜର ଲୋକେ, ପଡୋଶୀ କିମ୍ବା କୌଣସି ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

ଏହି ସମୟରେ ଆମ ଦେଶର ପରିସ୍ଥିତି କେଉଁଭଳି ଥିଲା ସେହି ବିଷୟରେ ସଂକ୍ଷେପରେ ଜାଣିବା ଚାଲନ୍ତୁ ।

ପଶ୍ଚିମ ଏସିଆର ପରିସ୍ଥିତି ବଢୁଥିବା ଉତ୍ତେଜନା ଯୋଗୁ ନିରନ୍ତର ଖରାପ ହେଉଛି । ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣ ଏବଂ ଇରାନର ପ୍ରତିଶୋଧମୂଳକ ଆକ୍ରମଣରେ ଏପର୍ଯ୍ୟନ୍ତ ଶହ ଶହ ଲୋକ ପ୍ରାଣ ହରାଇଛନ୍ତି । ଅଶୋଧିତ ତୈଳ ମୂଲ୍ୟ ଦ୍ରୁତ ଗତିରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୃଦ୍ଧି ପାଉଛି, ୨୦୨୨ ପରେ ପ୍ରଥମ ଥର ପାଇଁ $୧୦୦ ଅତିକ୍ରମ କରି ବ୍ୟାରେଲ ପିଛା ପ୍ରାୟ $୧୧୪ରେ ପହଞ୍ଚିଛି । ଏହି ସମୟରେ ଏକ ରିପୋର୍ଟ ଭାରତ ସମେତ ଅନେକ ଉଦୀୟମାନ ଅର୍ଥନୀତି ପାଇଁ ଚିନ୍ତାଜନକ ସଙ୍କେତ ପ୍ରଦାନ କରୁଛି ।

ସୋମବାର ଏକ ରିପୋର୍ଟ ଅନୁଯାୟୀ, ଇରାନ ସହିତ ସଂଘର୍ଷ ତୈଳ ଏବଂ ଗ୍ୟାସ ଆମଦାନୀ, ବିଦେଶୀ ମୁଦ୍ରା ପଠାଇବା ଏବଂ ବିନିମୟ ହାର ଭଳି କ୍ଷେତ୍ରରେ ଉଦୀୟମାନ ଅର୍ଥନୀତି ପାଇଁ ଅତିରିକ୍ତ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ । "ଇରାନ ସଂଘର୍ଷ ଉଦୀୟମାନ ଅର୍ଥନୀତି ପାଇଁ ନୂତନ କ୍ରେଡିଟ ବିପଦ ସୃଷ୍ଟି କରେ" ଶୀର୍ଷକ ରିପୋର୍ଟରେ କୁହାଯାଇଛି ଯେ ଯଦି ଉପସାଗରୀୟ କ୍ଷେତ୍ରରୁ ବିଶ୍ୱ ଶକ୍ତି ଯୋଗାଣ ଆଶାଠାରୁ ଅଧିକ ବାଧାପ୍ରାପ୍ତ ହୁଏ, ତେବେ ଏହା ବିଶ୍ୱ ନିବେଶକଙ୍କ ଭାବନା ଉପରେ ଗମ୍ଭୀର ପ୍ରଭାବ ପକାଇପାରେ ।

ରିପୋର୍ଟ ଅନୁଯାୟୀ, ଏପରି ପରିସ୍ଥିତିରେ ଆମେରିକୀୟ ଡଲାର ଆହୁରି ମଜବୁତ ହୋଇପାରେ, ଯାହା ଫଳରେ ଉଚ୍ଚ-ବିପଦଗ୍ରସ୍ତ ଋଣଗ୍ରହୀତାମାନଙ୍କ ପାଇଁ ଅନ୍ତର୍ଜାତୀୟ ଋଣ ପାଇବା କଷ୍ଟକର ହୋଇଯିବ । ରିପୋର୍ଟ ଏହା ମଧ୍ୟ କହିଛି ଯେ ବୃଦ୍ଧି ପାଉଥିବା ଶକ୍ତି ମୂଲ୍ୟ ମୁଦ୍ରାସ୍ଫୀତି ଚାପ ବୃଦ୍ଧି କରିବ ଏବଂ ବିଶ୍ୱବ୍ୟାପୀ ମୁଦ୍ରାନୀତି ନିଷ୍ପତ୍ତିକୁ ପ୍ରଭାବିତ କରିପାରିବ ।

ରିପୋର୍ଟରେ ଆହୁରି କୁହାଯାଇଛି ଯେ ଏହି ଯୁଦ୍ଧର ସର୍ବାଧିକ ସିଧାସଳଖ ପ୍ରଭାବ ତେଲ ଏବଂ ଗ୍ୟାସ ଆମଦାନୀ ଉପରେ ପଡ଼ିବ । ଭାରତ ଭଳି ଏକ ବୃହତ ଅର୍ଥନୀତିରେ, ନିଟ ଜୀବାଶ୍ମ ଇନ୍ଧନ ଆମଦାନୀ ମୋଟ ଘରୋଇ ଉତ୍ପାଦ (GDP)ର ପ୍ରାୟ ୩ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ପ୍ରତିନିଧିତ୍ୱ କରେ । ଯଦି ହେର୍ମୁଜ ପ୍ରଣାଳୀ ଦେଇ ତୈଳ ଏବଂ ଗ୍ୟାସ ପରିବହନରେ ବାଧା ଏକ ମାସରୁ କମ୍ ସମୟ ପର୍ଯ୍ୟନ୍ତ ରହେ ଏବଂ ଅଞ୍ଚଳର ତୈଳ ଉତ୍ପାଦନ ଭିତ୍ତିଭୂମିରେ ଯଥେଷ୍ଟ କ୍ଷତି ନହୁଏ, ତେବେ ଉଦୀୟମାନ ଅର୍ଥନୀତିଗୁଡ଼ିକ ପାଇଁ କ୍ରେଡିଟ ବିପଦ ସୀମିତ ହୋଇପାରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ଏବଂ ହର୍ମୁଜ ପ୍ରଣାଳୀକୁ ନେଇ ଚାଲିଥିବା ସଙ୍କଟ ମଧ୍ୟରେ, ଭାରତ ସରକାର ପାରସ୍ୟ ଉପସାଗରରେ ଫସି ରହିଥିବା ଜାହାଜଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଭାରତୀୟ ନୌସେନାକୁ ନିୟୋଜିତ କରିବାକୁ ବିଚାର କରୁଛନ୍ତି । ଜଣେ ବରିଷ୍ଠ ସରକାରୀ ଅଧିକାରୀଙ୍କ ଅନୁଯାୟୀ, ଏହି ବିଷୟରେ ନିଷ୍ପତ୍ତି ଆସନ୍ତା ଦୁଇ ଦିନ ମଧ୍ୟରେ ନିଆଯାଇପାରେ। ଯଦି ଏହି ନିଷ୍ପତ୍ତି ନିଆଯାଏ, ତେବେ ଭାରତୀୟ ନୌସେନା ଜାହାଜ ପାରସ୍ୟ ଉପସାଗରରେ ଫସି ରହିଥିବା ବାଣିଜ୍ୟ ଜାହାଜଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ନେଇପାରିବ ।

ଜାହାଜ ଚଳାଚଳ ଶିଳ୍ପ ସୂତ୍ର ଅନୁଯାୟୀ, ପାରସ୍ୟ ଉପସାଗରରେ ଫସି ରହିଥିବା ପ୍ରାୟ ୧୦ ପ୍ରତିଶତ ତେଲ ଟ୍ୟାଙ୍କର୍ ଏବଂ ଗ୍ୟାସ ବାହକ ଭାରତୀୟ ମାଲିକାନାରେ ଅଛନ୍ତି । ଏହି ଜାହାଜଗୁଡ଼ିକରେ ବିଶ୍ୱର ସବୁଠାରୁ ବଡ଼ ଜାହାଜ କମ୍ପାନୀଗୁଡ଼ିକ ମଧ୍ୟରୁ ଗୋଟିଏ, ସିପିଂ କର୍ପୋରେସନ ଅଫ ଇଣ୍ଡିଆ ଅନ୍ତର୍ଭୁକ୍ତ । ଲଏଡ୍ସ ଲିଷ୍ଟ ଇଣ୍ଟେଲିଜେନ୍ସ ତଥ୍ୟ ଅନୁଯାୟୀ, କମ୍ପାନୀର ଫସି ରହିଥିବା ଜାହାଜଗୁଡ଼ିକର ମୋଟ କାର୍ଗୋ କ୍ଷମତା ୮୦୦,୦୦୦ ଟନରୁ ଅଧିକ, ଯାହା ପ୍ରାୟ ୬ ନିୟୁତ ବ୍ୟାରେଲ ତେଲ ସହିତ ସମାନ । ଆନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ ଆକଳନ କରିଛି ଯେ ପାରସ୍ୟ ଉପସାଗରରେ ଫସି ରହିଥିବା ଜାହାଜଗୁଡ଼ିକରେ ବର୍ତ୍ତମାନ ପ୍ରାୟ ୨୦,୦୦୦ ନାବିକ ଅଛନ୍ତି । ଭାରତ ବିଶ୍ୱକୁ ନାବିକମାନଙ୍କର ଏକ ପ୍ରମୁଖ ଯୋଗାଣକାରୀ, ତେଣୁ ହଜାର ହଜାର ଭାରତୀୟ ନାବିକଙ୍କୁ ଏହି ପ୍ରୟାସରେ ସାମିଲ କରାଯିବାର ସମ୍ଭାବନା ଅଛି ।

ଭାରତୀୟ ନୌସେନା ପୂର୍ବରୁ ବାଣିଜ୍ୟ ଜାହାଜକୁ ସୁରକ୍ଷା ଦେବା ପାଇଁ ଅନେକ ବଡ଼ ଅପରେସନ କରିଛି । ଅପରେସନ ସଙ୍କଳ୍ପ ଏକ ପ୍ରମୁଖ ଅଭିଯାନ ଥିଲା, ଯାହା ଉପସାଗରୀୟ ଅଞ୍ଚଳରେ ସାମୁଦ୍ରିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆରମ୍ଭ କରାଯାଇଥିଲା । ଏହି ଅପରେସନ ସମୟରେ, ଭାରତୀୟ ନୌସେନା ହୁଥି ବିଦ୍ରୋହୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବଂ ସୋମାଲି ଜଳଦସ୍ୟୁଙ୍କ ଆକ୍ରମଣରୁ ଅନେକ ଜାହାଜକୁ ଉଦ୍ଧାର କରିଥିଲା । ଏହି ସମୟରେ, ଇରାନର ଏକ ବିବୃତ୍ତି ପରିସ୍ଥିତିରେ ଉନ୍ନତିର ଆଶା ସୃଷ୍ଟି କରିଛି । ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ କହିଛନ୍ତି ଯେ ଇରାନ ଏହାର ପଡ଼ୋଶୀମାନଙ୍କୁ ଆକ୍ରମଣ କରିବ ନାହିଁ ଯଦି ସେମାନେ ପ୍ରଥମେ ଆକ୍ରମଣ ନ କରନ୍ତି । ଅନ୍ୟ ଜଣେ ସରକାରୀ ଅଧିକାରୀଙ୍କ ଅନୁଯାୟୀ, ଏହି ବିବୃତ୍ତି ହର୍ମୁଜ ପ୍ରଣାଳୀର ଗୋଟିଏ ପାର୍ଶ୍ୱରେ ଫସି ରହିଥିବା ଜାହାଜଗୁଡ଼ିକୁ ଆଗକୁ ବଢ଼ିବା ଏବଂ ତୈଳ ଯୋଗାଣ ଉପରେ ଚାପ କମ କରିବା ପାଇଁ ଆତ୍ମବିଶ୍ୱାସ ପ୍ରଦାନ କରିପାରିବ ।

ସରକାରୀ ସୂତ୍ର ଅନୁଯାୟୀ, ଭାରତ ତେଲ ପାଇଁ ବିକଳ୍ପ ବ୍ୟବସ୍ଥା ମଧ୍ୟ କରିଛି । ଭାରତର ପ୍ରାୟ ୭୦ ପ୍ରତିଶତ ଅଶୋଧିତ ତୈଳ ଯୋଗାଣ ବର୍ତ୍ତମାନ ଏପରି ରାସ୍ତା ଦେଇ ହୁଏ ଯେଉଁଥିପାଇଁ ହର୍ମୁଜ ପ୍ରଣାଳୀ ଦେଇ ପରିବହନ କରିବାକୁ ପଡ଼ିବ ନାହିଁ । ତେଣୁ, ସରକାର କହିଛନ୍ତି ଯେ ଏହି ସମୟରେ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ମୂଲ୍ୟ ବୃଦ୍ଧି କରିବାର କୌଣସି ଯୋଜନା ନାହିଁ । ଏହି ସମୟରେ, ଇରାନର ଉପ-ବୈଦେଶିକ ମନ୍ତ୍ରୀ ସଇଦ ଖାତିବଜାଦେହ କହିଛନ୍ତି ଯେ ଇରାନ ହର୍ମୁଜ ପ୍ରଣାଳୀରେ ଭାରତୀୟ ଜାହାଜଗୁଡ଼ିକୁ ଅବରୋଧ କରୁନାହିଁ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଯଦି କୌଣସି ବିପଦ ଅଛି, ତେବେ ଭାରତ ଆମେରିକାକୁ ପଚାରିବା ଉଚିତ ଯେ ସେ ଭାରତ ମହାସାଗରରେ ଇରାନୀ ଜାହାଜଗୁଡ଼ିକୁ କାହିଁକି ଟାର୍ଗେଟ କରୁଛି ।

ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ହେଉଥିବା ପରିବହନ ବାଧାକୁ ସମାଧାନ କରିବା ପାଇଁ କେନ୍ଦ୍ର ବନ୍ଦର ଏବଂ ଜଳପଥ ମନ୍ତ୍ରଣାଳୟ ଭାରତୀୟ ବନ୍ଦରଗୁଡ଼ିକ ପାଇଁ ନୂତନ ମାନକ ପରିଚାଳନା ପ୍ରକ୍ରିୟା ଜାରି କରିଛି । ଏହି ନିୟମ ଅନୁଯାୟୀ, ଭାରତୀୟ ବନ୍ଦରଗୁଡ଼ିକୁ ପଶ୍ଚିମ ଏସିଆ ପାଇଁ ଉଦ୍ଦିଷ୍ଟ ସାମଗ୍ରୀଗୁଡ଼ିକୁ ଟ୍ରାନ୍ସସିପମେଣ୍ଟ କାର୍ଗୋ ଭାବରେ ଅସ୍ଥାୟୀ ଭାବରେ ସଂରକ୍ଷଣ କରିବାକୁ ଅନୁମତି ଦିଆଯାଇଛି । ଏହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିର୍ଦ୍ଦେଶାବଳୀ ଅନୁଯାୟୀ, ଏହି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବନ୍ଦରଗୁଡ଼ିକରେ ସଙ୍ଗତନ୍ତ୍ର ଅଧିକାରୀ ନିଯୁକ୍ତ କରାଯିବ । ପଶ୍ଚିମ ଏସୀୟ ବନ୍ଦରଗୁଡ଼ିକ ପାଇଁ ଉଦ୍ଦିଷ୍ଟ ନୁହେଁ ଜାହାଜଗୁଡ଼ିକୁ ଅସ୍ଥାୟୀ ଭାବରେ ଭାରତୀୟ ବନ୍ଦରଗୁଡ଼ିକରେ କାର୍ଗୋ ଡକ ଏବଂ ଅନଲୋଡ କରିବାକୁ ଅନୁମତି ଦିଆଯିବ । ନଷ୍ଟଶୀଳ ସାମଗ୍ରୀଗୁଡ଼ିକୁ ମଧ୍ୟ ପ୍ରାଥମିକତା ଦିଆଯିବ । ସରକାର ବିଶ୍ୱାସ କରନ୍ତି ଯେ ଏହି ପଦକ୍ଷେପଗୁଡ଼ିକ ପରିବହନ କମ୍ପାନୀଗୁଡ଼ିକୁ ଆଶ୍ୱସ୍ତି ପ୍ରଦାନ କରିବ ଏବଂ ବିଶ୍ୱ ସାମୁଦ୍ରିକ ବାଣିଜ୍ୟ ଉପରେ ପଶ୍ଚିମ ଏସୀୟ ସଙ୍କଟର ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରିବ ।

ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲୀ ଆକ୍ରମଣ ଯୋଗୁ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଉଛି । ଏହାକୁ ନେଇ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତ୍ତି ଜାରି କରିଛି । ବୈଦେଶିକ ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି ଯେ ଭାରତ ସରକାର ପଶ୍ଚିମ ଏସିଆ ଏବଂ ଉପସାଗରୀୟ ଅଞ୍ଚଳରେ ଦ୍ରୁତ ଗତିରେ ବିକଶିତ ହେଉଥିବା ପରିସ୍ଥିତି ଉପରେ ନଜର ରଖିଛି, ବିଶେଷକରି ସେଠାରେ ପରିବହନ କିମ୍ବା ସ୍ୱଳ୍ପକାଳୀନ ଗସ୍ତରେ ଫସି ରହିଥିବା ଭାରତୀୟ ନାଗରିକଙ୍କ ସମ୍ପର୍କରେ ।

ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଏହି ଅଞ୍ଚଳର ସମସ୍ତ ଭାରତୀୟ ନାଗରିକଙ୍କୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶାବଳୀ ଏବଂ ସେମାନଙ୍କ ସ୍ଥାନରେ ଭାରତୀୟ ଦୂତାବାସ କିମ୍ବା ବାଣିଜ୍ୟ ଦୂତାବାସ ଦ୍ୱାରା ଜାରି ପରାମର୍ଶ ପାଳନ କରିବାକୁ ପରାମର୍ଶ ଦିଆଯାଇଛି । ଏହି ଦେଶଗୁଡ଼ିକରେ ଥିବା ସମସ୍ତ ଭାରତୀୟ ଦୂତାବାସ ଏବଂ ବାଣିଜ୍ୟ ଦୂତାବାସଗୁଡ଼ିକ ବିସ୍ତୃତ ପରାମର୍ଶ ଜାରି କରିଛନ୍ତି ଏବଂ ବର୍ତ୍ତମାନର ପରିସ୍ଥିତି ସହିତ ଜଡିତ ଚିନ୍ତାର ସମାଧାନ କରିବାରେ ସହାୟତା କରିବା ପାଇଁ ୨୪x୭ ହେଲ୍ପଲାଇନ ସ୍ଥାପନ କରିଛନ୍ତି ।

ବୈଦେଶିକ ମନ୍ତ୍ରଣାଳୟ ସମସ୍ତ ପ୍ରଭାବିତ ବ୍ୟକ୍ତି ଏବଂ ସେମାନଙ୍କ ପରିବାରର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଶ୍ନର ଉତ୍ତର ଦେବା ଏବଂ ପରିସ୍ଥିତି ଉପରେ ନଜର ରଖିବା ପାଇଁ ଏକ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ ମଧ୍ୟ ପ୍ରତିଷ୍ଠା କରିଛି । ସମସ୍ତ ହେଲ୍ପଲାଇନ ବିଷୟରେ ସମ୍ପୂର୍ଣ୍ଣ ସୂଚନା https://www.mea.gov.in/press-releases.htmdtl/40846/Special_Control_Room_in_MEA ରେ ଉପଲବ୍ଧ ।

ଗତ କିଛି ଦିନ ଧରି ଅନେକ ଦେଶରେ ଆକାଶପଥ ଆଂଶିକ ଭାବରେ ପୁନଃ ଖୋଲିବା ପରେ, ଭାରତୀୟ ଏବଂ ବିଦେଶୀ ବିମାନ କମ୍ପାନୀଗୁଡ଼ିକ ପରିବହନ କିମ୍ବା ସ୍ୱଳ୍ପକାଳୀନ ଯାତ୍ରାରେ ଫସି ରହିଥିବା ଭାରତୀୟ ଯାତ୍ରୀମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ଅଣ-ନିର୍ଦ୍ଧାରିତ ବିମାନ ସମେତ ଉଡ଼ାଣ ପରିଚାଳନା କରୁଛନ୍ତି ।

ବୈଦେଶିକ ମନ୍ତ୍ରଣାଳୟ ରିପୋର୍ଟ କରିଛି ଯେ ୧ ରୁ ୭ ମାର୍ଚ୍ଚ, ୨୦୨୬ମଧ୍ୟରେ, ୫୨,୦୦୦ରୁ ଅଧିକ ଭାରତୀୟ ଏହି ଉଡ଼ାଣ ମାଧ୍ୟମରେ ଉପସାଗରୀୟ ଅଞ୍ଚଳରୁ ସୁରକ୍ଷିତ ଭାବରେ ଭାରତ ଫେରିଛନ୍ତି, ଯେଉଁଥିରୁ ୩୨,୧୦୭ ଜଣ ଯାତ୍ରୀ ଭାରତୀୟ ବିମାନ କମ୍ପାନୀରେ ଯାତ୍ରା କରିଥିଲେ । ଆଗାମୀ ଦିନରେ ଅଧିକ ଉଡ଼ାଣ ଯୋଜନା କରାଯାଉଛି। ଯେଉଁ ଦେଶରେ ବାଣିଜ୍ୟିକ ଉଡ଼ାଣ ଉପଲବ୍ଧ ନାହିଁ, ସେହି ଦେଶର ଭାରତୀୟ ନାଗରିକମାନଙ୍କୁ ନିକଟତମ ଉପଲବ୍ଧ ଉଡ଼ାଣ ବିଷୟରେ ସୂଚନା ଏବଂ ପରାମର୍ଶ ପାଇଁ ସମ୍ପୃକ୍ତ ଭାରତୀୟ ଦୂତାବାସ କିମ୍ବା କନସୁଲେଟ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି ।

ସେ ଆହୁରି କହିଛନ୍ତି ଯେ ବିଦେଶରେ ଭାରତୀୟ ନାଗରିକଙ୍କ ସୁରକ୍ଷା ଏବଂ ମଙ୍ଗଳ ଭାରତ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା । ଆବଶ୍ୟକୀୟ ଲୋକଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇବା ପାଇଁ ସରକାର ଏହି ଅଞ୍ଚଳର ବିଭିନ୍ନ ଦେଶର ସରକାରଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି ।

ମଧ୍ୟପ୍ରାଚ୍ୟ ଉଷ୍ମ ହେଉଛି । ଇରାନ ବିରୁଦ୍ଧରେ ଆମେରିକା-ଇସ୍ରାଏଲ ମିଳିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ତେହେରାନର ପ୍ରତିଶୋଧମୂଳକ ଆକ୍ରମଣ, ବିଶ୍ୱବ୍ୟାପୀ ବଜାରରେ ଭୟ ସୃଷ୍ଟି କରିଛି । ଇତିହାସ ଦର୍ଶାଏ ଯେ ଯେତେବେଳେ ବି ବିଶ୍ୱର କୌଣସି ସ୍ଥାନରେ ଭୂରାଜନୈତିକ ଉତ୍ତେଜନା ବୃଦ୍ଧି ପାଏ ଏବଂ ଯୁଦ୍ଧ ହୁଏ, ସେତେବେଳେ ସୁନା କ୍ରୟ ହଠାତ୍ ବୃଦ୍ଧି ପାଏ ଏବଂ ଏହାର ମୂଲ୍ୟ ମଧ୍ୟ ବୃଦ୍ଧି ପାଏ । କିନ୍ତୁ ଏଥର, ବିପରୀତ ଘଟଣା ଘଟିଛି । ପୁରୁଣା ଅର୍ଥନୈତିକ ତତ୍ତ୍ୱ ଏବଂ ଧାରଣା ଭୁଲ ପ୍ରମାଣିତ ହେଉଥିବା ପରି ମନେ ହେଉଛି । ଆମେରିକା-ଇରାନ ଯୁଦ୍ଧ ସତ୍ତ୍ୱେ, ସୁନା ମୂଲ୍ୟ ବୃଦ୍ଧି ପାଇବା ପରିବର୍ତ୍ତେ ହ୍ରାସ ହୋଇଛି ।

ଶୁକ୍ରବାର, ଫେବୃଆରୀ ୨୭, ୨୦୨୬ରେ, ଯେତେବେଳେ ଯୁଦ୍ଧର ଗୁଜବ ବ୍ୟାପିଥିଲା, ସୁନା ଆଉନ୍ସ ପ୍ରତି $୫,୨୪୪ ରେ ଥିଲା । କିନ୍ତୁ ଯୁଦ୍ଧ ଆରମ୍ଭ ହେବାର କିଛି ଦିନ ପରେ ମାର୍ଚ୍ଚ ୬ ସୁଦ୍ଧା ଏହା ପ୍ରାୟ $୫,୧୨୦କୁ ଖସି ଆସିଥିଲା । ଏହି ହ୍ରାସ କେବଳ ଆଶ୍ଚର୍ଯ୍ୟଜନକ ନୁହେଁ, ବରଂ ସମସ୍ତେ ଆଶା କରୁଥିଲେ ଯେ ସୁନା ପୁଣି ଥରେ ବାରୁଦର ଗନ୍ଧ ପାଇ ରକେଟରେ ପରିଣତ ହେବ ଅର୍ଥାତ୍ ମୂଲ୍ୟ ହେବ ଆକାଶଛୁଆଁ ।

ଫାଇନାନ୍ସିଆଲ ଏକ୍ସପ୍ରେସର ଏକ ରିପୋର୍ଟ ଅନୁଯାୟୀ, ସୁନା ୨୦୨୫ରେ ନିବେଶକମାନଙ୍କୁ ଧନୀ କରିଥିଲା । ସୁନା ମୂଲ୍ୟ ୬୫% ବୃଦ୍ଧି ପାଇଥିଲା । ୨୦୨୬ ମଧ୍ୟ ଏକ ଧମାକା ସହିତ ଆରମ୍ଭ ହୋଇଥିଲା, ବର୍ଷର ପ୍ରଥମ ସପ୍ତାହରେ ୨୦% ରୁ ଅଧିକ ବୃଦ୍ଧି ପାଇଥିଲା । ଜାନୁଆରୀ ୨୮, ୨୦୨୬ ରେ, ସୁନା ସର୍ବକାଳୀନ ସର୍ବୋଚ୍ଚ $୫,୪୧୮ ରେ ପହଞ୍ଚିଥିଲା । ଏହି ଶିଖରରେ ପହଞ୍ଚିବା ପରଠାରୁ, ସୁନା କ୍ଲାନ୍ତ ଦେଖାଯିବା ବା ଥକ୍କା ପଡିଯିବା ଆରମ୍ଭ କରିଛି । ବଜାର ବିଶେଷଜ୍ଞମାନେ ଏହାକୁ 'ସମିଶ୍ରଣ ପର୍ଯ୍ୟାୟ' ବୋଲି କହୁଛନ୍ତି । ସରଳ ଭାଷାରେ କହିବାକୁ ଗଲେ, ପରବର୍ତ୍ତୀ ବଡ଼ ଲମ୍ଫ ନେବା ପୂର୍ବରୁ ସୁନା ଏକ ସଂକୀର୍ଣ୍ଣ ପରିସର ମଧ୍ୟରେ ରହିଛି । କିନ୍ତୁ ଏହି ମନ୍ଥରତା, ଯୁଦ୍ଧ ସମୟରେ ହ୍ରାସରେ ପରିଣତ ହେବା, ଏକ ସତର୍କ ଘଣ୍ଟି । ମଙ୍ଗଳବାର, ଯୁଦ୍ଧର ଚତୁର୍ଥ ଦିନରେ, ବଜାରରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୁରୁତ୍ୱପୂର୍ଣ୍ଣ ଅସ୍ଥିରତା ଅନୁଭବ ହୋଇଥିଲା, ସୁନା ୪% ହ୍ରାସ ପାଇଥିଲା, ଯେତେବେଳେ ରୂପା ମୂଲ୍ୟରେ ୧୦% ବଡ଼ ହ୍ରାସ ରେକର୍ଡ କରାଯାଇଥିଲା ।

ଯେତେବେଳେ ବିଶ୍ୱ ସଙ୍କଟରେ ଥାଏ, ନିବେଶ ପାଇଁ ଦୁଇଟି ସୁରକ୍ଷିତ ଆଶ୍ରୟସ୍ଥଳ ଅଛି: ପ୍ରଥମ, ସୁନା । ଦ୍ୱିତୀୟ, ଆମେରିକୀୟ ଡଲାର । ସାଧାରଣତଃ, ଉଭୟ ମଧ୍ୟରେ ପାର୍ଥକ୍ୟ ଅଛି । ଏହି ଯୁଦ୍ଧ ଡଲାରକୁ ସୁନା ଅପେକ୍ଷା ଅଧିକ ଶକ୍ତିଶାଳୀ ବୋଲି ପ୍ରମାଣିତ କରିଛି । ଆମେରିକୀୟ ଡଲାର ସୂଚକାଙ୍କ ଏକ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଜାନୁଆରୀ ୨୦୨୫ରେ ଏହା ୧୦୨ ଥିଲା । ଜୁନ ୨୦୨୫ସୁଦ୍ଧା ଏହା ୯୬.୭୦କୁ ହ୍ରାସ ପାଇଥିଲା । ତଥାପି, ଗତ ୩୦ ଦିନ ମଧ୍ୟରେ ଏହା ପୁନର୍ବାର ବୃଦ୍ଧି ପାଇଛି ଏବଂ ୧.୪୬% ବୃଦ୍ଧି ପାଇଛି ।

ଯୁଦ୍ଧ ଆରମ୍ଭ ହେବା ପରଠାରୁ ମାତ୍ର ପାଞ୍ଚ ଦିନ ମଧ୍ୟରେ ଏହା ୧.୪୯% ବୃଦ୍ଧି ପାଇଛି । ଯେତେବେଳେ ଡଲାର ମଜବୁତ ହୁଏ, ଅନ୍ତର୍ଜାତୀୟ ବଜାରରେ ସୁନା ମହଙ୍ଗା ହୋଇଯାଏ, ଯାହା ଏହାର ଚାହିଦା ହ୍ରାସ କରେ । IMF ପ୍ରଥମ ଉପ-ପରିଚାଳନା ନିର୍ଦ୍ଦେଶକ ଡାନ କାଟ୍‌ଜ କୁହନ୍ତି ଯେ ଡଲାର ଅନ୍ତର୍ଜାତୀୟ ମୁଦ୍ରା ବ୍ୟବସ୍ଥାର ହୃଦୟ ହୋଇ ରହିଥାଏ । ସଙ୍କଟ ସମୟରେ, ବିଶ୍ୱ ସୁନା ଅପେକ୍ଷା ଡଲାର-ମୂଲ୍ୟବାନ ନଗଦ ଉପରେ ଅଧିକ ନିର୍ଭର କରିଛି ।

ଯୁଦ୍ଧ ସମୟରେ ଦେଖାଯାଇଥିବା ଆଉ ଏକ ଆକର୍ଷଣୀୟ ଦିଗ ହେଉଛି ତରଳତାର ଆବଶ୍ୟକତା । ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଯୋଗୁ ବ୍ରେଣ୍ଟ ଅଶୋଧିତ ତୈଳ ୨୦% ମହଙ୍ଗା ହୋଇଛି । ଯେହେତୁ ଅଶୋଧିତ ତୈଳ ଡଲାରରେ ବ୍ୟବସାୟ ହୁଏ, ଦେଶ ଏବଂ ବଡ଼ କମ୍ପାନୀଗୁଡ଼ିକୁ ତେଲ କିଣିବା ପାଇଁ ବହୁ ପରିମାଣର ଡଲାର ଆବଶ୍ୟକ ହେଉଛି । ଏହି ନଗଦ ଅଭାବ ପୂରଣ କରିବା ପାଇଁ, ନିବେଶକ ଏବଂ ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କର ସୁନା ହୋଲ୍ଡିଂ ବିକ୍ରି କରି ଡଲାର ସଂଗ୍ରହ କରୁଛନ୍ତି । ଏହି କାରଣରୁ, ଏକ ସୁରକ୍ଷିତ-ସ୍ୱର୍ଗ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିବେଶ ହେବା ସତ୍ତ୍ୱେ, ସୁନା ବିକ୍ରୟ ଚାପର ସମ୍ମୁଖୀନ ହେଉଛି ।

ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ, ଫେଡେରାଲ ରିଜର୍ଭ, ସୁନାର ହ୍ରାସରେ ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ । ଯୁଦ୍ଧ ପୂର୍ବରୁ, ଆଶା କରାଯାଉଥିଲା ଯେ ୨୦୨୬ସୁଦ୍ଧା ସୁଧ ହାର ଅତି କମରେ ଦୁଇଥର ହ୍ରାସ ପାଇବ । କମ ସୁଧ ହାର ସୁନା ପାଇଁ ଏକ ପ୍ରୋତ୍ସାହନକାରୀ ଭାବରେ କାର୍ଯ୍ୟ କରେ । କିନ୍ତୁ ବର୍ତ୍ତମାନ, ଯୁଦ୍ଧ ଯୋଗୁ, ତେଲ ମୂଲ୍ୟ ବୃଦ୍ଧି ପାଇଛି, ଯାହା ମୁଦ୍ରାସ୍ଫୀତିର ବିପଦକୁ ବୃଦ୍ଧି କରୁଛି । ଯଦି ମୁଦ୍ରାସ୍ଫୀତି ବୃଦ୍ଧି ପାଏ, ତେବେ ଫେଡେରାଲ ରିଜର୍ଭ ସୁଧ ହାରକୁ ହ୍ରାସ କରିବା ପରିବର୍ତ୍ତେ ଉଚ୍ଚ ରଖିବ । ଏହାକୁ ଅର୍ଥନୈତିକ ଦୃଷ୍ଟିରୁ 'ଅଧିକ ସମୟ ପାଇଁ ଉଚ୍ଚ' ନୀତି ଭାବରେ ଜଣାଶୁଣା । ଉଚ୍ଚ ସୁଧ ହାର ଯୋଗୁ, ନିବେଶକମାନେ ସୁନା ଅପେକ୍ଷା ଆମେରିକୀୟ ଟ୍ରେଜେରୀ ବଣ୍ଡରେ ନିବେଶ କରିବାକୁ ବାଛିଛନ୍ତି ।

ଗତ ତିନି ବର୍ଷ ମଧ୍ୟରେ ସୁନା ମୂଲ୍ୟ ପାଇଁ ସବୁଠାରୁ ବଡ଼ ସମର୍ଥନ ଥିଲା କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ବେପରୁଆ କ୍ରୟ । କିନ୍ତୁ ତାହା ମଧ୍ୟ ଏବେ ମନ୍ଥର ହେଉଛି । ବିଶ୍ୱ ସୁନା ପରିଷଦ (WGC) ଅନୁଯାୟୀ, ୨୦୨୫ରେ ପ୍ରଥମ ଥର ପାଇଁ ମୋଟ ସୁନା ଚାହିଦା ୫,୦୦୦ ଟନ ଅତିକ୍ରମ କରିଥିଲା । ୨୦୨୫ରେ, କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପ୍ରତି ମାସରେ ହାରାହାରି ୨୭ଟନ ସୁନା କ୍ରୟ କରୁଥିଲେ । ତଥାପି, ୨୦୨୬ ଜାନୁଆରୀରେ ଏହି ସଂଖ୍ୟା ମାତ୍ର ୫ ଟନକୁ ଖସି ଆସିଥିଲା ।

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଖରାପ ହେଉଛି । ସମ୍ପ୍ରତି ଭାରତରୁ ଫେରୁଥିବା ଇରାନୀ ଜାହାଜ ISIS ଡେନା ଉପରେ ଆମେରିକା ଆକ୍ରମଣ କରିଥିଲା । ୮୭ ଜଣ ଇରାନୀ ନାବିକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଏହି ସମୟରେ, ଆଉ ଏକ ଇରାନୀ ଜାହାଜ, IRIS ଲାଭାନ ଭାରତରେ ପହଞ୍ଚିଛି । ଏକ ଇରାନୀ ଯୁଦ୍ଧଜାହାଜ, IRIS ଲାଭାନ, ଭାରତୀୟ କୋଚି ବନ୍ଦରରେ ଅଟକି ରହିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରିପୋର୍ଟ ଅନୁଯାୟୀ, ୨୮ ଫେବୃଆରୀରେ ଏକ ଯାନ୍ତ୍ରିକ ତ୍ରୁଟି ଅନୁଭବ କରିବା ପରେ ଇରାନ ଭାରତଠାରୁ ସହାୟତା ମାଗିଥିଲା । ଭାରତ ୧ ମାର୍ଚ୍ଚରେ ଜାହାଜକୁ କୋଚିରେ ଡକିଂ କରିବାକୁ ଅନୁମତି ଦେଇଥିଲା ଏବଂ ଏହା ୪ ମାର୍ଚ୍ଚରେ ବନ୍ଦରରେ ପହଞ୍ଚିଥିଲା । ଜାହାଜର ୧୮୩ ଜଣ କ୍ରୁ ସଦସ୍ୟ ବର୍ତ୍ତମାନ କୋଚିରେ ଭାରତୀୟ ନୌସେନା ପ୍ରତିଷ୍ଠାନରେ ରହିଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ ସମ୍ପ୍ରତି, ଇରାନୀ ଜାହାଜ IRIS ଡେନା ମିଲାନ ବହୁପକ୍ଷୀୟ ନୌସେନା ଅଭ୍ୟାସରେ ଅଂଶଗ୍ରହଣ କରି ଭାରତ ଫେରୁଥିଲା । ଏହା ପରେ, ଆମେରିକା ଦ୍ୱାରା ଜାହାଜ ଉପରେ ଆକ୍ରମଣ କରାଯାଇଥିଲା, ଯେଉଁଥିରେ ପ୍ରାୟ ୮୭ ଜଣ ଇରାନୀ ନାବିକଙ୍କ ମୃତ୍ୟୁ ହୋଇଥିଲା । ଏହି ଆକ୍ରମଣ ପରେ, IRIS ଲାଭାନ ଏବେ ଭାରତରେ ଆଶ୍ରୟ ନେଇଛି । ଲାଭାନର ଯାନ୍ତ୍ରିକ ତଦନ୍ତ ଚାଲିଛି ।

ତେହରାନର ଅନୁରୋଧରେ ଭାରତ ଏକ ଇରାନୀ ଯୁଦ୍ଧଜାହାଜକୁ ଦକ୍ଷିଣ କୋଚି ବନ୍ଦରରେ ଡକିଂ କରିବାକୁ ଅନୁମତି ଦେଇଛି ଏବଂ ଜାହାଜର ୧୮୩ ସଦସ୍ୟ ବିଶିଷ୍ଟ କର୍ମଚାରୀଙ୍କୁ ନୌସେନା ସୁବିଧାରେ ରଖାଯାଇଛି । ଶ୍ରୀଲଙ୍କା ଉପକୂଳରେ ଏକ ଆମେରିକାର ବୁଡ଼ାଜାହାଜ ଏକ ଇରାନୀ ଫ୍ରିଗେଟକୁ ଟର୍ପେଡୋ କରି ବୁଡ଼ାଇ ଦେବାର ଦୁଇ ଦିନ ପରେ ଏହି ଘଟଣା ଘଟିଛି ।

ଗତ ମାସରେ ଭାରତ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ଫ୍ଲିଟ ସମୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ଆଇରିସ ଲାଭନ ଯୁଦ୍ଧଜାହାଜ ଏହି ଅଞ୍ଚଳରେ ଥିଲା । ଏହା ବୁଧବାର କୋଚିରେ ପହଞ୍ଚିଥିଲା, ସେହି ଦିନ ଫ୍ରିଗେଟ ଆଇରିସ ଡେନା ଶ୍ରୀଲଙ୍କା ଉପକୂଳରୁ ପ୍ରାୟ ୧୯ ସାମୁଦ୍ରିକ ମାଇଲ ଦୂରରେ ବୁଡ଼ି ଯାଇଥିଲା ଏବଂ ୮୭ ଜଣ ନାବିକଙ୍କ ମୃତ୍ୟୁ ହୋଇଥିଲା ।

ଶ୍ରୀଲଙ୍କା କର୍ତ୍ତୃପକ୍ଷ ଗୁରୁବାର ଆଉ ଏକ ଇରାନୀ ଯୁଦ୍ଧଜାହାଜ, ଆଇରିସ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୁଶେହରକୁ ଦେଶରେ ଆଶ୍ରୟ ନେବାକୁ ଅନୁମତି ଦେଇଛନ୍ତି ଏବଂ ଏହାର ୨୦୮ ସଦସ୍ୟ ବିଶିଷ୍ଟ କର୍ମଚାରୀଙ୍କୁ ଏକ ନୌସେନା ଶିବିରରେ ରଖାଯାଇଛି । ଭାରତର ଅନ୍ତର୍ଜାତୀୟ ଫ୍ଲିଟ ସମୀକ୍ଷାରେ ମଧ୍ୟ ଅଂଶଗ୍ରହଣ କରିଥିବା ଆଇରିସ ବୁଶେହର ଇଞ୍ଜିନ ସମସ୍ୟା ଅନୁଭବ କରିବା ପରେ ଶ୍ରୀଲଙ୍କା ବନ୍ଦରରେ ପ୍ରବେଶ କରିବାକୁ ଅନୁମତି ମାଗିଥିଲା ।

ଜଣେ ଅଧିକାରୀ କହିଛନ୍ତି ଯେ, ଇରାନ ଫେବୃଆରୀ ୨୮ରେ ଆଇରିସ ଲାଭନକୁ ଶରଣ ଦେବାକୁ ଭାରତ ସହିତ ଯୋଗାଯୋଗ କରିଥିଲା, ଯାହା ଏହି ଅଞ୍ଚଳରେ ଏକ ଅନ୍ତର୍ଜାତୀୟ ନୌବାହିନୀ ସମୀକ୍ଷା ପାଇଁ ଥିଲା । ବନ୍ଦରରେ ପ୍ରବେଶ କରିବାକୁ ଅନୁମତି ମାର୍ଚ୍ଚ ୧ରେ ଦିଆଯାଇଥିଲା ଏବଂ ଆଇରିସ ଲାଭନ ମାର୍ଚ୍ଚ ୪ରେ କୋଚିରେ ପହଞ୍ଚିଥିଲା । ଇରାନ ପକ୍ଷର ଅନୁରୋଧରେ କୁହାଯାଇଛି ଯେ, କୋଚିରେ ଜାହାଜକୁ ଅବତରଣ କରିବା ଜରୁରୀ ଥିଲା କାରଣ ଆଇରିସ ଲାଭନ ଯାନ୍ତ୍ରିକ ସମସ୍ୟାର ସମ୍ମୁଖୀନ ହୋଇଥିଲା । ଯୁଦ୍ଧଜାହାଜର ୧୮୩ ଜଣ କ୍ରୁ ସଦସ୍ୟଙ୍କୁ କୋଚିରେ ନୌସେନା ସୁବିଧାରେ ରଖାଯାଇଛି । ଆଇରିସ ଡେନା ବୁଡ଼ିଯିବା ଭାରତ, ଶ୍ରୀଲଙ୍କା ଏବଂ ଅନ୍ୟାନ୍ୟ ଭାରତ ମହାସାଗରୀୟ ଦେଶଗୁଡିକରେ ଇରାନ-ଆମେରିକା ବିବାଦ ବୃଦ୍ଧି ଏବଂ ଆଞ୍ଚଳିକ ଜଳସୀମାରେ ସାମୁଦ୍ରିକ ବାଣିଜ୍ୟ ଉପରେ ଏହାର ପ୍ରଭାବ ବିଷୟରେ ଚିନ୍ତା ସୃଷ୍ଟି କରିଛି । ଏହି ବିଷୟ ସହିତ ପରିଚିତ ଲୋକମାନେ ଭାରତ ସରକାରଙ୍କ ସଙ୍କଟ ପରିଚାଳନାକୁ ବ୍ୟବହାରିକ ଏବଂ ଦୀର୍ଘକାଳୀନ ଜାତୀୟ ସ୍ୱାର୍ଥ ସହିତ ସମାନ ବୋଲି ବର୍ଣ୍ଣନା କରିଛନ୍ତି ।

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଏବେ ଖୋଲା ଯୁଦ୍ଧରେ ପରିଣତ ହୋଇଛି, ଆମେରିକା ଏବଂ ଇସ୍ରାଏଲର ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନ ଇରାନକୁ ଗଭୀର ଭାବରେ କ୍ଷତି ପହଞ୍ଚାଇଛି । ଇରାନ ସରକାରଙ୍କ ତଥ୍ୟ ଅନୁଯାୟୀ, ଆମେରିକା ଏବଂ ଇସ୍ରାଏଲର ବିମାନ ଆକ୍ରମଣରେ ଏପର୍ଯ୍ୟନ୍ତ ୧୧୪୫ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି, ଯେଉଁଥିରେ ସର୍ବୋଚ୍ଚ ନେତା ଅଲି ଖାମେନିଙ୍କ ସମେତ ଅନେକ ଶୀର୍ଷ ମନ୍ତ୍ରୀ, ସାମରିକ କମାଣ୍ଡର ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସରକାରୀ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି । ଏହି ସମୟରେ, ଇରାନର ପ୍ରତିଶୋଧମୂଳକ ଆକ୍ରମଣ ବିଶ୍ୱ ଅର୍ଥନୀତି ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିଛି । ଯୁଦ୍ଧ ଯୋଗୁଁ ଭାରତ ସମେତ ଅନେକ ଦେଶ ଅଶୋଧିତ ତୈଳ ଅଭାବର ସମ୍ମୁଖୀନ ହୋଇପାରେ ବୋଲି ଆଶଙ୍କା କରାଯାଉଛି ।

ବିଶ୍ୱ ତୈଳ ଯୋଗାଣରେ ସଙ୍କଟ

ପ୍ରତିକ୍ରିୟା ସ୍ୱରୂପ, ଇରାନ ବିଶ୍ୱର ୨୦ ପ୍ରତିଶତରୁ ଅଧିକ ତୈଳ ଯୋଗାଣ ବହନ କରୁଥିବା ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଭାବରେ ଅବରୋଧ କରିଛି । ଜଣେ ବରିଷ୍ଠ ଇରାନୀ ସାମରିକ କମାଣ୍ଡର ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ ଏହି ସମୁଦ୍ର ପଥ ଦେଇ ଯାଉଥିବା ଯେକୌଣସି ଜାହାଜକୁ ଟାର୍ଗେଟ କରାଯିବ । ଏହି ପଦକ୍ଷେପ ଅନ୍ତର୍ଜାତୀୟ ତୈଳ ବଜାରକୁ ନଷ୍ଟ କରିଦେଇଛି ଏବଂ ଅଶୋଧିତ ତୈଳ ମୂଲ୍ୟକୁ ରେକର୍ଡ ସ୍ତରକୁ ପଠାଇ ଦେଇଛି । ଭାରତ ଭଳି ଆମଦାନୀ-ନିର୍ଭରଶୀଳ ଦେଶମାନଙ୍କ ପାଇଁ ଏହି ପରିସ୍ଥିତି ଚିନ୍ତାଜନକ, କାରଣ ଦେଶର ପ୍ରାୟ ୪୦ ପ୍ରତିଶତ ଅଶୋଧିତ ତୈଳ ଯୋଗାଣ ଏହି ମାର୍ଗ ଦେଇ ଆସେ ।

ବିରୋଧୀଙ୍କ ଦାବି ଉପରେ ସରକାରଙ୍କ ପ୍ରତିକ୍ରିୟା

ଭାରତରେ ତୈଳ ସଙ୍କଟ ନେଇ ବିରୋଧୀଙ୍କ ଦାବି ମଧ୍ୟରେ, ପେଟ୍ରୋଲିୟମ ମନ୍ତ୍ରଣାଳୟର ସୂତ୍ର ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଛନ୍ତି । ସୂତ୍ର ଅନୁଯାୟୀ, ଦେଶର ଅଶୋଧିତ ତୈଳ ଷ୍ଟକ ୨୫ ଦିନ ପାଇଁ ଯଥେଷ୍ଟ, ଏବଂ ମାଙ୍ଗାଲୋର ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ସ ଲିମିଟେଡ (MRPL) ସମେତ ଅନ୍ୟାନ୍ୟ ରିଫାଇନାରୀ ଗୁଡ଼ିକରେ ମଧ୍ୟ ସଂରକ୍ଷଣ ରହିଛି । ଯଦିଓ ସାମ୍ପ୍ରତିକ ବିଭ୍ରାଟ ଯୋଗୁଁ କିଛି ୟୁନିଟ ବନ୍ଦ ହୋଇଯାଇଥିଲା, ସାମଗ୍ରିକ ପରିସ୍ଥିତି ନିୟନ୍ତ୍ରଣରେ ଅଛି ।

ମନ୍ତ୍ରଣାଳୟ ଗୁରୁତ୍ୱାରୋପ କରିଛି ଯେ ଭାରତ ଏବେ ହରମୁଜ ପ୍ରଣାଳୀ ଉପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ର୍ନିଭରଶୀଳତା ହ୍ରାସ କରିଛି ଏବଂ ଅନ୍ୟାନ୍ୟ ବିଶ୍ୱସ୍ତରୀୟ ଉତ୍ସରୁ ଆମଦାନି ବୃଦ୍ଧି କରିଛି । ତରଳୀକୃତ ପ୍ରାକୃତିକ ଗ୍ୟାସ (LNG) ସମ୍ମୁଖ ଭାଗରେ ମଧ୍ୟ ପରିସ୍ଥିତି ଉପୁଜିଛି, କାରଣ ମୋଟ LNGର କେବଳ ୩୦ ପ୍ରତିଶତ ହରମୁଜ ପ୍ରଣାଳୀରୁ ଆସେ । ବିବିଧତାର ଅଂଶ ଭାବରେ, ଯୁକ୍ତରାଷ୍ଟ୍ରରୁ LNG ଆମଦାନି ମୋଟର ୧୦ ପ୍ରତିଶତକୁ ହ୍ରାସ କରାଯାଇଛି । ଏହା ବ୍ୟତୀତ, ଆଜିର LPG ଅର୍ଡର ଘରୋଇ ବ୍ୟବହାର ପାଇଁ ଯୋଗାଣ ସୁନିଶ୍ଚିତ କରେ, ଯେତେବେଳେ ଦେଶର ବିଶାଳ ବିଶୋଧନ କ୍ଷମତା ଘରୋଇ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ । ସୂତ୍ର କହିଛନ୍ତି, "ଭୟ କରିବାର କୌଣସି ଆବଶ୍ୟକତା ନାହିଁ; ଦେଶ ଏକ ଆରାମଦାୟକ ସ୍ଥିତିରେ ଅଛି ।"

ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ମଧ୍ୟପ୍ରାଚ୍ୟ ଏବଂ ପଶ୍ଚିମ ଏସିଆରେ ଅଶାନ୍ତି ସୃଷ୍ଟି କରିଛି, ଯାହା ଆମଦାନୀ ଏବଂ ରପ୍ତାନି ଉପରେ ସର୍ବାଧିକ ପ୍ରଭାବ ପକାଇପାରେ । ଇରାନ ମଧ୍ୟପ୍ରାଚ୍ୟ ଏବଂ ଦକ୍ଷିଣ ଏସୀୟ ଦେଶଗୁଡ଼ିକ ମଧ୍ୟରେ ଏକ ପ୍ରମୁଖ ଆମଦାନୀ ଏବଂ ରପ୍ତାନି ପଥ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିବାକୁ ଧମକ ଦେଇଛି । ଏହି ସମୟରେ, ଭାରତୀୟ ଔଷଧ ରପ୍ତାନି ପ୍ରୋତ୍ସାହନ ପରିଷଦ (ଫାର୍ମେକ୍ସିଲ)ର ଅଧ୍ୟକ୍ଷ ନମିତ ଜୋଶୀ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ସାମରିକ ସଂଘର୍ଷ ଏବଂ ବର୍ଦ୍ଧିତ ବିଶ୍ୱ ମାଲ ପରିବହନ ଖର୍ଚ୍ଚ ଯୋଗୁ ମାର୍ଚ୍ଚରେ ରପ୍ତାନିରେ ବାଧା ସୃଷ୍ଟି ହେବା ଯୋଗୁ ଭାରତୀୟ ଔଷଧ ଶିଳ୍ପ ୨,୫୦୦ କୋଟିରୁ ୫,୦୦୦ କୋଟି ପର୍ଯ୍ୟନ୍ତ କ୍ଷତି ସହିପାରେ ।

ଗଲ୍ଫ ସହଯୋଗ ପରିଷଦ (GCC) ସଦସ୍ୟ ଦେଶଗୁଡ଼ିକ ଭାରତୀୟ ଔଷଧ କମ୍ପାନୀଗୁଡ଼ିକର ମୋଟ ରପ୍ତାନିର ୫.୫୮ ପ୍ରତିଶତ ଅଟନ୍ତି । ସେ କହିଛନ୍ତି ଯେ ପଶ୍ଚିମ ଏସିଆ ଏବଂ ଉତ୍ତର ଆଫ୍ରିକା ଅଞ୍ଚଳରେ ଔଷଧ ରପ୍ତାନିର ମୂଲ୍ୟ ୨୦୨୦-୨୧ ଆର୍ଥିକ ବର୍ଷରେ $୧୩୨୦.୪ ନିୟୁତରୁ ୨୦୨୪-୨୫ ଆର୍ଥିକ ବର୍ଷରେ $୧୭୪୯.୬ ନିୟୁତରେ ପହଞ୍ଚିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦଶ କିଲୋମିଟର ଦୂର ଏକ ମୁଣ୍ଡିଆ ଉପରେ ଏକ ବଡ଼ ଗଛ ମୂଳରେ ଶବକୁ ବସାଇଦିଅନ୍ତି । ଏହା କେଉଁବି ବଡ଼ ଗଛ ହୋଇପାରେ । ଏଠିତ ସବୁ ଦ୍ରୁମ ମହାବିଶାଳ । ବେଶ କିଛିଦିନ ପରେ ଶବରୁ ମାଂସ ସଢି ବାହାରିଯାଏ । ଶଢା ମାଂସକୁ ଗୋଧି ଭଳିଆ ଜୀବ ଖାଇଦେଉଥିବେ । ମାସେ ଦୁଇମାସ ପରେ କିଏ ଯାଇ କଙ୍କାଳରୁ ହାତ ବା ପାଦ କାଟି କୁଡିଆକୁ ନେଇଆସେ । ହାତ ପାଦ କାଟି ନେଇଆସୁଥିବା ବା ଶବକୁ ବୋହି ନେଇଯାଉଥିବା ବ୍ୟକ୍ତି ସାଧାରଣତଃ ନିଜ ପରିବାରର ହୋଇ ନଥାଏ । ଆଣିଥିବା ହାଡକୁ ନିଜ ପାଖରେରଖନ୍ତି । ମରିଥିବା ଲୋକର ସନ୍ତକ । ନଅ କିଲୋମିଟରର ଏକ ଜାରୱା ଅଣ୍ଟାରେ ଏକ ଛୁଆର ଖପୁରି ନେଇବୁଲେ । କଥାଟା ଟିକେ ଆଶ୍ଚର୍ଯ୍ୟ ଜନକ । କିନ୍ତୁ କ'ଣପାଇଁ ଖପୁରୀ ସାଙ୍ଗରେ ନେଇ ବୁଲେ ? ଆଉ ବାହାରେ ବୁଲିଲା ବେଳେ ବା ଶିକାର ଗଲାବେଳେ ଖପୁରୀକୁ ଅଣ୍ଟାରେ ଝୁଲାଇଥାଏ । କୁଡିଆରେ ରହିବା ବେଳେ ଖପୁରୀକୁ ଟାଙ୍ଗିଦିଏ । କାରଣ ଜାରୱାଟି ସେ ଛୁଆକୁ ବହୁତ ଭଲ ପାଉଥିଲା । ସେମାନେ ଜଙ୍ଗଲରେ କିଛି ଡରୁଥିବେ । କିନ୍ତୁ ଉତ୍ତର ସୁଧୀର ପାଖରେ ନଥିଲା । ବୋଧହୁଏ ଭୂତକୁ ଡରୁଥିବେ ।

ଏମିତି କିଛି ସମୟ ଭିନ୍ନଭିନ୍ନ କଥା ଚାଲିଲା । ଆଉ ପହଞ୍ଚିଲା ବିବାହ ଓ ପ୍ରେମଉପରେ । ସମାଜରେ ଏକ ଅତି ସାଧାରଣ କିନ୍ତୁ ସବୁଠାରୁ ଆବଶ୍ୟକ ପ୍ରଥା ହେଉଛି ନାରୀ ଆଉ ପୁରୁଷର ମିଳନ । ସେଥିରୁ ସମାଜ ଆଗକୁ ବଢେ । ଭିନ୍ନଭିନ୍ନ ସମାଜରେ ଅଲଗା ଅଲଗା ରୀତିନିତି ଅଛି ବିବାହର ବା ମିଳନର । ଆଦିବାସୀଙ୍କର ମଧ୍ୟ ସେମିତି ପ୍ରଥା ଅଛି । ଏକ ନାରୀ ପୁରୁଷ ସହ କିଛିଦିନ ରହିବା ଆବଶ୍ୟକ । ତେବେ ଯାଇ ସନ୍ତାନ ଉତ୍ପତ୍ତିହେବ । ସମାଜର ଅଗ୍ରଗତି ହେବ । ତେଣୁ ଏ ଘଞ୍ଚ ଜଙ୍ଗଲର ଆଦିବାସୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତ ମଣିଷ । ସେମାନଙ୍କର ମଧ୍ୟ କିଛି ପ୍ରଥା ଥିବ । ଉତ୍ତମ ଯୁବକ ବ୍ୟକ୍ତି । ତେଣୁ ସବୁବେଳେ କଥାଟା ବୁଲିଯାଇ ବିବାହ ଆଉ ପ୍ରେମ ପାଖକୁ ଆସିବା ସ୍ୱାଭାବିକ । ଜାରୱା ଅଞ୍ଚଳରେ ବାହା ନହେବାଯାଏଁ ପୁଅ ଝିଅ ଅଲଗା ରୁହନ୍ତି । ବାହାଟା ନିଜ ଗାଁରେ ହୋଇପାରେ ବା ଅନ୍ୟ ଗାଁରେ ମଧ୍ୟ ହୋଇପାରେ । ଭାଇ, ଭଉଣୀ ମଧ୍ୟରେ ବିବାହ ବିବର୍ଜିତ । ଏତେ ପ୍ରିମିଟିଭ ଟ୍ରାଇବମାନଙ୍କ ମଧ୍ୟରେ ଏ ସମ୍ବନ୍ଧ ଅଗ୍ରହଣୀୟ । ଏ ସାମାନ୍ୟ ଜ୍ଞାନ ସେମାନଙ୍କ ମଧ୍ୟରେ ମଧ୍ୟ ଅଛି । ସେମାନଙ୍କୁ ନିଜ ନିଜସମ୍ବନ୍ଧୀଙ୍କ ବିଷୟରେଜଣା ଅଛି । ଏକ ଜାରୱାକୁ ଦେଖାହେଲେ ତା'ର ମାମୁଁ ଇତ୍ୟାଦିଙ୍କ କଥା ପଚାରନ୍ତୁ । କିଏ କହିବ ଯେ ମୋ ମାମୁଁ ତ ଡିଗ୍ଲୁରରେ ରହୁଛି. କିଏ କହିବ ଯେ ମୋ ମାମୁଁ କଦମତାଲରେ ରହୁଛି । ଏମିତି କହିବେ ।

ଆଚ୍ଛା କୁହତ ଏମାନେ ହୋଲି ତାରିଖ କେମିତି ଜାଣନ୍ତି ? ଏମାନଙ୍କ ପାଖରେ କ୍ୟାଲେଣ୍ଡର ନାହିଁ । କିନ୍ତୁ ହୋଲିଦିନ ପକ୍କା ନିଜ ଭିତରେ ହୋଲି ଖେଳିବେ ।- ସେବାଷ୍ଟିଆନ ପଚାରିଲେ। ପ୍ରଶ୍ନଟା ସୁଧୀର ପାଇଁ ଥିଲା ।

ଏଇଟା ବଡ଼ ଆଶ୍ଚର୍ଯ୍ୟର ପ୍ରଶ୍ନ ଥିଲା ସମସ୍ତଙ୍କ ପାଇଁ । ସୁଧୀର ବି ଉତ୍ତର ଜାଣିନଥିଲା । ଆଶ୍ଚର୍ଯ୍ୟର କଥା ମଧ୍ୟ ତା' ପାଇଁ । ସେବାଷ୍ଟିଆନଙ୍କ କଥା ହିସାବରେ ନିଜ ଭିତରେ ଲାଲ ଧଳାମାଟି ବୋଳାବୋଳି ହୁଅନ୍ତି । ସେ କହିଲେ ଯେ ପୋଟାଟାଙ୍ଗରେ ଥିବା ସମୟରେ ହୋଲିଦିନ କାମ ବନ୍ଦ ରୁହେ । ଜଣାନାହିଁ ସେଦିନ କେମିତି ଜାରୱାମାନେ ହୋଲି ମନାନ୍ତି । ବାହାର ଲୋକ ଦେଖିଲେ ଅକାରଣରେ ଜାରୱା ତୀର ମାରିଦେବ । ଆଙ୍ଗୁଠି କାଟିନେଇ ପଳାଇବ । ମୋମେଣ୍ଟୋ ।

ଏଇଟା ଆଗ ଘଟଣା ହୋଇଥିବ । ଏବେ ସେମିତି କିଛି ଘଟୁନି ।- ସୁଧୀର ଏତିକି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହିଥିଲା ।

ଅବିନାଶ ଭାବିଲା ସେବାଷ୍ଟିଆନଙ୍କର ଏମିତି କହିବାଟା ଏକ କାକତାଳୀୟ ବିଚାର । ସେମିତି କିଛି ଥରେ ଘଟିଛି ଆଉ ଏ ବ୍ୟକ୍ତି ଏହାକୁ ଏକ ପ୍ରଥା ମାନିଲେଣି । ହୁଏତ ସେବାଷ୍ଟିଆନ କ୍ୟାମ୍ପରେ ଥିଲାବେଳେ ପାଖରେ ଜାରଜ୍ୱାମାନଙ୍କୁ ଦେଖିଛନ୍ତି । ସେମାନେ ନିଜ ଭିତରେ ମ୍ୱାଟି ବୋଲାବୋଲି ହୋଇଥିବେ ଆଉ ଯୋଗକୁ ସେଦିନ ହୋଲି ଥିବା ଫଳରେ ଏହାକୁ ହୋଲିର ପର୍ବବୋଲି ସେବାଷ୍ଟିଆନ ଭାବିଛନନ୍ତି । ସେବାଷ୍ଟିଆନଙ୍କ ପୁରୁଣା ଭାବନା ଆଉ ସୁଧୀରର ଆଜିର ଅଭିଜ୍ଞତା ଭିତରେ କେତେ ପ୍ରଭେଦ ଅଛି । ସେବାଷ୍ଟିଆନ ଏକ ଡରର ବାତାବାରଣକୁ ନିଜ ସହ ନେଇ ଚାଲିଛନ୍ତି ଆଉ ସୁଧୀର ଡର ସହ ଚାଲି ଡରକୁ ନିଜଠାରୁ ଦୂରେଇ ଦେଉଛି । ବୟସ ମଧ୍ୟ ହୋଇପାରେ । ସେବାଷ୍ଟିଆନ ମଧ୍ୟ ବୟସ୍କ ବ୍ୟକ୍ତି ଆଉ ସୁଧୀର ପ୍ରାୟ ଯୁବକ । ସେମାନଙ୍କ ମନରେ ସାହାସର ପ୍ରଭେଦ ଥିବ । ଉତ୍ତମ ତା' ଭିତରେ ସେମାନଙ୍କର ଜୀବନକୁ ଖୋଜୁଛି । ସେଠି ଅନନ୍ଦ ଆଉ ଉତ୍ସାହ ଥିବା । ସବୁ ସମାଜରେ ଖୁସି ମନେଇବାପାଇଁ କିଛି ନା କିଛି ଅଛି । ସେ ସୁଧୀର ସହ କଥାବାର୍ତ୍ତା କରିଚାଲିଲା । ଅନ୍ୟମାନେ କଥାକୁ ଉପଭୋଗ କରୁଥିଲେ ।

ସେବାଷ୍ଟିଆନ ଆଉ ସୁଧୀରଙ୍କ କଥାରୁ ଅନେକ ନୂତନ ତଥ୍ୟ ବାହାରକୁ ଆସୁଥିଲା । ଜାରଜ୍ୱାମାନେ କେମିତି ନାଚନ୍ତି, ଗାଆନ୍ତି । ବାହାଘର ଇତ୍ୟାଦିରେ ବୋଧହୁଏ ନାଚନ୍ତି । ସେମାନେ କେଉଁ ବାହାଘର ଅବଶ୍ୟ ଦେଖିନାହାନ୍ତି । ସନ୍ଧ୍ୟାରେ ସୁଧୀର ଡ୍ୟୁଟିରୁ ଫେରିଯାଏ । ସକାଳେ ଫେରିଲାବେଳକୁ ଜାଣେ ଯେ ବାହାଘର ହୋଇଯାଇଛି । ଅନେକ କଥା ବାହାଘର ସମୟର ପ୍ରଥା କଥା ଶୁଣିଛି, କେତେ ସତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜେ ଜାଣିନି । ବାହାଘର ସ୍ଥିର ହୋଇଗଲେ ଝିଅ ପୁଅର ବାପ କୋଳରେ ବସିବ, ଆଉ ପୁଅ ଝିଅର ବାପ କୋଳରେ । ତା'ପରେ ଦୁହେଁ ପାଖକୁ ଆସିବେ । ବାସ୍ ବାହାଘର ହୋଇଗଲା । ବାହାଘରେ ଖିଆପିଆ ହୁଏ । ମାଛ, କଙ୍କଡା ଆଦି ଖାଇବେ । ନାଚିବେ, ଗାଇବେ । ମଦ ପାଇଲେ ମସ୍ତ ନାଚିବେ ।

କିନ୍ତୁ ମଦ ପାଇବେ କେଉଁଠୁ ? ମଦ ତିଆରି ତ ସେମାନେ ଜାଣି ନଥିବେ ।- ଉତ୍ତମ ପଚାରିଲା ।

ମହୁ ପିଇଲେ ମସ୍ତ ନିଶା ଲାଗେ ।- ସେବାଷ୍ଟିଆନ କହିଲେ।

ଅବିନାଶ ଆଉ ଅନ୍ୟମାନଙ୍କ ମନରେ ବାହାରେ ମିଳୁଥିବା ସାଧାରଣ ମଦ କଥା ଆସୁଥିଲା । କେଉଁଠି ମୁଖ୍ୟ ଭାରତ ଖଣ୍ଡରେ ମହୁଲି, ହାଣ୍ଡିଆ ଇତ୍ୟାଦି ମଦ ଆଦିବାସୀମାନେ ପିଅନ୍ତି । କେଉଁଠି ଅନ୍ୟ ପାମ ଜାତୀୟ ଗଛ ଯଥା ଖଜୁରୀ ବା ସଲପ ଇତ୍ୟାଦିରୁ ରସ ପିଇ ନିଶା କରନ୍ତି । କିନ୍ତୁ ଏଠି ସେମିତି କିଛି ଅଛି କି ? ଆଉ ସେବାଷ୍ଟିଆନ ଯାହା କହିଲେସମସ୍ତଙ୍କର କାନ ଠିଆ ହୋଇଗଲା । ଏକଦମ ଭିନ୍ନ କଥା ଥିଲା ।

ମହୁ ପିଇଲେ ନିଶା ଲାଗେ ! - ଏକଥା ଅବିନାଶ କହି ନିଜ ମୁଣ୍ଡ ଜୋରରେ ହଲାଇଦେଲା । ତା'କୁ କଥାଟା ବିସ୍ମୟକରୀ ଲାଗୁଥିଲା ।

ଏକ ଗ୍ଲାସ ମହୁ ପିଇନେଲେ ନିଶା ଲାଗିବ ତ ଲାଗିବ । ତା' ଉପରେ ଯଦି ପାଣି ପିଇଦେଲ ତେବେ ଝାଡା ହେବ ତ ହେବ ।- ସେବାଷ୍ଟିଆନ ପୁଣି କହିଲେ ।

ମୁଁ ତ ଚାମଚେ ଦୁଇ ଚାମଚ ମହୁ ପିଇଛି । ସେଥିରେ ନିଶା ହେବା କଥା ଜାଣିନି । ଗ୍ଲାସେ ମହୁ ପିଇବା କଥା କେବେ ଭାବିନି ତ ।- ଅବିନାଶ କହିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥରେ ମୁଁ ପରୀକ୍ଷା କରିବା ପାଇଁ ଦୁଇଗ୍ଲାସ ମହୁ ପିଇନେଲି । ସେଇଠି ପଡିକି ରହିଲି ।- ସେବାଷ୍ଟିଆନ କହୁଥିଲେ। ଏକ ନୂଆ କଥା, କିନ୍ତୁ କେତେ ସତ କେଜାଣି । କେହି ଗ୍ଲାସେ, ଦୁଇଗ୍ଲାସ ମହୁ ପିଏନି । ହୁଏତ ହୋଇଥିବ ।

ଏ ଭିତରେ ସେମାନେ ଜଙ୍ଗଲ ଭିତରେ ଅନେକ ବୁଲି ସାରିଥିଲେ । ସେମାନେ ଏବେ ରାସ୍ତାକୁ ଆସିବେ । ବେଶ ତିଖ ଟିକିରି ( ଛୋଟ ମୁଣ୍ଡିଆ ବା ପାହାଡ) ଚଢ଼ିବାକୁ ପଡୁଥିଲା । ରାସ୍ତା ତ ନଥିଲା । ଜଙ୍ଗଲ କାଟିକାଟି ରସ୍ତା ତିଆରି କରିବାକୁ ପଡୁଥିଲା । ଉଚ୍ଚାନିଚା ଜାଗା । ତଳ ଆଡକୁ କେଉଁଠି କେଉଁଠି ନାଳମାନ ମିଳୁଥିଲା । ସବୁଥିରେ ଅଳ୍ପ ପାଣି । ଅନେକ ଅନେକ ବେତ ବଣ ଥିଲା । କେଉଁଠି କେଉଁଠି ହାତେ ମୋଟାର ବେତ । କିଛି ବେତ ତ ପୁରା ଲାଲ ରଙ୍ଗର ଥିଲା । ଅସଂଖ୍ୟ ଗଛ । ତଳେ ପ୍ରାୟ ଖରା ପଡୁନଥିଲା ଯାହା ଥିଲା ହାଲୁକା ଆଲୋକ । ଉପରେ ଗଛଡାଳମାନ ଏକ ବଡ଼ ଛତା କରିଦେଇଛି । କିଛି କଣଦେଇ ଯାହା ଆଲୋକ ବା ବର୍ଷା ତଳକୁ ଝରି ଆସିବ । ସେମାନେ ଏମିତି କିଛି ବୈଜ୍ଞାନିକ ଅନୁସଂଧାନ ପରେ ଉପରକୁ ଆସିଲେ । ସେପଟକୁ ରାସ୍ତା ଏକ ଜାରୱା କୁଡିଆ ଦେଇ ଆଗକୁ ଯାଇଛି । ସୁଧୀର କହିଲା ସେଇ କୁଡିଆ ଦେଇ ଆଗକୁ ଯାଇହେବ । ସମସ୍ତଙ୍କର ଉତ୍ତେଜନା ଚରମରେ ଥିଲା । ସେମାନେ କାମ କରୁକରୁ ଏକ ଜାରୱା କୁଡିଆକୁ ପଡାକୁ ଦେଖିବେ ଆଉ ହୁଏତ ସେମାନଙ୍କ ସହ କିଛି ଭାବ ବିନିମୟ କରିବେ । ଏଇଟା ବଡ଼ ସୌଭାଗ୍ୟର କଥା । ସବୁବେଳପାଇଁ ମନେ ରହିବ । କେତେ ଲୋକେ କେତେ କହିଛନ୍ତି ଜାରୱାମାନଙ୍କ ଉପରେ । ଏମାନେ ଏକଦମ ପାଖଦେଇ ଯିବେ ।

ଜାରୱା ହଟ ଦୂରରୁ ନିକୋବରୀ ହଟ ଭଳି ଲାଗୁଥିଲା । ନିକୋବରୀ ହଟ ଏକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାଉଁଶ ପ୍ଲାଟଫର୍ମ ଉପରେ ତିଆରି ହୁଏ । କିନ୍ତୁ ଜାରୱା ହଟ ମାଟି ଉପରେ ତିଆରି ହୋଇଥିଲା । ରାସ୍ତାର ଧାରରୁ ମୁଣ୍ଡିଆ ଉପରେ ଏତେ ବଡ଼ ପ୍ରାୟ ଅଣ୍ଡା ଆକାରର ଗୋଲ ଘର ଦେଖାଯାଉଥିଲା । ଆଉ ପାଖରେ କାହିଁ ଅଲଗା କୁଡିଆ ଦେଖାଯାଉ ନଥିଲା । ଘର ଉପରେ ପତ୍ର ଛାଉଣୀ ଥିଲା । ବହୁତ ବଡ଼ କୁଡିଆ ।

ଏଇଟା କ'ଣ ଜାରୱା ଗାଁ ?- ଅବିନାଶ ଟିକିଏ ଦୂରରୁ ଦେଖାଯାଉଥିବା ସେହି କୁଡିଆକୁ ଦେଖି କହିଲା । ସୁଧୀର କହିବା ହିସାବରେ ଏକ ଜାରୱା ଗାଁ ଅଛି । କିନ୍ତୁ ଏଠାରେ ଗୋଟିଏ କୁଡିଆ ଦେଖାଯାଉଥିଲା । ଗାଁ ଗୁଡାକ କ'ଣ ଏତେ ଛୋଟ ? ଅବିନାଶର ମନରେ ସାମନ୍ୟ ସନ୍ଦେହ ଥିଲା ।

ଜାରୱା ଗାଁରେ ତ ଗୋଟାଏ ଘର ହୁଏ । ପ୍ରାୟ ସବୁ ଗାଁରେ ମୁଁ ଗୋଟାଏ ଗୋଟାଏ ଘର ଦେଖିଛି ।– ସୁଧୀର କହିଲା

ଏ ବଡ଼ କୁଡିଆରେ କେତେଟା ପରିବାର ଥିବେ ? ସୁଧୀର ଜଣାଇଦେଲା ଯେ ଏଠି ୧୧ଟା ପରିବାର ଅଛନ୍ତି । ଜାରୱାମାନେ ସାଧାରଣତଃ ଛୋଟ ମୁଣ୍ଡିଆ ଉପରେ ଘର କରନ୍ତି । ଏପରି ସ୍ଥାନରେ ଘର କରନ୍ତି ଯେମିତିକି ଗଛ ଉପୁଡି ପଡିଲେ ଘର ଉପରେ ପଡ଼ିବନି । ଏତେ ବଡ଼ କୁଡିଆରେ ନିଜ ନିଜ ପରିବାର ହିସାବରେ ଶୁଅନ୍ତି । ଝିଅ ନିଜ ପରିବାର ପାଖରେ ଶୁଏ । ପୁଅ ଟିକିଏ ଛାଡିକରି ଶୁଏ । କିଛି ପୋଷା ଜୀବଜନ୍ତୁ ରଖନ୍ତି ନାହିଁ ? କିନ୍ତୁ ବେଳେବେଳେ କୁକୁର ରଖନ୍ତି । କିନ୍ତୁ କୁକୁର ତ ଏଠି କାହିଁ ଭୁକୁନି । ସବୁ ଗାଁରେ ବାହାର ମଣିଷ ଆସିଲେ କୁକୁର ଭୁକେ । ସୁଧୀର ଜଣାଇଦେଲା କୁକୁର ଥିଲା, କିନ୍ତୁ ଏବେ ମରିଯାଇଛି ।

ଜାରୱାମାନଙ୍କ ଆକ୍ରମଣ ବିଷୟରେ ସମସ୍ତେ ବହୁତ କଥା ଶୁଣିଥିଲେ । କିନ୍ତୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁଧୀର କହିବା ହିସାବରେ ଆଜିକାଲି ବନ୍ଧୁତ୍ୱପୂର୍ଣ୍ଣ ସ୍ୱଭାବ ଦେଖାଉଛନ୍ତି । ଏଠାକାର ଜାରଙ୍ଗା ଭଲ, ଯାହା କହିବେ ମାନଯିବେ । ହୁଏତ ହୋଇପାରେ, ସୁଧୀର ଭଳି କର୍ମଚାରୀମାନେ ସରକାରୀ ଖାଇବା ଆଉ ଅନ୍ୟ ଜିନିଷପତ୍ର ଦେଉଛନ୍ତି । ସୁଧୀର ତଥାପି ଜଣାଇଲା ଯେ ଏଠାକାର ଜାରଙ୍ଗା ବହୁତ କଥା ମାନି ଯାଆନ୍ତି । କିନ୍ତୁ ଚାରି କିଲୋମିଟରର ଜାରଙ୍ଗା ମୋଟେ କଥା ମାନିବେ ନାହିଁ । ପୋଟାଟାଙ୍କର କୁଡିଆ ଭାଙ୍ଗିଗଲା । ତେଣୁ ସେମାନେ ସେଠାରୁ ଚାଲିଗଲେ । ବେଳବେଳେ ସେମାନେ ନିଜ କୁଡିଆ ଛାଡି ଆଉ କେଉଁଠିକି ଚାଲିଯାଆନ୍ତି । ଚାଲିଲେ ଏଇ ଚାରି ପାଞ୍ଚ ଘଣ୍ଟା ଦୂରରେ ସମୁଦ୍ର । ସେମାନେ ସମୁଦ୍ରକୂଳକୁ ଯାଇ କିଛି ଦିନ ରୁହନ୍ତି ପୁରା ଗାଁ ଖାଲି ହୋଇଯାଏ ।

ଏମାନଙ୍କୁ ଜ୍ୱର ଇତ୍ୟାଦି ହୁଏ । ସରକାରୀ ନର୍ସ ଆଉ ଡାକ୍ତରାଣୀ ଦେଖନ୍ତି । ଏଇଟା ଏବେକାର କଥା । ଔଷଧ ଦିଅନ୍ତି । ଆଗରୁ କିଛି ଡାକ୍ତରୀ ସୁବିଧା ପହଞ୍ଚ୍ □ ଚ ନଥିଲା । ସେମାନେ ଲୋକଙ୍କ ସହ ମିଶୁ ନଥିଲେ ।

ଜାରଙ୍ଗାମାନେ ପାନ ଖାଆନ୍ତି । ଜଙ୍ଗଲରେ ପାନ ପତ୍ର ବହୁତ ମିଳେ । ସମସ୍ତଙ୍କ ଦାନ୍ତ ପ୍ରାୟ କଳା ପଡିଥିବାର ଦେଖାଯାଏ । ଏବେ କିଛି ଟୁଥବ୍ରଶ ବ୍ୟବହାର କରିବା ଧିରେ ଶିଖିଲେଣି । ସରକାର ଯୋଗାଇ ଦେଉଛନ୍ତି । ଗାଧୋଇଲାବେଳେ ସାବୁନ ଲଗାଇଲେଣି । ବାଳ ଛୋଟଛୋଟ । କାଟନ୍ତି କେମିତି ? ଜନ୍ମରୁ କ’ଣ ଏମିତି ବାଳ ନା କ’ଣ ? ନିଗ୍ରୋଏଡ ରେସ । ତେଣୁ ବାଳ ଛୋଟ ଆଉ କୁଞ୍ଚୁକୁଞ୍ଚିଆ ଥିବ । ଆଗେ ବାଳକୁ ଜଳାଇ ଦେଉଥିଲେ । ମୁଣ୍ଡର ଉପର ତ ପୋଡି ଯାଉଥିବା ବଡ଼ କଷ୍ଟକର ପଦ୍ଧତି ବାଳ କାଟିବାର । କିନ୍ତୁ ପ୍ରକୃତରେ ଉପରୁ ଅଙ୍ଗାର ଦେଖାଇଲେ ବାଳ ପୋଡିଯିବ । କିଛି କଷ୍ଟ ହେବନି । ଏକ ବଢିଆ ଉପାୟ ତ । କଇଁଚି ବିନା ଏମିତି ବି ବାଳ କଟାଯାଇପାରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅବଶ୍ୟ ଆଜିକାଲି ସେମିତି ଆଉ ବାଳ କାଟୁ ନାହାନ୍ତି, ଚାକୁରେ କାଟିଦେଉଛନ୍ତି । ସାମାନଙ୍କୁ କିଛି ଘରକରଣା ସାମଗ୍ରୀ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଛି ।

ଗୋଟାଏ ପକ୍ଷୀ ଆବାଜ କଲା । ସେବାଷ୍ଟିଆନ ସେ ପକ୍ଷୀକୁ ଠଉରାଇ ପାରିଲେ ନାହିଁ ।

ଏଇଟା ଏକ ବଡ଼ କାଠହଣା ପକ୍ଷୀର ଡାକ ।- ସୁଧୀର କହିଲା ।

ସବୁ ଆଦିବାସୀ ଗାଁରେ କୁକୁଡା, ଛେଳି । ଏମାନେ କୁକୁଡା କାହିଁକି ରଖୁନାହାନ୍ତି ? ଅଣ୍ଡା ପାଇବେ, ମାଂସ ପାଇବେ । ବୋଧହୁଏ ଆଜି ପର୍ଯ୍ୟନ୍ତ ଅନୁମତି ନାହିଁ । ଅନୁମତି ମିଳିଲେ ରଖିବେ ।

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଡ଼ ବାବୁ

## ଧାରାବାହିକ କାହାଣୀ - ଭାଗ ୩

ବଡ଼ବାବୁଙ୍କ ଦୟାରୁ ରମେଶ ଚାରିଦିନ ନିଜ ଶଶୁର ଘରେ ରହିବା ପରେ ଅଫିସକୁ ଫେରିଲା । ଘରେ ସମସ୍ତେ ବହୁତ ଖୁସି । ଜୟନ୍ତୀ ମଧ୍ୟ ଅନେକ ଦିନ ହେଲା ନିଜ ଘରକୁ ଯିବାପାଇଁ ଚାହୁଁଥିଲା । ପିଲାମାନେ ମଧ୍ୟ ଅଜାଘର ଯାଇ ବୁଲି ଆସିଲେ ।

ବିଶେଷ କାର୍ଯ୍ୟକ୍ରମ ସରିବା ପରେ ରମେଶ ଅଫିସକୁ ଫେରିବା ପରେ ବଡ଼ବାବୁଙ୍କ ପାଇଁ ଆଣିଥିବା ମିଠା ନେଇ ଟେବୁଲ୍ ଉପରେ ଥୋଇଲେ । ବଡ଼ବାବୁ ମିଠା ପୁଡ଼ାକୁ ଚାହିଁ ହସିଦେଇ କହିଲେ, ଆଉ ବୁଲାବୁଲି କେମିତି ହେଲା ? ରମେଶ କୃତକୃତ୍ୟ ହୋଇ କହିଲା, ଆପଣଙ୍କ ଦୟାରୁ ଏହା ସମ୍ଭବ ହୋଇପାରିଲା । ବଡ଼ବାବୁ ମିଠା ପୁଡ଼ାକୁ ଖୋଲିଦେଇ ଗୋଟିଏ ମିଠା ହାତରେ ନେଇ ଖାଇଲେ । ରମେଶ ଅଫିସ ଏନ୍ ଭିତରକୁ ଫେରି ଆସୁଥିଲା ଏଇ ସମୟରେ ବଡ଼ବାବୁ କହିଲେ, ରୁହନ୍ତୁ । ଏଇ ମିଠା ପୁଡ଼ାଟା ଘନକୁ ଦେଇ ଦିଅନ୍ତୁ । ସମସ୍ତଙ୍କୁ ବାଣ୍ଟି ଦେବ । ରମେଶ କହିଲା, ସାର୍ ମୁଁ ସମସ୍ତଙ୍କ ପାଇଁ ମିଠା ଆଣିଛି । ବଡ଼ବାବୁ କହିଲେ, ବୁଝିଲେ ରମେଶ ବାବୁ ମୁଁ ହେଲି ସୁଗାର୍ ବେମାରୀର ରୋଗୀ । ଏତେ ମିଠା ମୋ ପାଇଁ ଭଲ ନୁହେଁ ।

ଅଫିସ ଭିତରେ ସବୁ କର୍ମଚାରୀ ମିଠା ଖାଇବା ସହ ରମେଶ ବାବୁଙ୍କୁ ଅଭିନନ୍ଦନ ଜଣାଉଥିଲେ ।  ସେଦିନ ଅଫିସରେ ଚିରାଚରିତ ଢଙ୍ଗରେ କାମ ଚାଲିଥିଲା । ସନ୍ଧ୍ୟା ହେଉ ହେଉ ବଡ଼ବାବୁ ଜଣାଇଥିଲେ ଯେ ସରକାର ଦେଇଥିବା କାମକୁ ସଫଳତାର ସହ ଆମେ ସମ୍ପୂର୍ଣ୍ଣ କରି ପାରିଛୁ । ଏହି ଘଟଣା ପରେ ଅଫିସରେ ରମେଶ ବାବୁଙ୍କ ପ୍ରତିପତ୍ତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଧିକ ବଢ଼ି ଯାଇଥିଲା । ଅନ୍ୟ କର୍ମଚାରୀମାନେ ବୁଝି ସାରିଥିଲେ ଯେ ରମେଶ ବାବୁ ବଡ଼ବାବୁଙ୍କ ପାଖ ଲୋକ ।

ତେଣେ ଘରେ ମଧ୍ୟ ସମସ୍ତେ ଭାରି ଖୁସି ଥିଲେ । ଏହିଭଳି ସମୟ ଆସିବ ବୋଲି ରମେଶ ବାବୁ ବାର୍ଷିକ ଭାଗ୍ୟଫଳ ପଢ଼ିବା ସମୟରେ ସୂଚନା ପାଇଥିଲେ । ନୁଆବର୍ଷ କ୍ୟାଲେଣ୍ଡରରେ ଏହି ବିଷୟରେ ଯେତେବେଳେ ଜୟନ୍ତୀ ପଢିବା ପରେ କହିଥିଲା ସେତେବେଳେ ରମେଶ ବାବୁ ହସିଦେଇ କହିଥିଲେ ଦଶଟଙ୍କାର କ୍ୟାଲେଣ୍ଡର୍ର ଉପରେ ଏତେ ଭରସା ? ଜୟନ୍ତୀ କହିଥିଲା ଲେଖା ହେଇଛି ବୋଲି ତ କହୁଛି । ରମେଶ ଏ ସବୁ ବିଷୟ ବିଶ୍ୱାସ କରେନି । ସେ ଭାବେ ଏ ସବୁ ଗାଲୁ ଗପ । ସବୁ ମିଶାମିଶି କରି କଣ ଗୋଟେ ଲେଖିଦେବା କଥା । ସେଥିରେ କିଛି ଭଲ କିଛି ଭେଲ ମିଶିକି ରହିଲେ ହେଲା । ଲୋକମାନେ ନିଜେ ନିଜ ଜୀବନର ଘଟଣାକୁ ନେଇ ଏଇ ଲେଖା ସହ ମିଶାଇ କିଛି ନା କିଛି ଅନୁଶୀଳନ କରିଦେବେ । ଜୟନ୍ତୀ କିନ୍ତୁ ଏ ସବୁରେ ବିଶ୍ୱାସ କରେ । ସେ କହେ, ଭବିଷ୍ୟବାଣୀ ବେଳେ ବେଳେ ସତ ବି ହୁଏ ନା । ରମେଶ କୁହେ ଅନେକ ସମୟରେ ମିଛ ବି ହୁଏ ନା । ସେଇ କଥାଟା କହୁନ । ସେ ଯାହେଉ, ଆଜି ସନ୍ଧ୍ୟାରେ ରମେଶ ଘରକୁ ଫେରିବା ପରେ କ୍ୟାଲେଣ୍ଡରର ପୃଷ୍ଠା ଓଲଟାଇ ଦେଖିବାକୁ ଚାହୁଁଥିଲା ଆଉ କଣ କଣ ଲେଖା ଅଛି ।

ପରଦିନ ସକାଳୁ ସକାଳୁ ଅଫିସରେ ପହଞ୍ଚିବାରେ ରମେଶ ଥିଲା ପ୍ରଥମ ବ୍ୟକ୍ତି । ବଡ଼ବାବୁ ଆସିବା ବେଳକୁ ରମେଶ ଅଫିସ ପିଣ୍ଡାରେ ଠିଆ ହୋଇଥିଲା । ବଡ଼ବାବୁ ଅଫିସର ଚାବି ପେନ୍ଥାଟା ରମେଶ ହାତକୁ ବଢ଼େଇ ଦେଲେ । ଏହାପରେ ଏହି ବ୍ୟବସ୍ଥା ସବୁଦିନିଆ ହୋଇଗଲା । ଦିନେ ବଡ଼ବାବୁ କହିଲେ, ରମେଶ ବାବୁ ଆପଣ ତ ସବୁଦିନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସକାଳୁ ସକାଳୁ ଆସୁଛନ୍ତି, ବରଂ ଆପଣ ଅଫିସ ଚାବି ନିଜ ପାଖରେ ରଖିଥାନ୍ତୁ । ଏହି ଖବର ଅଫିସରେ ପହଞ୍ଚିବାକୁ ବିଳମ୍ବ ହେଲାନି । ଘନ ଏହି ବିଷୟ ଜଣାଇବା ପରେ ସମସ୍ତେ ରମେଶ ବାବୁଙ୍କ ଗୁରୁତ୍ୱକୁ ବୁଝିପାରୁଥିଲେ ।

ଦିନେ ସକାଳୁ ରମେଶ ଅଫିସ ପହଞ୍ଚିବା ପରେ ସମସ୍ତ କର୍ମଚାରୀ ଆସି ପହଞ୍ଚିଲେ କିନ୍ତୁ ବଡ଼ବାବୁ ଆସିଲେ ନାହିଁ । ଏହିଭଳି ସାଧାରଣତଃ ଆଦୌ ହୁଏ ନାହିଁ । ସମସ୍ତେ ଭାବୁଥିଲେ ବଡ଼ବାବୁ ନିଶ୍ଚୟ ନିଜର ଅନୁପସ୍ଥିତି ବିଷୟରେ ରମେଶ ବାବୁଙ୍କୁ ଜଣାଇ ଥିବେ । ହେଲେ ରମେଶ ବି ଜାଣିନଥିଲା କାହିଁକି ବଡ଼ବାବୁ ଆସିନାହାନ୍ତି । ଅଫିସ ଖୋଲିବାର ଘଣ୍ଟାଏ ଉପରେ ହୋଇଗଲା କିନ୍ତୁ ବଡ଼ବାବୁ ଦେଖାନାହିଁ । ରମେଶ ବଡ଼ବାବୁଙ୍କୁ ଫୋନ୍ କରିଲା । ଫୋନ୍ ରିଙ୍ଗ୍ ହେଲା ଆଉ ବନ୍ଦ ବି ହୋଇଗଲା । କିଛି ଉତ୍ତର ନ ପାଇ, ଶେଷରେ ରମେଶ ଘନକୁ ବଡ଼ବାବୁଙ୍କ ଘରକୁ ଯିବାପାଇଁ ନିର୍ଦ୍ଦେଶ ଦେଲା ।

କିଛି ସମୟ ପରେ ଘନ ଫୋନ୍ କରି ଜଣାଇଲା ଯେ ବଡ଼ବାବୁଙ୍କ ଦେହ ଆଦୌ ଭଲ ନାହିଁ । ରମେଶ ତୁରନ୍ତ ବଡ଼ବାବୁଙ୍କ ଘରେ ପହଞ୍ଚିଲା । ଘରେ କେବଳ ବଡ଼ବାବୁ ଆଉ ତାଙ୍କ ପତ୍ନୀ ହିଁ ଥାଆନ୍ତି । ରମେଶ୍ ଏଣେତେଣେ ଚାହୁଁଥାଏ, ଏଇ ସମୟରେ ବଡ଼ବାବୁ ପଚାରିଲେ, "କଣ ହେଲା ରମେଶ ? କଣ ଖୋଜୁଛ ?" ରମେଶ ଧିର ସ୍ୱରରେ କହିଲା, "ସାର୍ ଆପଣଙ୍କ ପିଲାମାନେ କେହି ଦେଖାଯାଉ ନାହାନ୍ତି ?" ବଡ଼ବାବୁ ଆସ୍ତେ କିନା ହସିଦେଇ କହିଲେ, "ପିଲାମାନେ ସବୁ ବଡ଼ ହୋଇଗଲେଣି ରମେଶ । ସେମାନଙ୍କୁ କଣ ଘରେ ଆଉ ରଖି ହେବ ? ଉଡ଼ିବା ଶିଖିବା ପରେ ପକ୍ଷୀ ନିଜ ନିଡ଼ ନିଜେ ଖୋଜିନିଏ ।" ରମେଶ ବୁଝି ପାରୁଥିଲା । ତଥାପି ତା ମନରେ ଅନେକ ପ୍ରଶ୍ନ । ଏତେ ବଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘରଟାରେ, ବଡ଼ବାବୁ ଆଉ ତାଙ୍କ ପତ୍ନୀ ! କେହି ଦେଖାଶୁଣା କରିବାକୁ ନାହାନ୍ତି ?

ବଡ଼ବାବୁ ରମେଶ ମନର ପ୍ରଶ୍ନକୁ ଠଉରେଇ ନେଇ କହିଲେ, "ବଡ଼ପୁଅ ବରୋଦାରେ ଗୋଟେ ମେଡିସିନ୍ କମ୍ପାନୀରେ ମେନେଜର୍ ଅଛି । ସାନ ବେଙ୍ଗାଲୁରୁରେ ଇଞ୍ଜିନିୟର । ବଡ଼ ଝିଅ ପାଟନାରେ ନିଜ ପରିବାର ସହ ରହୁଛି, ଆଉ ସାନ ଝିଅ ଦିଲ୍ଲୀରେ ।" ରମେଶ ଶୁଣିବା ପରେ କହିଲା, "ମାନେ ସମସ୍ତେ ସେଟଲ୍ ହେଇ ସାରିଲେଣି ।" ବଡ଼ବାବୁ ନିଜ ଚଷମା ଓହ୍ଲେଇ କାଚ ସଫା କରୁ କରୁ ଅତ୍ୟନ୍ତ ନିରୁତ୍ସାହିତ ହୋଇ କହିଲେ, "ହଁ, ସେମିତି ହିଁ କହି ପାରିବ । ସମସ୍ତେ ନିଜ ନିଜ ଦୁନିଆରେ ବ୍ୟସ୍ତ ।" ରମେଶ ଆଉ କିଛି ପ୍ରଶ୍ନ କରିଥାନ୍ତା, ହେଲେ ଉଭୟ ସ୍ୱାମୀସ୍ତ୍ରୀଙ୍କ ଅବସ୍ଥା ଦେଖି ସେ ପଚାରିଲା, "ଆପଣମାନେ କିଛି ଖାଇଛନ୍ତି ନା ସକାଳୁ ଉପାସରେ ଅଛନ୍ତି ?" ବଡ଼ବାବୁ ବିକଳ ହୋଇ ନିଜ ପତ୍ନୀଙ୍କ ଆଡ଼କୁ ଚାହିଁଲେ । ସେ ଶଯ୍ୟାରେ ଶୋଇଥାନ୍ତି । ସାଙ୍ଗେ ସାଙ୍ଗେ ରମେଶ ନିଜ ଘରକୁ ଫୋନ କରିଲା ।

କିଛି ସମୟ ପରେ ଜୟନ୍ତୀ ଆସି ସେଠାରେ ପହଞ୍ଚିଗଲା । ସେ ବଡ଼ବାବୁଙ୍କୁ ମୁଣ୍ଡିଆ ମାରିଦେଇ ଘର ଭିତରକୁ ପଶିଗଲା ଆଉ କିଛି ସମୟ ଭିତରେ ଉଭୟଙ୍କ ପାଇଁ ଗରମ ଚା ଆଉ ବିସ୍କୁଟ୍ ଆଣି ଥୋଇଦେଲା । ଜୟନ୍ତୀ ଏଇ କାମ କରୁଥିବା ବେଳେ ରମେଶ ବଜାର ଯାଇ ଦୁଇଟା ପଇଡ଼ ଆଉ କିଛି ଓଆରଏସ୍ ନେଇ ଆସିଥିଲା । ବଡ଼ବାବୁ କିନ୍ତୁ ଅଫିସରେ କାମ କେମିତି ହେବ ସେଇ କଥା ଭାବି ଚିନ୍ତା କରି ରମେଶକୁ ଅଫିସ ଯିବାକୁ କହୁଥିଲେ । ରମେଶ ଅଫିସକୁ ଫୋନ କରି ସବୁ କଥା ଜଣାଇ ଦେଇ କାମ ଯେମିତି ସୁରୁଖୁରୁରେ ହୁଏ ସେଥିପ୍ରତି ନିଘା ରଖିବାକୁ ନିର୍ଦ୍ଦେଶ ଦେଇ ସାରିଥିଲା । ଅଳ୍ପ ସମୟ ପରେ ଡାକ୍ତର ବି ଆସି ପହଞ୍ଚିଲେ । ଉଭୟଙ୍କୁ କିଛି ଔଷଧ ଓ ଇଞ୍ଜେକ୍ସନ୍ ଦେବା ପରେ ସେ ଚାଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାଇଥିଲେ । ସାମାନ୍ୟ ଜଳପାନ, ପଇଡ଼ପାଣି, ଓଆରଏସ୍ ଆଉ ଇଞ୍ଜେକ୍ସନ୍ ପଡ଼ିବା ପରେ ଦୁହେଁ ସୁସ୍ଥ ଅନୁଭବ କରୁଥିଲେ । ଜୟନ୍ତୀ ତରତର ହୋଇ ଘରକୁ ଚାଲି ଯାଇଥିଲା । ବଡ଼ବାବୁ କିଛି ସମୟ ବିଶ୍ରାମ କରନ୍ତୁ ପରେ ଦେଖାହେବ ବୋଲି କହିଦେଇ ରମେଶ ମଧ୍ୟ ଅଫିସ ବାହାରି ଯାଇଥିଲା ।

ଦ୍ୱିପହର ବେଳକୁ ଜୟନ୍ତୀ ଟିଫିନ୍ କେରିୟରରେ ଦୁଇଜଣଙ୍କ ପାଇଁ ଗରମ ଗରମ ଖାଇବା ଧରି ଆସି ପହଞ୍ଚିଲା ଆଉ ଉଭୟଙ୍କୁ ସ୍ନେହରେ ବଳେଇ ବଳେଇ କିଛି କିଛି ଖୁଆଇ ଦେଇ ଚାଲିଗଲା । ସଂଧ୍ୟାରେ ଅଫିସ ବନ୍ଦ କରିବା ପରେ ରମେଶ ଆଉ ଘନ ପୁଣିଥରେ ବଡ଼ବାବୁଙ୍କ ବସାରେ ପହଞ୍ଚିଲେ । ସେତେବେଳକୁ ବଡ଼ବାବୁ ବହୁତ ସୁସ୍ଥ ଅନୁଭବ କରୁଥିଲେ । ତଥାପି ଘନକୁ ନିର୍ଦ୍ଦେଶ ଦେଇଦିଆଗଲା ଯେ ସେ ଆଜି ରାତିରେ ବଡ଼ବାବୁଙ୍କ ଅର୍ଦ୍ଦଳି ହୋଇ ରହିବ । ସେ ଯାହା ନିର୍ଦ୍ଦେଶ ଦେବେ ସେ ମାନିବ । ରାତିର ଖାଇବା ମଧ୍ୟ ଜୟନ୍ତୀ ନେଇ ଆସିଲା ।

ରାତିରେ ଖାଇବା ସମୟରେ ବଡ଼ବାବୁଙ୍କ ଆଖିରେ ଲୁହ ଦୁଇ ଧାର ବହିଗଲା । ରମେଶ ବୁଝିପାରୁଥିଲା, ପିତାମାତାଙ୍କ ଦୁଃଖ । ଉଭୟ ସ୍ୱାମୀ ସ୍ତ୍ରୀ ଖାଇବା ପରେ, ରମେଶ ବଡ଼ବାବୁଙ୍କୁ ଆଉ କିଛି ଆବଶ୍ୟକତା ଯଦି ଅଛି ଜଣାଇ ଦିଅନ୍ତୁ ବୋଲି ଅନୁରୋଧ କରନ୍ତେ, ବଡ଼ବାବୁ କହିଲେ, "ରମେଶ, ମୁଁ ତୁମର ଋଣୀ ହୋଇଗଲି । ତୁମେ ନଥିଲେ ଆମ ଦୁଇଜଣଙ୍କ ଅବସ୍ଥା କଣ ଯେ ହେଇଥାନ୍ତା !"

ରମେଶ କହିଲା, "ଆପଣ ଯଦି ଖରାପ ନ ଭାବିବେ ତ ମୁଁ କହିବି ଆପଣ କିଛିଦିନ ପାଇଁ ଛୁଟି ନେଇ ନିଜ ପୁଅଙ୍କ ପାଖକୁ ଚାଲି ଯାଆନ୍ତୁ । ଅନ୍ତତଃ ସ୍ୱାସ୍ଥ୍ୟ ଭଲ ହେଲେ ଆସିବେ ।" ବଡ଼ବାବୁ ସାମାନ୍ୟ ତାଚ୍ଛଲ୍ୟ କଲାଭଳି ହସ ହସିଦେଇ କହିଲେ, "କୋଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁଅ ? ବଡ଼ ପୁଅ ପାଖରେ ସମୟ ନାହିଁ । ସାନ ପାଖରେ ରହିବାକୁ ଜାଗା ନାହିଁ ।" ରମେଶ କିଛି ବୁଝିପାରିଲା ନାହିଁ । ବଡ଼ବାବୁ କହିଲେ, "ଗତ ସନ୍ଧ୍ୟାରେ ବଡ଼ ପୁଅକୁ ଫୋନ୍ କରିଥିଲି, ସ୍ୱାସ୍ଥ୍ୟ ଭଲ ଲାଗୁନାହିଁ ବୋଲି ଜଣାଇଲି । ବୁଝିଲ ରମେଶ ସେ କଣ କହିଲା ? କହିଲା, ହସ୍ପିଟାଲରେ ଜଏନ୍ ହେଇ ଯାଅ । ଯାହା ବି ଖର୍ଚ୍ଚ ହେବ ସେ ଇନ୍ସ୍ୟୁରାନ୍ସ୍ କରିଛି, ମିଳିଯିବ । ହୁଁ, ଅନ୍ତତଃ କହି ପାରିଥାନ୍ତା ଯେ ବାପା ମୁଁ ଆସୁଛି । ନା ତା ପାଖରେ ସମୟ ଆଦୌ ନାହିଁ । ବଡ଼ କମ୍ପାନୀରେ ମେନେଜର୍ । ତା ପୁଅର କାଲେ ପରୀକ୍ଷା ଚାଲିଛି । ତେଣୁ ସେ ଆଦୌ ଆସି ପାରିବନି ବୋଲି ରୋକଠୋକ୍ ଜଣେଇ ଦେଲା । ଆଉ ସାନ ? ସେ ତ ଫୋନ୍ ଧରୁ ଧରୁ କହିଲା, ଏଠି ବଡ଼ ରୁମ୍ ମିଳୁନି । ମୁଁ ବଡ଼ ରୁମ୍ ନେଲେ ତମକୁ ଏଠିକୁ ଆଣି ବୁଲେଇ ଦେବି । ଥରେ ପ୍ରଶ୍ନ କଲାନି ଯେ ତୁମେ କେମିତି ଅଛ ? ବୋଉ କେମିତି ଅଛି ?"

ରମେଶ ଆଉ ଜୟନ୍ତୀ ସେମାନଙ୍କ କଥା ଶୁଣୁଥିଲେ । ଜୟନ୍ତୀ ପ୍ଲେଟ୍ ସବୁ ପୋଛାପୋଛି କରି ଟେବୁଲ୍ ପାଖ ଆଲମିରାରେ ସଜେଇକି ରଖି ଦେଉଥିବା ବେଳେ ବଡ଼ବାବୁଙ୍କ ସ୍ତ୍ରୀ ଆସି ତାକୁ ସାହାଯ୍ୟ କରିବାକୁ ଚେଷ୍ଟା କରୁଥିଲେ । ବଡ଼ବାବୁ କହିଲେ, "ମୁଁ ପୁରୁଷ ଲୋକ । ମୋ ଦୁଃଖ କଷ୍ଟ ନିଜେ ବୁଝି ପାରିବି । ହେଲେ ମାଆର ଦୁଃଖ ବି ଏମାନଙ୍କୁ ଦିଶିଲାନି ?" ଏମିତି କହୁଥିବା ବେଳେ ତାଙ୍କ ଆଖିରୁ ଧାରେ ଲୁହ ବହିଗଲା । ସେ ନିଜ ଲୁହ ପୋଛିବା ବେଳକୁ ଜୟନ୍ତୀ ରୋଷେଇ ଘର ଭିତରୁ ବାହାରକୁ ଆସୁ ଆସୁ କହିଲା, "କାଲି ସକାଳେ ଆସିଲେ ମୁଁ ଆପଣଙ୍କ ପାଇଁ କଣ ଖାଇବାକୁ ଆଣିଦେବି କହିଥାନ୍ତୁ । ଘରେ କରିଦେଇ ଧରି ଆସିବି ।"

ବଡ଼ବାବୁ ଅତ୍ୟନ୍ତ କୃତକୃତ୍ୟ ହୋଇ କହିଲେ, "କଣ କହିବି ? ଯାହା ବି ଆଣିଦେବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅମୃତ ଭଳି ଆମେ ଦୁଇ ପ୍ରାଣୀ ତାକୁ ଖାଇଦେବୁ ।" ଜୟନ୍ତୀ କହିଲା, "ଆପଣଙ୍କ ତୁଣ୍ଡକୁ କଣ ସୁଆଦ ଲାଗୁଛି କହିଲେ ସେଇଟା କରିଦେବି । ବାପା ବୋଉ ବି ଘରେ ଅଛନ୍ତି, ସେମାନଙ୍କ ପାଇଁ ଜଳଖିଆ ହେଉଛି, ଏକାଠି କରି ନେଇ ଆସିବି ।" ରମେଶ କହିଲା, "ଚାଲ ମୁଁ କହିଦେବି, କଣ ଆଣିବ ।"

ପରଦିନ ସକାଳୁ ସକାଳୁ ଜଳଖିଆ ଧରି ରମେଶ ଆଉ ଜୟନ୍ତୀ ଆସି ପହଞ୍ଚିବା ବେଳକୁ ଉଭୟ ସ୍ୱାମୀସ୍ତ୍ରୀ ଉଠି ସାରିଥିଲେ । ଉଭୟ ବହୁତ ସୁସ୍ଥ ଦେଖାଯାଉଥିଲେ । ବଡ଼ବାବୁଙ୍କ ସ୍ତ୍ରୀ ଚା କରିବା ପାଇଁ ବ୍ୟବସ୍ଥା ମଧ୍ୟ କରି ସାରିଥିଲେ । ରମେଶ ବଡ଼ବାବୁଙ୍କୁ ଚାହୁଁଥିଲା । ଅଫିସରେ ଏତେ ଗମ୍ଭୀର ଆଉ ନୀତିବାନ କର୍ମଚାରୀ ମଧ୍ୟ ଜୀବନରେ କେତେ ବିବଶ ହୋଇପାରେ ତାହା ସେ ଉପଲବ୍ଧ କରି ପାରୁଥିଲା । ସେମାନେ ଏକାଠି ବସି ଚା ପିଉଥିବା ବେଳେ ବାହାରେ ଗାଡ଼ିଟିଏ ଆସି ଲାଗିଥିଲା । ସାନ ଝିଅ ଆସି ପହଞ୍ଚି ଯାଇଥିଲା । ସାନ ଝିଅ ଆସିବା ପରେ ରମେଶ ଆଶ୍ୱସ୍ତ ହୋଇଗଲା । ବଡ଼ବାବୁ ମଧ୍ୟ ଚଳଚଞ୍ଚଳ ହୋଇଗଲେ । ଅଫିସ ଯିବାକୁ ହେବ କହି ରମେଶ ଓ ଜୟନ୍ତୀ ସେମାନଙ୍କୁ ଏକା ଛାଡ଼ିଦେଇ ବାହାରି ଆସିଥିଲେ ।

କ୍ରମଶଃ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଭିନୟ

ଅଭୟ କୁଣ୍ଡ



ବିଶ୍ୱ ଏକ ରଙ୍ଗମଞ୍ଚ
ଆମେ ସବୁ କଳାକାର
ଅଭିନୟ ସାରି ସମସ୍ତେ ଫେରିବା
କେହି ନୁହଁନ୍ତି ଅମର ।

ଅନେକ ବର୍ଷ ତଳର କଥା । ସଦ୍ୟ ସ୍ୱାଧୀନତା ପ୍ରାପ୍ତ ଦେଶ ଆମର । ରାସ୍ତା ଘାଟ, ଗାଡ଼ି ମଟର, ବିଜୁଳି ବ୍ୟବସ୍ଥା କିଛି ବି ନଥିଲା । ଶଗଡ଼ ସ୍ଥଳ ଭାଗରେ ହୁଲି ଡଙ୍ଗା ଜଳ ଭାଗରେ ଭରସା । ମହାନଦୀ କୂଳରେ ଛୋଟ ଗାଁ ଟିଏ । ନାଁ ନୂଆଗଡ । ଜନସଂଖ୍ୟା ସେତେବେଳେ ପ୍ରାୟ ୫୦୦ । ଚାଷ, ଗୋପାଳନ ଅନ୍ୟାନ୍ୟ କୌଳିକ ବୃତ୍ତି କରି କଷ୍ଟେ ମଷ୍ଟେ ଚଳନ୍ତି । ଶିକ୍ଷା ଦୀକ୍ଷାର ଘୋର ଅଭାବ । ପ୍ରାୟତଃ ନିରକ୍ଷର । ଗାଁର ଦୁଇ ତିନି ଜଣ ସାମାନ୍ୟ ଲେଖି ପଢ଼ି ଜାଣନ୍ତି । ମନୋରଞ୍ଜନ କହିଲେ ପାଲା, ନାମ କୀର୍ତ୍ତନକୁ ବୁଝାଯାଏ । ଥରେ ନିକଟବର୍ତ୍ତୀ ବ୍ରାହ୍ମଣ ଶାସନକୁ ଏକ ଯାତ୍ରା ଦଳ ଆସି ରାମଲୀଳା ପରିବେଷଣ କଲେ । ତାଳ ଛାମୁଡ଼ିଆରେ ଲଣ୍ଠନ ଜଳାଇ ଲୀଳା ନାଟକ ମଞ୍ଚସ୍ଥ ହେଲା । ଏକାଦି କ୍ରମେ ଚାରି ପାଞ୍ଚ ରାତି ମଞ୍ଚସ୍ଥ ହେଲା ।

ନୂଆଗଡର ଆବାଳବୃଦ୍ଧବନିତା ରାମଲୀଳା ଦେଖିଲେ । ଅଭିନୟ ତାଙ୍କୁ ଖୁବ୍ ପ୍ରଭାବିତ କଲା । ଯାତ୍ରା ଦଳର ମାଲିକ ତାଙ୍କ ଯାତ୍ରା ଗୁରୁଙ୍କୁ ନିଜ ଗାଁକୁ ନେଇ ଖୁବ୍ ଆଦର ଯତ୍ନ କଲେ ଓ ତାଙ୍କ ଠାରୁ ଅଭିନୟ ଶିଖିବାକୁ ଇଚ୍ଛା କଲେ । ଗାଁ ଲୋକଙ୍କ ସେବା ଭକ୍ତିରେ ଗୁରୁ ସନ୍ତୁଷ୍ଟ ହେଲେ ଓ ଆଗାମୀ ଋତୁରେ ଜଣେ ଲୀଳା ଗୁରୁଙ୍କୁ ନୂଆଗଡ ପଠାଇବା ବ୍ୟବସ୍ଥା କରିବାକୁ କହି ବିଦାୟ ନେଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବର୍ଷା ଋତୁ ଆରମ୍ଭରେ ଜଣେ ଯାତ୍ରା ଗୁରୁ ନୂଆଗଡରେ ପହଞ୍ଚିଲେ । ମୁହଁରେ ଦାଢ଼ି, କପାଳରେ ତିଳକ, ଗୌରିକ ବସ୍ତ୍ର, ପାଦରେ କଠଉ, ଗୋଟିଏ ମୁଣିରେ ହାତ ଲେଖା ଖାତା କେତେ ଖଣ୍ଡ ଆଣିଥା'ନ୍ତି । ଗାଁର ଭାଗବତ ଟୁଙ୍ଗୀରେ ଗୁରୁଙ୍କ ରହିବା ବ୍ୟବସ୍ଥା ହେଲା । ଦିନକୁ ତିନି ବେଳା ତିନୋଟି ପରିବାରରେ ଗୁରୁଙ୍କ ଖାଇବା ବ୍ୟବସ୍ଥା ହେଲା । ରାତିରେ ଉତ୍ସାହୀ ଯୁବକମାନେ ରୁଣ୍ଡ ହେଲେ । ଗୁରୁ ସେମାନଙ୍କ ଅଭିନୟ ପରୀକ୍ଷା କଲେ । ଗାଈ ଚରାଉଥିବା ଭୀମାକୁ ରାବଣ, ନବ ବାରିକକୁ ରାମ, ପରିଆକୁ ସୀତା, ଅନାମକୁ ମନ୍ଦୋଦରୀ, ରତନାକୁ ହନୁମାନ, ଅପର୍ତ୍ତୀକୁ କୁମ୍ଭକର୍ଣ୍ଣ, ଅନ୍ୟ ଚାଷୀମୂଲିଆ ଯୁବକ ମାନଙ୍କୁ ଅନ୍ୟ ସବୁ ଚରିତ୍ର ପାଇଁ ବଛାଗଲା । ବଡ଼ ସମସ୍ୟା ହେଲା ଏମାନେ କେହି ବହି ପଢ଼ି ଜାଣି ନାହାନ୍ତି । ଜଣେ ଅବଧାନେଙ୍କୁ ଡକାଗଲା । ସିଲଟ ଖଡ଼ି ଧରି ମାସାଧିକ କାଳ ବର୍ଣ୍ଣବୋଧ ପଢ଼ିଲେ । ତଥାପି ଅଧା କଳାକାର ଅକ୍ଷର ଶିଖି ପାରିଲେ ନାହିଁ । ନାଟକ ଅଭ୍ୟାସ ମଧ୍ୟ ଚାଲିଲା । ଗୁରୁଙ୍କ କାଳିଶୀ ବେଶ, ପାଞ୍ଚହାତିଆ ବେତ ପାହାର ଶବ୍ଦ ଅପଶବ୍ଦ ମିଶା ଗାଳି ଶୁଣି କଳାକାରମାନେ ଯୋଗ୍ୟ ହୋଇଗଲେ । ରାମନବମୀ ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମଦିନ । ମହା ଆଡମ୍ବରରେ ପାଳନ ହେବ । ପ୍ରତି ଘର ଦୁଆରେ କଳସ ସ୍ଥାପନ ହେବ । ଆମିଷ ଗାଁ ରେ ପଶିବ ନାହିଁ । ପାଞ୍ଚ ଦିନ ରାମଲୀଳା ହେବ । ପ୍ରଥମ ଦିନ ରାମଜନ୍ମ, ଦ୍ୱିତୀୟ ଦିନ ସୀତା ବିବାହ, ତୃତୀୟ ଦିନ ରାମ ବନବାସ, ଚତୁର୍ଥ ଦିନ ସୀତା ଚୋରି, ପଞ୍ଚମ ଦିନ କୁମ୍ଭକର୍ଣ୍ଣ ବଧ ମଞ୍ଚସ୍ଥ ହେବା ସ୍ଥିର ହେଲା ।

ଗାଁର ଅପର୍ତ୍ତୀ ସବୁଠାରୁ ମୋଟା ଓ ଡେଙ୍ଗା ଲୋକ । ଗୋଲ୍ ମୁହଁ ଥନ୍ତଲ ପେଟକୁ ମୁଣ୍ଡ ଚୁଟି ଗୁଡ଼ା ଝିଙ୍କ କାଠି ପରି । ଦୁଇ ଚାରିଟା ଦାନ୍ତ ଜମାରୁ ଲୁଚି ପାରେନି । ଓଠ ବନ୍ଦ କଲେ ଆଉ ରଙ୍ଗ ତ୍ରିପଣ୍ଡ କଲା । ବଡ଼ ପାଟିଆ ଅପର୍ତ୍ତି , ଗର୍ଜନ କଲେ ମାଇଲିଏ ବାଟ ଶୁଭେ । ତା ସ୍ତ୍ରୀକୁ ଟୁନା ବୋଉ ଡାକନ୍ତି । ଗାଁ ମହିଳାମାନେ ଥଟ୍ଟାରେ କେତେ ଟିକା ଟିପ୍ପଣୀ କରନ୍ତି । କହନ୍ତି କେତେ ଚାଉଳର ଭାତ କୁମ୍ଭକର୍ଣ୍ଣ ଖାଏ ଲୋ ? ଟୁନା ବୋଉ ବି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାମୀର ଖାଇବା ବେଳେ ବଳେଇ ବଳେଇ ଖୁଆଇଥାଏ । ଶୁଭମନସୀ ଓଷା ବ୍ରତ କରେ । ବର୍ତ୍ତମାନ ଶୁଭ ଦିନ ଆସିଗଲା । ଗାଁ ମଝିରେ ତାଳ ଛାମୁଡିଆ ହେଲା । ସଫା ସୁତରା ଦାଣ୍ଡରେ ଝୋଟି ଚିତା ପକାଇ କଳସ ବସିଲା । ରାମନାମ କୀର୍ତ୍ତନ ଚାଲିଲା । ଆଉ ରାତିରେ ରାମଲୀଳା । ପ୍ରଥମ ଦିନ ରାମଜନ୍ମ , ଦ୍ୱିତୀୟ ଦିନ ସୀତା ବିବାହ, ତୃତୀୟ ଦିନ ରାମ ବନବାସ, ଚତୁର୍ଥ ଦିନ ସୀତା ଚୋରି, ପଞ୍ଚମ ଦିନ କୁମ୍ଭକର୍ଣ୍ଣ ବଧ । ଆଜି ଶେଷ ରାତି । କୁମ୍ଭକର୍ଣ୍ଣ ବଧ । ଆଖପାଖ ଦଶଖଣ୍ଡ ଗାଁର ଯାତ୍ରା ପ୍ରେମୀ ଜନ ସମାଗମ । ବିଧିମତେ ଯାତ୍ରା ଆରମ୍ଭ ହେଲା । ଅପର୍ତ୍ତୀର ଭୟଙ୍କର ରୂପ ସାଙ୍ଗକୁ କନଫଟା ସଂଳାପ ଦର୍ଶକ ମାନଙ୍କୁ ବିମୋହିତ କରୁଥିଲା । ଶେଷ ଦୃଶ୍ୟ ଯେତିକି କରୁଣ ସେତିକି ଭାବ ଭକ୍ତିମୟ । ଭଗବାନ ରାମଙ୍କ ଅମୋଘ ଅସ୍ତ୍ର କୁମ୍ଭକର୍ଣ୍ଣର ବକ୍ଷ ଭେଦ କଲା । ରକ୍ତାକ୍ତ କୁମ୍ଭକର୍ଣ୍ଣ ପ୍ରଭୁଙ୍କୁ ଶେଷ ପ୍ରଣାମ ଜଣାଇ ଅସୁର ଜନ୍ମରୁ ମୁକ୍ତ ହେଲା । ଦର୍ଶକମାନେ ଜୟ ଶ୍ରୀରାମ, ଜୟ ହନୁମାନ, ମାତା ସୀତା, ସାନୁଜ ଲକ୍ଷ୍ମଣଙ୍କର ଜୟ ଗାନ କରୁଥିଲେ । କୁମ୍ଭକର୍ଣ୍ଣ ମଞ୍ଚ ଉପରେ ଶୋଇ ରହିଥାଏ । ହଠାତ୍ ଆଉ ଏକ ମର୍ମଭେଦୀ କରୁଣ ଚିତ୍କାର ଶୁଣାଗଲା । ଲୋକେ ପାଣି ପାଣି ଚିତ୍କାର କଲେ ।ଚେତା ଶୂନ୍ୟ ମହିଳା ଜଣକୁ ଘେରି ଯାଇ ପାଣି ଛିଞ୍ଚି ବିଞ୍ଚି ଦେଲେ । ମାତ୍ର ସବୁ ଚେଷ୍ଟା ବିଫଳ । ମଞ୍ଚରେ କୁମ୍ଭକର୍ଣ୍ଣ ସ୍ୱର୍ଗପ୍ରାପ୍ତି ହେଲା କିନ୍ତୁ ଅପର୍ତ୍ତୀର କିଛି ବି କ୍ଷତି ହୋଇନଥିଲା । ରାମ ବାଣ ଆଘାତରେ ମାତ୍ର ସେହି କରୁଣ ହୃଦୟ ବିଦାରକ ଦୃଶ୍ୟ ଦେଖି ଟୁନା ବୋଉ କିପରି ସହିଥା'ନ୍ତା ? ଚେତା ତାର ଆଉ ଫେରିଲା ନାହିଁ । ଅଭିନୟ ସାରି ସେ ଚାଲିଗଲା ଅଫେରା ମୂଲକ କୁ । ହଜାର ଆଖି ଲୁହରେ ସେ ଦିନ ଯାତ୍ରା ପଡିଆ ଓଦା ହୋଇଯାଇଥିଲା ।

ସହକାରୀ ଶିକ୍ଷକ, ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ

ପଡିଆଭଙ୍ଗା ତାଳଚେର ଅନୁଗୋଳ

ମୋ - ୯୫୫୬୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମରି ଉତ୍ତର ଅପେକ୍ଷାରେ

ଅନନ୍ତ କୁମାର



ସେଦିନ ଶ୍ରାବଣ ଆକାଶର ସଂନ୍ଧ୍ୟା କଥା ମନେଅଛି ନା ତୁମର ନା ଭୁଲି ଯାଇଛ । ସମୁଦ୍ର କୂଳରେ ଦୁହେଁ ବସି ବହୁତ ଆଳାପ କରୁଥିଲେ ହଟାତ ଆକାଶରେ ମେଘ ଘୋଟି ଆସିଲା ଘଡ଼ଘଡ଼ି ବିଜୁଳି ଶବ୍ଦରେ ପ୍ରକମ୍ପିତ ହେଲା ଆଉ କିଛି ସମୟ ମଧ୍ୟରେ ଝିପ୍ ଝିପ୍ ବର୍ଷା ହେଲା । ତୁମେ ଆଉ ମୁଁ ଦୁହେଁ ବର୍ଷାରେ ଭିଜୁଥିଲେ ଯେତେଥର ଘଡଘଡି ମାରୁଥାଏ ତୁମେ ମୋ ଛାତି ଥଳେ ସେତିକି ନିକଟତର ହେଇ ରହୁଥିଲ କାରଣ ତୁମକୁ ଘଡ଼ଘଡ଼ି ବିଜୁଳିକୁ ବହୁତ ଡର ଲାଗେ କିନ୍ତୁ ତୁମେ ବର୍ଷାରେ ଭିଜିବାକୁ ବହୁତ ଭଲପାଅ । ସେଦିନ ସମୁଦ୍ର ଘୋ ଘୋ ଶବ୍ଦରେ ପ୍ରକମ୍ପିତ ହେଉଥିଲା ଆଉ ଶ୍ରାବଣର ବାରିଧାରା ଛୁଟୁଥିଲା ଆମେ ସେହି ସମୟରେ ଖୁବ ଭିଜୁଥିଲେ ଆକାଶ ଆଉ ସମୁଦ୍ରକୁ ଚାହିଁ, ଆକାଶ ଆଉ ସମୁଦ୍ରକୁ ଚାହିଁ ତୁମେ ମୋ ହାତରେ ହାତ ରଖି ତୁମ ଚୋରା ଚାହାଣୀରେ କହୁଥିଲେ ଏଇ ତୁମେ ମୋତେ କେବେ ଭୁଲି ଯିବନି ତ କେବେ ମୋ ହାତ ଛାଡି ଚାଲି ଯିବନି ତ । ମୁଁ ଉତ୍ତରରେ କହିଥିଲି ବରଷା ଛାଡିଗଲା ପରେ ଆକାଶ ହୁଏ ତ ବାଦଲ ଠାରୁ ଅଲଗା ହେଇ ଯାଇ ପାରେ ପବନ ଥମିଗଲା ପରେ ଜୁଆର କୂଳ ଛୁଇଁ ନ ପାରେ, ହେଲେ ମୁଁ କଣ ତୁମକୁ ଛାଡି ବଞ୍ଚିପାରିବି । ମୋର ଏହି ପଦିଏ କଥାରେ ତୁମ ଆଖିରେ ଆଖିଏ ଲୁହ ଭରିଯାଇଥିଲା ଆଉ ତୁମ ଛାତି ତଳେ ଥିବା କୋମଳ ହୃଦୟଟା ନୀରବ ହେଇ ଯାଇଥିଲା । ତୁମେ ମୋ ଆଖିକୁ ଚାହିଁ ମୋ ହାତରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହାତ ରଖି ଲହଡିମାଳାକୁ ଚାହିଁ ଶ୍ରାବଣର ଅବିରତ ବର୍ଷାରେ ଭିଜିଚାଲିଥିଲ ମୋ ସାଥେ, ଆଉ ହଜିଯାଇଥିଲ ମୋ ମନ ରାଇଜରେ । ଠିକ୍ ଏହି ସମୟରେ ଘଡ଼ଘଡ଼ି ବିଜୁଳି ନୀରବ ହେଇଗଲେ ଆଉ କୂଳକୁ ଛୁଇଁ ଲହଡି ଫେରିଗଲା, ଆକାଶ ନିର୍ମଳ ଫର୍ଚ୍ଚା ପଡିଗଲା ବାଦଲ ଆକାଶଠାରୁ ଅଲଗା ହେଇଗଲା, ଜୁଆର ଆସି କୂଳରେ ଥିବା ବାଲିଘର ଭାଙ୍ଗିଦେଇ ଚାଲିଗଲା । ଚାହୁଁ ଚାହୁଁ ପରିବେଶ ଶାନ୍ତପଡିଗଲା । ତୁମେ ହଠାତ ଆଶ୍ଚର୍ଯ୍ୟ ହେଇ କହିଲ ଏଇ ଦେଖନା କେତେ ସୁନ୍ଦର ବାଦଲ ଆଉ ଆକାଶର ସମ୍ପର୍କ ଯୋଡି ଯାଇଥିଲା । ଆଉ କିଛି କ୍ଷଣରେ ହଠାତ ଅଲଗା ହେଇଗଲା । ଆଉ ଦେଖ ବାଲିଘର ସାଗର ଢେଉରେ ଭାଙ୍ଗି କୂଳଛଇଁ ଚାଲିଗଲା ଆଉ କୂଳକୁ ଫେରୁ ନାହିଁ । ଏମିତି ଆମ ଜୀବନରେ ହଟାତ ଝଡ ବତାସି ଆସି ଆମ ସମ୍ପର୍କକୁ ଅଲଗା କରି ଦେବନି ତ ? ମୁଁ କହିଲି ତୁମ ଠୁ ମୋତେ କିଏ ଅଲଗା କରିପାରିଛି ନା କରିପାରିବ ! ତୁମେ ମୋ ହୃଦୟର ଏମିତି ସ୍ଥାନରେ ଅଛ ଯାହା ଗୋଟିଏ ସେକେଣ୍ଡ ବନ୍ଦ ହେଇଗଲେ ମୁଁ ନିର୍ଜୀବ ବସ୍ତୁ ପାଲିଟଯିବି । ଆମ ପ୍ରେମ ଆମ ସମ୍ପର୍କ । ଚିରକାଳ ପାଇଁ ସାତ ଜନ୍ମର ସାଥୀ ତୁମେ । ହୁଏ ତ ତୁମେ ମୋ ଠାରୁ ଅଲଗା ହେଇଯାଇପାର କିନ୍ତୁ ମୁଁ ନୁହେଁ । ମୋର ଏହି ପଦିଏ ମୁହଁରୁ ଶୁଣି ମୋ ପାଟିରେ ହାତ ଚାପି କହିଥିଲ ଆଉ କିଛି ବି କୁହନି । ମୁଁ ନୀରବ ହେଇଗଲି ତୁମେ ମୋ ଆଖିକୁ ଚାହିଁ ମୋ ହାତରେ ଦୁଇ ହାତ ରଖି ସାଗରକୁ ଚାହିଁ ଶ୍ରାବଣ ଆକାଶକୁ ସାକ୍ଷୀ ରଖି ମୋତେ କଥା ଦେଇଥିଲ ସେଦିନ ସଂଧ୍ୟାରେ ଯଦି ମୋ ସିନ୍ଥି ରଙ୍ଗୀନ ହେବ କେବଳ ତୁମରି ହାତରୁ ଟୋପାଏ ସିନ୍ଦୁର ପିନ୍ଧି ନ ହେଲେ ସାରା ଜୀବନ ସିନ୍ଥି ଖାଲି ରହିଯିବ ତୁମରି ଅପେକ୍ଷାରେ । ତୁମର ଏଇ କେଇପଦ କଥାରେ ମୋ ମନ ଭିତରେ ଅଖଣ୍ଡ ବିଶ୍ୱାସ ଜାଗ୍ରତ ହେଇଥିଲା । ଭାବିଥିଲି ତୁମେ ମୋ ବିନା ନିଶ୍ୱାସ ବି

Listen to Odia Podcast Original at https://youtube.com/@drjyotiprasad

ନେଇ ପାରିବନି । କିନ୍ତୁ ସମୟର ମୋଡରେ କେଉଁ ଅଦିନିଆ ଝଡ ତୁମକୁ ମୋ ପାଖରୁ ଉଡେଇନେଇ ଆଉ କାହା ଘରେ ନୂଆ ପରିଚୟ ଦେଲା, ଯାହାର କଳ୍ପନା କରିବା ମୋ ପକ୍ଷେ ସମ୍ଭବ ହେଉନି । କିନ୍ତୁ ଆଜିବି ଶ୍ରାବଣର ସଂଧ୍ୟା ଆକାଶକୁ ଚାହିଁ ଉତ୍ତର ମାଗୁଛି ଆଉ ତୁମ ପ୍ରତିଶ୍ରୁତିକୁ ମନେ ପକାଇ ତୁମକୁ ଜବାବ ମାଗୁଛି କଣ ପାଇଁ ଏମିତି କଲ ? କଣ ଭୂଲ ଥିଲା ମୋର ? କିନ୍ତୁ ଆକାଶ ନୀରବ ଆଉ ତୁମେ ବି ନୀରବ।।।। ! ! ! ?

କିନ୍ତୁ ଅନ୍ତିମ ନିଶ୍ୱାସ ପର୍ଯ୍ୟନ୍ତ ତୁମରି ଉତ୍ତର ଅପେକ୍ଷାରେ ?

ତିହିଡି, ଭଦ୍ରକ

ମୋବାଇଲ -୮୩୩୯୯୩୯୯୨୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବର ପାତ୍ର

ଦେବାଶିଷ ମାଇତି




ଲୁଣିଆପୁର ଗ୍ରାମର କବିସୂର୍ଯ୍ୟ ନଗର ଗୋଟେ ଜାଗା ଥିଲା । ସେଠି ବହୁତ୍ ଧନୀ ଲୋକ ବସବାସ କରନ୍ତି । କିଛି ଲୋକ ଅଛନ୍ତି କେବଳ ସମାଜ ସେବା, କେତେକ ଧର୍ମାବଲମ୍ବି, ହେଲେ ତନ୍ମଧ୍ୟରୁ କିଛି ଅହଙ୍କାର ବଶବର୍ତ୍ତୀ ଅଟନ୍ତି । ଲମ୍ବୋଦର ସାହୁ ଓକିଲ ମହାଶୟ, ତାଙ୍କର ଗୋଟେ ପୁଅ ନାମ ରୋହନ୍ । ରୋହନ ସ୍କୁଲ୍ ହେଉ କି ବାହାରେ ସବୁବେଳେ ଉତ୍ତମ ଛାତ୍ରର ପରିଚୟ, ଆଗ ଧାଡ଼ିର ପିଲା । ତାର ଗୋଟେ ମାତ୍ର ସ୍କୁଲ୍ ଠାରୁ କଲେଜ୍‌ପର୍ଯ୍ୟନ୍ତ ସାଙ୍ଗ ନାମ ତାର ତୃପ୍ତି, ମଧ୍ୟବିତ୍ତ ପରିବାରର ଝିଅ ସେ । ବାପା ବିଦ୍ୟାଧର ବାରିକ ସ୍କୁଲ୍ ଶିକ୍ଷକ ଭାବରେ ବହୁତ୍ ପୁରୁଣା ପରିଚୟ । ରୋହନ ଘରଠାରୁ ତୃପ୍ତିର ଘର ଦୁଇଟି ଗାଁ ପରେ । ଦିନେ ଘରଠାରୁ ଅନତି ଦୂରରେ ଥିବା ବଡ଼ ଶିବମନ୍ଦିର ଥାଏ, ସେଇଠି ତୃପ୍ତି ସାଥେ ଭେଟ ହୁଏ । କେତେ ଖୁସି ହେଇ ଯାଆନ୍ତି ଦୁହେଁ ବହୁତ୍ ଦିନ ପରେ ଦେଖା, ଫୋନରେ ସିନା କଥା ହୁଅନ୍ତି ହେଲେ କଲେଜ ଛାଡ଼ିଲା ପାଖରୁ ପାଖରେ କେବେ ଦେଖା ହେଇନି, ସେଥିଲାଗି ଦୁହେଁ ଖୁସିରେ ସେହି ମନ୍ଦିରରେ ଟିକେ ବସି ପଡ଼ିଲେ ଦୁଃଖ ସୁଖ ବାଣ୍ଟିବା ଚାଲିଲା । ରୋହନ ସାଙ୍ଗେ ସାଙ୍ଗେ ଚକୋଲେଟ ଆଉ କିଛି ବାଦାମ ଆଣି ତୃପ୍ତିକୁ ଦେଲା । ତୃପ୍ତି - ଆରେ ରୋହନ୍ ତୁ ତ ଚାକିରି କରୁଛୁ ଏବେ ଆଗକୁ ଆଉ କଣ କରିବୁ ଭାବୁଚୁ ? ତୋ ବାହାଘର ହେବ ନା କଣ ? ରୋହନ- ରହ ! ଏତେ ଜଲଦି ! ଅବଶ୍ୟ ବାପା ମା ଆଲୋଚନା କରୁଥିଲେ ସେହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାବଦରେ ମାମୁଁଘର ସାଙ୍ଗେ, ହେଲେ ମୁଁ ବେଶୀ କିଛି ଶୁଣିନି କେତେ ବାଟ କଣ ଯାଇଛି, କିନ୍ତୁ ମୋର ଗୋଟେ ଭଲ ଝିଅ ହେଲେ ଗଲା । ବାପାମାଙ୍କର ଯତ୍ନ ଟିକେ ନେବ ମୋର ଆଉ କିଛି ଦରକାର ନାହିଁ, ମୋ ମନ କଥା ଟିକେ ବୁଝୁଥିବା ଦରକାର୍ । ହଁ ସେତିକି ତ ଦରକାର୍ ତୃପି ଉତ୍ତର ଦେଲା, ହେଲେ ମୁଁ ଶୁଣିଥିଲି ଟିକେ ଅଲଗା । ରୋହନ୍, "କଣ ?" ତୃପ୍ତି, "ମଉସା ମାଉସୀ କହୁଥିଲେ ଥିଲାବାଲା ଘର ଝିଅ ଦରକାର୍, ମୁଁ ଓକିଲ, ମୋ ପୁଅ ରେଜିଷ୍ଟର ଅଫିସରେ ମ୍ୟାନେଜର ଦେଖିକି କରିବି ନହେଲେ, ମୋ ମାନସମ୍ମାନ ମାଟିରେ ମିଶିଯିବ । ଝିଅ ଉଚ୍ଚ ଶିକ୍ଷିତ ହେବା ଦରକାର, ଝିଅର ବାପା ମା ଆମ ଭଳି ଷ୍ଟାଟସ୍ ବାଲା ହେବା ଦରକାର ।" ରୋହନ ୨ ମିନିଟ ଚୁପ୍ ହୋଇଗଲା ପୁରା ନିସ୍ତବ୍ଧ, ହେଲେ ସାଙ୍ଗ ତୁ କଉଠୁ ଶୁଣିଲୁ ? ତୃପ୍ତି, "ଏଇ ମ ରାମୁ କାକା କହୁଥିଲେ କାହାକୁ ଗୋଟେ, ମୁଁ ସେଇ ବାଟ ଦେଇ ଫେରୁଥିଲି କାନରେ ବାଜିଲା । ମୁଁ ଭାବିଲି ତୁ ଏମିତି ଖୋଜୁଛୁ ବୋଧେ ।" ରୋହନ, "ମୋତେ ଜାଣିନୁ ସାଙ୍ଗ ମୁଁ କିପରି ! ତୁ ଭାବିଲୁ କିପରି ଏଇ କଥା ? ମୋତେ ବାପାଙ୍କ ସଙ୍ଗେ କଥା ହେବାକୁ ହେବ । ଏଇଗୁଡ଼ା ଭଲ ନୁହଁ ।" ଆଚ୍ଛା ତୃପ୍ତି, ତୋର ଖବର  କଣ ? ତୁ ଆଉ ପଢ଼ିବୁ ନା ଏଇ ଚାକିରିରେ ସନ୍ତୁଷ୍ଟ ? ତୃପ୍ତି, ନାରେ ସାଙ୍ଗ, ଭାବିଥିଲି ପଢିବି, ହେଲେ ଘରେ କହିଲେ ବୟସ ୩୦ ହେଲାଣି ପୁଅ ଘର ବାଲା ପ୍ରସ୍ତାବ ଆଣିଲେଣି ବାହାଘର ହେଲେ ଭଲ । ରୋହନ, ହେଲେ ସାଙ୍ଗ ତୋର କଉ ଭଳି ପିଲା ଦରକାର୍ କି ? ତୃପ୍ତି, କେମିତି ଆଉ ତୁ ଜାଣିନୁ କି ମୁଁ ତ ସାଧା ସିଧା ପିଲା କିଛି ନିଶା କରୁ ନଥିବ ଟିକେ ଭଲ ଶାନ୍ତ ନମ୍ର ହେଲେ ହେଲା, ମନ କଥା ବୁଝି ପାରୁଥିବ, ରୋଜଗାର ଯାହା ବି ହେଉ ଭଲ ସେ ଚଳିଲେ ଗଲା । ରୋହନ, ହେଲେ ସାଙ୍ଗ ତୋ ବାପାବୋଉ ଘନ ମଉସା ପାଖେ କହିଛନ୍ତି ଯେ ମୋ ଝିଅ ରୋଜଗାର କଲାଣି, ପୁଅ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସରକାରୀ ଚାକିରି ନ କଲେ ମୁଁ ଦେବିନି । ତୃପ୍ତି ଆଶ୍ଚର୍ଯ୍ୟ ହୋଇ କଣ କହୁଚୁ ? କଣ ପାଇଁ ବାପା ଏମିତି ? ହେ ଭଗବାନ ? ମୁଁ କଣ କରିବି କହିଲୁ, କିଛି କହିଲେ କହିବେ ଝିଅ ରୋଜଗାର କଲା ମୁଣ୍ଡକୁ ହାତ ପାଇଲାଣି । ରୋହନ୍, ଜାଣିଛୁ କେହି ବୁଝିବା ପରିସ୍ଥିତିରେ ନାହାନ୍ତି । ଖାଲି ମାନ ସମ୍ମାନ ଆଉ ଷ୍ଟାଟସ୍ ଉପରେ କଥା । ଏମିତି ଦୁଇ ସାଙ୍ଗ କଥା ହେଉ ହେଉ ସନ୍ଧ୍ୟା ହୋଇଗଲା ଘରକୁ ଫେରିଗଲେ । ଦୁହିଁଙ୍କର ସମାନ ଚିନ୍ତା ମନ ଭିତରେ ଗୋଟେ ବିଚଳିତ ପରିସ୍ଥିତି ଉପୁଜାଉଛି, କିଛି ପଚାରିଲେ ଅସୁବିଧା । ହେଲେ ଝିଅ ବାପାର ଦୁନିଆ ଡିମାଣ୍ଡ, ଝିଅ ପୁଅ ପାଖେ ରହିବ, ସରକାରୀ ଚାକିରି, ଝିଅକୁ ଟିକେ କଷ୍ଟ ନ ହେବ ନ ହେଲେ କଥା କଟାକଟିରୁ ଛାଡ଼ ପତ୍ର ପର୍ଯ୍ୟନ୍ତ । ଏମିତି କଣ ପାଇଁ ? ଏଇପରି ଦୁଇ ପରିବାରର ଚିନ୍ତାଧାରା ଧୀରେ ଧୀରେ ବହୁତ୍ ପ୍ରସ୍ତାବ ରୋହନ ଏବଂ ତୃପ୍ତିର ଭାଙ୍ଗିଗଲା । ଏମିତି କିଛି ଦିନ ବିତିଲା ପରେ ଦୁଇ ସାଙ୍ଗକୁ ଭଲ ଲାଗୁ ନଥିଲା କାହିଁକି ନା ଫୋନ୍ ଯୋଗେ ଦୁହେଁ ଦୁହିଁଙ୍କୁ ସବୁ ଜଣାନ୍ତି । ପୁଣି ଥରେ ଦୁହେଁ ମନ୍ଦିରରେ ଦେଖା କରିବେ ବୋଲି ଫୋନ୍ ଯୋଗେ କଥା ହେଲେ । ସେଦିନ ହୋଲି ଫଗୁଣର ରଙ୍ଗ ଖେଳ ଦିନରେ ସରିଥାଏ, ସଂଧ୍ୟା ସମୟ ମନ୍ଦିରରେ ଦେଖା ହୁଏ । କଥା ପଡୁ ପଡୁ କିଛି ପିଲାବେଳ ସ୍ମୃତି, ସ୍କୁଲ୍ ସମୟର ଘଟଣା ସବୁକିଛି ଅନ୍ତରଙ୍ଗ ଆଳାପ ଆଲୋଚନା ଚାଲିଥିଲା ତା ସହ ଦିନ ତମାମ୍ କାହା ସହ କିପରି ରଙ୍ଗ ଖେଳ ହେଲା ସବୁ ଆଲୋଚନା ମନକୁ ଉଲ୍ଲସିତ କରିଥାଏ ଦୁହିଁଙ୍କର । ରୋହନ୍ ତୃପ୍ତିର ସେଇ ରଙ୍ଗ ବୋଳା ହାତକୁ ଧରିଥାଏ । ରୋହନ୍ କଥା କହି ଚାଲିଥାଏ ହଟାତ୍ ତୃପ୍ତି ମନରେ ଗୋଟେ ଅଜଣା ଅନୁଭବ ଜାତ ହୁଏ, କେତେ କଳ୍ପନା ଜଳ୍ପନା ସହ ଗୋଟେ ବିଚିତ୍ର ଫଗୁ ରଙ୍ଗ ଭଳି କୃଷ୍ଣଚୂଡ଼ାର ମଳୟ ହୃଦୟକୁ ଉଦବେଗ କରେ । ଅନୁଭବ ଏପରି ଥିଲା ଯେପରି ରୋହନ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହାତ ପାପୁଲିର ସ୍ପର୍ଶ ବହୁତ୍ ସମୟ ପରେ ଆନନ୍ଦର ଭାର ଉଜାଡ଼ି ଦେଉଥିଲା ତୃପ୍ତିର ସେଇ ପାପୁଲିରେ । ସେ ଧୈର୍ଯ୍ୟହରା ହୋଇପଡିଲା, ମନକୁ ଆୟତ୍ତ କରି ସଙ୍ଗେ ସଙ୍ଗେ କହିଲା ଆରେ ରୋହନ, ତୁ ବହୁତ୍ ଶାନ୍ତପିଲା ବେଳୁନା ସ୍କୁଲରେ କେତେ ସୁନ୍ଦର୍ ଥିଲୁ ବହୁତ୍ ନିରୀହ । ସବୁବେଳେ ଏକା ଏକା ନହେଲେ ମୋ ସହ ପାଠପଢ଼ା । ରୋହନ ଉତ୍ତରରେ, ହଁ ! କଣ କରିବା ମୋତେ ବେଶି ଖେଳ ଡିଆଁ ମରା ଭଲ ଲାଗୁ ନଥିଲା ଆଉ ତୁ ବି ମୋ ସାଙ୍ଗେ ବେଶୀ କଥା ହେଉ, କିଏ ତୋତେ କିଛି କହିଲେ ରୋହନ ମୋତେ ସେ ଏଇ କଥା କହିଲା, ସେଇ କଥା କହିଲା, ଶେଷରେ କଲେଜ୍ ରେ ବି ସେଇ । ଏତିକି ବେଳେ ତୃପ୍ତିର ମନ ହୃଦୟ ଯେମିତି ରୋହନ ଆଡ଼କୁ ଟାଣି ଧରୁଥିଲା ତା ସହ ବହୁତ୍ ନିଜର ଅନୁଭବ ହେଲା କେହି ପଦ ରୋହନର ଗୁଣ କଥା ଭାବଭଙ୍ଗୀ । ତୃପ୍ତି ଆଉ କିଛି ନଭାବି ମନରେ ସାହସ ବାନ୍ଧିଲା କିପରି କହିବ ଯେ ଧୀରେ ଧୀରେ ସେ ରୋହନକୁ ମନ ଦେଇ ସାରିଛି କାହିଁକି ନା ବହୁତ୍ ଦିନ ପରେ ରୋହନ ଗାଁକୁ ଆସିବା ପୁଣି  କିଛି ଦିନର ମିଳାମିଶା, ପିଲାବେଳ ସ୍ମୃତି, ଯାହା ବି ହେଉ ଆଜି ପବିତ୍ର ଦୋଳପୂର୍ଣ୍ଣିମାରେ ଭେଟ । ଆଜିର ଦିନ ରାଧାକୃଷ୍ଣ ପ୍ରେମ କିଏ ବା ନ ଜାଣେ । ତାଙ୍କ ପ୍ରେମ ଆନନ୍ଦ ଭରା ଆଜିର ଦିନ ଆମ ପାଇଁ ଗୋଟେ ପୂଣ୍ୟ ତଥା ନିବିଡ ସମ୍ପର୍କ କାହିଁକି ହେଇ ନପାରିବ ? ଆଶୀର୍ବାଦର ରୂପ କାହିଁକି ନ ମିଳିବ ? ଶେଷରେ ତୃପ୍ତି ଜୋରରେ ରୋହନର ପାପୁଲିକୁ ଧରିଲା । ରୋହନ କହିଲା କଣ ହେଲା କିଛି ଅସୁବିଧା ? ତୃପ୍ତି ନିରୁତ୍ତର୍ ହୋଇଗଲା । ରୋହନ, ସାଙ୍ଗ ଚମକି ପଡ଼ିଲୁ କି ? ମୁଁ ଅଛି ନା ! ଏତିକି ବେଳେ ତୃପ୍ତି, ଆହୁରି ଜୋରରେ ତା ହାତକୁ ଧରିନେଲା । ରୋହନ ଚାହିଁଲା ମନ୍ଦିର ଚାରି ପାଖକୁ ଖାଲି ପୂଜାରୀ କିଛି ଭକ୍ତ ସବୁ କିଛି ସାଧାରଣ ଭଳି ଲାଗୁଚି, ହେଲେ ତୃପ୍ତିର ବ୍ୟବହାର ବହୁତ୍ ଅସାଧାରଣ ତାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଗୁଥିଲା, ସେ ଆଉ କିଛି ପଚାରିବା ଆଗରୁ ତୃପ୍ତି କହିଲା ସାଙ୍ଗ ଗୋଟେ କଥା ପଚାରିବି ? ରୋହନ କହିଲା ହଁ ପଚାର କଣ ହେଇଛି ତୋର ? ତୃପ୍ତି ପଚାରିଲା ମୁଁ ତୋତେ କେମିତି ଲାଗେ ? ରୋହନ୍ ଚମକି ପଡିଲା, ଆରେ ! ଏ କି ବିଚିତ୍ର ପ୍ରଶ୍ନ ? ବାସ୍ କହନା ହଁ ରେ ତୁ ମୋତେ ବହୁତ୍ ଭଲ ଲାଗୁ । ମୁଁ ତୋ ସାଥେ ପୁରା ଶାନ୍ତି ଅନୁଭବ କରେ ମୋର ସବୁ କଥା ତୋତେ ବାଣ୍ଟିବାକୁ ଭଲଲାଗେ, ଏତିକି ବେଳେ ରୋହନ ଟିକେ ଲାଜେଇଗଲା ଆଉ କହିଲା, ତୃପ୍ତି ତୁ ଶେଷରେ ମୋତେ ! ସେ ସବୁ କିଛି ବୁଝି ସାରିଥିଲା ଯେ ତୃପ୍ତିର ଅଜଣା ବ୍ୟବହାର ଗୋଟେ ପ୍ରେମ ଫଗୁଣର ଛିଟା । ହେ ପ୍ରଭୁ ! ହେଲେ ମୁଁ ସେମିତି କିଛି ମନରେ ଆଣିନିରେ । ତୃପ୍ତି ପଚାରିଲା, ତାହେଲେ ମୁଁ କଣ ତୋ ପାଇଁ ଯୋଗ୍ୟ ନୁହଁ ? ରୋହନ କହିଲା ଆରେ ନା ନା ମୁଁ କହିଲି କି ? ସେମିତି କିଛି ନାହିଁ । ତୃପ୍ତି, ତାହେଲେ ଆମେ ଚାଲୁନୁ ଜୀବନସାରା ଏକାଠି ସାଥି ହୋଇ ଚାଲିବା । ମୁଁ ଜାଣିନି ରୋହନ ମୁଁ ତୋତେ ସାଙ୍ଗ ହିସାବରେ ହେଉ କି ଆଉ କିଛି ତୋ ଆଡ଼କୁ ଟାଣିହୋଇ ସାରିଛି ମୋ ମନ ତତେ ସବୁବେଳେ କାହିଁକି ଖୋଜେ ଏଇ କିଛି ଦିନହେବ । ମୁଁ ବହୁତ୍ ଭଲ ପାଏ ତୋତେ । ଆଉ ଆଶା କରୁଛି ମୁଁ ତୋ ସାଥେ ଶାନ୍ତିରେ ଜୀବନ ବିତାଇ ପାରିବି । ଆଛା ତୁ କିଛି କହିବୁନି ? ରୋହନ ଆଉ କଣ କହିବି ଯଦିଓ ଏତେ ଭାବି ନ ଥିଲି ମୁଁ ବି ବହୁତ୍ ଭଲ ପାଏ ତୋତେ, ତୋତେ ଖୁସିରେ ଦେଖିଲେ ବହୁତ୍ ଭଲ ଲାଗେ ମୋତେ ।

ବାସ୍ ଘରକୁ ଫେରି ଦୁହେଁ ଦୁହିଙ୍କ କଥା ରଖିଲେ ପରିବାରରେ । ଗୋଟେ ରାତିରେ ସବୁ କିଛି ନିଷ୍ପତି ବଦଳି ଗଲା କାହିଁକି ନା ରୋହନର ବାପା ମା ଏବଂ ତୃପ୍ତିର ବାପା ମା ଜାଣିଥିଲେ ସେମାନଙ୍କ ବନ୍ଧୁତା ପିଲା ବେଳୁ ହଠାତ୍ ଏପରି ନିଷ୍ପତି ସେମାନେ ନୀରବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରହିଲେ, ଖାଲି ରୋହନର ବାପା ସାଧାରଣ ପ୍ରଶ୍ନ କଲେ, ତୁମେମାନେ ଭାବିଚିନ୍ତି ନିଷ୍ପତି ନେଇଲ କି ? ରୋହନ ପ୍ରତି ଉତ୍ତର ରଖିଲା, ବାପା ଆମେ ଦୁହେଁ ଜୀବନ ବିତାଇବୁ କିପରି ସମାଜ ଆଗରେ ଚଳିବୁ ଆମ ହାତେ ଛାଡ଼ିଦିଅ, ଆଉ ମୁଁ ଭାବୁଛି ତୁମକୁ ଏଥିରେ ଅସୁବିଧା କିଛି ହେବନି କି ତୃପ୍ତି ଅପସନ୍ଦ ହେବନାହିଁ, ତୁମର ମାନ ସମ୍ମାନ କେବେ ତଳେ ପଡ଼ିବନି । ବାସ୍ ଦୁଇ ପରିବାରର ଡିମାଣ୍ଡ ସେଇଠି ସରି ଯାଇଥିଲା, ସେମାନେ ନିଷ୍ପତି ନେଲେ ଯେ ପିଲାଙ୍କ ଖୁସି ସାରା ପରିବାରର ଖୁସି ସେ ଦୁହେଁ ଠିକ୍ ରହିବା ଦରକାର୍ । ବାସ୍ ଧୁମ୍ ଧାମରେ ବିବାହ ସରିଲା । ନୃତ୍ୟ ଗୀତ ପରିବେଷଣରେ ସମସ୍ତେ ଝୁମିଥିଲେ, ଷ୍ଟେଜରେ ରୋହନ ଏବଂ ତୃପ୍ତି ଗୋଟିଏ କଥା ରଖିଥିଲେ, ବିବାହ ଦୁଇ ମନର ନୁହଁ ଦୁଇ ପରିବାରର ମିଳନ । ଯଦି ଜୀବନସାଥୀ ଦେଖୁଛନ୍ତି, କୌଣସି ବରପାତ୍ର ହେଉ କି ବୋହୂ କେବେ କାହାରି ଉପରେ କିଛି ଡିମାଣ୍ଡ ରଖନ୍ତୁ ନାହିଁ । ବାସ୍ ଗୋଟିଏ ଜିନିଷ ଦେଖନ୍ତୁ ଆପଣଙ୍କ ଝିଅ କିମ୍ବା ଜ୍ୱାଇଁ ଠିକ୍ ସେ ଜୀବନ ଚଳି ପାରିବ କି ନାହିଁ, ଦୁହେଁ ସାରା ଜୀବନ ଖୁସିରେ ରହିପାରିବେ କି ନାହିଁ । ହୃଦୟର ମଣିଷକୁ ଦେଖନ୍ତୁ । କିଛି ଟଙ୍କା ପଇସା ଧନୀ ଗରିବ ନୁହଁ । ହେଲେ ସମାଜ ସୁନ୍ଦର୍ ବନିଯିବ...।

ସହିଦ୍ ଇରମ
ବାସୁଦେବପୁର ଭଦ୍ରଖ
୭୫୬୧୨୫
ମୋ: ୯୮୫୩୫୫୬୩୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସହିଷ୍ଣୁତା

ଶୋଭାମୟୀ ପତ୍ରୀ



ଏଇ ଶୁଣ....,

ସେ ପୁରାଣ ବଖାଣିବା ବନ୍ଦ କର ତ,

ସହିଷ୍ଣୁତା ଫହିଷ୍ଣୁତା ପାଠ ମତେ ଜମା ପଢ଼ାନା,

ମୁଁ ଯାହା ଜାଣିଛି ଯାହା ବୁଝିଛି ଠିକ୍,

ଆଜିକାଲି ଯିଏ ଯେତେ ସହିବ ତା ମୁଣ୍ଡରେ ସେତେ ଅଧିକ ପଥର ଲଦା ହବ........

ଦେଖିଲନି କି ଏଇ କେଇଟା ଦିନ ଭିତରେ ଦୁନିଆଟା କେମିତି ବଦଳିଗଲା, ବଡ଼ ବୋଲି ମୁଁ ନିଆଁରେ ମୁତିଛି ଆଉ ସିଏ ଅତି ଗେହ୍ଲା, ମୋ ପାଇଁ କେତେ କାଇଦା କଟକଣା ଆଉ ତା କଥାରେ ଉଠୁବସ୍ , ବାପାଲୋ ବାପାଲୋ କି ମାୟା........ଯେତିକି ଗଙ୍ଗା ଗଲି ସେତିକି ଫଳ ପାଇଲି ଆଉ ନୁହେଁ ମୋଟେ ନୁହେଁ । ଏତେଗୁଡାଏ ଶବ୍ଦ ପାଟିରୁ ବାହାରି ସରିଲା ପରେ ସିପା ଯେମିତି ଏକରକମ ଥଣ୍ଡା ବୋଧ ଅନୁଭବ କରୁଥିଲା, ତା ଅଗ୍ନି ଉଦ୍ଗରଣ ସହିତ ସ୍ୱାମୀ ସମ୍ପଦର ଚୁପି ତାକୁ ସହମତି ଭଳି ଜଣା ପଡୁଥିଲା । ସେ ଗୋଡ଼ କାଟି କାଟି ଡ୍ରଇଙ୍ଗ ରୁମ୍ ରେ ପଶିଲା ଯୋଉଠି ତାଙ୍କ ପୁଅ ଶୁଭମ୍ ଖାତା ବହି ମେଲେଇ ବସିଥିଲା, ଦେଖିଲେ ଲାଗୁଥିଲା ତ ପଢିଲା ଭଳି ହେଲେ ତା ମନ ଘରର କଳି ଆଡେଥିଲା । ସିପା ରାଗ ଗରଗର ହୋଇ କୋଠରୀ ଭିତରେ ପଶି ଶୋଫା ଉପରେ ନଥ୍ କିନା ବସି ଗଲା । ଶୁଭମ୍ ବହି ପାଖରୁ ଉଠି ଆସି ମାଆ ବେକରେ ଝୁଲି ପଡି କହିଲା ମାଆ ସହିଷ୍ଣୁତା ମାନେ କଣ ?

ସିପା ବଡ଼ ବଡ଼ ଆଖି କରି ତା ଆଡେ ଚାହିଁଲା, ଶୁଭମ୍ ମାଆ ଗାଲରେ ଗାଲ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲଗେଇ କହି ଚାଲିଲା, ଜାଣିଛ ମାଆ, କାଲି ସଂଧ୍ୟାରେ ତୁମେ ବାପା ବଜାରକୁ ଗଲା ପରେ ଜେଜେ ଜେଜେମାଆ ଏଇ କଣ ସହିଷ୍ଣୁତା ବିଷୟରେ କଥା ହେଉଥିଲେ ଆଉ ଜେଜେମାଆ କାନ୍ଦି କାନ୍ଦି କହୁଥିଲେ କି ମୋ ବଡ଼ବୋହୁର ସହିଷ୍ଣୁତା ଗୁଣ ପାଇଁ ଆଜିଯାଏ ଆମ ପରିବାର ଭଲରେ ଚାଲିଛି ଆଉ ବଂଶର ମର୍ଯ୍ୟାଦା ଟେକ ରହିଛି ନହେଲେ ସାନ ପୁଅବୋହୁଙ୍କର ଯେଭଳି କାର୍ଯ୍ୟକଳାପ କେବେଠାରୁ ଅପମାନରେ ମଣିଷ ମରି ଶୁଅନ୍ତାଣି, ବିଚାରିର ଖାଇବା, ପିନ୍ଧିବା, ସୌଖିନ କରିବା କୌଣସିଥିରେ ନା ଆଗ୍ରହ ନା ଅଭିଯୋଗ କି ଦଶ ପଦରେ ପଦେ ଉତ୍ତର ନାହିଁ ହେଲେ ଆମେ ତା ପ୍ରତି ଅନ୍ୟାୟ କରି ନର୍କରେ ପଡିବା ଅପେକ୍ଷା ମୋର ଯେତେକ ଗହଣା ସବୁ ତାକୁ ଦେଇଦେବା । ଜେଜେ ଜେଜେମାଆ ଆଖିରୁ ଲୁହ ପୋଛି ଦେଇ କହୁଥିଲେ କି, ଆଗପଛ ନ ଭାବି ସେ ଆମ ଜନ୍ମିତ ଝିଅ କି ମାଆ ପରି ଆମର ସେବା ଯତ୍ନ କରୁଛି ସାତ ଜନ୍ମରେ ତା ଋଣ ସୁଝି ହବନି, ଭଗବାନ କରନ୍ତୁ ଆମେ ଆର ଜନ୍ମରେ ତାରି କୋଳରେ ଜନ୍ମ ହୋଇ ତାର ସେବା କରି ଋଣମୁକ୍ତ ହେବାର ସୁଯୋଗ ପାଉ । ଶୁଭମ୍ ର କଥା ନ ସରୁଣୁ ସିପା ତାକୁ ଟାଣିଆଣି କୁଣ୍ଢେଇ ଧରି ଜୋରରେ କାନ୍ଦି ଉଠିଲା ଆଉ କହୁଥିଲା ଧନରେ ତୁ ମୋ ଆଖି ଖୋଲିଦେଇ ମତେ ଏକ ବିରାଟ ପାପରୁ ଉଦ୍ଧାର କଲୁ । ସେ ସଙ୍ଗେସଙ୍ଗେ ରନ୍ଧା ଶାଳକୁ ଯାଇ ଶାଶୁଶ୍ୱଶୁରଙ୍କ ମନ ପସନ୍ଦର ଖାଇବା ବନେଇ ଥାଳି ସଜେଇ ସେମାନଙ୍କ ପାଖରେ ରଖିଦେଇ ଶାଶୁଙ୍କ କୋଳରେ ମୁଣ୍ଡ ଗୁଞ୍ଜିଦେଲା ।

ଶୋଭାମୟୀ ପତ୍ରୀ, କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିର୍ଭୟା

ଭବାନୀ ଶଙ୍କର ଦାଶ



ସେ ମାତ୍ର ୧୩ ବର୍ଷ ବୟସର ଥିଲା ।

ପୂର୍ବରୁ, ସେ ତାଙ୍କ ପରିବାର ସହିତ ଏକ ଜୀବନ ବଞ୍ଚୁଥିଲା । ସୁଖମୟ ଦିନ ଏବଂ ହସ ସହିତ, ଜୀବନର ସମସ୍ତ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ଏକ ଯୁବତୀଙ୍କୁ ପ୍ରଦାନ କରିପାରୁଥିଲା । ସେ ସେହି ଜୀବନକୁ ଭଲ ପାଉଥିଲେ । ସେ ସେହି ଦିନଗୁଡ଼ିକ ମଧ୍ୟରୁ ଅଧିକାଂଶ ସମୟରେ ପ୍ରେମ ଅନୁଭବ କରୁଥିଲେ । ତାଙ୍କର ଏକ ଘର ଥିଲା । ଏହା ତାଙ୍କର ଥିଲା ଏବଂ ସେ ସମସ୍ତଙ୍କର ଥିଲା ।

ତଥାପି ସେ ସବୁବେଳେ ଟିକେ ଅସ୍ବଷ୍ଟ ଅନୁଭବ କରୁଥିଲେ । ତାଙ୍କ ଚାରିପାଖରେ ଥିବା ସମସ୍ତଙ୍କ ପରି ସେତେ ବୁଦ୍ଧିମାନ ନଥିଲା, ସବୁବେଳେ ସେ ଚେଷ୍ଟା କଲେ ବିଫଳ ହେଉଥିଲା, କିନ୍ତୁ ଏହାର ମୁଖ୍ୟ କାରଣ ଥିଲା ସେ ଏପର୍ଯ୍ୟନ୍ତ ତାଙ୍କର ଆତ୍ମବିଶ୍ୱାସ ପାଇ ନଥିଲା - ଆତ୍ମବିଶ୍ୱାସ, ତାଙ୍କ ଅଜଣା, ସେ ମହିଳା ହେବା ପରେ ପୂର୍ଣ୍ଣ ପରିସରକୁ ଆସିବ ।

ଏହି ଝିଅଟିର ଜୀବନ ବଦଳିଗଲା ଯେତେବେଳେ ସେ ଏତେ ବର୍ଷ ଧରି ଯେଉଁ ପରିବାରକୁ ଜାଣିଥିଲା, ତାହା ରାତାରାତି ଏବଂ ହଠାତ୍ ଉଭାନ ହୋଇଗଲା । ସେ ଯେଉଁ ଜୀବନକୁ ଜାଣିଥିଲା, ତାହା ଉଭାନ ହୋଇଗଲା । ଆଖି ପିଛୁଳାକେ ସବୁକିଛି ବଦଳିଗଲା, ଏବଂ ସେ ମଧ୍ୟ ।

ଜୀବନ ଆଗକୁ ବଢୁଛି, ଯେପରି ଏହା ଚାଲିଛି । ସେ ଏପରି ଏକ ସ୍ଥାନରେ ଚାଲିଗଲେ ଯେଉଁଠାକୁ ଆଉ ଘର ପରି ଲାଗୁନଥିଲା । ସେ ଭୟଭୀତ ଏବଂ ଏକାକୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥିଲା । ସମସ୍ତେ ଚାଲିଯାଇଥିଲେ ଏବଂ ସେ ପ୍ରାୟତଃ ଭାବୁଥିଲା, କିପରି ଜିନିଷଗୁଡ଼ିକ ଏତେ ଶୀଘ୍ର ଏବଂ ଏତେ ବଡ଼ ପରିବର୍ତ୍ତନ ସମ୍ଭବ ହେଲା । ମହାନଦୀ କୂଳେ ଏକ ଗାଁ ନୟାଗଡ଼ ଜିଲ୍ଲା ସ୍ଥିତ ପଦ୍ମାବତୀ । ଯେଉଁଠାରେ ବାସ କରୁଥିଲେ ହରି ସାମନ୍ତରାୟ ଜଣେ ସମ୍ଭ୍ରାନ୍ତ ବ୍ୟକ୍ତି । କହିବାକୁ ଗଲେ ୩୦୦ ଏକର ଜମି । ନିଜର ୪ଭାଇ ସହିତ ମିଳିମିଶି ରହୁଥିଲେ । ଘରେ ଏକୁଟିଆ ଝିଅ ସବିତା ଭାରି ଗେହ୍ଲା ସମସ୍ତଙ୍କର, ଜେଜେମାର ଭି ଭାରି ଗେହ୍ଲା ।

ହଠାତ ଏକ ରାତିର ମହାନଦୀରେ ଏମିତି ପାଣି ଆସିଲା ଜମି ଠାରୁ ୪୦ ଫୁଟ୍ ପାଣି ସବୁ ଧ୍ୱଂସ ହେଇଗଲା, ପକ୍କା ଘର କାନ୍ଥ ଭାଙ୍ଗି ପଡ଼ିକରି ଲୋକ ସବୁ ମରିଗଲେ, ଯୋଉ ଗଛ ସବୁ ଭାସି ଆସିଥିଲା ତାକୁ ଧରି କିଛି ଲୋକ ବଂଚିଗଲେ । ସବିତା ତା ସାନ ଭାଇ ଯେଜେମାକୁ ନେଇ ଗଛରେ ଲଟକି ରହିଗଲା ଦମକଳ ଦଳ ବଞ୍ଚେଇଦେଲେ, ମାତ୍ର ଆଉ ସମସ୍ତେ ମରିଗଲେ, ଜମି ସବୁ ନଦୀରେ ମିଶିଗଲା । ଯେତିକି ଲୋକମାନେ ରହିଲେ ଅନ୍ୟ ପାଖ ଗାଁରେ ବାସ କଲେ, ସରକାରଙ୍କର ସହାୟତା ପାଖାପାଖି ୨ବର୍ଷ ଯାଏଁ ରହିଲା ତାପରେ ବନ୍ଦ ହେଲା, ସବିତା ଘରେ କାମ କରିବା ପାଇଁ କେହି ନାହିଁ, ପରିସ୍ଥିତି ବହୁତ୍ ଦୟନୀୟ ହେଲା, ବୁଢ଼ୀ ମା ଯିଏ ଏତେ ଗେହ୍ଲା କରୁଥିଲା ତାକୁ ଚିଡିଲା । କୁଆଡ଼େ ଯିବା ଆସିବା କରିଲେ ରାଗିକରି ଡାକ ପକାନ୍ତି ଲୋ ସବିତା, ଲୋ ସାବି, ଲୋ ନିଆଁ, ଲୋ ଚୁଲି କୋଠିକି ମରିବାକୁ ଗଲୁ । ଜେଜେମାର ଏ କଟୁ ବଚନ ସବିତା ସହି ପାରେନା ସାନ ଭାଇ ବଡ଼ ହେଲାନି କାମ କରି ଯାହା ଆଣେ ଗୋଟେ ଓଳି ଖାଇବା ହୋଇଯାଏ ।

ଦିନେ ସେ ଗାଁରେ ବିବାହ ଉତ୍ସବ ଥିଲା କିଛି ବରଯାତ୍ରୀ ଆସିଥିଲେ । ସେଥିରୁ ଜଣକୁ ଦେଖୁ ଦେଖୁ ସବିତା ମନ ଦେଇ ବସିଲା । ତା ସହିତ ଫେରାର ହୋଇଗଲା । ଜାଣି ନଥିଲା ସିଏ ଗୋଟେ ଖରାପ୍ ପିଲା ବୋଲି । ସିଏ ତାକୁ ବାହା ହେଇ କଲିକତା ନେଇ ବିକି ଦେଲା । ସେଠି ସିଏ ବାରମ୍ବାର ଗଣଧର୍ଷଣର ଶିକାର ହେଲା, ଦିନେ ଝିପିଝିପି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମେଘ ହଉଥାଏ । ସେଠୁ ସିଏ ଲୁଚି ଧାଇଁ ଆସିଲା ସେମାନେ ଗୋଡେଇ ଗୋଡେଇ ଆସିଲେ, ସବିତା ଅନ୍ଧାର ରାତିର ବିଜୁଳି ଆଲୋକରେ ରାଜପଥ ଉପରକୁ ଆସିଗଲା । ହଟାତ୍ ଗୋଟେ ଡକ୍ଟର ଦମ୍ପତି ପିଛା କଲା ସେଇ ଖଳ ଲୋକମାନଙ୍କୁ, ସେମାନେ ପଳେଇଗଲେ, ତାପରେ ସେମାନେ ସବିତାକୁ ଜଲଦି ଜଲଦି କାରରେ ବସେଇ ନେଇ ଆସିଲେ । ତାର ଏ ଅବସ୍ଥାକୁ ଘରେ କେହି ଜାଣି ନାହାନ୍ତି, ସାନ ଭାଇ ଯାହା ଆଣୁଚି ଜେଜେମା ସିଏ ମିଶିକରି ଖାଉଛନ୍ତି, ଆଜିବି ଜେଜେମା ମନେ ପକାଇ କାନ୍ଦି କାନ୍ଦି ଡାକୁଚି ଲୋ ସବିତା ଲୋ ସାବି, ଲୋ ନିଆଁ ଲୋ ଚୁଲି କୁଆଡ଼େ ପାଲେଇଗଲୁ ଏ ବୁଢ଼ୀ ଜେଜେମା ଛାଡ଼ି । ଡକ୍ଟର ଦମ୍ପତି ତାକୁ ସେବା କରି ପୁରା ଠିକ୍ କଲେ, ତାର ମନୋବଳ ଯାହା ଭାଙ୍ଗି ଯାଇଥିଲା ତାକୁ ପୂର୍ଣ୍ଣ ରୂପେ ଶକ୍ତ କଲେ ଭାଗ୍ୟକୁ ତାଙ୍କର କେହି ସନ୍ତାନ ନଥାଏ ସେମାନେ ତାକୁ ନିଜର ଝିଅ ପରି ରଖିଲେ କିନ୍ତୁ ସବିତା ଏତେ କଷ୍ଟ ଦେଖିଲେଣି କାହାକୁ ନିଜର କରିବା କଷ୍ଟ ହେଲା ଧିରେ ଧୀରେ ଡ଼କ୍ଟର ଦମ୍ପତି ତାର ପୁରା ଫାମିଲ ଷ୍ଟୋରୀ, ତାର ନିଜର ଜୀବନ ଯାତ୍ରା ଶୁଣିଲା ପରେ ତାକୁ ଶାନ୍ତ୍ୱନା ଦେଇ ତାକୁ ନିଜର କରିଦେଲେ ।

ତାକୁ ପ୍ରଥମେ ଆତ୍ମରକ୍ଷା କରିବାର ଶିଖାଇଲେ ସେଥିରେ ସବିତା କଳା ପଦକ ବିଜେତା ହେଲା ତାପରେ ତା ପାଇଁ ଗୋଟେ ବଡ଼ କପଡା ଦୋକାନକରି ଦେଲେ, ସବିତା ସେଥିରେ ବହୁତ୍ ବଡ଼ ବେପାରୀ ହେଲା । ସେହି ଖଳ ଲୋକମାନେ ପୁଣି ଆସିଲେ, ନିଜେ ଲଢ଼ିଲା ସେମାନଙ୍କୁ ଉଚିତ ଶିକ୍ଷା ଦେଇ ପଠେଇଲା ।

ଗୋଟେ ଦିନ ଡକ୍ଟର ଦମ୍ପତି ଆସି କହିଲେ ତୁ ନିଜେ ଏବେ ସ୍ୱାବଲମ୍ବୀ ହେଲୁଣି ଥରେ ଗାଁକୁ ଯାଇ ଦେଖେ ତୋ ଭାଇ ଜେଜେମା କଣ କରୁଛନ୍ତି ।

ତାଙ୍କ କଥାଶୁଣି ନିଜ ଲାଜ ମୁହଁରେ ବାନ୍ଧି ବାହାରିଲେ । ଗାଁକୁ ପହଞ୍ଚି ଦେଖେ ଜେଜେମା ଅବସ୍ଥା ଖରାପ, ସାନ ଭାଇ ଆଗଭଳି ଅନ୍ୟର କାମ କରି ଘର ଚଳାଉଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିଦିକି ଏଇ ସ୍ଥିତିରେ ଦେଖିବହୁତ ଖୁସି ହେଲା ସାନ ଭାଇ । ସବୁକଥା ବୁଝିଲା । ଜେଜେମା ସବିତାକୁ ଦେଖି ପୁଣି ଥରେ ଖୁସିରେ ଡାକିଲା ଲୋ ସବିତା, ଲୋ ସାବି ଲୋ ନିଆଁ ଲୋ ଚୁଲି, ଡାକି ଡାକି ତାର ଶେଷ ନିଶ୍ୱାସ ତ୍ୟାଗ କଲା, ଗାଁ ଲୋକ ମାନକୁ ଆଉ ରଡି ଶୁଭିଲାନି ।

ଜେଜେମା ସବୁ କର୍ମ ସାରି ସାନଭାଇକୁ ଧରି କଲିକତା ଆସିଗଲା ନିଜ ଦୋକାନରେ ଭାଇ ଭଉଣୀ ସ୍ଥିର କଲେ, ଡକ୍ଟର ଦମ୍ପତିଙ୍କୁ ବାପାମା ଡାକି ରହିଲେ, ଯୋଉ ଡକ୍ଟର ଦମ୍ପତି ଛୁଆ ନଥିଲା ବୋଲି ମନ ଦୁଃଖ କରୁଥିଲେ ୨, ୨ଟା ଛୁଆ ପାଇଁ ଭାରି ଖୁସି । ଏମାନଙ୍କର ବ୍ୟବହାର ଦେଖି ସବୁ ଲୋକମାନେ ଭି ଭାରି ଖୁସି । ଦିଦି ଠାରୁ ସବୁକଥା ଶୁଣିଲା ପରେ ସାନଭାଇ କହିଲା ମୋ ଦିଦି ଭଳି କେହି ନିର୍ଭୟା ହେଇପାରିବନି ।

ଠିକଣା - ଗୌରଦେଇପୁର, କୋଦଳା , ଗଞ୍ଜାମ ଓଡ଼ିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଲୋଭ

ଆଶୁତୋଷ ମେହେର



ପୁରୁଣାଗଡ ରାଜ୍ୟରେ ରାଜୁତି କରି ଆସୁଥିଲେ ସିଂହ ବଂଶର ରାଜାମାନେ ପୁରୁଷାନୁକ୍ରମିକ ଭାବେ । ଏହି ରାଜବଂଶର ଶେଷ ରାଜା ଦୁର୍ଗାସିଂହ ଥିଲେ ପ୍ରଚଣ୍ଡ ଧନ ଲୋଭି । ନିଜ ପଡୋଶୀ ରାଜ୍ୟମାନଙ୍କୁ ଆକ୍ରମଣ କରି ଲୁଟିଥିଲେ ଅମାପ ଧନ, ଟଙ୍କା ସୁନା ରତ୍ନ ଇତ୍ୟାଦି । ସମୟ ଗଡିଲା, ରାଜା ଦୁର୍ଗାସିଂହ ରୋଗରେ ପଡି ଶଯ୍ୟାଶାୟୀ ହେଲେ ତଥାପି ଧନପ୍ରତି ମୋହ କମ୍ ହେଉନଥିଲା । ସେ ତାଙ୍କର ପ୍ରଧାନମନ୍ତ୍ରୀଙ୍କୁ ଆଦେଶ ଦେଲେ ଯେ, ତାଙ୍କର ମୃତ୍ୟୁ ପରେ ସମସ୍ତ ଅର୍ଜିତ ଧନସମ୍ପତ୍ତି ସହ ତାଙ୍କୁ ସମାଧିସ୍ଥ କରାହେବ ।

ସେୟା ବି ହେଲା ଓ ରାଜା ଦୁର୍ଗାସିଂହ, ମୃତ୍ୟୁ ପରେ ତାଙ୍କର ସମସ୍ତ ଧନଭଣ୍ଡାର ସହ ସମାଧି ଭିତରେ ଚିରନିଦ୍ରାରେ ଶୋଇଗଲେ । ସମୟକ୍ରମେ ରାଜା ଦୁର୍ଗାସିଂହ ଇତିହାସ ପାଲଟି ଗଲେ ଓ ତାଙ୍କର ସମାଧୀ ଜରାଜୀର୍ଣ୍ଣ ହୋଇ ପଡିରହିଲା ।

ସବୁକଥା ଧୀରେ ଧୀରେ ଲୋକକଥା ପାଲଟିଗଲା । ଏବେ ବି ସେ ରାଜ୍ୟର ଲୋକେ ନିଜନିଜ ଭିତରେ କଥା ହୁଅନ୍ତି, କୁଆଡେ ରାଜା ଦୁର୍ଗାସିଂହଙ୍କ ସମାଧିର ଉପରର ପଥର ଦ୍ୱାର କେବଳ ନିର୍ଦ୍ଦିଷ୍ଟ ଚନ୍ଦ୍ରଗ୍ରହଣ ହେବାକୁ ଥିବା ପୂର୍ଣ୍ଣିମୀରାତି ରେ ଖୋଲାଯାଏ ଓ ଭିତରେ ସମାଧି ଦିଆଯାଇଥିବା ଧନସମ୍ପଦ ସୁନାଅଳଙ୍କାର ଇତ୍ୟାଦି ଦୃଷ୍ଟିଗୋଚର ହୋଇଥାଏ । ହେଲେ ସେମିତି ପ୍ରୟାସ କରୁଥିବା ଲୋକ ସେ ସୁନାଅଳଙ୍କାରର ଝଟକରେ କୁଆଡେ ସବୁଦିନ ପାଇଁ ଅନ୍ଧ ହୋଇଯାଇଥାନ୍ତି । ତେଣୁ କେହି ସାହାସ କରି ଅନ୍ୟ ଦିନରେ ମଧ୍ୟ ସେ ସମାଧି ପାଖକୁ ଯାଆନ୍ତି ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଲେ ସେ ବର୍ଷ, ଗୋଟାଏ ଚନ୍ଦ୍ର ଗ୍ରହଣ ହେବାକୁ ଥିବା ରାତି ସମୟରେ ସେ ଗାଁ ଜଣେ ସାହସୀ ଯୁବକ ବିକ୍ରମ ସାହାସ ଯୁଟାଇ ସେଇ ସମାଧି ପାଖରେ ପହଞ୍ଚିଲା । ଚନ୍ଦ୍ରଗ୍ରହଣ ଆରମ୍ଭ ହେବା ମାତ୍ରେ, ଚନ୍ଦ୍ର ଧୂସର ରକ୍ତବର୍ଣ୍ଣ ହବାକୁ ଆରମ୍ଭ ବେଳକୁ ସମାଧୀ ଉପରର ପଥର ଚଟାଣ ଧୀରେ ଧୀରେ ଖୋଲିବା ଆରମ୍ଭ କଲା । ବିକ୍ରମ ଚକିତରେ ସେ ଖୋଲା ସମଧି ଭିତରକୁ ଅନାଇଲା, ଦେଖିଲା ଭିତରେ ଗାଢ଼ ଅନ୍ଧାର ଭିତରେ ସୁନା ଓ ରତ୍ନ ସବୁ ଚକ୍ ଚକ୍ କରି ଝଟକୁଛନ୍ତି । ମଝି ଭାଗରେ ରାଜାଙ୍କ ସିଂହାସନ ଉପରେ  ବସିବା ମୁଦ୍ରାରେ ଥିଲା ଗୋଟାଏ କଙ୍କାଳ, ହେଲେ ଗୋଟାଏ ଜୀବନ୍ତ ଆଖି ସେ କଙ୍କଳର ଆଖି କୋରଡ ଭିତରୁ ତା ଆଡକୁ ଚାହିଁ ରହିଥିଲା । ବିକ୍ରମ ଭୟରେ ପଛକୁ ପାଦେ ଦୁଇ ପାଦ ହଟିଗଲା । ଅନୁଭବ ହେଲା ତା ପାଦତଳ ଯେମିତି ଶୀତଳ ହୋଇ କୋଲମାରି ଯାଉଛି । ଭୟରେ ଚିତ୍କାର କରିବା ଆଗରୁ ଗୋଟାଏ ଗମ୍ଭୀର କଣ୍ଠରେ କେହି ଜଣେ କହିଲା, "ସାବଧାନ, ମୋ ଧନ ସମ୍ପତ୍ତି ଉପରେ ହାତ ଦେ ନା । ସମ୍ପତ୍ତି ଲୋଭରେ ମୁଁ ଏ ଯାଏଁ ମରିପାରିନି... ମୁଁ ଏ ସମାଧି ଭିତରେ ସବୁ ସମ୍ପତ୍ତିକୁ ଜଗି ରହିଛି । ଯିଏ ଧନ ନେବାକୁ ଚେଷ୍ଟାକରିବ, ସେ ମୋ ସହ ଏଠି ଏ ସମାଧି ଭିତରେ ହିଁ ସବୁଦିନ ପାଇଁ ରହିବ । ସମ୍ପତ୍ତି ଲୋଭରେ ମୋ ପରି, ମୋ ସହ ଏଇଠି ଏମିତି ବିନା ମୋକ୍ଷରେ ସଢୁଥିବ ।”

ବିକ୍ରମ କିଛି ସମ୍ପତ୍ତି ନେବ କଣ,ଭୟରେ କିଛି ଦୂରକୁ ଦୌଡ଼ି ପଳାଇ ଠିଆ ହେଲା । ପଛକୁ ଫେରି ଚାହିଁଲା, ସମାଧିର ଉପର ଚଟାଣ ପୂର୍ବବତ୍ ବନ୍ଦ ହୋଇଯାଇଛି ।

ଆଉ କିଛି ନ ଭାବି ସେ ଦୌଡି ଦୌଡି ଏକ ନିଶ୍ୱାସରେ ପହଞ୍ଚିଲା ଯାଇ ଗାଁ ଭିତରେ । କିନ୍ତୁ ତା’ର ଅନୁଭବ ହେଲା, ତା'ର ଡାହାଣ ହାତରେ କଣ ଗୋଟାଏ ଜିନିଷ ରହିଯାଇଛି । ଅନାଇ ଦେଖିଲା ବେଳକୁ ହାତରେ ଥିଲା ଗୋଟାଏ ଚାରିଚଉତା କାଗଜ ଖଣ୍ଡେ । ଖୋଲି ଦେଖିଲା ବେଳକୁ ସେ ପଢ଼ିଲା ତା ଦେହରେ ଲେଖା ଅଛି, "ଆଉ କେବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏମିତି ସାହସ କରି, ସମ୍ପତ୍ତି ଲୋଭରେ ଏଇଠାକୁ ଆସିବୁନି । ଯଦି ଆସିବୁ ଜୀବନ ନେଇ ଫେରିବୁ ନାହିଁ । ସମ୍ପତ୍ତି ଲୋଭରେ ମୋ ସହ ଏ ସମାଧି ଭିତରେ ଭୂତପ୍ରେତ ହୋଇ ସବୁଦିନ ରହିବୁ ।"

ସେ ଦିନରୁ ଗ୍ରାମରେ ଲୋକେ ସେ ପୁରୁଣା ସମାଧି ପାଖକୁ ଯିବାକୁ ସାହସ କରନ୍ତି ନାହିଁ ।

୫୪ ଆର୍ଯ୍ୟପଲ୍ଲୀ
କିଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କୁକୁଡ଼ା ସଂକଟମୋଚନ

ସୁଧାଂଶୁ ଶେଖର ଦ୍ୱିବେଦୀ



ସଙ୍କଟ ବେଳେ ବୁଡି ଯାଉଥିବା ପ୍ରାଣୀକୁ କୁଟାଖିଏ ବି ସାହାରା ବୋଲି ଭାବି ମନକୁ ଦମ୍ଭ କରିବାକୁ ପ୍ରୟାସ କରେ । ଆରେ ଭାଇ ! ପ୍ରାଣ ପ୍ରତି କାହାର ମୋହ ନାହିଁ ? ହେଲେ ନଶ୍ୱର ଜଗତ ତାହା କରିବାକୁ ଦେଇନଥାଏ । ଯିଏ ଧରିତ୍ରୀ ପୃଷ୍ଠରେ ଜନ୍ମିଛି ତାକୁ ଦିନେ ମୃତ୍ୟୁବରଣ କରିବାକୁ ହେବ । ଶ୍ରୀମଦ୍ ଭାଗବତ ଗୀତାରେ ମଧ୍ୟ ଶରୀର ଓ ଆତ୍ମାର ସମ୍ପର୍କ କେବଳ ମାତ୍ର ବସ୍ତ୍ର ବଦଳିବା ସହିତ ସୀମିତ କରାହୋଇଛି । କେହି କେହି ସଂସାରକୁ ପ୍ରପଞ୍ଚ କହି ଜୀବନରେ ସ୍ୱପ୍ନର ସଜ୍ଞାକୁ ନିଜ ଭିତରେ ଲୀନ କରିଛନ୍ତି । ପୁଣି କେହି ଜୀବନଯାତ୍ରାକୁ ମନୋରଞ୍ଜନ ଭାବି ଆସନ୍ତା କାଲି କଣ ହେବ ପାଶୋରି ଦେଇଛି । ଯିଏ ଯେଉଁ ଭାବେ ଜୀବନକୁ ଜାଣିଛନ୍ତି ସିଏ ସେଇ ଭାବେ ପରିଭାଷିତ କରିଛନ୍ତି ।

ସଂସାରରେ ପ୍ରାଣୀମାତ୍ର ଶ୍ୱାସ ଡୋରୀରେ ବନ୍ଧା । ବିଜ୍ଞାନ ଜୀବନର ଲକ୍ଷଣ ଜଣାଇ ଜୀବ-ଜନ୍ତୁଙ୍କଠାରେ ଜୀବନର ଆଧାର ସୁନିଶ୍ଚିତ କରିଥାଏ । କୁକୁଡ଼ା ଫାର୍ମରୁ ଆରମ୍ଭକରି ଛେଳି ପାଳନଯାଏ ବହୁତ ଗୁଡିଏ ବ୍ୟବସାୟ ଆଜିକାଲିର ସାଧନ ରୂପେ ଗତିଶୀଳ ହେଉଛି । ବଳଶାଳୀ ଦୁର୍ବଳକୁ ଭକ୍ଷଣ କରି ନିଜର ଉଦାର ପୂର୍ତ୍ତି କରିଥାଏ । ଏଭଳି ବାସ୍ତବିକତା କେହି ବି ଅସ୍ୱୀକୃତ କରିପାରିବେ ନାହିଁ । ତଥାପି କେତେକ ଅଛନ୍ତି ଅହିଂସା ପରମଧର୍ମ ଭାବେ ହୃଦୟ ଭିତରେ ଚାପି ରଖିଛନ୍ତି । ଯେମିତି ରାଜକୁମାର ସିଦ୍ଧାର୍ଥ କ୍ଷତାକ୍ତ ହଂସକୁ ବଞ୍ଚେଇବାର କାହାଣୀ ସ୍ମରଣ କରେଇଦିଏ । ଯେଉଁ କାହାଣୀରେ ସନ୍ଦେଶ ଦିଆ ହୋଇଥିଲା କ୍ଷତାକ୍ତ କରୁଥିବା ଶିକାରୀଠାରୁ କ୍ଷତାକ୍ତ ପକ୍ଷୀକୁ ରକ୍ଷା କରିଥିବା ମନୁଷ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମହାନ । ଯାହା ହୃଦୟରେ ଦୟାର ଭାବ ନାହିଁ ସେ ପଥର ସମାନ ହୋଇଥାଏ ।

ଆମ ଅନନ୍ତ ବାବୁଙ୍କର ହୃଦୟ ଅନେକ ବିଶାଳ । ଆଦିରୁ ଅନନ୍ତଯାଏ ପରୋପକାରରେ ବ୍ୟାପ୍ତ । ପଦଯାତ୍ରାରେ ବଜାର ଆଡ଼େ ଯାଉଥାନ୍ତି ଦେଖିଲେ କେତେ ଗୁଡିଏ କୁକୁଡ଼ା ଭାଡ଼ିରେ ଭର୍ତ୍ତିହୋଇ ମିନିଟ୍ରକ୍ ରେ ଯାଉଛନ୍ତି । ତାଙ୍କୁ ଯେମିତି ଜଣାଗଲା କୁକୁଡ଼ାଗୁଡିକ ଆତଙ୍କିତ ଅବସ୍ଥାରେ ଅଛନ୍ତି । ମୃତ୍ୟୁର ଭୟ ସେମାନଙ୍କ ଆଖି ସମ୍ମୁଖରେ ପରିବ୍ୟାପ୍ତ । କୁକୁଡ଼ାଗୁଡିକର ଭୟଭୀତ ପରିସ୍ଥିତି ଦେଖି ଅନନ୍ତ ବାବୁଙ୍କ ମନ ଚହଲିଗଲା । ହୃଦୟ ଭିତରେ ପରୋପକାର ଭାବ ଉଦ୍ରେକ ହେଲା । ଆଉ କାଳ ବିଳମ୍ବ ନକରି କୁକୁଡ଼ା ବାହନକୁ ଅଟକାଇ ପଚାରିଲେ, "ଏ କୁକୁଡ଼ାଗୁଡିକୁ କୁଆଡେ ନେଇଯାଉଛ ?"

ମିନି ଟ୍ରକ୍ ଡ୍ରାଇଭର ପାନ ପିକକୁ ଖଣ୍ଡେ ଦୂରଯାଏ ପିଚ୍ କରି ପକାଇ ସାରିବା ପରେ କହିଲା, "ବୁଝିଲ ମଉସା ! ତମରି ଭଳି ଲୋକଙ୍କ ପାଇଁ ଆମେ ସବୁ ଠିକ୍ ଟାଇମରେ ଠିକ୍ କାମ କରିପାରୁ ନାହୁଁ । ତୁମେ ଏତିକି ବୁଝିପାରୁନାହଁ ଏ କୁକୁଡ଼ାଗୁଡିକ ଅନ୍ତିମ ଯାତ୍ରା କରୁଛନ୍ତି । ଆଜି ସେଗୁଡିକ କଂସେଇ ହାତରେ ବଦ୍ଧ ହୋଇ ପଞ୍ଚ ତାରକା ହୋଟେଲରେ ଚିଲ୍ଲୀ ଚିକେନ୍ ହେବ ।"

ଡ୍ରାଇଭରଠାରୁ ରୋକଠୋକ୍ କଥା ଶୁଣି ଅନନ୍ତ ବାବୁ କୁକୁଡ଼ା ଗୁଡିକୁ ବଞ୍ଚାଇବାକୁ ମନେ ମନେ ନିର୍ଣ୍ଣୟ ନେଲେ । ପକେଟରୁ ବିଡାଏ ୫୦୦ ଟଙ୍କିଆ ନୋଟ୍ ବାହାର କରି ଡ୍ରାଇଭର ହାତରେ ଧରେଇ କହିଲେ, "ଏଇ ଧର ! ଖରିଦ୍ କରିବା ମୂଲ୍ୟଠାରୁ ବହୁତ ଅଧିକ ଅଛି । ପରେ ପରେ ଗୋଟେ ଧାଡି କୁକୁଡାକୁ ଭାଡ଼ିରୁ ଟେକିଆଣି ନିଜ ଛାତିରେ ଚାପି ଧରି ଆଉଁସିବାକୁ ଲାଗିଲେ । ଧାଡି କୁକୁଡାଟି ଆଶ୍ୱସ୍ଥ ହେଲା । ଅନନ୍ତ ବାବୁ ତା' ପ୍ରାଣରକ୍ଷା କରି ପାଳନପୋଷଣ କରିବେ । ଜଣାନାହିଁ ଗଞ୍ଜା କି ଧାଡି ଅନନ୍ତ ବାବୁଙ୍କ ବଦାନ୍ୟତାକୁ ବୁଝି ପାରିଲେ କି ନାଁ । କିନ୍ତୁ କିଛି ସମୟ ହେଉ କି କିଛି ଦିନ ପାଇଁ ହେଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମାନଙ୍କ ମୃତ୍ୟୁର ସମୟ ଘୁଞ୍ଚିଗଲା । ରାଜକୁମାର ସିଦ୍ଧାର୍ଥଙ୍କ କାହାଣୀ ଆରମ୍ଭ ହେବା ପୂର୍ବରୁ ଆଉଥରେ ସୂଚିତ କରିଦିଆଗଲା । ଅନନ୍ତ ବାବୁଙ୍କ ସମୁଦ୍ର ସଦୃଶ ହୃଦୟ ଏଇୟା ଦର୍ଶାଇବାକୁ ସମର୍ଥ ଯେ ଯଦି ପାଖରେ ଧନ ଅଛି ତାହେଲେ ନିଃଶକ୍ତିମାନଙ୍କର ପ୍ରାଣରକ୍ଷା ହେତୁ ନିଶ୍ଚୟ କିଛି କରିହେବ । ପ୍ରାଣ ପ୍ରତି ଆସୁଥିବା ସଙ୍କଟ ମୋଚକ ପ୍ରାର୍ଥନା ଧର୍ମସ୍ଥଳରେ କରାହୁଏ । ଏପରିସ୍ଥଳେ କୁକୁଡ଼ା ସଙ୍କଟ ମୋଚନ କଥା ଏହା ହୋଇପାରେ କି ସଙ୍କଟ ସମୟରେ କେହି ବି ସଂକଟମୋଚକ ହୋଇ ଉପସ୍ଥିତ ହୋଇଯିବେ ତାହା କେହି କହିପାରିବ ନାହିଁ ।

ସବୁଆଡେ ଏବେ ନିତ୍ୟ ପଶୁ ପକ୍ଷୀଙ୍କର କାରବାର ଚାଲିଛି । କିନ୍ତୁ କେତେଜଣ ଏମିତି ଅନନ୍ତ ଅଛନ୍ତି କିଛି ସମୟପାଇଁ  ଅନ୍ୟର ପୀଡା ଦୂର କରିବା ନିମନ୍ତେ ସେମାନଙ୍କ ପୀଡାକୁ ଉଦରସ୍ଥ କରି ନିଅନ୍ତି !

ବିସି-୭୪,ସଲ୍ଟ ଲେକ୍, କୋଲକତା-୬୪

ମୋ-୯୬୮୧୩୭୩୫୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭଲ ପିଲା

ଜସ୍ମିନ ସାହୁ



ରୋମି ବାଟ ସାରା ସୋମିକୁ ପଚାରି ପଚାରି ବିରକ୍ତ କରିଦେଲା ଯେ, ମୁଁ ଭଲ ପିଲା ନା ନାହିଁ? ରୋମିର ମନରେ ଏମିତି ପ୍ରଶ୍ନ ଆସିବା ସ୍ୱାଭାବିକ ଥିଲା, କାହିଁକି ନା ତାର ପରୀକ୍ଷାରେ କମ୍ ମାର୍କ ଆସିଥିଲା । ସୋମି କହିଲା ଯେ, ଭଲ ପିଲା କି ଖରାପ ପିଲା ତାହା କେବଳ ପରୀକ୍ଷାର ମାର୍କ ଆଉ ପାଠ ପଢା ଉପରେ ନିର୍ଭର ନଥାଏ, ଭଲ ବ୍ୟବହାର ଓ ସଂସ୍କାର ଉପରେ ମଧ୍ୟ ନିର୍ଭର କରେ । ଏବେ ମନେକର ଜଣେ ଭଲ ପାଠ ପଢୁଛି, ମାତ୍ର ତାର ବ୍ୟବହାରରେ ଶାଳୀନତା ନାହିଁ ତା' ହେଲେ ସିଏ କେବେ ବି ଗୋଟେ ଭଲ ପିଲା ହେଇପାରିବ ନାହିଁ । ତେଣୁ ତୁ ଗୋଟେ ଭଲ ପିଲା । ସେଇଥିପାଇଁ ତ ବିଦ୍ୟାଳୟରେ ତତେ ସମସ୍ତେ ଆଦର କରନ୍ତି । ଏଥର ବୁଝିଲୁ ତ, ଭଲ ପିଲା ହେବା ପାଇଁ ଭଲ ପାଠ ପଢ଼ିବା ସହ ଉତ୍ତମ ଚରିତ୍ର ଓ ବ୍ୟବହାରରେ ଶାଳୀନତା ରହିବା ନିହାତି ଦରକାର । ଏତିକି ଶୁଣି ରୋମିର ମନ ଖୁସିରେ ନାଚି ଉଠିଲା ।

ଥାନା ସାହି, ହିଞ୍ଜିଳିକାଟୁ, ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com


# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

# ୱାସିଂଟନର ପଥେ

ଶିବନାରାୟଣ ଦାସ



(ସମ୍ପ୍ରତି ଆମେରିକା ଆସି ୱାସିଂଟନ ସହରରେ ଅବସ୍ଥାନ କରୁଥିବା ସମୟରେ, ସେଠାକାର ଏବଂ ୱାସିଂଟନ ପାଖରେ ଥିବା ଭର୍ଜିନିଆ ଆଉ ରୋଆନକ ପରି ଛୋଟ ଛୋଟ ସହର ଓ ସେନାନଡୋଆ ପାର୍ବତ୍ୟ ଉପତ୍ୟକା ବୁଲିଲା ପରେ ହୋଇଥିବା ଅନୁଭୂତିର କାବ୍ୟିକ ପରିପ୍ରକାଶ ।)

ବରଷାର ବାରି-ଧାରା ସେଠି
ତୁଷାରର ତୁଳା ଝଡ଼େ ଏଠି,
ୱାସିଂଟନର ପଥେ
ବାଟ ଚାଲୁଥିଲେ ସତେ
ଦିଶେ କେତେ କୁଢ଼ କୁଢ଼ ବରଫ ପାହାଡ,
ଶ୍ରାବଣର ଝଡ଼ା-ବୃଷ୍ଟି ମନେପଡିଯାଏ ।
ତୁମ ଆମ ସହର ଓ ଗ୍ରାମ୍ୟ ମୁଲକରେ
ଶୁଣିଥିବା ବରଷାର ଗୀତି,
ଆଉ ତା' ସାଥିରେ ରହି ରହି
ମନେପଡ଼ ତୁମେ –
କ୍ଷଣପ୍ରଭା, ଚୁଲୁବୁଲି ଚପଳା ମହାନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମେଘରେ ଭିଜିବା ସେଠି

ଥିଲା ଆମ ପାଇଁ

ଆମୋଦ ଓ ଆହ୍ଲାଦର ପ୍ରଗଲ୍ଭ ବିଳାସ,

ପଥେ, ପ୍ରାନ୍ତେ ଅବା ନଦୀ ଧାରେ

କାଟିଥିବା ଅଳସ ମୁହୂର୍ତ୍ତ ସବୁ

ମନେ ପଡେ ଏଠି,

ବ୍ରସ ହାତେ ଝାଡୁଥାଏ ଯେବେ

କୋଟ, ସୁଟ, ଟୋପିରୁ ମୋହର

ଚୁନା ଚୁନା ସଫେଦ ବରଫ ।

ତୁଷାରର ଝଡ ଗଲେ କଟି

ଦିଶିଯାଏ ସେଠାକାର ଅନ୍ଧକାର ବରଷଣ ରାତି,

ବାଟ ଚାଲୁଥିଲେ ଯେବେ

ହାତେ ନେଇ ଛତା ତୁମେ

ମୋ ଦେହରେ ଘଷି ହୁଅ ଆସି

ରୋମାଣ୍ଟିକ ଚୁଲୁବୁଲି ଚପଳା ମହାନ୍ତି ।

ୱାସିଂଟନରୁ ଦୂରେ 'ଭର୍ଜିନିଆ'

ସୁରମ୍ୟ ସହର,

'ରୋଆନକ' ପାହାଡି ମୁଲକ ତଳେ

ଗଲେ କିଛି ଦୂର,

ଦିଶିଯାଏ 'ସେନାନଡୋଆ' ଉପତ୍ୟକା ମାଳା -

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଦ୍ରୁମ, ମହାଦ୍ରୁମ ଭରା
ସବୁଜ, ସୁନ୍ଦର ।
ଠିକ ଆମ ସେଠାକାର
ବଣ, ପରବତ ଘେରା ପଥ-ଘାଟି ଭଳି
ଚତୁର୍ଦ୍ଦିଗେ ଲାଗେ ବଡ଼ ନିଃଶବ୍ଦ, ନୀରବ ।
ନୀରବତା ଭଲ ଲାଗେ ମୋତେ -
ଆଉ ପୁଣି ଭଲ ଲାଗେ
ଏଠି ଏଇ ହେମାଳ ପ୍ରଶାନ୍ତି,
ତୁମେ ଖାଲି ପାଖେ ନାହଁ ଯାହା -
ହେ ବାନ୍ଧବୀ !
ପ୍ରେମବତୀ ଚୁଲୁବୁଲି ଚପଳା ମହାନ୍ତି ।

ଏଇ ମୁଁ ବସିଛି ଆସି
'ପୋଟୋମାକ' ନଦୀ କୂଳେ ଏଠି,
କାଚକେନ୍ଦୁ ସ୍ୱଚ୍ଛ ନଦୀ ଜଳେ
ଜଳତରୀ ଭାସିଯାନ୍ତି କେତେ,
ମାଳ ମାଳ ହୋଇ ପୁଣି ସିଗଲ ଚଢେଇ
ନଦୀ ପଠା ବାଲିରେ ବୁଲନ୍ତି
ଘୁମୁରି ଘୁମୁରି ଆଉ ଡ଼ଗ ଡ଼ଗ ହୋଇ ।
ଢଳି ଆସେ ସୂର୍ଯ୍ୟ ଯେବେ ଚେରି ବୃକ୍ଷ
ନିଘଞ୍ଚ କାନନେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୀତୁଆ ପବନ ଦିଏ କଲିଜା ଥରାଇ,
'ଉଇଲସନ' ପୋଲ ପରେ ହାଙ୍ଗା କାଟି କାଟି
ମେଟ୍ରୋ ରେଲ ମାଡ଼ି ଚାଲେ 'ହ୍ୱାରଫ' ମୁହାଁ ହୋଇ ।
ଆକାଶରେ ରଙ୍ଗ ମାଖି ଗୋଧୂଳି ଗଡ଼ିଲେ
ଯୋଡ଼ି ଯୋଡ଼ି ଯୁବକ-ଯୁବତୀ
'ପୋଟୋମାକ' ନଦୀ ତୀରେ ଅଚିରେ ମିଳନ୍ତି ।
ମନେ ପଡ଼େ ଆମ ସେଠି
ମହାନଦୀ, କାଠଯୋଡ଼ି ବାଲି,
ସବୁ ଅଛି
ତୁମେ ପାଶେ ନାହଁ ଖାଲି
ଆପଣାର
ବିଦଗ୍ଧା ଚୁଲୁବୁଲି ଚପଳା ମହାନ୍ତି ।

ନଇଁଲାଣି ସଞ୍ଜ ଏବେ
ଫେରିବାର ବେଳ,
'ପୋଟୋମାକ' ନଦୀ କୂଳ ଦେଇ
ଦିଶେ ଅତି ମନୋହର
'ଆଲେକ୍‌ଜାଣ୍ଡ୍ରିଆ' ଭଳି ପ୍ରାଚୀନ ସହର ।
ଇଟା ଆଉ ପଥରର ଛୋଟ ଛୋଟ ଘର -
ତ୍ରିଭୁଜ ଆକାର,
ତା' ଭିତରେ ଲମ୍ବିଯାଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଶସ୍ତ ସଡକ ପଥ
ସୁଶୋଭିତ, ପରିଚ୍ଛନ୍ନ ଆଉ
ସୁରମ୍ୟ - ସୁନ୍ଦର ।

ଆମ ସେଠି ଲୋକାରଣ୍ୟ କିନ୍ତୁ
ଏଠି ସବୁ ନିଛାଟିଆ
ପଥ-ଘାଟ ସବୁ ଶୁନଶାନ୍,
ଆମ ଦେଶେ ଆଲୋକର ରୋଷଣୀ ଫୁଆରା,
ଏଠି କିନ୍ତୁ ଧୀମା ଆଲୁଅରେ
ଘର ଦିଶେ ନିଷ୍ପ୍ରଭ, ନିଆରା ।

ଆଗେ ହେଇ ଦିଶିଲାଣି
ମୋ ଘରର ମହଲଣ ଛାଇ
'ଅର୍ଲିଙ୍ଗଟନ' ରାଜପଥ ଡେଇଁ,
ରାତି ଯେବେ  ଆସିବ ଘନେଇ
ବରଫ ଚାଦର ଫାଙ୍କୁ ଚାନ୍ଦ ଥିବ ଚାହିଁ,
ଝରି ପଡୁଥିବ ପୁଣି
ଶୁଭ୍ର ଜହ୍ନ ରାତି,
ମୋ ସ୍ୱପନେ ଆସୁଥିବ ତୁମେ
ଛପି ଛପି          ତୁଷାର ପହଁରି
ପ୍ରେମମୟୀ ଚୁଲୁବୁଲି ଚପଳା ମହାନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୀବନ ଭାସୁଛି ଆଖି ଲୁହରେ

ଡଃ ନାରାୟଣ ଚନ୍ଦ୍ର ସେନାପତି



ମହଣେ ମହଣେ ଆଶାକୁ ସ୍ୱପ୍ନ କରି
ଯେବେ ଜୀବନ ଚାଲୁଥାଏ ଆଗକୁ ଆଗକୁ
ଭେଟ ହୁଏ ଦୁଃଖ ଓ ବିପଦ
କେବେ ଯୁଦ୍ଧ କରେ ଦୃଢ଼ ମନରେ
କେବେ ଚୁକ୍ତି କରେ ଶଙ୍କା ଭୟରେ
ଆସନ୍ନ ସୁଖର ମଳୟଟା ବିପନ୍ନ ଝାଞ୍ଜି ପାଲଟି ଯାଏ
ଅସରେ ଲୁହ ନିଗାଡି ଛଡେଇ ନିଏ ସବୁ ସମ୍ପଦ ।

ଦୁର୍ଗମ ପଥରେ ଚାଲି ଚାଲି
ଜୀବନ ଯେବେ ସାଉଁଟେ ଦୁର୍ଲଭ ସମ୍ପଦ
ଆଖିରୁ ବୋହି ଯାଏ କେଇ ଟୋପା ଆନନ୍ଦ ଅଶ୍ରୁ ଧାର
ଭୁଲିଯାଏ ତା ପୂର୍ବ ଯନ୍ତ୍ରଣା
ଲିଭାଇ ଦିଏ କାହାର କପଟ ମନ୍ତ୍ରଣା
କେବଳ ଈଶ୍ୱରଙ୍କୁ ଧନ୍ୟବାଦ ଦେଇ
ଲେଖେ ପରିଶ୍ରମର ଇସ୍ତାହାର ।

କେଡେ ସୁନ୍ଦର ଭାବେ ଈଶ୍ୱର ଗଢିଥିବା ଜୀବନକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଣିଷ ନଷ୍ଟ କରୁଛି ଅଜ୍ଞାନରେ

କେବେ ଚଢୁଛି ଗର୍ବର ପାହାଡ

କେବେ ଭାଙ୍ଗୁଛି ଅହିଂସାର ବାଡ

ଷଡରିପୁ କୁ ଗଡ କରି ଏମିତି ନିଜକୁ ନଷ୍ଟ କରୁଛି ଯେ

ଖୁସି ବଦଳରେ

ଦୁର୍ଲଭ ଜୀବନଟା ଭାସୁଛି ଖାଲି ଆଖି ଲୁହରେ ।

ଜମ୍ପରା, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

# ନାରୀ

ଗଗନ ବିହାରୀ ନାୟକ

ସବୁଠୁ ଅନନ୍ୟା ନାରୀ ତୁମେ ଅବର୍ଣ୍ଣନୀୟା ।
ସଂସାରର ସୃଷ୍ଟି ତୁମେ ଚିର ସମ୍ମାନନୀୟା ।
ତୁମକୁ ଛାଡ଼ି ଏ ଭାରତୀୟ ସଂସ୍କୃତି ଅପୂର୍ଣ୍ଣ ।
ଦେଇଚି ଅଧିକାର ଯାହାକୁ ଦେଶ ସମ୍ବିଧାନ ।।
ଅଧୁରା ରାମାୟଣ ଗୀତା ଭାଗବତ ।
ସତୀ ଅପମାନେ ଲେଖା ଶ୍ରୀ ମହାଭାରତ ।
ତୁମେ ଅଗଣାର ବାସ ଭରା ତୁଳସୀ ଗଛଟେ ।
କାହାର ପ୍ରଣୟିନୀ ସ୍ୱପ୍ନର ରାତିଟେ ।
ମାତା ପିତା ଅଲିଅଳି ଫୁଲ ଅଗଣାର ।
ପରିଚୟ ଦିଅ ଦୁଇ କୁଳ ଆଦର୍ଶର ।
ହସି ହସି ସହି ଥାଅ କେତେ ଯେ ଯାତନା ।
ଏ ବିଶ୍ୱରେ ବନ୍ଦନୀୟା ନାହିଁ ଯା ଉପମା ।
ନାରୀ ତୁମେ ଶାନ୍ତି, ମୈତ୍ରୀ ପ୍ରୀତି ପ୍ରଦାୟିନୀ ।
ତୁମେ ସୃଷ୍ଟିର ବିସ୍ମୟ ଶକ୍ତି ସ୍ୱରୂପିଣୀ ।
ଜନନୀ ମୋ ଭଗିନୀ ମୋ
ତୁମେ ହୋଇ ଜାୟା ।
ଏ ବିଶ୍ୱର ସୃଷ୍ଟି ତୁମେ ତୁମେ ମହାମାୟା ।

ଶୈଳଶ୍ରୀ ବିହାର
ଭୁବନେଶ୍ୱର - ୨୧.
୭୨୦୫୨୯୩୮୫୭.

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନାରୀ

ପୂଜା ପାଣିଗ୍ରାହୀ

କେବେ ସେ ଧାତ୍ରୀ
କେବେ ସେ କର୍ତ୍ତ୍ରୀ
କେବେ ପୁଣି ହୁଅଇ
ସ୍ନେହମୟୀ ଜନ୍ମଦାତ୍ରୀ - ୧

କେବେ ସେ ଜନନୀ
କେବେ ସେ ଭଗିନୀ
କେବେ ପୁଣି ସାଜଇ
ଜୀବନ ଯୁଦ୍ଧରେ ଅର୍ଦ୍ଧାଙ୍ଗିନୀ - ୨

କେବେ ସେ ଶାନ୍ତି
କେବେ ସେ ମୈତ୍ରୀ
କେବେ ପୁଣି ବନଇ
ଅସୁମାରୀ ପ୍ରେମର ପ୍ରୀତି - ୩

ନାରୀ ନାମଟି ଏକ
ରୂପରେଖ ତା ଅନେକ
ପରିଭାଷା ଅନେକ
ଏକକୁ ସଭିଏଁ ଆରକ - ୪

କେବେ ନୁହେଁ ସେ ଅବଳା
ନୁହେଁ ପୁଣି ସେ ଦୁର୍ବଳା
ନାରୀ ହିଁ ସୃଷ୍ଟି, ଶକ୍ତି
ସ୍ୱୟଂସଂପୂର୍ଣ୍ଣା ମହିଳା - ୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରେମର ପ୍ରତିଧ୍ୱନି

ସୁନିତା ପରିଡ଼ା



ଯେତେ ପ୍ରେମ ଦେଇଛି ମୁଁ, ମୋ ହୃଦୟ ଜାଣେ,
ମୋ ମନ ହୃଦସ୍ପନ୍ଦନେ, ତୁମ ନାମ ଗୁଞ୍ଜରଣେ ।

ନୀଳ ଆକାଶ ତଳେ, ରାତିର ନିରବେ,
ପ୍ରତି ସ୍ମୃତି, ପ୍ରତି ସ୍ୱପ୍ନ, ତୁମେ ମୋ ମନେ ।

ଜୀବନ ଯେଉଁ ପଥେ ନେଇଯାଉ ମୋତେ,
ତୁମ ନାମ ମୋ ହୃଦୟେ, ଘର ପରି ସତେ ।


ପ୍ରତି ଶ୍ୱାସ, ପ୍ରତି କାମ, ତୁମରି ନାମେ,
ନିରବତାରେ ମୋ ହୃଦୟ, ଗୁଣଗୁଣଉଥାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାନସିକ ଶାନ୍ତି

ସୁନିତା ଦାଶ



ଜୀବନ ରାସ୍ତା ସହଜ ନୁହେଁ,
ସୁଖ ଦୁଃଖର ଖେଳ,
କେବେ ହସର ଫୁଲ ଖେଳେ
କେବେ ଆଖିରେ ଦିଏ ଜଳ ।

ଧନ ଦୌଲତ ସବୁ ପାଇ ମଧ୍ୟ
ମନ ଯଦି ହୁଏ ଅଶାନ୍ତ,
ସୁନାର ଘର ମଧ୍ୟ ଲାଗେ
ଖାଲି ଓ ନିର୍ଜନ ।

ଲୋଭ ରୋଷକୁ ଦୂରେ ରଖି
ପ୍ରେମର ଦୀପକୁ ଦେବା ଜାଳି
ନିଜ ମନର ଆକାଶରେ
ଶାନ୍ତିର ଜୋଛନା ଦେବା ଢାଳି ।

ଅଳ୍ପରେ ଯେ ଖୁସି ମାନେ
ସେଇ ଧନୀ ଜଗତରେ,
ମାନସିକ ଶାନ୍ତି ହିଁ ସତ୍ୟ ସୁଖ
ଲୁଚି ରହିଛି ହୃଦୟ ଭିତରେ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଦୃଶ୍ୟ ବନ୍ଧନ

ଅମୃତନାରାୟଣ ଶତପଥୀ



ଅଦୃଶ୍ୟ ବନ୍ଧନେ ସମସ୍ତେ ବନ୍ଧା, ଅସ୍ପୃଶ୍ୟ ବେଡିରେ ଯେ ପାଦଛନ୍ଦା,
ବିଷମୟ ପରିବେଶ ପରିସ୍ଥିତି, ଜୀବନ ଗୋଟିଏ ଗୋଲକଧନ୍ଦା (୧)
ବନ୍ଧକ ବନ୍ଧନ ବାନ୍ଧି ଯେ ଦେଇ, ନିୟନ୍ତ୍ରଣ ପାଇଁ ପୁଣି ହାଇଁ ପାଇଁ,
ପ୍ରଦୂଷିତ ପରିବେଶ ପରିସଂସ୍ଥା, ବିଷ ଉଦ୍ଗିରଣ ହେଉ ଯେ ଥାଇ(୨)
ପ୍ରଶଂସା ବିକାଶ ଆଳରେ ଚର୍ଚ୍ଚା, ଉପେକ୍ଷା ସମାଲୋଚନା ବଚସା,
ଲକ୍ଷ୍ୟ ଅଲକ୍ଷ୍ୟରେ ଆତ୍ମ ବଡିମା, ସହନଶୀଳତା ହୁଏ ପରୀକ୍ଷା (୩)
ଇପ୍ସିତ କେବଳ ଭୂୟସୀ ପ୍ରଶଂସା, ପ୍ରତିଯୋଗିତାର ସାଜି ବିଜେତା,
ବନ୍ଧନ ମୋଚନ ନହେଲେ ଛାର, କାହିଁକି ହୋଇବେ ସ୍ୱାଧୀନ ଚେତା (୪)
ସ୍ୱାଧୀନତା ସମ୍ମାନ ପାଇଁ ସଂଘର୍ଷ, ବିତିଯାଏ ଦିନ ମାସ ବରଷ,
କାହାର ପୁଣି ପୁଷ ମାସ କାହାର ଯେ ସର୍ବନାଶ (୫)
ବନ୍ଧନ ଛିଡିଲେ ଚାଲିବ ଗାଡି ନହେଲେ ଧାନ ବି ହୁଏ ଅଗାଡି,
ସ୍ୱାଭିମାନ ହୀନ ଅଭିମାନ ଛାର ହୋଇଯାଏ ଅଇଁଠା ଶଙ୍କୁଡି (୬)
ବନ୍ଧନ ତୁଟାଏ ଆଶା ଭରସା ଭାରାକ୍ରାନ୍ତ ମନ ଉଡାଏ ସହସା,
ପରିସ୍ଥିତି ଏପରି ହୋଇପାରେ ଯେହ୍ନେ ବନ୍ଧକ ଯେ ଲୋକହସା (୭)
ଅଦୃଶ୍ୟ ବନ୍ଧନ ଅଟଇ ସାର ଯେବେ ସ୍ନେହ ପ୍ରେମ ଯେ ଭରପୂର,
ସମ୍ମାନ ଶୁଭେଚ୍ଛା ପ୍ରଶଂସା ଅମୃତ ନର୍କ ହୋଇପାରେ ସରଗପୁର (୮)
ବିପରୀତ ନର୍କେ ଦେବ ଘାଣ୍ଟି ଅଣ୍ଟି ଛୁରି କାଟିଦେବ ଯେ ତଣ୍ଟି,
ଯେପରି ବଣ୍ଟନ ସେପରି ଗ୍ରହଣ ଜୀବନ ହୋଇଯିବ ଘଣ୍ଟି(୯)
ଅଦୃଶ୍ୟ ବନ୍ଧନ କରିବା ଦୂର ସେଥିପାଇଁ ଲୋଡା ଯେଉଁ ବେଭାର,
ସ୍ଥିତପ୍ରଜ୍ଞ ହୋଇ ଅବିଚଳିତ ରହି ବୈରାଗ୍ୟ ଚିତ୍ତରେ ଜୀବନ ସମ୍ଭାର।(୧୦)

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବଲାଙ୍ଗୀର

ହୃଦାନନ୍ଦ ସୁନାନୀ



ଓଡ଼ିଶାର ପଶ୍ଚିମ ଦିଗରେ
ବଲାଙ୍ଗୀର ଜିଲ୍ଲା ଅଛି
ଏହା ୫,୧୬୫ ବର୍ଗ୍ କି.ମି.ରେ
ଅୟତନ ଯେ ରହିଛି

ଏ ଜିଲ୍ଲାରେ ଭଲ ଭଲ ଗାଆଁ
ଆଉ ସହର ରହିଛି
ପ୍ରାୟ ଅଧିକାଂଶ ସ୍ଥାନ ସବୁ
ସମତଲ୍ ରହିଅଛି

ଏହି ଜିଲ୍ଲାର ଭାଷା କୋଶଲି
ଭାରି ଭଲ ଲାଗିଥାଏ
ମୁଖ୍ୟ ସହରଟି  ବଲାଙ୍ଗୀର
ବୋଲି ଜଣା ପଡିଥାଏ

ଯେଉ ମାଟି ଶକ୍ତି ବୀର
ତାହା ହେଲା ବଲାଙ୍ଗୀର
ବୋଲି ଲୋକମାନେ କହନ୍ତି
ଓ ସ୍ୱୀକାର କରନ୍ତି

କଳାହାଣ୍ଡି, ମୋ : ୯୧୭୮୫୪୪୮୫୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ହୋଲି

କେଶବ ଚନ୍ଦ୍ର ନାୟକ



ଫଗୁଣ ପୂର୍ଣ୍ଣିମା ହୋଲି ଉତ୍ସବ

କେହି ବୋଲେ ଏହା ରଙ୍ଗ ପରବ ।।

ଜୀବନଟା ବନ୍ଧୁ ବିଷାଦ ପୂର୍ଣ୍ଣ

ରଙ୍ଗ ଖେଳି କର ଆନନ୍ଦ ମନ ।।

ଏ ଜୀବନ ଅଟେ ଅଳିକ ମାତ୍ର

କର ସ୍ନେହ ପ୍ରେମ ଗାତ୍ର ପବିତ୍ର ।।

ଭୁଲି ହିଂସା ଦ୍ୱେଷ ଭାତୃତ୍ୱ ଭାବ

ମମତା ବନ୍ଧନ ଅଟେ ଗୌରବ ।।

ପରକୁ ନିଜର କରିଲେ ଯାଇ

ମାନବବାଦଟି ପ୍ରକଟ ହୋଇ ।।

ଜାତି ବର୍ଣ୍ଣ ଲିଙ୍ଗ ଭେଦଭାବକୁ

ଭୁଲି ହୋଲି ଖେଳ ଦିଏ ବାର୍ତ୍ତାକୁ ।।

ଏ ରଙ୍ଗ ଅଟଇ ଅତୁଟ ପ୍ରେମ

ରାଧାକୃଷ୍ଣ ଭାବ ସାତ୍ତ୍ୱିକ ଗୁଣ ।।

ହୃଦୟ ଉନ୍ମୁକ୍ତ କପଟ ଶୂନ୍ୟ

ହୋଲି ପରବର ମର୍ମ ମହାନ ।।

ବସନ୍ତ ବିଳାସ ଶୋଭା ଭଣ୍ଡାର

ସୁମନ ସୁଗନ୍ଧେ ହେବ ସମ୍ଭାର ।।

ଏଣୁ ପ୍ରକୃତିର ବିଚିତ୍ର ବେଶ

ଦେଖି ଦୂର ହେବ କ୍ଲେଶ ଅଶେଷ ।।

ସ୍ୱାଗତିକା କଳକଣ୍ଠ କରିବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଧୁର ନିଶ୍ୱନେ ଚିତ୍ତ ହରିବ ।।

ବନାନୀ ନବୀନ ବେଶେ ସଜ୍ଜିତ

ଚାରୁ ଚିତ୍ରପଟେ ହେବ ବିଦିତ ।।

ଏଣୁ ନର ଯେତେ ଦେବ ଦୁର୍ଲ୍ଲଭ

ପବିତ୍ର ମାନସେ ଧରି ସ୍ୱଭାବ ।।

ହୋଲି ରଙ୍ଗ ବୋଳି ବାଣ୍ଟିଣ ପ୍ରେମ

ପରସ୍ପର ଭୁଞ୍ଜିଥାନ୍ତି ମିଷ୍ଟାନ୍ନ ।।

ପ୍ରତି ବର୍ଷ ହୋଲ ଆସେ ଫଗୁଣେ

ରଙ୍ଗ ବୋଳି ହୃଦ ମନକୁ ଜିଣେ ।।

(ସଭାପତି, ଉତ୍କଳ ସାହିତ୍ୟ ସଂସଦ, ମାଲକାନଗିରି)

ମୋବାଇଲ ନମ୍ବର:୯୪୩୭୭୭୯୪୪୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତୁମେ ମନେ ପଡ଼

ଅଲେଖ ମେହେର



ନୟନୁ ଝରିଗଲେ ଲୁହ ଝରଣା
ମନକୁ ସ୍ୱତଃ ଆସେ ତୁମ ଛଳନା ।
କାଳେ ଦୁଃଖରେ ଥିବ ଭାଳଇ ମନ,
ମାନେ ନାହିଁ ହୃଦୟ ଭାସେ ଲପନ ।
ଶୟନ ସମୟରେ ଧସେଇ ପଶ,
ବାଚାଳତା ଭରି କି ପାଉଛ ଯଶ ?
ସପନେ ଖେଳୁଅଛ ଆସି ରାତ୍ରୀରେ,
ମୁକୁର ବିମ୍ବ କି କେବେ ଲଗାଏ ତୀରେ ?
ଚକ୍ଷୁ ମେଲିଲେ ଖେଳ ବତାସ ପରି
ଖେଚର କାକଳିର ମଧୁର ଧରି ।
ଊଷା ଅରୁଣିମାର ବିମୁଗ୍ଧତାରେ,
ମଧୁପ ଗୁଣୁଗୁଣୁ ସରସତାରେ ।

ଅନ୍ତର୍ଦହନ ଗର କରୁଛି ପାନ,
ଭାବେଁ ଆଜି ଭୁଲିବି ଧରିଲି କାନ ।
ପ୍ରତିପାଦିତ ହୁଏ ବଚନ ମିଛ,
ଜାଣିଲି ଆୟୁଷ ତା ସାଜେ କଇଁଛ ।
ଖେଳଣା ସାଜିଗଲି ତୁମ୍ଭର ହାତେ,
ଜାଣିଗଲି ଏବେ ମୁଁ ମାରିଛ ଲାତେ ।
କି ଲାଭ ପାଇଲ ଗୋ କଞ୍ଜନୟନା ?
କନ୍ଦାଇ ହସୁଅଛ ପିନ୍ଧି ଗହଣା ।

ଝର, ସୋହେଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନୂପୁର

ଉମାକାନ୍ତ ବେହେରା

ଆମରତ କଥାହେଲା ବଂଶୀ ଆଉ ବଜାଇବି ନାହିଁ
ଅଥୟ ହେଉଚି ମନ, ପାଦ ତମ ବୋଲ ନ ମାନଇ,
ଲାଜ ଭୟ ମାଡ଼ିବସେ ଲୁଚି ଲୁଚି ଘରୁ ଆସିବାରେ
ନୂପୁର ବି ଦାଉସାଧେ ଅଯଥାରେ ଝୁମୁ ଝୁମୁ କରେ ।

କଣ୍ଟଜାଣି ପହଂଚିବ, ପାଦେ ତମ ନଥିବ ନୂପୁର
ଚୁନୁରୀରେ ଆଣିଥିବ, କୁଞ୍ଜବନେ ରଚିବା ଶୃଙ୍ଗାର ।
ଜାଣିବେନି ସଖା ସଖୀ ଆମରଏ ଗୋପନ ମୁହୂର୍ତ୍ତ
କାହାର ଟିପଣୀ ଆଉ କରିବନି ତମକୁ ଆହତ ।

ଅବଶ୍ୟ ଆସିଲ ତମେ ଶୂନ୍ୟ ପାଦେ,ଭଙ୍ଗା ହୃଦୟରେ
ପାରିବିନି କାହ୍ନୁ କହି, ବସିଗଲ ଧରଣୀ ଉପରେ ।
ପାଦ ଚଳୁନାହିଁ କାହ୍ନୁ ନା' ଶୁଣିଲେ ତମ ବଂଶୀ ସ୍ୱର
ଲାଗୁଅଛି ପ୍ରାଣହୀନ, ଦେହଅଛି ଆତ୍ମାନାହିଁ ମୋର ।

ଏବେତ ବୁଝିଲ ସଖୀ ବଂଶୀ ଆଉ ନୂପୁର ର ଭାବ
ତମପାଇଁ ବଂଶୀ ଆଉ ମୋ'ପାଇଁ ନୂପୁର ବିଭବ ।

ସ୍ୱପ୍ନସ୍ମୃତି, ଶ୍ରୀହରି ବିହାର, ଗହ୍ମାରିଆ
କେନ୍ଦୁଝର ଗଡ଼ : ୯୩୪୮୫୧୬୦୦୧

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମହା ଶିବରାତ୍ରୀ

ସୂର୍ଯ୍ୟ ନାରାୟଣ ସାବତ



ତ୍ୟାଗ ଓ ଯୋଗର ପ୍ରତୀକ
ମହାଶିବରାତ୍ରି ବିଶେଷ ପର୍ବ,
ଦେଶଦଶ ପାଇଁ ଚିନ୍ତନ
ନାଶ ଅହଂକାର ଦର୍ପ ଓ ଗର୍ବ ।

ସୁଖ ସିନା ଏକ କଳ୍ପନା
ଯାହା ଦୂରରୁ ଦିଶେ,
ହାତେ ଆସି ହାତୁ ଖସଇ
ସ୍ୱପ୍ନ ପ୍ରାୟେକ ସତେ ।

ହେଇ ଅଛି ହେଇ ନାହିଁରେ
ଚାଲେ ଜୀବନ ନାଆ,
ମାଡି ଆସିଲାଣି ତୋଫାନ
ଝଡ ବତାସ ବାଆ ।

ଦିନ ପରେ ଦିନ ଛୁଟଇ
କାଳ କରାଳ ଗତି,
ସମୟ ଜୁଆର ମାନେନା
ତାର ଚପଳ ମତି ।

ସମସ୍ତ ଜୀବନ କର ହେ
ମହାଶିବରଜନୀ,
ଜନ୍ମ ଜନ୍ମାନ୍ତର ପାପରୁ
ମୁକ୍ତ ହେବ ବନ୍ଧନୀ ।


ଶହୀଦ ଲକ୍ଷ୍ମଣ ନାୟକ ଆଶ୍ରମ ବିଦ୍ୟାଳୟ,
ତେନ୍ତୁଲିଗୁମ୍ମା
ବୈପାରିଗୁଡା ବ୍ଲକ - ୭୬୪୦୪୩
ଯୋଗାଯୋଗ - ୭୦୦୮୦୧୪୬୦୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଯୁବକ ମାନେ

ଦଶରଥ ମାଝୀ



ଯୁବକମାନେ ପ୍ରେମମନରେ
ହୁଅନି କେବେ ଘାରି
କଲେଜ ଯାଇ ଭଲ ସେ ପଢ଼
ବହିପତର ଧରି (୧)

କର୍ମଠ ହୋଇ ସଞ୍ଚୟ କର
ଟଙ୍କା ପଇସା ଧନ
କୁଟୁମ୍ବ ପୋଷି ପରିବାରରେ
ଖୁସି ଲାଗିବ ମନ (୨)

ମଦ ପିଇବା ଅଭ୍ୟାସ ଛାଡ଼
ନିଜ ଦେହକୁ ଦେଖ
ନିଜର ଦେହ ସୁସ୍ଥ ରହିଲେ
ଲାଗିବ ଭାରି ସୁଖ (୩)

ପ୍ରେମ ନିଶାରେ ଯୁବତୀ ପାଖେ
ଦିଅନି ନିର୍ଯାତନା
ମାନ ଇଜତ ଚାଲିଯିବରେ
ଯିବୁରେ ଜେଲଖାନା (୪)

ସ୍ୱାମୀଜୀଙ୍କର ଆଦର୍ଶ ପଥେ
ଭଲ ଜୀବନ ଗଢ଼
ଭଲ ଚରିତ୍ର ବିଚାର କରି
ଆଗକୁ ଆଗ ବଢ (୫)

କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି
ମୋ : ୮୨୪୯୨୧୨୪୭୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସଂଘର୍ଷ

ଦଣ୍ଡାସି ପ୍ରଧାନ



ସଙ୍ଘର୍ଷ ମାନେ ନୁହେଁ କେବଳ
ଘମାଘୋଟ ଲଢେଇରେ ବିତି ଥିବା ଦିନ ।
ସଙ୍ଘର୍ଷ ମାନେ ନିଜ ଭିତରେ
ଜଳୁଥିବା ଅନୁତ୍ତରିତ ପ୍ରଶ୍ନର ଅଗ୍ନି ।

ଯେଉଁଠି ସତ୍ୟ
ନିରବତାରେ ଦବିଯାଏ --
ଯେଉଁଠି ନ୍ୟାୟ
ସମୟ ଅପେକ୍ଷାରେ
ବୃଦ୍ଧ ହୋଇ ଯାଏ ;
ସେଇଠି ଆରମ୍ଭ ହୁଏ
ମଣିଷର ସତ୍ୟ ନିମିତ୍ତ ସଙ୍ଘର୍ଷ ।

ପାଦ ତଳେ କଣ୍ଟା
ମୁଣ୍ଡ ଉପରେ ଆକାଶ
ତଥାପି ଚାଲିବାକୁ ହୁଏ
କାରଣ ରୁକି ଯିବା
ମୃତ୍ୟୁ ଠାରୁ ଭୟଙ୍କର ।

ସମୟ ଶିଖାଏ
ହାରିବା ଲଜ୍ଜା ନୁହେଁ
ଲଜ୍ଜା ହେଉଛି
ଚେଷ୍ଟା ବିନା ବଞ୍ଚିବା ।

ସଙ୍ଘର୍ଷ ହେଉଛି
ଜୀବନର ଗୁପ୍ତ ଶିକ୍ଷକ ।
ସେ ଭାଙ୍ଗେ -
ତଥାପି ଗଢେ--

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଣିଷକୁ ନୁହେଁ--

ମଣିଷର ଆତ୍ମାକୁ ।

ସଙ୍ଘର୍ଷ ଶେଷ ହୁଏ ନି ଜୟରେ

ସଙ୍ଘର୍ଷ ଶେଷ ହୁଏ ବୋଧରେ

ଯେତେବେଳେ ମଣିଷ

ନିଜ କୁ ଜିତି ପାରେ –

ସେ ହାରିବାକୁ ଭୟ

କରେ ନାହିଁ ।

ଯେଉଁ ଦିନ ମଣିଷ ସବୁକିଛି ହରାଏ ,

ସେ ଦିନ ନିଜକୁ ମିଳାଏ --

ଏବଂ ସେହି ଅମୃତ ମୁହୂର୍ତ୍ତଟି ହିଁ

ସବୁଠୁଁ ଗଭୀର ସଙ୍ଘର୍ଷର ଫଳ । ***

ସାହିତ୍ୟ ସମ୍ପାଦକ

ଉପାନ୍ତ ସାହିତ୍ୟ ସାଂସ୍କୃତିକ ସେବା ସଂସଦ

ପାତ୍ରପୁର ଗଞ୍ଜାମ

ଭ୍ରାମ୍ୟଭାଷ : ୮୭୬୦୧୯୪୯୬୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭ୍ରଷ୍ଟାଚାର ରାଜନୀତି

ଆଶିଷ କୁମାର ସାହୁ



କାଚ ମରମର ନେତାଙ୍କ କୋଠାଘର
କିନ୍ତୁ ଜବରଦଖଲ ଉଚ୍ଛେଦ୍ ହୁଏ
ଏଠି ଖାଲି ଗରିବଙ୍କର,
ଦବା ଯାଏ ସ୍ୱର ଯେତେ ଉଠେ
ସରକାର ବିରୋଧରେ,
ଲୁଟା ଯାଏ ଗରିବଙ୍କୁ ଶିକ୍ଷା ଓ ନିୟମ ବଳରେ
ନିରକ୍ଷର ଶିକାର ହୁଏ ନିୟମ ନ ଜାଣି
ରାଜନେତା ହସେ ଏଠି ଅତ୍ୟାଚାର କରି,
ବିରୋଧର ପ୍ରତିକାର ଶୁଣାଯାଏ ନାହିଁ
ନିୟମ କାନୁନ ଅଛି ଯେହେତୁ ଖାଲି ଗରିବଙ୍କ ପାଇଁ,
ଗଢ଼ିଉଠେ କଳକାରଖାନା ଅରଣ୍ୟ ଭୂମିରେ
ଦିଶେ ନାହିଁ ଆଖିକୁ ବନ୍ୟଜନ୍ତୁ କାନ୍ଦି ମରେ,
ଭଙ୍ଗାଯାଏ ଘରତାଙ୍କ ଯେହେତୁ ମୁକ ଆଜି ସେମାନେ
ସେହିଭଳି ଗରିବଙ୍କୁ ଶବ୍ଦଥାଇ ମୁକ ବନାଯାଏ,
ଗଣତନ୍ତ୍ର ରାଷ୍ଟ୍ରରେ ଏକି ଭ୍ରଷ୍ଟାଚାର
ସମାନତା ଅଧିକାରେ ଏକି ପାତରଅନ୍ତର,
କୁହାଯାଏ ଗଣତନ୍ତ୍ର ଗଣଙ୍କ ଶାସନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତିନିଧି ମୂଳକତାର ବ୍ୟବହାର,
ବାଛନ୍ତି ଲୋକ କୌଣସି ଚାପ ନଥାଇ
ଟେକିଦିଅନ୍ତି ଶାସନ ବିଶ୍ୱାସ ଭରସାରେ ନେଇ,
ହୁଏନାହି ଏଠିକିଛି ଲେଖାଲେଖି ଲୋକଙ୍କର
ତେଣୁ ମୁକୁଳିଯାଏ ରାଜନେତା ଓ ଦେଇଥିବା କଥାତାର,
ଗଣତନ୍ତ୍ର ନାରେ ଏଠି ରାଜତନ୍ତ୍ର ଚାଲେ
ଶାସନରେ ଥିଲେ ଦଳ ନିଜ ଇଛା ମୁତାବକ କରେ,
ଗଣତନ୍ତ୍ର ଶାସନଟା ମଣିଷଙ୍କ ମଙ୍ଗଳପାଇଁ
କିନ୍ତୁ ନିଜ ଅମଙ୍ଗଳ କରେ ମଣିଷ
ଜାଣିଶୁଣି ଭ୍ରଷ୍ଟାଚାରୀକୁ ଭୋଟ ଦେଇ।

ଭେଜିପଦର, ଭବାନିପାଟଣା, କଳାହାଣ୍ଡି
ଆଳାପ -୮୧୪୪୧୧୫୨୬୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଏଇ ବସନ୍ତରେ

ନୀଳମଣି ଚାନ୍ଦ



ଏଇ ବସନ୍ତରେ ତୁମେ ଆସନ୍ତରେ
ଯାଆନ୍ତେ ମୋ ଗାଆଁ ବୁଲି
ତା'ର ଅପାସୋରା ଛବିକୁ ଦେଖିରେ
ଯାଆନ୍ତ ସବୁ ତ ଭୁଲି ।
ଆମ୍ବ ବଉଳର ବାସ୍ନାରେ ତୁମେ
ହୋଇଯାନ୍ତ ବିମୋହିତ
ଆଉ ପାଆନ୍ତନି ଥୁରୁଥୁରୁ ଥୁରୁ
ମାଘର ବାଘୁଆ ଶୀତ ।
ଆମ୍ବତୋଟାଟିରୁ ଭାସିଆସୁଥିବ
କୋଇଲିର ମିଠା ସୁର
ମଳୟ ଛୁଆଁରେ ତୁମେ କହୁଥାନ୍ତ
ସତେ ଏ ସରଗପୁର ।
ଟିକେ ଟିକେ ଟିକେ ବଢୁଥିବ ଖରା
ଥିବ ତ ଅଳପ ତାତି
ଆଗ ପରି ଆଉ ପାଇବ ନାହିଁରେ
ଏତେ ବଡ଼ ସେଇ ରାତି ।

ବିବିଧ କୁସୁମ ନେଇ ଗାଆଁଟି ତ
ଚାହିଁଥିବ ଆମ ପଥ
ଗାଆଁରେ ବୁଲିଲେ ପ୍ରକୃତି ଦେଖିଲେ
ପୂର୍ଣ୍ଣ ହେବ ମନୋରଥ ।
ମୁଁ କହିବି ଋତୁରାଜ ବସନ୍ତର
କରାମତି ପରା ଇଏ
ତା କାଉଁରି ସ୍ପର୍ଶ ଭରିଦିଏ ହର୍ଷ
ସବୁକୁ ଭୁଲେଇ ଦିଏ ।

ମନ୍ମମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବଣମଲ୍ଲୀର ଦୁଃଖ

ବିଚିତ୍ରାନନ୍ଦ ରାଉତ



ନିର୍ଜନ ବନର କୋଣେ ମୁଁ ଫୁଟିଛି
କେହି ନାହିଁ ଦେଖିବାକୁ,
ନିଜ ସୁବାସରେ ନିଜେ ମୁଁ ଜଳୁଛି
କର୍ମ ଫଳ ଭୋଗିବାକୁ ।        (୧)

ଅନ୍ଧାର ରାତିର ଶିଶିର ବିନ୍ଦୁରେ
ଲୁହ ମୋର ଝରିଯାଏ,
ଫୁଟିବା ଆଗରୁ ଝଡିବା ଚିନ୍ତାରେ
ଛାତି ମୋର ଥରି ଯାଏ ।        (୨)

ଗହଳ ପତର ଆଢୁଆଳେ ରହି
ହସୁଥାଏ ନିତି ନିତି,
ଜାଣେନା କେବେ ମୋ ସରିବ ଏ ଜନ୍ମ
ମଉଳିବ ମେଲା ପ୍ରୀତି ।        (୩)

ମାଳି ସ୍ନେହ ଅବା ଦେବାର୍ପଣ ସୁଖ
ଭାଗ୍ୟରେ ମୋ ଲେଖା ନାହିଁ,
ମାଟିରୁ ଜନମ ଧୂଳିରେ ବିଲୟ
ଏତିକି ଜାଣେ ମୋ ପାଇଁ ।        (୪)

ସୂର୍ଯ୍ୟଙ୍କ କିରଣ ଛୁଏଁ ନାହିଁ ମତେ
ବୃକ୍ଷ ଲତା ଆଢୁଆଳେ,
ଅସ୍ତିତ୍ୱ ମୋହର କ୍ଷୁଦ୍ର ବଳୟ
ବନ୍ଦୀ ମୁଁ ବୃକ୍ଷ ବୃନ୍ତରେ ।        (୫)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନେକ ସପନ ପାଖୁଡା ଭିତରେ
ଗୁମୁରି ଗୁମୁରି କାନ୍ଦେ,
ଅଭିମାନ ନାହିଁ ଅନ୍ୟ ଉପରେ
କପାଳକୁ ମୋର ନିନ୍ଦେ ।          (୬)

ତ୍ୟାଗ ତିତିକ୍ଷାର ଜୀବନ ଦର୍ଶନ
ବାସ ବିତରଇ ନିତ୍ୟ,
ଫୁଟିବାଟା ସିନା କର୍ତ୍ତବ୍ୟ ମୋହର
ଝଡିବା ଅଟେ ଅନିତ୍ୟ ।          (୭)

ବଣ ମଲ୍ଲୀ ମୁଁ ଯେ ବନରେ ଝରିବି
ନାହିଁ ମୋ ମନେ ଶୋଚନା,
ନିଶବ୍ଦ ବ୍ୟଥାରେ ଜଳିବାଟା ସାର
ନିରତେ ସହି ଯାତନା ।          (୮)

ସେବା ନିବୃତ୍ତ, ପଞ୍ଚାୟତିରାଜ ବିଭାଗ
ଶଙ୍କରପୁର, ଚାରିବାଟିଆ, କଟକ।
ପିନ: ୭୫୪୦୨୮
ଭ୍ରାମ୍ୟ ଭାଷ : ୭୦୦୮୩୯୬୫୯୬

Listen to Odia Podcast Original at https://youtube.com/@drjyotiprasad

# ପଖାଳ

ଗୋଲୋକ ବିହାରୀ ବେହେରା



ଆହା ମୋ ଓଡ଼ିଆ ପଖାଳ ଭାତ
ଓଡ଼ିଆଙ୍କ ଘରେ ତୁ ପରିଚିତ ।
ଧନୀଠୁଁ ଗରିବ ପ୍ରିୟ ସବୁରି
କୋଟି ଓଡ଼ିଆଙ୍କ ଗର୍ବ ଆମରି ।
କୃଷକ ଶ୍ରମିକ କାମରୁ ଫେରେ
ଖାଇଲେ ଦେହେ ଶୀତଳତା ଭରେ ।
ଖରା ଦିନେ ତୋର ଭାରି ଆଦର
ଦହି ପଖାଳକୁ ଭଜା ବେସର ।
ଶାଗ ପଖାଳକୁ ବାସି ତୋରାଣି
ଭଜା ମାଛ ବଡିଚୁରାଟି ପୁଣି ।
ଛୁଇଁ ଆଳୁ ଭଜା ସୁନୁସୁନିଆ
ଛୁଙ୍କ ଦିଆ ଶାଗ ଭାରି ବଢିଆ ।
ବିଜ୍ଞାନ କହେ ତୁ ଶକ୍ତି ବର୍ଦ୍ଧକ
ପଖାଳଟି ରୋଗ ପ୍ରତିଶେଧକ ।

ମୋଦିଜୀ ମନ୍ କି ବାତେ କହିଲେ
ଓଡ଼ିଆ ଖାଦ୍ୟକୁ ସମ୍ମାନ ଦେଲେ ।
ଜଗନ୍ନାଥଙ୍କର ପ୍ରିୟ ପଖାଳ
ଭୋଗ ଲାଗି ହୁଏ ବଡ ଦେଉଳ ।
ଦହି ପଖାଳକୁ ମଣୋହି କରି
ନରେନ୍ଦ୍ରକୁ ବିଜେ କରନ୍ତି ହରି ।
ଗରବ ଆମର ପଖାଳ କଂସା
ଯିଏ ଖାଇନି ସେ ଅଣପୁରୁଷା ।


ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମେ ଆସିବ ବୋଲି

ବିନୟ ମହାପାତ୍ର



ତୁମେ ଆସିବ ବୋଲି,
ବସନ୍ତକୁ ଡାକି ଥିଲି,
ମଳୟ ଆଉ କୋଇଲିକୁ ବି ।
ହେଲେ ତୁମେ ଆସିଲନି,
କିଛି ଦୁଃଖ ନାହିଁ,
ତୁମେ ଆସିଲନି ବୋଲି,
ତୁମେ ଆସିଲନି, କଣ ବା ବିଗିଡି ଗଲା,
ତୁମ ଅନୁପସ୍ଥିତିରେ ବି ବସନ୍ତ ଆସିଲା,
ଚଉଦିଗେ ରଙ୍ଗ ବିଛାଡି ଗଲା,
ମୋ ଅଗଣାର ଗୋଲାପ ଗଛରେ,
ଆଉ, ରାସ୍ତାକଡ କୃଷ୍ଣଚୁଡା ଗଛକୁ ବି
ନାଲି ଓଢଣୀରେ ଢ଼ାଙ୍କି ଦେଇ ଗଲା,
ଆଉ ଶୋରିଷ କ୍ଷେତକୁ
ହଳଦିଆ ଶାଢୀ ପିନ୍ଧାଇଲା ।
ଆଉ ତ ଆଉ,
ଆମ୍ବ ଗଛରେ ବଉଳ ଆସିଲା,
ମହୁଲ ଫୁଲରେ, ମଳୟ ମହକି ଗଲା,
କୋଇଲି ଗାଇଲା କୁହୁ କୁହୁ, ଆଉ
ପ୍ରେମୀ ହୃଦୟକୁ ରୋମାଞ୍ଚିତ କରି ଗଲା,
ବନ, ଉପବନ ତରୁ ଲତା
ଆଉ ମଳୟ ପବନ,
ସବୁ କିଛି ପ୍ରେମର ରଙ୍ଗରେ
ସତେ ରଙ୍ଗ ଜୁଡୁ ବୁଡୁ ହୋଇ ଗଲା ।

ତୁମେ ଆସି ଥିଲେ ଭଲ ଲାଗିଥାନ୍ତା,
ଦେହକୁ ଦେହ ଲଗାଇ,
ସାଥି ହୋଇ ବସିଥାନ୍ତେ,
ପାର୍କର କୋଣର ସେହି କୃଷ୍ଣଚୁଡା ତଳେ,
ସିମେଣ୍ଟ ବେଞ୍ଚରେ ।

Listen to Odia Podcast Original at https://youtube.com/@drjyotiprasad

ତୁମ ହାତକୁ ମୋ ହାତେ
ଜାବୁଡ଼ି ଧରିଥାନ୍ତି,
କିଛି ଗପ ସପ୍ କରି ଥାନ୍ତେ,
ମନେ ପକେଇ ଥାଆନ୍ତେ,
ପୁରୁଣା ଦିନର କଥା,
ଆଉ କିଛି ଭବିଷ୍ୟତର ଯୋଜନା ।
ତୁମେ କିଛି କହିଥାନ୍ତ, ମୁଁ ଶୁଣିଥାନ୍ତି,
ଆଉ ମୁଁ କିଛି କହିଥାନ୍ତି, ତୁମେ ଶୁଣିଥାନ୍ତ ।
ଛୋଟ ଛୋଟ କଥାରେ
ତୁମେ କେବେ ରୁଷିଯାନ୍ତ,
ଯେମିତି ଆଗରୁ ରୁଷି ଯାଉଥିଲ,
ମୁଁ ଟିକେ ଗେହ୍ଲା କରି ଦେଲେ
କୁନି ଝିଅଟିଏ ପରି,
ତୁମେ ଖିଲି ଖଲି ହସି ଦେଇଥାନ୍ତ ।

କିଛି କଥା ନାହିଁ, ଦୁଃଖ ବି ନାହିଁ,
ତୁମେ ଆସିଲନି ତ ଆସିଲନି,
ହେଲେ ଫଗୁଣ ତ ଆସିଲା,
ହୋଲିର ରଙ୍ଗରେ ଦେହ, ମୁଣ୍ଡ,
ପୋଷାକ ତ ପୋଷାକ,
ଗଛର ପତ୍ର, ଆଉ ଘରର କାନ୍ଥରେ ବି
ହୋଲିର ଛିଟା ଲାଗି ଗଲା ।
ହେଲେ ମୋ ମନରେ ଲାଗିଲାନି,
ଟୋପିଏ ବି ରଙ୍ଗ,
ଅପରାହ୍ନ ସୂର୍ଯ୍ୟର କିରଣ ଯେ
ଦେହ ମନ ଆଉ ହୃଦୟରେ
କ୍ଲାନ୍ତିର ନାଲିମା, ବୋଳି ସାରିଲାଣି,
ସଂଜ ଘୋଟି ଆସିଲାଣି,
ରାତ୍ରି ହେବାକୁ ଆଉ, କେତେ ଅବା ଡେରି ?

ହୋଇପାରେ,
ପୁଣି କେବେ ଦେଖା ହୋଇ ଯିବ,
ଦେଖା ହେଲେ ଦୁହିଙ୍କୁ ଖୁସି ତ ଲାଗିବ
ଦେଖା ନହେଲେ ବି ଦୁଃଖ ନାହିଁ,
ଜୀବନର ଏଇ ନିଃସଙ୍ଗତା ଯେ
ଦେହସୁହା ହୋଇ ସାରିଲାଣି ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜୀବନେ ବିତିଛି ଅନେକ ସମୟ

ନିରଞ୍ଜନ ସାହୁ



ଅନେକ ସମୟ ଜୀବନେ ବିତିଛି
ଅଛି ଅବଶିଷ୍ଟ କ୍ଷଣ
ଏହି ଜୀବନକୁ ଜୀଇଁବାକୁ ହେବ
କରିକି ଜୀବନ ରଣ ।

ବିତି ଯାଇଥିବା ସମୟଗୁଡିକ
ଆଉ ତ ଫେରିବ ନାହିଁ
ସେହି ସମୟକୁ ଭାଳିବା କାହିଁକି
ବିଗତ ଦିନକୁ ଚାହିଁ
ଆଗାମୀ ସମୟ ଉପଯୋଗ କର
ସାମାନ୍ୟ ତାକୁ ନ ମଣ ।

ଏହାରି ଭିତରେ ଯେଉଁ ସମୟରୁ
ଯାହା ମିଳିଅଛି ଶିକ୍ଷା
ସେହି ସମୁଚିତ ଶିକ୍ଷାକୁ ସଭିଏଁ
ଜୀବନେ କରିବା ଦୀକ୍ଷା
ସେହି ଅନୁସାରେ ନିଜକୁ ସଜାଡ
ଅନୁଭବି ଜନଗଣ ।

ଯାହାକିଛି ଆମେ ଭୁଲ କରିଅଛେ
ତାହା ଅନୁତାପ କରି
ସେହି ଭୁଲ ଆଉ କେବେ କରିବାନି
ସେ ଉପାୟ ଆମେ ଧରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଚିତ ମାର୍ଗରେ ଚାଲିବା ପାଇଁକି
ରାଜି ହେବା ଜଣଜଣ ।

ସମୟର ଅପଚୟ ନ କରିକି
କରିବା ଉଚିତ କର୍ମ
କିଏ ଜାଣେ କେବେ ମୃତ୍ୟୁ ଆସିଯିବ
ପାଳିବାକୁ ତା'ର ଧର୍ମ
ପଲ୍ଲବିତ ହେଉ ଆମ ଜୀବନର
ଭାଗ୍ୟ ପର୍ଣ୍ଣମୋଚୀ ବଣ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ – ୭୫୯୦୧୬
ମୋ :– ୯୯୩୮୭୪୧୫୮୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଫଗୁଣ ଲଗନେ

ଅଜୟ କୁମାର ମହାନ୍ତି



ଫଗୁଣ ଲଗନେ ପ୍ରୀତି ଉପବନେ
କୋଇଲି ଗାଇଲା କାନନେ ।।
ଆମ୍ବ ଡାଳେ ନେଛି ନେଛି ବକୁଳର ସୁବାସ
ଚୋରା ମଳୟ ଆଣେ ମନ ତଳେ ହରଷ
କରେ ଆନମନା ଅକୁହା ବାସନା ଗୋପନେ ।
ରଙ୍ଗ ଅବିରର ରତୁ ରଙ୍ଗ ପିଚକାରୀ
ଜମିବ ପୁଣି ଏଥର ଖେଳି ରଙ୍ଗ ହୋରି
ଅବିର ଉଡ଼ିବ ରଙ୍ଗ ବରଷିବ ସପନେ ।
ନଜରକି ସାମ୍ନେ ସ୍ୱରରେ ଏଗୀତକୁ ଗାଇବେ ।
ଶ୍ୟାମବନ୍ଧୁ ସାଙ୍ଗରେ ରଙ୍ଗ ହୋରୀ ଖେଳି
ରଙ୍ଗେ ରଙ୍ଗେ ପୁରିବ ଏହି ବ୍ରଜପୁରୀ
ନାଚିବା ଗାଇବା ରଙ୍ଗରେ ଭିଜିବା ମଗନେ ।
ବରଷକ ଥରେ ବନ୍ଧୁ ଆସିଛି ଏ ହୋରୀ
ମିଳନ ମୂଖର ସତେ ଏ ଗୋପ ନଗରୀ
ପ୍ରୀତି ବଢାଇବା ରଙ୍ଗ ବୋଳି ଦେବା ଏ ମନେ ।

ହରିପୁର, କବିରପୁର, ଯାଜପୁର
ମୋ ୯୪୩୮୫୬୪୧୬୦

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ହେ ସମୟ

ପ୍ରଭାତ କୁମାର ବୈଦ୍ୟ



ହେ ସମୟ,

ତୁମକୁ ମୁଁ ଖୋଜିବୁଲେ ଅମାବାସ୍ୟାର ଘୋର୍ ଅନ୍ଧାରରେ

ନିରୁତ୍ସାହତା ଓ ବ୍ୟସ୍ତବତାର ନିସ୍ତବ୍ଧ ରାତ୍ରିରେ

ଗୋଟିଏ ଚାତକ ପରି ଅନେଇ ବସେ

ଜନଗହଳି, ବସଷ୍ଟାଣ୍ଡ ଓ ଏକନ୍ତବନରେ ଏବଂ

ଶହଶହ ଭୂତଙ୍କ ମଶାଣି ମଧ୍ୟରେ।।

ହେ ସମୟ,

ତୁମେ ତ ମହାନ୍

ବିଜ୍ଞାନର ସର୍ବୋଚ୍ଚ ଡିଗ୍ରୀଧାରୀଙ୍କ ନିର୍ଦ୍ଧାରଣ ପରେ

ଏଇ ମଣିଷକୁ ଟାଣି ନିଅ ଚନ୍ଦ୍ର ପରିଧିକୁ

ଏ ରକେଟ ମାଧ୍ୟମରେ

କେବେ କେବେ ପୁଣି ପହଞ୍ଚାଇଦିଅ ହିମାଳୟର ଉତ୍ତୁଙ୍ଗ ଶିଖରେ

ଜୀବନ ବୃତ୍ତର ପ୍ରଶ୍ନବାଚୀ ଆଖିର ଶୈଳୀରେ ।।

ହେ ସମୟ,

ତୁମେ ତ ବୁଝିଛ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେବେହୁଏ ଜୀବନର ଲକ୍ଷ୍ୟପୂର୍ଣ୍ଣ

ମଣିଷ ସ୍ୱଭାବରେ ଆସେ ପରିବର୍ତ୍ତନ

କେବେ ସେ ନରରୂପୀ ରାକ୍ଷସ ତ କେବେ ସାଜେ ଦେବଦୂତ

ତୁମରି ପରିପେକ୍ଷୀର ଘଟେ ଯେ ଅନ୍ତ

ଅନେଇ ବସିଛି ଏକାନ୍ତ କବି ମୁଁ ପ୍ରଭାତ ।।

କାଶୀପୁର, ରାୟଗଡ଼ା

୯୦୭୮୧୭୫୧୪୮



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାତୃଭାଷାର ମମତା

ଦୁଷ୍ମନ୍ତ ବେହେରା



ଜନନୀ ଭୂମିକୁ ନେଇ
ମୁଁ ଗାଏ ନାନା ଗୀତ.....

ସ୍ୱର ଭାବ ତାଳରେ ଛନ୍ଦା
ମୋ ଓଡ଼ିଆ ଭାଷା ମମତା.....

ଗାଏ ମୁଁ ଗୀତ ହସେ ମୋ ମିତ
ଛନ ଛନ ମୋ ହୃଦୟ ଭାଷା.....

ଓଡ଼ିଆ କଳା ଇତିହାସ ସାକ୍ଷୀ
ପରିଚୟ ସୃଷ୍ଟି କରେ ମାତୃଭାଷା କହି....

ବଳିଷ୍ଠ ହୃଦୟେ ମାତୃଭାଷା ମମତା
ପ୍ରାଣ ମୂର୍ଚ୍ଛନାରେ ଝୁରେ ଜୋଛନା....

ଅତୀତ କହେ ବର୍ତ୍ତମାନକୁ ନେଇ ମୋ
ଓଡ଼ିଆ ଭାଷାରେ ଅଛି ଶରଗ ସୁଖ ଭାଇ....

ସରଳ ସୁନ୍ଦର ମାତୃଭାଷାରେ ଭରା
ଦେଖି ତୋଷିବ ଜନମାନସ ପରା.....

ରାସୋଳ-ମୁଣ୍ଡିଆପଶି
ଢେଙ୍କାନାଳ
ମୋ ନଂ -୮୮୯୫୦୯୦୧୬୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶ୍ୱାସ

ଅଲିଭା ସାହୁ



ତିନୋଟି ଅକ୍ଷରେ ନାମଟି ତାର
ସଭିଁଙ୍କ ମନରେ ବାନ୍ଧିଛି ଘର ।
ଭାଙ୍ଗିବା ଯୋଡିବା ସବୁ ତା ହାତରେ
ବୁଝାଇ ତାକୁ କେହି ଯେ ନ ପାରେ ।
ଭାଙ୍ଗିଗଲେ କେବେ ହୁଏନି ଶବଦ
ଭାଙ୍ଗିଗଲା ପରେ ସମ୍ପର୍କ ହୁଏ ବିଚ୍ଛେଦ ।
ଛୋଟ ପିଲା ପରି ଅବୁଝା ସେ ଭାରି
ମନେଥିଲେ ସେ ଖେଳେ ଖୁସିର ଲହରୀ ।
ସେ ମନଟା ଯଦି ଭାଙ୍ଗିଯାଏ କେବେ
ଆଗ ପଛ ସେ ତ କିଛି ବି ନ ଭାବେ ।
ଜର୍ଜରିତ ହୋଇ ଯଦି କେବେ ଯାଏ ମରି
ଛିଣ୍ଡାଇ ଦିଏ ସେ ସବୁ ସମ୍ପର୍କର ଡୋରି ।

କହି ହୁଏ ନାହିଁ କି ଛୁଇଁ ହୁଏ ନାହିଁ
ଅନୁଭବ ହୋଇ ମନେ ଯାଏ ରହି ।
ନିଶ୍ୱାସ ଅଟେ ସିନା ମଣିଷ ଜୀବନ
ବିଶ୍ୱାସ ଅଟଇ ଜୀବନ ବାହନ ।
ବାହନ ବିନା ନାହିଁ ଈଶ୍ୱରଙ୍କ ଗତି
ବିଶ୍ୱାସ ବିନା ନିଶ୍ୱାସର ନାହିଁ ମାନେ କିଛି ।
ବିଶ୍ୱାସ ଭାଙ୍ଗିଲେ ସବୁ ସରିତ ଯିବ
ଜୀବନର ମାନେ କିଛି ନରହିବ ।
ସବୁରି ଜୀବନେ ରଖ ଏ ପ୍ରୟାସ
କେବେ ନ ଭାଙ୍ଗିବ କାହାରି ବିଶ୍ୱାସ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଶ୍ରୀହରି ବନ୍ଦନା

ପ୍ରଦୀପ କୁମାର ଜିଲିକାରା



ବୃତ୍ତ – ପାହାଡ଼ିଆ କେଦାର

ଝସ ରୂପରେ ଶଙ୍ଖା ବଧିଲ ବେଦ ଉଦ୍ଧରି ଯଶ ରଖିଲ
ବିଶ୍ୱ ମଙ୍ଗଳ ଝସ ଚିରାଳ ଜନକ ଜୟ ଯେ
କର୍ମଠ ପୃଷ୍ଠେ ମନ୍ଦର ବହି କ୍ଷୀର ସାଗର ମନ୍ଥନ ହୋଇ
ଦେବ ଅସୁର ବେନି ପକ୍ଷର,ଜାତ ଅମୀୟ ଯେ
ବିଶ୍ୱ ବିମୋହିନୀ ସ୍ୱରୂପକୁ ଧରି ଯେ
ବିଶ୍ୱମ୍ଭର, ହର ଚିତ୍ତ ନେଇ ହରି ଯେ
ଅସୁରେ ବାରି ଅମରାଶନ ଦେବେ କରାଇ କରେ ଭୋଜନ
କପଟୀ ରାହୁ ଗ୍ରୀବା ଚକ୍ରରେ ଛେଦନ କରି ଯେ...୧

ମେଦିନୀ ହରି ଅଦୃଶ୍ୟ କରି ଲୁଚିଲା ଯାଇ ହିରଣାକ୍ଷାରି
ତା ସଙ୍ଗେ ଯୁଝି ବରାହ ରୂପେ ଅନନ୍ତ କାଳେ ଯେ
ବଧିଲ ତାକୁ ଅନନ୍ତଶାୟୀ ଉଦ୍ଧରି ମହୀ ଦନ୍ତରେ ବହି
ଦରାରି କଞ୍ଜ ଗଦା ଶ୍ରୀକର କେ ସମ ବଳେ ଯେ
ସ୍ତମ୍ଭୁ ବାହାରି ଦୈତ୍ୟ ହିରଣ୍ୟ ଚିରି ଯେ
ଭକତ ପ୍ରହଲାଦ କଷ୍ଟ ନିବାରି ଯେ
ଧରିତ୍ରୀ ପତି ଯେତେ ଦୁର୍ମତି ଦଳନ କରି ରଖିଲ କ୍ଷିତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରଶୁଧାରୀ ହୋଇ ବିପତ୍ତି,ବିପତିଚାରୀ ଯେ...୨

ବଳି ନଗର ପ୍ରାଙ୍ଗଣେ ଯାଇ ସାମ ବେଦକୁ ଆନନ୍ଦେ ଗାଇ
ମାଗିଲ ତିନି ପାଦରେ ଭୂମି ଛଳେ ବାମନ ଯେ
ଏକ ପାଦରେ ପୃଥ୍ୱୀ ବୁଡ଼ାଇ ଆନ ଏକରେ ବ୍ୟୋମ ଘୋଡ଼ାଇ
ତୃତୀୟ ପାଦେ ବଳି ପେଶିଲ ବଳି ସଦନ ଯେ
ନିଜ ଲୀଳା ସଂଯ୍ୟ ନ ଜାଣଇ ଯେହି ଯେ
ବିଶ୍ୱେ ପୂରି ମାତ୍ର କାହିଁ ନ ଦିଶଇ ଯେ
ବନ୍ଦନ୍ତି ଯାକୁ କିନ୍ନର ନର ଗନ୍ଧର୍ବ ଯକ୍ଷ ଦେବ ଅସୁର
ଚରଣ ସେବା ଲାଳସ କରି, ଖେଦ ନପାଇ ଯେ...୩

କୋଦଣ୍ଡଧାରୀ ବେଶକୁ ଧରି ମୁନିଜନଙ୍କ ଚିତ୍ତକୁ ହରି
ଦଶ ବଦନ ଜୀବନ ତାରି ବଇଦେହୀଶ ଯେ
ବିଭୀଷଣରେ ଶରଣ ଦେଇ ଲଙ୍କ ପୁରୀର ରାଜ କରାଇ
ଯୋଗୀନ୍ଦ୍ର ଭୁତି ସାକେତ ପତି ଧ୍ୱଂସୀ ରାକ୍ଷସ ଯେ
ସହସ୍ର ବଦନ ବଳଦେବ ରାଜ ଯେ
ମହାବଳଶାଳୀ ଗୋବିନ୍ଦ ଅଗ୍ରଜ ଯେ
ମୂରଲୀ ଧରି ମୂରଲୀ ଧର ସୁରେ ମୋହିଲ ବରଜପୁର
ନାଶି ରାକ୍ଷସ ବଂଶ ସହିତେ ସେ କଂସରାଜ ଯେ...୪

କି ଗୁଣଗାନ କରିବା ପୁଣ ଶେଷେ ଅଶେଷ କରି ଗାୟନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


ଯା ବଶେ ଆସି ହିଂସ୍ର ଯେ ଶାନ୍ତ ସେ ବୁଦ୍ଧ ମୂର୍ତ୍ତି ଯେ
କଳି ଆଗତେ କଳଙ୍କି ହୋଇ ବିଶ୍ୱ କଳଙ୍କ ରକତେ ଧୋଇ
ଯୁଗକୁ ଯୁଗ ମର୍ତ୍ତ୍ୟାବତାରି ଦାରୁ ମୂରତି ଯେ
ନୀଳ ପର୍ବତେ ବସି କର ମେଲାଇ ଯେ
ସର୍ବ ଅବାତାରୀ ଜନକ ବୋଲାଇ ଯେ
ଅଜ୍ଞାନେ ଅନ୍ଧ ପ୍ରଦୀପ କନ୍ଧ ଚିନ୍ତଇ ସଦା ପଦାରବିନ୍ଦ
ଶରଣ ହେଉ ପଙ୍କଜ ପଦ ହରଷେ ଧ୍ୟାୟୀ ଯେ...୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରତିଭା

ଡଃ ମନ୍ଦାକିନୀ ପାଢ଼ୀ



ଗୁଣର କଳନା ତୁଳନା ନାହିଁ ଯେ
ବ୍ୟକ୍ତିପାଖେ ଲୁକ୍କାୟିତ
ସମୟର ସଦୁପଯୋଗ କରିଲେ
ହୁଏ ପ୍ରତିଭା ବିକଶିତ ।।

ସାହିତ୍ୟ ବିଜ୍ଞାନସ୍ୱାସ୍ଥ୍ୟ ପରିବେଶ
ଭିନ୍ନଭିନ୍ନ ଜାଗାନିଏ
ପ୍ରତିଭା ଥିଲେ ତ ସମ୍ମାନ ମିଳଇ
ପ୍ରକୃତ ଅଧିକାରୀ ସେ ।।

ମନକୁ ଦୁର୍ବଳ କରିଲେ ବ୍ୟକ୍ତିଟି
ପାଏନାହିଁ ସଫଳତା
ଆତ୍ମ ସନ୍ତୋଷ ଆତ୍ମ ଅଭିମାନରେ
ପାରଙ୍ଗମ ସିଦ୍ଧହସ୍ତା ।।

ଆତ୍ମା ଲଭେ ପ୍ରାଣୀ ଅନ୍ତରର ଗୁଣ
ପ୍ରକୃତରେ ପାଏ ସିଦ୍ଧି
ସମର୍ପଣ ଭାବ ପ୍ରଭୁଠାରେ ଥିଲେ
ମନରେ ନଥାଏ ଭୀତି ।।

ପ୍ରସ୍ଫୁଟିତ ହୁଏ ଗୁଣ ସଂସାରରେ
ବାସଛୁଟେ ଚତୁର୍ଦ୍ଦିଗ
ସମ୍ମାନ ଅମର କରେ ମଣିଷକୁ
ନାମରହେ ଯୁଗ ଯୁଗ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୋଗ୍ୟତା ବଳରେ ପ୍ରତିଭା ସମ୍ମାନ
ମିଳଇ ଖ୍ୟାତି ସୁଖ୍ୟାତି
ପ୍ରତିଭାବାନ ପ୍ରତିଷ୍ଠିତ ବ୍ୟକ୍ତି
ସମ୍ମାନିତ ହୋଇଥାନ୍ତି ।।

ଅନ୍ତର୍ବେଦନାକୁ ଚିହ୍ନି ପାରିଥାଇ
ସେବା ପରାୟଣ ବ୍ୟକ୍ତି
ସେବା ମନୋଭାବ ପ୍ରଦର୍ଶନ କରି
ସମ୍ମାନେ ନାହିଁ ଆସକ୍ତି ।।

ପଦ୍ମପୁର, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମଳୟ ଦେଉଛି ପୀରତି ଛୁଆଁ

ନଳିନୀ ପ୍ରଭା ମିଶ୍ର



ବସନ୍ତ ଆସିଛି ଧରଣୀ ବକ୍ଷରେ
ସବୁ ଲାଗେ ନୂଆଁ ନୂଆଁ
ମୃଦୁ ପ୍ରବାହିତ ମଳୟ ତା
ସାଥେ ଦେଉଛି ପୀରତି ଛୁଆଁ ।
ଉଲୁସାଇ ମନ କରୁଛି ନର୍ତ୍ତନ
ପିକ ଗୀତ ତାଳେ ତାଳେ
ପଳାଶ ସୌନ୍ଦର୍ଯ୍ୟ କରେ
ଦ୍ୱିଗୁଣିତ ରଙ୍ଗର ରୋଷଣୀ ଜାଳେ ।
ପୀରତି ଛୁଆଁ ସେ ମଳୟ ବହୁଛି
ପଞ୍ଚ ଶର ଦିଏ ପୀଡ଼ା
ଚୈତାଳି ଛୁଇଁଛି ଷୋଡ଼ଶୀ
ଧରଣୀ ମନେ ନାହିଁ କିଛି ବ୍ରୀଡା ।

ନବ ପଲ୍ଲବିତ ସହକାରେ ବସି
କୋକିଳ ପଞ୍ଚମ ତାନେ
ଗୀତ ର ସୁରରେ କରେ ଆବାହନ
ବସନ୍ତ ର ଆଗମନେ ।
ଚୋରା ଚୈତାଳି ଦିଏ ମନ
ଜାଳି ମଦନ ଉନ୍ମାଦ ହୋଇ
ପୀରତି ଛୁଆଁ ସେ ମଳୟ ବହୁଛି
ହସି ଉଠେ ଗାଁ ଭୂଇଁ ।


ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ
ମୋ-୯୭୭୭୮୮୭୯୪୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମଳୟ ଦେଉଛି ପୀରତି ଛୁଆଁ

ଶୁଭଶ୍ରୀ ଖୁଣ୍ଟିଆ



ମଧୁ ମଳୟର ପୀରତି ପରଶେ
ହସିଉଠେ ଏଇ ଧରା
ଆମ୍ବ ବଉଳର ମହ ମହ ବାସ
କାକଳି ମଧୁର ଝରା

ଶୀତ ଅପସରେ ଧରାର ପୃଷ୍ଠରୁ
କାକର ଗାଲିଚା ଶୁଷ୍କ
ଋତୁରାଜ ବସନ୍ତ ସ୍ୱାଗତେ ଧରିତ୍ରୀ
ଭରିଛି ନୂଆ ପୁଲକ

ଫଗୁଣ ଆସିଛି ପାଦ ଥାପି ଧୀରେ
ମଳୟ ର ମିଠା ଛୁଆଁ
କୁସୁମ ଶୋଭାରେ ଧରଣୀ ବିଭୋର
ପାଦପେ ପତର ନୂଆ

ଚୋରା ମଳୟର ପୀରତି ଛୁଆଁରେ
ଖେଳିଯାଏ ଶିହରଣ
ପ୍ରିୟତ୍ତମ ସହ ଏଇ ଜହ୍ନରାତି
ହୃଦେ ଭରେ ପ୍ରତିକ୍ଷଣ

ଗୁଣୁ ଗୁଣୁ ହୋଇ ଭ୍ରମର ଚୁମଇ
ଫୁଲ ରୁ ମଧୁ ସନ୍ଧାନ
ମଳୟେ ପ୍ରକୃତି ବାସ୍ନା ବିଚ୍ଛୁରିତ
ମହକିତ ମନପ୍ରାଣ

କଟକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମଳୟ ଦେଉଛି ପୀରତି ଛୁଆଁ

ନରେନ୍ଦ୍ର କୁମାର ଦାସ



ଫାଲ୍ଗୁନ ଚୈତ୍ରରେ,ବସନ୍ତ ଆଗମେ
ମଳୟ ପବନ ବହେ ,
ଚୋରା ଚ଼ଇତିରେ ମଳୟ ହାତରେ
ପ୍ରୀତି ଛୁଆଁ ପତ୍ର ଦିଏ ।
ଦାରୁଣ ଶୀତର ଯାତନା,କଷଣ
ପ୍ରକୃତି ହିଁ ଭୁଲି ଯାଏ ,
ଚୋରା ମଳୟର ପୀରତି ଛୁଆଁରେ
ମନ ଆନମନା ହୁଏ ।
ପତ୍ରଝରା ବୃକ୍ଷ ପଲ୍ଲବିତ ହୋଇ
ଫୁଲ ତୋରଣ ସଜାଏ ,
ସ୍ୱାଗତ ଜଣାଇ ବସନ୍ତ ଋତୁକୁ
ପିକ କୁହୁ, କୁହୁ ଗାଏ ।

ଯାଇ, ଯୂଇ, ହେନା, ବଉଳ ,
ମାଳତୀ
ଚମ୍ପା, କରବୀର, ଶୋହେ,
ଅଶୋକ ଫୁଲରେ ଗଭାକୁ ସଜାଇ
ଧରା ଅପରୂପା ହୁଏ ।
ବନେ, ଉପବନେ, ନାନାଜାତି ଫୁଲ
ହସି ହସି, ଚାହିଁ ଥାଏ,
କୁସୁମ ସୁରଭି, ଅପୂର୍ବ ପୁଲକ
ତନୁ ମନେ ଭରି ଦିଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୃଙ୍ଗ ଓ ଭ୍ରମର, ଗୁଣୁ ଗୁଣୁ ସ୍ୱରେ

ସଙ୍ଗୀତ ଝଙ୍କାରେ ରହେ,

ମତୁଆଲା ହୋଇ ଫୁଲରୁ

ଫୁଲକୁ

ବୁଲି ମଧୁ ଶୋଷି ଥାଏ ।

ନାନା ରଙ୍ଗେ ବିମଣ୍ଡିତ

ପ୍ରଜାପତି

ପାଗଳ ପ୍ରେମିକ ହୁଏ,

ମଳୟର ଚୋରା ପୀରତିଛୁଆଁରେ

ଆନମନା ହୋଇ ଥାଏ ।

ରସିକ ପ୍ରେମିକ, ଭାବୁକ,

ଲେଖକ,

ଅପୂର୍ବ ପୁଲକେ ରହେ,

ଉତ୍ସାହ, ପ୍ରେରଣା, ନବ ଉନ୍ମାଦନା

ସୃଜନେ ବିଭୋର ହୁଏ ।

ଅବସର ପ୍ରାପ୍ତ ଶିକ୍ଷକ,

ଦଶରଥପୁର, ଜିଲ୍ଲା-ଯାଜପୁର

ମୋ-୭୭୩୫୬୦୭୨୮୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହୋଲି ପାଇଁ ଗୋଟେ କବିତା

ଡଃ ଭାରତୀ ହୋତା



ମନ ଭିତରେ ଆଜି ପୁଣି କବିତାର ଢେଉ
ଢେଉ ନୁହେଁ ତ ଯେ ପୁଣି ବନ୍ୟା
ସେ ପୁଣି ହୋଲିର ...
ଭାବ ଅଭାବର ରଙ୍ଗ ମଖା
ପତ୍ର ଝଡ଼ା ଉଦାସୀ ଫଗୁଣର ଗାଥା
ଶିମୁଳିର ନାଲି ଟହ ଟହ ହସ
ନିମ୍ବ କଢ଼ିର ଆତ୍ମ ପ୍ରକାଶ
କଷି ଆମ୍ବର ବାସନା
କୋଇଲିର କୁଜନ
ସୁନ୍ଦରୀ ପଳାଶର ସମ୍ଭାର
ରାଧାମାଧବଙ୍କ ଦୋଳ ମଣ୍ଡପ ।

କବିତା ତ ପ୍ରଗଲ୍‌ଭା
କେତେ ଆଡ଼େ ତାର ଉଶୃଙ୍ଖଳତା ,
ପାଣିରେ ଘର ତୋଳି ପାରେ
ରାତାରାତି ଗଡ଼ ଗଢ଼ିଦେଇପାରେ
ଶିଖରରେ ରଚିପାରେ ନବ ରାସ ,
ଈଶ୍ୱରଙ୍କୁ ଲେଖିପାରେ ଫର୍ଦ୍ଦ ଫର୍ଦ୍ଦ ଚିଠି
ହୋଲିର କବିତା ତ ଗୋଟେ ସାତରଙ୍ଗର ଭିଜା
ଛଳ ଛଳ ଝରଣା ।

ହେଲେ କ'ଣ ଲେଖିବି
କାହାକୁ ବୁଝେଇବି
କେମିତି ଦିଶୁଛି ମୋତେ
ଦୃଶ୍ୟ, ଦୃଶ୍ୟାତୀତ
କେମିତି ଲାଗୁଛି ମୋତେ
ରାଜ ରାସ୍ତାର ପୋଲ ତଳେ ଥିବା
ବେରଙ୍ଗ ଜୀବନର ଚିତ୍ର !!

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋ କବିତା କ'ଣ ବଦଳେଇ ପାରିବ

କୋଉ ଦୁଃଖିନୀ ମା'ର ଭାଗ୍ୟ,

ପରଘରୀ ଝିଅର ମରମଯନ୍ତ୍ରଣା

ବାରୁଦ ପୋଡ଼ା ପବନର କୁହାଟ

ପୃଥିବୀରୁ "ଯୁଦ୍ଧମ୍ ଦେହୀ" ଡାକରାକୁ !

ମୋ କବିତା କଣ ଦେଇ ପାରିବ ଏ ସନ୍ଦେଶ

"ସ୍ନେହ ଶ୍ରଦ୍ଧା ଶାନ୍ତି ଓ ଭାଇ ଚାରାର ପର୍ବ ହୋଲି"

ଦେଇ ପାରିବ କି

"ଏକ ନିଶାମୁକ୍ତ ସୁସ୍ଥ ସମାଜ "

ଯେଉଁ ପର୍ବତ ପ୍ରସବିଛି ଝରଣା

ତା'ରି ଦୁଇ କଡ଼େ

ହୋଲି ରଙ୍ଗ ମଖା ଭଙ୍ଗା ମଦ ବୋତଲ

ପଲିଥିନ୍ ପାହାଡ଼କୁ କଣ ହଟେଇ ପାରିବ ?

ହୁଏତ କାହାର ତ ମନେ ପଡ଼ିଯିବ

ଏ କବିତା ପଢ଼ି...

ସେଦିନ ହୁଏତ

ମାଟି ମାଆ ହସିବ

ଆକାଶ ବି ତା ବିଶାଳ ବକ୍ଷରେ

ବାପା ପରି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କବିତାର ବନ୍ୟାରେ ଭାସିବ

କୋମଳ ପଲ୍ଲବରେ ମଲ୍‌ହାର ଗାଇବ ପର୍ବତ ,

ସେତିକି ବେଳେ

ଏଇ କାବ୍ୟ ବୀଜମାନେ

ଅଙ୍କୁରିତ ହେବେ

ତାଙ୍କର ନିଜସ୍ୱ ଶକ୍ତିରେ ,

ଶବ୍ଦମୟ ହୋଇ ନିଜ ପ୍ରଗଲ୍‌ଭତାରେ

ତୁଷ୍ଣୀଭୂତ କରିଦେବେ

ଏଇ ପୃଥିବୀର ଶବ୍ଦ ବିସ୍ଫୋରଣ ।

ଆଉ

କେଉଁ ଅନବହିତ ସ୍ୱର୍ଗର

ସୃଷ୍ଟିଶୀଳ ଉଚ୍ଚାରଣ

ପ୍ରତିଷ୍ଠା କରିବେ ମାଟିରେ

କବିତାର ରାଜୁସି ଯଜ୍ଞରେ ।

ଖରିଆର ରୋଡ଼

ନୂଆପଡ଼ା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସହିଷ୍ଣୁତା

ତରୁଣ କୁମାର ମିଶ୍ର



ଜୀବର ସୌନ୍ଦର୍ଯ୍ୟ ରୂପ ଗୁଣ ତା'ର
କରିଥାଏ ଆକଳନ ,
ବସ୍ତୁର ସୌନ୍ଦର୍ଯ୍ୟ ପାଇଥାଏ ବୃଦ୍ଧି
ଆବଶ୍ୟକତାରେ ଜାଣ ।
ରୂପଟି ଅଟଇ ବାହ୍ୟ ଆକର୍ଷଣ
ଗୁଣ ଅଦୃଶ୍ୟରେ ଥାଇ ,
ବ୍ୟକ୍ତି ସୌନ୍ଦର୍ଯ୍ୟକୁ କରେ ବିକଶିତ
ଚଉଦିଗ ମହକାଇ ।
ଦୟା କ୍ଷମା ସ୍ନେହ ସହିଷ୍ଣୁତା ଧୈର୍ଯ୍ୟ
ଥାଏ ସୁଗୁଣ ରୂପରେ ,
ଲୋଭ କ୍ରୋଧ ହିଂସା ଅହଙ୍କାର ଈର୍ଷା
ଯାଏ ଦୁର୍ଗୁଣ ଶ୍ରେଣୀରେ ।

ସଂସାର ସାଗରେ ଜୀବନ ନଉକା
ଯାଅଇ ଆଗକୁ ବହି ,
ସଂସାର ଭିତରେ କରିଥିଲେ ଘର
ପଥର ପଡ଼ିଲେ ସହି ।
ସାମୟିକ ସୁଖ ଦୁଃଖରେ ମନକୁ
କରିଦେଲେ ନିୟନ୍ତ୍ରଣ ,
ସହିଷ୍ଣୁତାଭାବ ହୁଅଇ ଜାଗ୍ରତ
ବ୍ୟକ୍ତିକୁ କରେ ମହାନ ।
କହିବା ଲୋକତ ନୁହଁଇ ମହତ
ସହିବା ଶ୍ରେଷ୍ଠ ଅଟଇ ,
ଜୀବନ ଯୁଦ୍ଧରେ ହାରେନାହିଁ ସିଏ
ସହିଷ୍ଣୁତା ଯେଣୁ ଥାଇ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ସହିବାପଣରେ ରହନ୍ତି ଶୀର୍ଷରେ

ଜନ୍ମଦାତ୍ରୀ ମା ଧରିତ୍ରୀ ,

ପାଦପ ଭାଙ୍ଗଇ ପବନ ତ୍ରାସରେ

ଦୁବର ନହୁଏ କ୍ଷତି ।

ବୃକ୍ଷ ବହିଅଛି ସହିଷ୍ଣୁତା ଗୁଣ

ଜଗତ କଲ୍ୟାଣ ପାଇଁ ,

ସେପାଇଁ ଜଗତେ ଦାରୁ ପୂଜ୍ୟ ଅଟେ

ତା' ସେବା ତୁଳନା ନାହିଁ ।

ଖଣ୍ଡଗିରୀ ,ଭୁବନେଶ୍ୱର ।

ମୋ : ୯୮୫୩୩୧୦୨୯୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହେ ଈଶ୍ୱର

ଶ୍ୟାମା ପ୍ରସାଦ ବୋଷ୍



ହେ ଈଶ୍ୱର ତବ ଦିବ୍ୟ ଭକ୍ତି ଭାବ
ପ୍ରତି ହୃଦୟରେ ଭରି
ନାମ ରସେ ସର୍ବ ହୃଦେ ଅନୁଭବ
ତବ କୃପା ପଡୁ ଝରି ।

ମୁକୁନ୍ଦ ମୁରାରୀ ଆହେ ତ୍ରୀପୁରାରୀ
ବିଶ୍ୱର କଲ୍ୟାଣ ଭରି
ହୋଇ ଅବତାରୀ ପ୍ରଭୁ ଦଇତାରୀ
ଧର୍ମ ସଂସ୍ଥାପନ କରି ।

ସୃଷ୍ଟି ରକ୍ଷାକରୀ ବୈକୁଣ୍ଠ ବିହାରୀ
ପାପ, ତାପ ନିଅ ହରି
ସତ୍ୟ ଅନୁସରୀ ଶଙ୍ଖ, ଚକ୍ର ଧାରୀ
ବିନାଶ ଅଧର୍ମ ଅରି ।

ହେ ଈଶ୍ୱର ନିତ୍ୟ ସନାତନ ସତ୍ୟ
ସର୍ବ ଘଟେ ସତ୍ତା ଭରି
ଈଶ୍ୱର ହିଁ ସତ୍ୟ ଏ ଜଗତ ମିଥ୍ୟା
ଦୟାର ସାଗର ହରି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେ ଇଶ୍ୱର ହରି ସୃଷ୍ଟି ରକ୍ଷାକରୀ
ଜଗତ ଉଦ୍ଧାର କରି
ପାଳନେ ଶ୍ରୀହରି ହେ କଲ୍ୟାଣକାରୀ
ସୃଷ୍ଟି, ସ୍ଥିତି, ଲୟ ଧରି ।

ତବ ନାମ ସ୍ମରି ଲେଖନୀକୁ ଧରି
କବି ଭାବ ଅସୁମାରୀ
ଶବ୍ଦ ପଡେ ଝରି ସୃଜନୀରେ ଭରି
ହେ ଇଶ୍ୱର କର ପାରି ।

ହେ ପ୍ରଭୁ ଇଶ୍ୱର ଆଜିର ଆସର
ଇଶ୍ୱରଙ୍କୁ ଅନୁସରୀ
ହେ ପ୍ରଭୁ ଇଶ୍ୱର ଶବ୍ଦବ୍ରହ୍ମ ଝର
ଶୀର୍ଷକେ ପଡିଛି ଝରି ।

ଗ୍ରାମ :- ବେଗୁନିଁଆ , ମଲ୍ଲୀକ୍ ସାହି
ପୋଷ୍ଟ :- ଗୋପ୍ , ଜିଲ୍ଲା :- ପୁରୀ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଜୟ ଶ୍ରୀ ଜଗନ୍ନାଥ

ଡଃ ସ୍ୱର୍ଣ୍ଣଲତା ଲେଙ୍କା



ହେ ଇଶ୍ୱର ! କୋଟିକୋଟି ନମସ୍କାର
ଦାରୁବ୍ରହ୍ମ ଜଗନ୍ନାଥ
ଦୁଃଖ ଶୁଣ ବାରେ ହେ ଦୁଃଖ ନାଶନ
ଏ ଜୀବନ ସମର୍ପିତ ।
ତୁମେ ଅଛ ବୋଲି ମୁଁ ସିନା ଅଛି ହେ
ତୁମେ ନଥିଲେ ମୁଁ କାହିଁ
ଦେଇଛ ବୋଲି ମଣିଷ ଜୀବନ
ତୁମନାମ  ଧରୁଥାଇ ।
ଏ ହାତ ଦେଇଛ ବୋଲି ଲେଖିଦିଏ
ତୁମ ନାମ ଲେଖନୀରେ
ଭାବନା ଚେତନା ହୃଦୟରେ ଦେଇ
ଅନୁଭବେ ଲେଖୁଥାଏ।
ମମତାର ମଞ୍ଜି ବୁଣିଛ ଠାକୁର
ପ୍ରତି ହୃଦୟରେ ତୁମେ
ତେଣୁ ନାଥ ଆସୁଥାଏ ଆବେଗଟି
ମନ ଆଉ ହୃଦୟରେ ।

ବର୍ଷକୁ ଥରେ ଆସ ପ୍ରତି ଦୁଆର
ମମତାର ଫଗୁ ବାଣ୍ଟି
ଜଗତକୁ ଶିକ୍ଷା ଦେଇଛ ରାଧାଙ୍କୁ
ପ୍ରୀତିର ଅବିର ମାଖି ।
ପ୍ରେମ ପ୍ରଣୟର ଜୀବନ ଗାଥାକୁ
ଶୁଣାଇଛ ତୁମେ ଜନେ
ହେ ମାନବ ! ମମତା ବନ୍ଧନେ ବାନ୍ଧି
ଜୀବନ ବଞ୍ଚ ସଂସାରେ ।
କିଏ ଦେଖିଛି କାଲିକୁ ଆଜି ଖୁସି
ବାଣ୍ଟି ଯାଅ ପରସ୍ପର
ଅଳିକ ସଂସାରେ କ୍ଷଣିକ ଜୀବନ
ରହିବ କି କେତେ ଦିନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଙ୍ଗ ଫଗୁଣରେ ରଙ୍ଗ ବୋଳି ଦେଇ

ତୁମ ମନ ହୃଦୟରେ

ହୃଦୟ ଖୋଲି ମିଶିଯାଅ ସଭିଏଁ

ସଭିଙ୍କ ଭିତରେ ଜନେ ।

ରଙ୍ଗର ଅବିର ଉଡ଼େ ଆକାଶରେ

ବିଶାଳ କରେ ହୃଦୟ

ଇର୍ଷା କାତରତା ନ ରହେ ମନେ

ପର୍ବ ରାଧା କୃଷ୍ଣଙ୍କର ।

ଏମିତି ରଙ୍ଗ ଲଗାଇ ଦିଅ ନାଥ

ଛାଡିନ ଯାଉ ମନରୁ

କଳା ରଙ୍ଗ ଲାଗିଥାଉ ହୃଦୟରେ

ଝୁରୁ କଳା ଶ୍ରୀମୁଖକୁ ।

ଜୟ ଜଗନ୍ନାଥ


ଯାଜପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କଟୁ ସତ୍ୟ

ରାଜୀବ ଚରଣ ପରିଡ଼ା



କାଚ ଭାଙ୍ଗି ଗଲେ ଦେଖି ହୁଏ ସିନା
ମନ ଭାଙ୍ଗି ଗଲେ କିଏ ଦେଖିଛି
ଦରଦୀ ମନର ଦରଦୀ କଥାକୁ
ଦୁନିଆରେ କିଏ ପଢି ପାରିଛି.......
ଅନ୍ତର ବେଦନା ଅନ୍ତରେ ଚାପିକି
ଉପରକୁ ସିନା ହସି ପାରୁଛି
ଶାନ୍ତ ମନରେ ଅଶାନ୍ତିର ଝଡ଼
ଦୁନିଆରେ କିଏ ଦେଖି ପାରିଛି......
ରାତି ପାହିଗଲେ ନିଦ ଭାଙ୍ଗିଯାଏ
ସପନକୁ କିଏ ଧରି ପାରିଛି
ମରୀଚିକା ପଛେ ଦୌଡ଼ି ଦୌଡ଼ି
ଜୀବନରେ କିଏ ଖୁସି ହୋଇଛି......
ସମସ୍ୟା ବହୁଳ ବ୍ୟସ୍ତ ଜୀବନ
କିଏ କାହା କଥା ବୁଝି ପାରୁଛି
ଦୋଷାରପ ଆଜି ସଭିଙ୍କ ପ୍ରକୃତି
ନିଜ ଦୋଷ ଏଠି କିଏ କହୁଛି........

ରଘୁନାଥପୁର, ଗେଡମା, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଖି ଅବୁଝାକୁ ଲୁହ ଅବୁଝା

ଡଃ ତାନଶ୍ରୀ ପାଣିଗ୍ରାହୀ



ସପନ ସରିନି ରାତି ପାହିଗଲା
ନିଦ ରହିଗଲା ବାକି
ସାକ୍ଷୀ ଥିଲା ଜହ୍ନ ସାକ୍ଷୀ ଥିଲା ତାରା
ମେଘ ଦେଲା ତାକୁ ଢାଙ୍କି...

ଯାହା ଥିଲା କିଛି ନେଲା ଦୁଃଖ ଆସି
ଝୁରେ ମୋ ସଦା ଅନ୍ତର
ଅବୁଝା ଆଖିକୁ ଆଦରି ନେଇଛି
କୋହ ଆସେ ବାରମ୍ବାର...

ତୁମ ମନ ଯେବେ ବୁଝିବ ମୋ ମନ
ଭରି ପ୍ରୀତି ମମତାର
ରାତି ବି ସେଦିନ ମେଲାଇ ଦେବ ତା
ସପନର ଅଭିସାର...

ଅବୁଝାପଣିଆ ରହିଯାଏ କାହିଁ
ଏତେ ଅଭିମାନ ରୋଷ
ଆଖି ଅବୁଝାକୁ ଲୁହ ବି ଅବୁଝା
ରହିଯାଏ ଅବଶୋଷ...

ଝରାଫୁଲ ଯେବେ ଝରିଯିବି ଦିନେ
ତୁମେ ତ ଆସିବ ଫେରି
ଉପହାର ଦେବ ଦୁଇ ଟୋପା ଅଶ୍ରୁ
ଆତ୍ମା ମୋର ଯିବ ପୁରି ॥

ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆଖି ଅବୁଝାକୁ ଲୁହ ଅବୁଝା

ସୁନିତା ମହାନ୍ତି



ବୁଝି  ପାରିଲିନି ନିଜକୁ ଆଜି ମୁଁ
ଜୀବନର ସଞ୍ଜ ହେଲା
କେମିତି କାହାକୁ ବୁଝାଇ ଦେଉଛି
ଯେମିତି ଯିଏ ଚାହିଁଲା  ।
ବୁଝାଇବାରଯେ କେତେ ଯେ ସାରଣୀ
ପଢି ବୁଝି ବୁଝେଇଲି
ଶେଷ ସିଦ୍ଧାନ୍ତରେ ସଭିଙ୍କ ମନରେ
ଆପଣା  ବିନ୍ଦୁଟି ହେଲି ।
ନିଜକୁ ଅବୁଝା କରି କରି ନିଜେ
ଝାରୀ ଦେଲି କେତେ ଲୁହ
ଆଖିକୁ ମୋ ସାଖୀ ରଖିଲି ସର୍ବଦା
ମନରେ ଭରାଇ କୋହ  ।

ସପନ ସାଥିରେ ସାଥି ହୋଇଥିଲି
ଆଖି କରୁଥିଲା ଦୁଃଖ
ଆଜି ସେହି ଆଖି ଲୁହ କୁ ଝରାଇ
ଦେଉଛି ଅମାପ ଦୁଃଖ ।
ଅବୁଝା ଆଖି ମୋ ବୁଝେ ନାହିଁ ଦୁଃଖ
ଲୁହବି ହୁଏ ଅବୁଝା
ଜୀବନ ସଞ୍ଜରେ କାହାକୁ ବୁଝିବି
ଭଙ୍ଗା ହୃଦୟର ସଜ୍ଜା  ।


କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମଧୁ ବର୍ଣ୍ଣବୋଧ

ନିବେଦିତା ପଣ୍ଡା



ମଧୁ ବର୍ଣ୍ଣବୋଧ  ପ୍ରମୁଖ ଶବ୍ଦ ଯେ
ଜୀବନେ ପହିଲି ସ୍ୱର,
ସେହି ଶବ୍ଦ ଗୁଚ୍ଛ ସ୍ୱର୍ଗଠୁ ମଧୁର ,
ମିଠା, ମମତା ମନ୍ଦିର ।

ସରଗ ଠୁ ବଡ ଆମ ଜୀବନରେ
ଆଦ୍ୟ କାହାଣୀ କବିତା,
ପ୍ରଥମ ଭାଷାର ପୁଣ୍ୟ ପାଠଶାଳା
ଅତୁଳ, ଅମୂଲ୍ୟ ଗାଥା ।

ନୂତନ ଅକ୍ଷର ଶିଖାଇ ଦେଇଛି
ଆମ ମଧୁ ବର୍ଣ୍ଣବୋଧ,
ସଜାଡିଦେଇଛି ବାଲ୍ୟକାଳ ଆମ
ଯୁକ୍ତାକ୍ଷର ଜ୍ଞାନ ଶୁଦ୍ଧ ।

ଅବୁଝା ବୟସେ ପଢିଥିଲୁ ବୋଲି
ଶବ୍ଦରେ ଆସିଲା ଜ୍ଞାନ,
ମାତୃଭାଷା ପାଇଁ ଅତୁଳନୀୟ ଯେ
ମଧୁସୂଦନଙ୍କ ଦାନ ।

ସଂସ୍କାର, ସଂସ୍କୃତି ଶିଷ୍ଟାଚାର ପାଠ
ରହିଅଛି ଭରପୂର,
ଶିକ୍ଷା ସହ ଦୀକ୍ଷା  ପୂର୍ଣ୍ଣାଙ୍ଗ ପ୍ରତିକ
ଲାଗେ ସବୁଠୁ ମଧୁର ।

ପ୍ରକୃତି ବର୍ଣ୍ଣନା, ବିଭୁଙ୍କ ବନ୍ଦନା
ଛଅ ଋତୁ, ବାର ମାସ
ଶିଶୁ ଠାରୁ ବଡ଼ ସଭିଙ୍କୁ ଶିଖାଏ
ସବୁ ପ୍ରକାର ଆଦର୍ଶ ।

ରାଉରକେଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନ ଆଇନା

ଋତୁ ମହାନ୍ତି



ମନ ଆଇନାରେ ଖୋଜଇ ତୁମକୁ
ଆହେ ପ୍ରଭୁ ଜଗନ୍ନାଥ
ଅନ୍ଧାରି ଜୀବନେ ହୋଇ ବତୀଘର
ଦେଖାଅ ହେ ସତ୍ୟପଥ ॥
ସମର୍ପି ଦେଇଛି ତୁମରି ଚରଣେ
ତନୁ ମନ ହୃଦୟକୁ
ତୋଳିନିଅ ପ୍ରଭୁ ତୁମ ବାହୁ ପରେ
ମୋର ଏହି ଜୀବନକୁ ॥
ସୁଖ ଦୁଃଖ ପରେ ପାଶେ ଠିଆ ହୋଇ
ମନେ ଦିଅ ଆଶା ଭରି
ସଂସାର ସାଗରୁ ପାରିକର ପ୍ରଭୁ
ଏତିକି କରେ ଗୁହାରି ॥

ସକଳ କଳୁଷ ହୋଇଯାଏ ନାଶ
ସ୍ମରଣ କରିଲେ ଚିତ୍ତେ
ଅଦୃଶ୍ୟରେ ଥାଇ ପରସନ ହୋଇ
ତାରଣ କର ତ୍ୱରିତେ ॥
କରୁଣା ବାରିଧି କରୁଣା କର ହେ
ସୁପଥ ଦିଅ ଦେଖାଇ
ସାରା ଜଗତର ରକ୍ଷା କର୍ତ୍ତା ତୁମେ
ଆହେ ପ୍ରଭୁ ଭାବଗ୍ରାହୀ ॥

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମନ ଆଇନା

କ୍ରିଷ୍ଣା ସେନାପତି



ପ୍ରତି ଛବି ଦେଖୁ ଖାଲି କାଚ ଆଇନରେ
ସଂସାରଟା ଅତି
ସୁନ୍ଦର ମନୋରମ
ଆହୁରି ପ୍ରକୃତିର
ଛବିକୁ ଖୁବ୍ ନିର୍ମଳ
ସ୍ୱଚ୍ଛ ଭାବରେ
ଦେଖିପାରୁ ପରା
ମନ ଆଇନାରେ
କଳା ଠାକୁରଙ୍କ
ମୋହିନୀ ରୂପ
କରିଥାଏ  ହୃଦୟକୁ
ଆକର୍ଷିତ
କାଚ  ଆଇନାରେ
ନ ଦେଖି ତାଙ୍କୁ
ଦେଖୁ ପରା ମନ ଆଇନାରେ
ତାହା ତ ଅବର୍ଣ୍ଣନୀୟ
ନିର୍ମଳ ମନ ଆଇନାରେ ପ୍ରତିବିମ୍ବ ତ ହୁଏ
ଆକର୍ଷଣୀୟ ମୂର୍ତ୍ତି
ପ୍ରଭୁଙ୍କର
ବାକଚତୁର୍ଯ୍ୟ ଭରା
କବିତା ଯାହାର
ପ୍ରେରଣାରେ ଲେଖନୀ ମୁନ ଚାଲେ
ସେହି ପରା ବସା
ବାନ୍ଧି ଥାଏ
ମନ ଆଇନାରେ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ସେ ଲେଖନୀକୁ

ରବର  ପୋଛି

ପାରେନି

ମନ ଆଇନାରେ

ମନର ମଣିଷଟି

ଭାସି ଆସେ ପ୍ରତି କ୍ଷଣେ

ସେ ପ୍ରତି ଛବିର

ତୁଳନା ନାହିଁ

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମନ ଆଇନା

ସୌଭାଗ୍ୟ ଦାଶ



ମନ ଅଇନାରେ ଆଙ୍କି ହୋଇଯାଏ
ଅନୁପମ ରମ୍ୟକାନ୍ତି
କଳାଶ୍ରୀମୁଖର ଲାବଣ୍ୟ ମାଧୁର୍ଯ୍ୟ
ଚକା ଆଖି ଦିବ୍ୟ ଜ୍ୟୋତି ।
ଲାଲିମା ଅଧର ସ୍ମିତହାସ ଧାର
ଶ୍ରୀକ୍ଷେତ୍ରର କଳାଜହ୍ନ
ଶ୍ରୀ ଅଙ୍ଗରୁ ଝରେ ଚନ୍ଦନ କସ୍ତୁରୀ
ମହକର ସମ୍ମୋହନ ।
ଭାବ, ଭକତିର ଧାର୍ମିକ ଚେତନା
ଜାଗିଉଠେ ମୋର ମନେ
ଲୋଭ, ମୋହ ମାୟା ଅପସରିଯାଏ
ପାର୍ଥିବ ସଂସାରୁ କ୍ଷଣେ ।
ମନ ଦରପଣେ ଆଧ୍ୟାତ୍ମିକ ଜ୍ଞାନ
ସ୍ଥିତପ୍ରଜ୍ଞ ଭାବ ଭରେ
ନୀରବ ନିଶ୍ଚଳେ ଭକତି ସାଗରେ
ମନ ପକ୍ଷୀ ଭିଜେ ବାରେ ।

ମୁକତି ପସରା ସୁଖର ଅସରା
ଢାଳି ହୃଦ ସିନ୍ଦୁକରେ
ନିଷ୍କାମ ସ୍ପନ୍ଦନ ନୈତିକ ଚିନ୍ତନ
ଶାଶ୍ୱତ ପ୍ରେମ ସ୍ରୋତରେ ।
ସମର୍ପଣ ଭାବ ସତ୍ୟ ଶାନ୍ତି ନାବ
ପରୋପକାର ସ୍ୱର୍ଗୀୟ
ମନେ ଭରିଦିଅ କରୁଣାରବିନ୍ଦୁ
ପରଂବ୍ରହ୍ମ ଦୟାମୟ ।


କେନ୍ଦ୍ରାପଡା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମନ ଆଇନା

ବୀଣା ସାହୁ



ମନ ଆଇନା ରେ ତୁମ ଛବି ପ୍ରଭୁ
ଭାସି ଆସେ ପ୍ରତିକ୍ଷଣେ,
ନିରବ ହୋଇ ଯେବେ ବସିଥାଏ
ଭାବବିନିମୟ ମନେ ମନେ ।

ଡାକୁଥାଏ ତାଙ୍କୁ ପ୍ରତିଦିନ କଥା ହୁଏ
ଶୁଣୁଛ କି ପ୍ରଭୁ ଜଗନ୍ନାଥ,
ନୀଳ ନୀଳ ସେହି ଦିବ୍ୟ ଆଲୋକେ
ବଢ଼ାଇ ଦିଅନ୍ତି ତାଙ୍କ ହାତ ।

ଦୁଃଖ ସୁଖର ସାଥୀ ହୋଇ ଶୁଣନ୍ତି
ହସନ୍ତି ମୁରୁକି ହସ,
ଦେଉଥାନ୍ତି କରୁଣାର ସ୍ପର୍ଶ କରେ ମୁଁ
ଭକ୍ତି ଅର୍ପଣ ପବିତ୍ର ଅର୍ଘ୍ୟ ରସ ।

ପୁଣି ମୁଁ ତାଙ୍କୁ ପଚାରେ ଏତେ ପରୀକ୍ଷା
ପ୍ରଭୁ କ'ଣ ପାଇଁ,
ମଉନ ରହି କହନ୍ତି ଭରଷା ରଖିଥା
ବିଚଳିତ ନହୋଇ ।

ମୋ ମନର ସବୁ ଦୁଃଖ ଫେଡି ଦିଅ
ହେ ଜଗତ ସାଇଁ,
ସାରା ଜୀବନ ତୁମ ସେବା ନିଜକୁ
ସମର୍ପି ଦେବି ବିତାଇ ।

ହେ ପ୍ରଭୁ ଏଇ ଭାବ ବିନିମୟ ରହୁ
ସଦା ମୋ ହୃଦୟ ସ୍ପନ୍ଦନରେ,
ମୋ ଜୀବନର ଚିରନ୍ତନ ସତ୍ୟ
ମନ ଆଇନାରେ ତୁମ ଛବି ଅଙ୍କିତ
ଅନ୍ତରରେ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମନ ଆଇନା

ମାହେଶ୍ୱରୀ ଦାଶ



ମନ ଆଇନାରେ ନିରତେ ନିରେଖେ
ତୁମ ଅପରୂପ ଛବି
ଭାବ ଦରଶନେ ମାନ ଅଭିମାନ
ହଜାଏ କାମନା ଚାବି ।

ମହକି ଉଠେ ମୋ ମନ ଉପବନ
ଆବେଗ ବୋଳେ ଅବିର
ମଳୟ ମରୁତ ବହେ ହୃଦୟରେ
ଫୁଟିଉଠେ କରବୀର ।

ମିଛ ସଂସାରର ଘନ ଆବରଣ
କ୍ଷଣେ ଯାଏ ଅପସରି
ଭକ୍ତ ଭଗବାନ ଭାବ ସଂଯୋଗରେ
ଭକ୍ତି ହୁଏ ଅନୁସରି ।

ମନ ମଧୁକୁଞ୍ଜେ ମନ୍ଦ୍ରିତ ମଳୟ
ମୋକ୍ଷର ପକାଏ ଚିତା
ମହମହ ବାସେ ଅନ୍ତର କୁସୁମ
ନୀରବତା ପଢେ ଗୀତା ।

ମୁକ୍ତ ଗଗନରେ କରେ ବିଚରଣ
ସୁପ୍ତ ଭାବନାର ଖଗ
ଶୂନ୍ୟତାର ଅନ୍ତହୀନ ବିସ୍ତୃତିରେ
ଶୁଭେ ମୁଗ୍ଧ କଳରବ ।


ମୋହନ ବଂଶୀର ପ୍ରୀତି ଆକର୍ଷଣ
ହୃଦ କରେ ଆନମନା
ଦୂରଦିଗନ୍ତର ଅବ୍ୟକ୍ତ ଚାହାଁଣି
ଦେଖେ ମୋ *ମନ ଆଇନା* ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମନ ଆଇନା

ବିଦ୍ୟୁତ ପ୍ରଭା ମିଶ୍ର



ମନଟି ଆମର ଆଇନାର ପରି
ଅନ୍ତରର ଛବି ଦିଶେ,
ମନଟିକୁ ଯିଏ ପବିତ୍ର ରଖିବ
ଦୋଷ ତ୍ରୁଟି ସବୁ ନାଶେ ।
ମନ ଆଇନାକୁ ସ୍ୱଚ୍ଛ କରିରଖ
ଧୂଳିମଳି ଦେଇ ପୋଛି,
ମନ ଆଇନାଟି ସ୍ୱଚ୍ଛ ରହିଥିଲେ
ସ୍ୱଷ୍ଟ ଦିଶେ ସବୁ କିଛି ।
ଆଇନାରେ ଯେହ୍ନେ ଧୂଳି ଜମିଥିଲେ
ପ୍ରତିବିମ୍ବ ଦିଶେ ନାହିଁ,
ସଫା କରିଦେଲେ ପ୍ରତିବିମ୍ବ ସବୁ
ଉଜ୍ଜ୍ୱଳି ଯେ ଦିଶୁଥାଇ ।
ଅହଂଭାବ ଆଉ ଘୃଣା କ୍ରୋଧ ଆଦି
ମନର ମଇଳା ପରି,
ସେସବୁକୁ ଯଦି ମନେ ଜମା ଥିବ
ଭଲ ନୁହେଁ ପ୍ରାପ୍ତ କରି ।

ଅନ୍ୟକୁ ପ୍ରଥମେ ଦେଖିବା ପୂର୍ବରୁ
ସଫା ରଖିଥିଲେ ମନ,
ଦୋଷ ସବୁ ତାଙ୍କ ଦେଖାଯିବ ନାହିଁ
ଦେଖୁଥିବା ଭଲ ଗୁଣ ।
ନିଜକୁ ପ୍ରଥମେ ସୁଧାରି ନେଇଣ
ଅନ୍ୟର କଥାଟି ଭାବ
ନିଜେ ଭଲ ଥିଲେ ସଂସାରଟି ଭଲ
ଏପରି କର ସ୍ୱଭାବ ।।
ମନ ଆଇନାରେ ଆତ୍ମାଙ୍କର ବାସ
କର ତାଙ୍କ ନିରାଜନା,
ତାଙ୍କ କରୁଣାରୁ ଜୀବନର ଅନ୍ତେ
ସଦଗତି ଲାଭ ସିନା ।।


ଯାଜପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମନ ଆଇନା

ସୁଶାନ୍ତ କୁମାର ସାହୁ



ମନ ଆଇନାରେ ହୃଦ ଅଭିଳାଷ
ପ୍ରତିଫଳିତ ହୁଏ ଜୀବନ ସାରା
ସାରା ଜୀବନର ସଦିଚ୍ଛା ପ୍ରତ୍ୟାଶା
ଉଭା ହୁଏ କେବେ ଦିଏ ଇସାରା

ଜୀବନ ନଉକା ସମୟ ଢେଉରେ
ଅସ୍ଥିର ଅଧୀର ଦିଶା ବିହୀନ
ଅଥଳ ଜଳରେ ମନ ର ଅଧୀନେ
ଇତସ୍ତତ ହୁଏ ବିପଦ ଘେରେ

ଆତ୍ମା ଆଇନାରେ ସଦିଚ୍ଛା ଭାବନା
ଜୀବନ ଚଳିଲେ ତାର ନିର୍ଦ୍ଦେଶେ
ସଫଳତାର ସୁଦୀର୍ଘ ଶିଖର
ଅବହେଳେ ଛୁଏଁ ମହା ଆଦର୍ଶେ

ମନଟା ଅବୁଝା ଅସ୍ଥିର ନିଥର
ଆଇନାରେ ଦିଶେ ଅତି ସୁନ୍ଦର
ବାଟବଣା ହୁଅନାରେ ଚିତ୍ତ ବାଇ
ଆତ୍ମାର ଡାକ ଶୁଣ ମଧୁର

ଆତ୍ମାର ସ୍ୱରୂପ ମନ ଆଇନାରେ
ଦିଶୁ ସଦା ଆମ ନୟନ ଧାରେ
ଧୀର ଅଚଞ୍ଚଳ ନୀରିମଳ ମନ -
ମୁକୁରରେ ପରମାତ୍ମା ରୂପ ଦିଶେ ସଧିରେ

ଭୁବନେଶ୍ୱର, ୭୫୧୦୦୨
୭୯୭୮୮୨୦୭୮୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମନ ଆଇନା

ସଚିକାନ୍ତ ରଥ



ସ୍ମୃତି ରହିଗଲା ଖାଲି
କଥାହୋଇଥିଲା ଦେଖାହେବ ବୋଲି-
ହେଲେ ଦୂରେ ଗଲ ଚାଲି.
ସ୍ମୃତିର ସରିତ ଧାରେ
କେତେ ଭାବିଥିଲି ତୁମପାଇଁ ସତେ
ରହିଲା ସବୁ ଅନ୍ଧାରେ.
ବୁଝେନା ମୋ ମନ ଜମା
ଗଲାଦିନ କଥା ମନେ ପଡ଼ିଯାଏ
ସବୁ ବୃଥା ଆଜି ସିନା.
ଦେଖିଥିଲି ତୁମ ବ୍ୟଥା
ମୋ ପାଖକୁ ଆସି ଥରୁଟିଏ ହସି
କହିବ କି ସବୁକଥା.
ମୋ "ମନର ଆଇନାରେ"
ତୁମ ସ୍ମୃତିସବୁ ଝଟକୁ ଥିବ ଗୋ
ଥିବା ଯାଏଁ ମୁଁ ମହୀରେ.

ଶକ୍ତିବିହାର, ଭୁବନେଶ୍ୱର.

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଠାବ କର ସତ୍ୟ ଧାମ

ହେମନ୍ତ କୁମାର ସାହୁ



ମଣିଷ ଜନମ ଦୁର୍ଲ୍ଲଭ ଜନମ
ହେତୁ କରରେ ପାଗଳା
ବହୁ ପୁଣ୍ୟ ବଳେ ଏ ଜନ୍ମ ଧରାରେ
ମାତା କୋଳେ କରୁ ଖେଳା ।

ମାତା ଗର୍ଭେ ପରା ହସ୍ତ ଯୋଡି କରି
ଡାକୁଥିଲୁ ତୁହି ମୋତେ
ଉଦ୍ଧାର କରହେ ଅନ୍ଧାର କୋଠିରୁ
ଥିବି ତୋର ପାଦ ଗତେ ।

ଭୂମିରେ ପଡ଼ିଲୁ ଆଲୋକ ଦେଖିଲୁ
ଦେଲୁ କୁଆଁ କୁଆଁ ରାବ
କୋଳେ ମାତା ନେଲା ମୁଖେ ବୋକ ଦେଲା
ଗଲା ତୋର ପୂର୍ବ ତେଜ ।

ସେ ପାଇଁ ଇଶ୍ୱର ଦେଲେ ଦିବ୍ୟଜ୍ଞାନ
ରଖିବୁ ବୁଦ୍ଧି ବିବେକ
ମୋତେ ସ୍ମରି ସର୍ବ କର୍ମ ତୁ କରିବୁ
ହେବୁନାହିଁ ହନ୍ତସନ୍ତ ।

ବୁଦ୍ଧି ଜ୍ଞାନ ପାଇ ଚେତନା ଜଗାଇ
ଛୋଟରୁ ହୋଇଲୁ ବଡ଼
ଏମିତି ମାୟାରେ ଛନ୍ଦି ହୋଇଗଲୁ
ଭୁଲିଲୁ ମୋର ପୟର ।

ଯେଉଁ ପିତାମାତା ଜନ୍ମ ଦେଲେ ତୋତେ
କରୁ ତାଙ୍କୁ ହତାଦର
ମାଗିଲେ ଦେଲୁନି କହିଲେ କଲୁନି
ହୋଇଗଲୁ ସ୍ୱାର୍ଥ ପର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜ ସ୍ୱାର୍ଥ ପଛେ ସର୍ବଦା ଧାଇଁଲୁ
ନ ଜାଣିଲୁ ତୁହି ଆନ
ମୁକତିର ମାର୍ଗ ଜାଣି ପାରିଲୁନି
ଦିବ୍ୟଜ୍ଞାନୀ ଯେ ଅଜ୍ଞାନ ।
ମୋତେ ନ ଚିହ୍ନିଲୁ ମୋତେ ନ ଭଜିଲୁ
ନ ନେଲୁ ମୋ ନାମ ମୁଖେ
ମଣିଷ ଜନମ ବ୍ୟର୍ଥ କରିଦେଲୁ
ଆଉ କି ମିଳିବ ତୋତେ ।
ବୟସ ଗଡ଼ିଲା ଚତୁର୍ଥ ପାହାଚେ
କରିଅଛୁ ପଦାର୍ପଣ
ଏବେ ତ୍ରାହି ପାଇଁ ଆକୁଳ ହେଉଛୁ
କେ ନେବଟି ଉଦ୍ଧାରିଣ ।
ଭକ୍ତି ରସେ ମଜ୍ଜ ରାମ ହରି ଭଜ
ଯଦି ଅଛି ଭଲ ବେଳା
କେତେବେଳେ କେଉଁ ସମୟରେ ଧନ
ବୁଡ଼ିଯିବ ତୋର ଭେଳା
ବୁଡିଯିବ ତୋର ଭେଳା ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଫଗୁଣ ଆସିଲା ବୋଲି

ଗୌରୀ ପଣ୍ଡା



ଫଗୁଣ ଆସିଲା ବୋଲି
ଝୁଲି ଝୁଲି ଆସେ ହୋଲି ।
ସବୁଜ, ନେଳିଆ, ନାଲି
ସାଥେ ନେଇ ଆସେ ବୋଲି ।
ମନ ହୁଏ ଚୁଲୁବୁଲି
ଖୋଜିବୁଲେ ସାଥି ଖାଲି ।
ହୋଲି ଆଣେ ଖୁସି ବୋଲି
ହୋଲି କୁ ହୁଏନା ଭୁଲି ।
ଉଡାଇ ଅବିର ଖାଲି
ଆକାଶ ହୁଅଇ ନାଲି ।
ପ୍ରିୟା ଝୁଲେ ଫୁଲି ଫୁଲି
ଫଗୁଣେ ଆସଇ ହୋଲି ।

ଏମିତି ପ୍ରତି ବରଷ
ହୋଲି ଆଣୁ ମନେ ହର୍ଷ ।
ପାଳୁଥିବା ଏକା ସାଥେ
କେତେ ରଙ୍ଗେ ନାନା ମତେ ।
ଭୁଲିଯିବା ମନନ୍ତର
ହୋଲି କରି ଆପଣାର। ।

ଜୟପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଫଗୁ ଖେଳୁଛନ୍ତି ଦୋଳଗୋବିନ୍ଦ

ସୁଲୋଚନା ବଳ



ଗୋପ ଆକାଶରେ ଉଇଁଛି ଚାନ୍ଦ
ଦୋଳବିମାନରେ ଦୋଳଗୋବିନ୍ଦ ।
ଆସିଛି ଫଗୁଣ ଆଣିଛି ହୋଲି
ଦୋଳବିମାନରେ ଆସନ୍ତି ଝୁଲି ।

ରାଇ ସାଥେ ବିଜେ ଦୋଳଗୋବିନ୍ଦ
ରଙ୍ଗ ମାରୁଥାନ୍ତି ହୋଇ ଆନନ୍ଦ ।
ଗୋପ ଗଉଡୁଣୀ ହୋଇଣ ମେଳି
କାହ୍ନୁ ଦେହେ ରଙ୍ଗ ଦିଅନ୍ତି ବୋଳି ।

ଫୁଲେଇ ଫଗୁଣ ଆଣିଛି ହୋଲି
ଆସୁଥାନ୍ତି ପ୍ରଭୁ ଆନନ୍ଦେ ଝୁଲି ।
ହାତେ ତାଙ୍କ ରଙ୍ଗର ପିଚକାରୀ
ଶ୍ରୀରାଧା ଦେହରେ ଦିଅନ୍ତି ବୋଳି ।

ଗାଆଁଠୁ ସହର ଆଜି ଚଞ୍ଚଳ
ଖେଳିବେ ସଭିଏଁ ରଙ୍ଗର ଖେଳ ।
ରଙ୍ଗ ଅବିରରେ ହୋଇବେ ବୋଳି
ଭକ୍ତ କାନ୍ଧେ ପ୍ରଭୁ ଆସିବେ ଝୁଲି ।

ଫଗୁ ଦଶମୀରୁ ମେଳଣ ହେବ
ବିମାନରେ ପ୍ରଭୁ ବିଜେ କରିବେ ।
ରଙ୍ଗର ପସରା ଯିବଟି ଖୋଲି
ପିଲାଠାରୁ ବୃଦ୍ଧ ଖେଳିବେ ହୋଲି. ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘରେ ଘରେ ବିମାନରେ ବୁଲିବେ
ସବୁରି ଘରେ ଆନନ୍ଦ ଉତ୍ସବ ।
ନାନା ଭୋଗରାଗ ହେବ ଅର୍ପଣ
ମେଳନେ ଭକ୍ତଙ୍କ ତ ସମାଗମ ।

ଖୋଳ କରତାଳ ଝାଞ୍ଜ ମହୁରୀ
ଶଙ୍ଖ ହୁଳହୁଳି ପଡେ ଉଚ୍ଛୁଳି ।
ବିବିଧ ବାଦ୍ୟ ସହିତ ଠାକୁରେ
ବିମାନେ ବୁଲିବେ ଘରକୁ ଘରେ ।

ସୋର, ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସପନ ଦୀପରେ ଆଶାସଳିତା

ଟି ରତ୍ନମାଳା ସୁବୁଦ୍ଧି



ସପନ ଦୀପ ଆଶା ସଳିତା
ଭାବ ଘୃତରେ ଜଳେ,
ଛୁଅଁଇ ଆତ୍ମା ଦୀପର ବାସ୍ନା
ହୃଦୟସ୍ପର୍ଶୀ ବଳେ ।

ହୃଦୟ ଦୀପ ଆଶା ସୁଦୀପ୍ତ
ଅନ୍ଧକାରେ ଆଲୋକ,
ନିରାଶେ ଦୀପ୍ତି ହୃଦୟ ଭେଦି
ଜୀବନକୁ ସାର୍ଥକ ।

ଆଶା ଦେଉଳ ଭରା ବଉଳ
ନୂତନ ସୂର୍ଯ୍ୟାଲୋକ,
ଭଙ୍ଗା ମନକୁ ନବ ଜୀବନ
ଜାଗ୍ରତ ଭାବ ଭୋକ ।

ଜୀବନ ପଥ ସୁଦୃଢ ରଥ
ଅନ୍ଧାରେ ଦୀପ୍ତିମୟ,
ନବ ସାହସ ନଥାଏ ରୋଷ
ନଥାଏ ଝଡ ଭୟ ।

ଅନ୍ଧାର ନାଶ ସପନ ଦୀପ
ଜଗମଗ ଆଲୋକ,
ସ୍ୱପ୍ନ ପୂରଣ ଆଶା ଭରଣ
ଏକମାତ୍ର ପ୍ରକାଶ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୃଦୟ କୋଣ ଯନ୍ତ୍ରଣା ଜାଳେ
ଗଢି ତୋଳେ ଜୀବନ,
ଦୁଃଖର ମେଘ କଳା ବାଦଲ
କିରଣ ରେଣୁ ଦାନ ।

ସପନ ଦୀପ ଜଳେ ସଳିତା
ପରୀକ୍ଷା ସହଚର,
ଲିଭେନି ସେତ ଆଲୋକେ ପ୍ରୀତ
ନବନୀତା ଆଶାର ।

ସପନ ଦୀପ ଆଶା ସଳିତା
ଭାବ ଘୃତରେ ଭରା,
ଅନନ୍ତ କାଳ ଜଳେ ତା" ଦୀପ୍ତି
ହୃଦୟ କରେ ତ୍ୱରା ।

ଅନ୍ତିମ ଆଶା ଜୀବ ଭରସା
ପ୍ରଜ୍ୱଳିତର ଶିଖା,
ନବ ପ୍ରଭାତ ରଚନା ପୋତ
ଭରେ ଉଜ୍ଜ୍ୱଳ ରେଖା ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସୂଚନାଟିଏ ମୁଁ

ମଧୁସ୍ମିତା ସାହୁ



କେବଳ ମାତ୍ର ମୁହିଁ ସୂଚନାଟିଏ
ସୁବାର୍ତ୍ତା ରୂପ ଅବଚେତନାଟିଏ
ସମସ୍ତଙ୍କ ପାଖକୁ ପହଞ୍ଚିବାର
ଖବର ଦେବାଲାଗି ଜରିଆଟିଏ ।।

ନିମିତ୍ତ ମାତ୍ରକ ସୂଚନା ରୂପରେ
ମୋବାଇଲ ଟିଭି ଖବର ଦେବାରେ
ସମ୍ପର୍କ ସେତୁର ସୂତା ଖିଅ ନେଇ
କର୍ତ୍ତବ୍ୟ ପଥରେ ଅଗ୍ରସର ହୋଇ ।।

ଧନୀ ଗରୀବର ଭେଦଭାବ ଭୁଲି
ସୂଚନା ଦେବାକୁ ବିବେଚିତ ହେଲି
ଗୁରୁ ଦାୟିତ୍ୱକୁ ତୁଲାଇବା ପାଇଁ
ସୂଚନା ଦେବାକୁ ଯାଉଅଛି ଧାଇଁ ।।

ସୂଚନାଟିଏ ହୋଇ ପାଖକୁ ଯାଏ
ଭାବ ମାଧ୍ୟମରେ ଯୋଡ଼ି ହୋଇଯାଏ
କେତେ ଶୁଭ କେତେ ଖୁସୀ କେତେ ହସ
ସାଥେ ନେଇ ଭେଟି ଦିଅଇ ସରସ ।।

ପୁଣି ଦୁଃଖ କେତେ ଲୁହ କେତେ କୋହ
ଅନିଚ୍ଛା ସତ୍ତ୍ୱେ ଦେବାକୁ ପଡେ ଅସହ୍ୟ
ସାନ୍ତ୍ୱନାମୂଳକ ଅଭିନନ୍ଦନକୁ
ଶୁଭକାମନାର ଶୁଭେଚ୍ଛା ଦେବାକୁ ।।

ବ୍ରହ୍ମା ନଗର ପ୍ରଥମ ଗଳି
ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ
ଓଡ଼ିଶା, ମୋ—୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତୁମକୁ ଭଲପାଏ ବୋଲି

ଜୟନ୍ତୀ ବେହେରା



ହୃଦୟରେ ତୁମ ପ୍ରୀତିର ଫଗୁଣ
ମନଟା ଆମ୍ବ ବଉଳ !
ଜାଣେନା କାହିଁକି ଝୁରଇ ତୁମକୁ
ପାଦ ମୋ ଚଳ ଚଞ୍ଚଳ ।

ଶାନ୍ତ କମିନୀୟ ଭାବନା ମନ୍ଦିରେ
ତୁମେ ମୋ ପରମେଶ୍ୱର !
ତୁମ ପାଇଁ ହେବି ଗୌରୀ ମାହେଶ୍ୱରୀ
ପୂଜିବି ଯୁଗ୍ମ ପୟର ।

ଛାଇପରି ହୋଇ ରହିବି ପାଖରେ
ଛାଡିବିନି ତୁମ ହାତ !
କଥା ଦିଅ ସାଥୀ ଭୁଲି ଯିବନାହିଁ
ଦେବନି ମତେ ଆଘାତ ।

ତୁମବିନା ଏହି ଜୀବନ ମୋହର
ପାଣି ଫୋଟକାର ଧାର !
ହସିଦେଲେ ଟିକେ ବଞ୍ଚିଯିବି ସିନା
ରୁଷିଲେ ଲୁହ ଅସାର ।

ଆମପ୍ରେମ ନୁହେଁ ମାଟିର କଣ୍ଢେଇ
ପଡିଗଲେ ଭାଙ୍ଗି ଯିବ !
ତୁମ ପାଇଁ ଥିବି ସଦା ସୁହାଗିନୀ
ମୋ ପ୍ରେମ ଅମର ହେବ ।

ପ୍ରେମ ରାଇଜର ରାଜ କୁମାର ହେ
ମାରୁଛକି ପ୍ରେମ ତୀର !
ତୁମ ତୀର ବାଜି ହୃଦୟ ବକ୍ଷରେ
ବିଦାରିତ ପ୍ରୀତି ଧାର ।

ଧର୍ମଶାଳା, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଛୋଟ ସିଲଟ ଏଇ ଜୀବନ

ସୁସ୍ମିତା ପଣ୍ଡା




ଖଡ଼ି ଦ୍ୱାରା ସିଲଟେ ହୁଏ ଲିଖନ
କେବେ ମିଶାଣ, ହୁଏ କେବେ ଫେଡାଣ ।।

କେବେ ଗୁଣନ, ପୁଣି କେବେ ହରଣ
କୁନା କୁନି ସିଲଟେ କରନ୍ତି ଚିତ୍ର ଅଙ୍କନ ।।

ପୁଣି ଖେଳନ୍ତି ସେଠି ଛକି ତଥା ଶୂନ
ସିଲଟେ ଲେଖା ରହେ ନାହିଁ ଚିରଦିନ ।।

ଠିକ୍ ସେହିପରି ସିଲଟ ଭଳି ଏଇତ ଜୀବନ
ହସ ଲୁହର ହୁଏ ଏଠି ମିଶ୍ରଣ ।।

କେବେ ଫୁଟିଥାଏ ମୁହଁ ରେ ହସ
କାଳଚକ୍ର ରେ କେବେ ହୋଇଯାଏ ଶେଷ ।।

ହୃଦୟେ ଭରିଯାଏ ଅନେକ କୋହ
ଓଠ ପିଇଯାଏ ଆଖିର ଲୁହ ।।

ଜୀବନ ପଥେ ପାଦେ ଫୁଟିଥାଏ କଣ୍ଟା
କଣ୍ଟା ଏଡାଇବାକୁ ଭିଡିବାକୁ ହୁଏ ଅଣ୍ଟା ।।

ସତ୍ ପଥକୁ ଜୀବନେ କରିବା ଆଶ୍ରୟ
ନିଶ୍ଚେ ହେବ ଆମର ଜୟ ।।

ଏ ଜୀବନ ଆମର କ୍ଷଣସ୍ଥାୟୀ
ପାଣି ଫୋଟକା ଭଳି ଯିବ ମିଳେଇ ।।

ଭଲ କର୍ମ କରି ଏଠୁ ଫେରିବା
ସଭିଙ୍କ ହୃଦ ମାନସେ ନିଶ୍ଚେ ରହିବା ।।

କେନ୍ଦୁଝର



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସାହିତ୍ୟ ଖୋଜୁଛି ବିଜ୍ଞାନକୁ

କୁଞ୍ଜ ବିହାରୀ ନାଏକ



ସମାଜ ହିତରେ ସାହିତ୍ୟ ।
ବିଜ୍ଞାନ ବି କରୁଛି ସମାଜର ହିତ ।।
ବିଜ୍ଞାନର ଅବଦାନ ପାଇ ସମୃଦ୍ଧ ହୋଇଛି ସାହିତ୍ୟ । ୧
କାଗଜ,କଲମ, ଲିଖନ, ମୁଦ୍ରଣ, ପୁସ୍ତକ ମାଧ୍ୟମେ
ସାହିତ୍ୟ ବିକଶିତ ।। ୨
କବିତା, ଗଳ୍ପ, ପ୍ରବନ୍ଧ ବାଟଦେଇ ଭକ୍ତି, ପ୍ରେମ, ଆସକ୍ତି,ସୁଖ, ଦୁଃଖ, ହାସ୍ୟ ରସକୁ
ସାହିତ୍ୟ କରିଛି ପ୍ରାପ୍ତ କବିତାରୁ ସୃଷ୍ଟି ସଂଗୀତ ଜଗତ ଜନଙ୍କୁ କରେ ବିମୋହିତ ।। ୩
ବିଜ୍ଞାନର ଉଦ୍ଭାବନ ଯନ୍ତ୍ର ଦେଇ କବିଙ୍କ ଭାବନା ନିଏ ସଂଗୀତର ରୂପ ।
ତେଣୁ ବିଜ୍ଞାନର ସତ୍ୟତାକୁ ସାହିତ୍ୟରେ ସ୍ଥାନ ଦେଲେ ସାହିତ୍ୟ ନକରିବ ବିଳାପ ।। ୪
ବିଜ୍ଞାନ ଶାସ୍ତ୍ର ସ୍ୱତନ୍ତ୍ର ରହିଛି ଅଲଗା
ହେଲେବି ସାହିତ୍ୟ ଖୋଜୁଛି ବିଜ୍ଞାନକୁ ତା ଦେହରେ ଯଥାର୍ଥେ ଦେବାକୁ ଜାଗା ।। ୫
ସାହିତ୍ୟ ହେଇଛି ଋଣୀ ପ୍ରକୃତି ରୁପି ବିଜ୍ଞାନ ବା ବିଜ୍ଞାନ ରୁପକ ଈଶ୍ୱରଙ୍କ ପାଖରେ ।
ସାହିତ୍ୟ ଚାହେଁ ଋଣ ମୁକ୍ତ ହେବାକୁ ବିଜ୍ଞାନକୁ ସ୍ଥାନ ଦେଇ ନିଜ ବହିରେ ।। ୬
ଏଣୁ କବି ଲେଖକଙ୍କୁ ସାହିତ୍ୟ କରୁଛି ମିନତୀ ।
ବିଜ୍ଞାନକୁ ସାହିତ୍ୟରେ ଯଥା ମାନ୍ୟ ସ୍ଥାନ ଦେଇ ତାକୁ କର ଋଣ ମୁକ୍ତି ।। ୭
ଏତିକି କରିଲେ କବି, ଲେଖକ ବି ପାଇବେ ସମାଜେ ଖ୍ୟାତି ।
ସାହିତ୍ୟର ପ୍ରାଣ ସାର୍ଥକ ହୋଇବ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

କବି, ଲେଖକ ମଧ୍ୟ ହେବେ ରଣରୁ ମୁକ୍ତି ।।୮

କାରଣ କବି, ଲେଖକ ଯଦି ମାନ୍ୟତା, ପରିଚୟ ।

ସେଥିରେ ବିଜ୍ଞାନର ସହଯୋଗ ରହିଛି ନିଶ୍ଚୟ ।।୯

ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଭେଟିଆ

ଖମାର, ପାଲଲହଡା, ଅନୁଗୋଳ, ଓଡିଶା, ଭାରତ

୮୮୯୫୨୩୫୩୮୩ / ୮୧୪୪୫୨୮୬୦୪ / ୯୦୪୦୩୫୬୮୧୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଦୋଳବିମାନରେ ଜଗମୋହନ

ପୁଷ୍ପଲତା ମିଶ୍ର



ଦୋଳ ବିମାନରେ ମୋ ଜଗ ମୋହନ
ଆସେ ବିମାନରେ ଚଢ଼ି ,
ଦୁଆରେ ଦୁଆରେ ବିମାନେ ବୁଲନ୍ତି
ଆଶିଷ ଦେଇ ଅଜାଡ଼ି ।।
ଗ୍ରାମେ ଗ୍ରାମେ ସର୍ବେ ପାଳନ୍ତି ଉତ୍ସବ
ଆନନ୍ଦରେ ଝୁଲି ଝୁଲି,
ଦୋଳ ମେଳଣରେ ଆସର ଜମିଛି
ରଙ୍ଗର ପସରା ମେଲି ।।
ବିମାନରେ ଛନ୍ତି ପ୍ରଭୁ ଶ୍ରୀ ଗୋବିନ୍ଦ
ସାଥେ ରାଧିକା ସୁନ୍ଦରୀ ,
ବିମାନେ ଝୁଲନ୍ତି ବଂଶୀ ଧାରୀ କୃଷ୍ଣ
ବାଜୁଅଛି ଶଙ୍ଖ ତୂରୀ ।।

ସବୁ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷେ
ସର୍ବେ ଖେଳନ୍ତି ହୋଲି,
ଭାଇଚାରା ଏହି ପର୍ବ ଆମର
ରାଗରୁଷା ଯାନ୍ତି ଭୁଲି ।।
କି ସୁନ୍ଦର ଏହି ରଙ୍ଗ ପିଚକାରୀ
ଆସିଛି ଦୋଳ ପରବ,
ମଳୟ ମାହେନ୍ଦ୍ର କରୁଛି ଅଥୟ
ଫଗୁ ଦଶମୀ ଆଗତ ।।
ରାଧା କୃଷ୍ଣ ପ୍ରେମ ଅନନ୍ତ ଅସୀମ
ଚାରିଆଡ଼େ ଭକ୍ତି ଭାବ,
ଅଳିକ ସଂସାର କ୍ଷେଣିକ ଜୀବନ
ଉଦ୍ଧାର ରାଧା ମାଧବ ।।

ଭୁବନେଶ୍ୱର , ୯୩୩୮୨୯୪୬୫୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆ ଫେରିଆ ବୋଉଲୋ

ସୌଦାମିନୀ ତ୍ରିପାଠୀ



ଯେତେ ବଡ ହେଲେ ପିଲା
ଖୋଜୁ ଥାଏ ମାଆକୁ
ଫେରିଗଲେ ନିଜ ଘରେ
ମଧୁ ବୋଳା ମୁହଁକୁ
ଯେତେ ମୁହଁ ଥିଲେ ଆମ
ତୋର ମୁହଁ ଅଲଗା
ଚାଲିଗଲୁ ଛାଡି ସିନା
କରିଦେଇ ଅଭାଗା ।
ଆଉ ନାହିଁ ଯିବା ସୁଖ
ବାପ ଘରେ ସୁଖେ ଦୁଃଖେ
ଛେଉଣ୍ଡ ହେଲୁ ଆମେ ସବୁ
କାଟିବୁ କିବା ଦିନ ସୁଖେ ?
ଦୋଳପୂର୍ଣ୍ଣିମା ଲାଗିଥିଲା ସଂଧ୍ୟାବେଳୁ ତିଥିରେ
ସୂର୍ଯ୍ୟୋଦୟ ନ ହେବାରୁ
ଚତୁର୍ଦ୍ଦଶୀ ଧରିଲେ ।

ଅପାସୋରା ମଧୁ ମୁହଁ
ଛାଡି ଦେଇ ସ୍ୱର୍ଗରେ
ଶଙ୍ଖା ସିନ୍ଦୂର ବିମଣ୍ଡିତା
ସଧବା ରାଣୀ ବେଶରେ ।
ସଭି ସଧବା ମରଣରେ
ଖବର ପାଇବା କ୍ଷଣି
କେଡେ ଭାଗ୍ୟ କରିଥିଲା
ବିଦାୟ ବେଶ ଅହ୍ୟ ରାଣୀ ।
କେହୁ ବିଦାୟ ପୁଣ୍ୟ ତିଥି
ପୂଣ୍ୟ ପର୍ବ ମୁହୂର୍ତ୍ତରେ
ନ ଭୁଲିବେ ପରିବାରେ
ମୃତ୍ୟୁ ଶ୍ରାଦ୍ଧ ପାଳିବାରେ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଚାହୁଁଥିଲୁ ଯେ ପ୍ରକାରେ
ଦୋଳପୂର୍ଣ୍ଣିମା ପର୍ବରେ
ସ୍କୁଲ ଛୁଟି ବୋହୁର ଥିଲା
ନାତୁଣୀଜ୍ୱାଇଁ ଡାକରାରେ ।
ଖଇ ଉଖୁଡା ଚୁଡା ଭଜା
ଦୋଳ ପୁନିଅଁ ପାଇଁ
ସଜାଡି ପିଲାଙ୍କ ପାଇଁ
ରଖିଥିଲୁ ସଜେଇ ।
ଇଚ୍ଛାମୃତ୍ୟୁ ବରି ନେଲୁ
ମୋହ ଛାଡି ଆମର
ସଧବା ରାଣୀ ବେଶ ଧରି
ଚଳିଗଲୁ ସ୍ୱର୍ଗର ।
ମନେ ପଡେ ତୋର କଥା
କିବା ଛାଡ଼ି ଆମକୁ
କେତେ ଚିନ୍ତା କରୁଥିଲୁ
ସଦା ଆମ ସୁଖକୁ ।
କେମିତି ରହିଲୁ  ମୋଡି
ନ ଚାହିଁ ମୁହଁ ପଛକୁ
ଆଉ କି ଦେଖିବୁ ସତେ
ଖୋଜି ହେଉ ବୋଉକୁ ।
ଆଉ ଯିବୁ ନାହିଁ ଘରେ
ନନା ବି ଛାଡି ଦେଇ
ଏକା ପଥ ଯାତ୍ରୀ ହେଲ
ଆମ ମନ  ନ ବୁଝଇ ।
ଆ ବୋଉ ଚାଲି ଆ ମନ
କଥା ଖୋଲି କହିବୁ
ତୋ ଭଳି କେ ଶୁଣିବ ଲୋ
କାହିଁ ଶାନ୍ତି ପାଇବୁ ?
ସ୍ନେହ ଗନ୍ତାଘର ଦୁଃଖ
ସାହା ଭୋକ ଶୋଷର
ମୁହଁ ଦେଖି ବୁଝିଯାଉ
ସତେ  କେତେ ଚତୁର ।
ମନ ଜାଣି ଖଞ୍ଜି ଦେଉ
ପେଟ ଭରି ସନ୍ତୋଷ
ତୋ ଭଳି କେହି ନାହିଁ ଲୋ
ଆହାଃ ମଧୁ ପରଶ ।
ଯେଉଁଠି ରହୁଛୁ ରହ
ଭୁଲିବୁନି କେବେ ଲୋ
ମଥା ଲଗା ପ୍ରଣାମ କରୁ
ଶ୍ରାଦ୍ଧ ଦିବସେ ବୋଉଲୋ ।
ସାନ ଝିଅ ଝୁରି ହୁଏ
ଭାଇ ଭଉଣୀ ସଭିଏଁ

Listen to Odia Podcast Original at https://youtube.com/@drjyotiprasad

ଭୁଲି ନାହିଁ କେହି ବୋଉ
ମିଳିବାକୁ ମନ ଚାହେଁ ।
ଛବିଶି ବର୍ଷ ହେଲା ଯିବା
ଲାଗେ ଯାଇଛୁ ଏବେ ଲୋ
ସତେଜ ଆମ ମନ ମଧ୍ୟେ
ଅନୁଭବ ପାଖେ ଲୋ ।

Listen to Odia Podcast Original at https://youtube.com/@drjyotiprasad

# ରଙ୍ଗମରା ଖାଲି ନାଆଁକୁ

ଡଃ ଧନଞ୍ଜୟ ମିଶ୍ର

କୁସୁପୁର, କଟକ

ମୋ - ୯୦୯୦୩୮୮୫୨



ଉତ୍ସବ ନାମରେ କୁତ୍ସିତ ପ୍ରୟାସ
କଳୁଷତା  ରଖି ମନରେ
ଭେଣ୍ଡିଆ ବୁଲନ୍ତି ଛକ ବଜାରରେ
ନାଲି ନେଳୀ ବୋଲି ଗାଲରେ ।।
ଝିଅଟେ ଦେଖିଲେ ବାଟରେ,
ହୋଲି ବାହାନାରେ ଛୁଇଁବା ଆଶାରେ
ହାତ ମାରନ୍ତି ତା ଦେହରେ   ।।
'ବୁରା ନା ମାନୋ ' ହୋଲି କହି କହି
ଅଶ୍ଳୀଳ ଇଙ୍ଗିତ କରନ୍ତି
ଜାଣି ଜାଣି ଓଦା କରିବା ଆଶାରେ
ପାଣି ପିଚକାରୀ ମାରନ୍ତି      ।।

ହାତ ଭିଡ଼ି କେବେ ଧରନ୍ତି,
ନିଛାଟିଆ ଦେଖି କାମନା ଜ୍ୱାଳାରେ
ସର୍ବନାଶ କା'ର କରନ୍ତି       ।।
ଦୋଳ ବିମାନରେ ଠାକୁର ନାଆଁ ରେ
ଗଣ୍ଡଗୋଳ ହୁଏ ସାହିରେ
ନିଶାରେ ଆମର ତମର ହୁଅନ୍ତି
ଭାଇଚାରା ଥାଏ ଦ୍ୱାହିରେ  ।।
ଧର୍ମ ଗଡ଼େ ଧର୍ମ ଦାଣ୍ଡରେ,
କିଛି ଟୋକା  ବୁଢ଼ା ହୋଇ ଧର୍ମଛଡା
ନାଚନ୍ତି ଡିଜେର ତାଳରେ  ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାର୍ବଣ ନାମରେ ପଣା ବଦଳରେ
 ଅଫିମ ଗଞ୍ଜେଇ ଖାଆନ୍ତି
ସରବତ ନାମେ ସୁରା ପାନ କରି
 ମତୁଆଲା ଖାଲି ହୁଅନ୍ତି ।।
ଉପଦେଶ ଖାଲି ଦିଅନ୍ତି ,
ମୁଖରୁ ବାହାରେ ଗୀତା ଭାଗବତ
 ଉଚ୍ଚ ସ୍ୱରେ ଗାଳି ଦିଅନ୍ତି ।।
ରାଗ ପ୍ରତିଶୋଧ ନେବାପାଇଁ ଏଠି
 ଷଡ଼ଯନ୍ତ୍ର କିଏ କରେ
ନିର୍ମଳ ମୁହଁ ଟା ପଡ଼ିଯିବ ଧରା
 ମୁଖୋଟା ପିନ୍ଧି ବାହାରେ ।।
ଅବଶୋଷ ନାହିଁ ଥରେ,
ବନ୍ଧୁର ମୁଣ୍ଡରେ ବନ୍ଧୁକ ମୁନରେ
 ଅନ୍ଧ ବିଚାର ସେ କରେ ।।
ଜୀବଜନ୍ତୁ ପ୍ରାଣୀ ବୃକ୍ଷ ଗୁଳ୍ମ ଲତା
 ସବୁଆଡେ ରଙ୍ଗ ଛିଟା
ଶିକ୍ଷିତ ଲୋକର ଆଚରଣ ଲାଗେ
 ସତେ କି ଅଶିକ୍ଷିତ ଟା ।।

ଜ୍ଞାନ ଦ୍ୱାର ଟିକେ ଫିଟା,
ନିରୀହ ଜୀବଙ୍କୁ ଯାତନା ଦେଲେ କି
 ମିଳିବ ବାହା ବାହା ଟା ।।
ପ୍ରାକୃତିକ ରଙ୍ଗ ଆଦର ଗଲାଣି
 କେମିକାଲ ଲାଗେ ଭଲ
ଆର୍ଟିଫିସିଆଲ କଲର ସାଙ୍ଗକୁ
 ଫ୍ଲେବର ପାଇଁ କି ମଲ ।।
ବେପାରୀ ଅମୂଲ ମୂଲ ,
ମାସେ ଯାଏ ରଙ୍ଗ ଛାଡୁନି ଝିଅର
 ହୁଏ ଭାରି କଲବଲ ।।
ସଂସ୍କାର ବେଭାର ହେଲା ହତାଦର
 ସଂସ୍କୃତି ଗଲାଣି ଚୁଲିକୁ
ପିଠାପଣା ପର୍ବ ଆମରି ଗରବ
 ପୁରୁଣା ଲାଗଇ ଆମକୁ ।।
ମଡର୍ନ ବୋଲାଇବାକୁ,
ପରବ ନାମରେ ଫେସନ୍ ପ୍ରବଳ
 ରଙ୍ଗମରା ଖାଲି ନାଆଁ କୁ ।।

Listen to Odia Podcast Original at https://youtube.com/@drjyotiprasad

# ପଳାଶ ଫୁଲର ନିଆଁ

କିରନ୍ ସ୍ୱାଇଁ



ତମର ଖୋଜିବା ଓ
ମୋର ହଜିବା ଭିତରେ
ଏତେ ଦିନ ପରେ
କେତେ ଅଭିମାନ
କିଛି ଅନୁରାଗ
ଆଲୋଡ଼ନ ଉପବନେ
କାଗିଜି ଫୁଲର
ରଙ୍ଗୀନ୍ ପାଖୁଡ଼ାରେ
ଏଇ ମଧୁଝରା
ଫାଲଗୁନ ଗନ୍ଧରେ
ହଜିନ କି କେବେ ଦିନେ ?

ମୁଁ ନଥିଲି
କିନ୍ତୁ, ତମେ ବି ନଥିଲ
କି ଫୁଲ ମାୟାରେ
ତମ ହୃଦୟର
ସବୁ ସରଳତା
ସବୁ ଆବେଗ ଓ
ସବୁ ଚପଳତା
ଏବେ ଲୁପ୍ତ ।
ଫଗୁଣ ପରି
ତମ ଛାତିରେ ଥରେ
ଜଳେନି କି କେବେ
ପଳାଶ ଫୁଲର ନିଆଁ ?

ବରଗଡ଼

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କେଉଁଠି ତୁମେ ?

ସାଗର ଖରା



ଜାଣିନି ଠାକୁରେ
ମୁଁ ଖରାପ ନା ମୋ ସମୟ
କିନ୍ତୁ ଯେବେ ଯେବେ ତୁମ ନାମ ଶୁଣେ
ମନ ଭିତରେ ଭକ୍ତି ଗଦ୍ ଗଦ୍ ହୋଇ ଉଠେ
ଆଉ ମୋ ଅମାନୁଷିକ କର୍ମ ପାଇଁ
ଅନୁତାପର ଲୁହ ଝରି ଆସେ
ଏ ମିଛ ମାୟା ସଂସାରରୁ
ବିଦାୟ ନେଇ ଏକାକୀ
ଜୀବନ ବିତାଇବାକୁ ଏଇ
ନିରନ୍ତର ବହୁଥିବା ଅଶ୍ରୁ
ସୂଚନା ଦେଇଯାଏ

ବାରମ୍ବାର ଚେଷ୍ଟା ପରେ ବି
ମୁଁ ହାରିଯାଏ ଏ ସମାଜର
ନିଷ୍ଠୁର ବାସ୍ତବତା ଆଗରେ
ପୁଣି ଆରମ୍ଭ କରେ ତୁମକୁ ଖୋଜିବାକୁ
ହେଲେ

କେଉଁଠି ଖୋଜିବି ତୁମକୁ କୁହ
ମନ୍ଦିରରେ ନା ନିଜ ମନ ଭିତରେ
କେଉଁଠି ବି ପାଉନି
କାରଣ ସମ୍ପୂର୍ଣ୍ଣ ଅନ୍ଧ ଆଜି ମୁଁ
ଏ ମିଛ ମାୟା ସଂସାରେ

ମୁଁ କିନ୍ତୁ ଆଉ ପାରୁନି ପ୍ରଭୁ
ଜଳୁଛି ଆଜି ମୋ ପାପ କର୍ମରେ
ଆଉ ସଜାଡ଼ିବାକୁ ପାରୁନଥିବା
ଅତୀତର ସ୍ମରଣରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥରେ ଦୃଷ୍ଟି ଦେଇଦିଅ ମହିମା
ତରିଯିବି ଏ ଜଞ୍ଜାଳରୁ
ସବୁ ହାରିବି ପାଇବିଯି
ଜୀବନର ରାହା
ଜୀବନର ମୂଲ୍ୟ ବୁଝିଯିବି
ତୁମେ ଟିକେ ହେଲେ ସାହା....

ପୁରୁଣାଚିତାପାରି, ମାଲକାନାଗିରି
ଦୂରଭାଷା:-୭୨୦୫୪୭୦୫୧୯


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏଇ ପାଟିରେ ଅମୃତ

ବାସନ୍ତୀ ଲତା ଜେନା



ସରଳ ମଣିଷ କୋମଳ ହୃଦୟ
କହେ ମଧୁର ବଚନ
ମଧୁର ବଚନେ ଅମୃତର ସୁଧା
ତୋଷ ହୁଏ ପ୍ରାଣୀ ମନ ।୧।

ସ୍ୱାର୍ଥନ୍ୱେଷି ବ୍ୟକ୍ତି କପଟି ମଣିଷ
ଅହଂକାରେ ଅନ୍ଧ ଥାଏ
ରସନା ସଂଯତ ତାର ତ ନ ଥାଏ
କଟୁ କଥା କହି ଥାଏ ।୨।

କଟୁ କଥା ହୁଏ ଗରଳ ସଦୃଶ୍ୟ
ଦିଏ ମନ ପ୍ରାଣେ ବ୍ୟଥା
ହୃଦୟରେ ଗାର ସ୍ମୃତି ହୋଇ ରହେ
ମନରେ ଘାରଇ ଚିନ୍ତା ।୩।

ମିଠା କଥା ପଦେ କା' ଠାରୁ ଶୁଣିଲେ
ଓଠରେ ହସ ଫୁଟଇ
ମନ ଖୁସି ହୁଏ ଚଞ୍ଚଳତା ଆସେ
ଦୁଃଖ ଯାଏ ଦୂର ହୋଇ ।୪।

ହିଂସା ଈର୍ଷା ଦ୍ୱେଷ ରାଗ କ୍ରୋଧ ଘୃଣା
ବିଷ ତୁଲ୍ୟ ଯେ ଅଟଇ
ମନକୁ ବିଷାକ୍ତ ଏମାନେ କରନ୍ତି
ସନ୍ତୋଷ ଯାଏ ଦୂରେଇ ।୫।

ଏ ପାଟିରେ ଅଛି ଅମୃତ ଭଣ୍ଡାର
ଏ ପାଟିରେ ଅଛି ବିଷ
ସଂଯମତା ଗୁଣେ ମନ ସ୍ଥିର କଲେ
ସର୍ବେ ହୋଇବେ ହରଷ ।୬।

Listen to Odia Podcast Original at https://youtube.com/@drjyotiprasad

ଅଳିକ ସଂସାରେ କ୍ଷଣିକ ଜୀବନ

କଷ୍ଟ କାରେ ଦେବା ନାହିଁ

ଅତ୍ମୀୟତା ଗୁଣେ ସଦ୍ଭାବନା ରଖି

ସଂସାରେ ଚଳିବା ଭାଇ ।୭।

ଅସହାୟକୁ ଯେ ସାହାଯ୍ୟ କରିଲେ

ସାନ୍ତ୍ୱନାର ବାଣୀ ଦେଇ

ସ୍ୱୟଂ ନାରାୟଣ ସନ୍ତୁଷ୍ଟ ହୁଅନ୍ତି

ସାହା ହୋନ୍ତି ଭାବଗ୍ରାହୀ ।୮।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଲୁହରେ ଭିଜେଇ ନିଜକୁ ସଜେଇ

ତାରା ପ୍ରସାଦ ଜେନା



ଲୁହରେ ଭିଜେଇ ନିଜକୁ ସଜେଇ
ପାଉନି ଏମିତି ବଳ
ପଛକୁ ଦେଖୁଛି ଆଗକୁ ଦେଖୁଛି
ଗଡ଼ାଏ ଯାହା ମୁଁ ବେଳ
ଲୁହରେ ଭିଜେଇ ନିଜକୁ ସଜେଇ
ପାଉନି ଏମିତି ବଳ ।୦ ।

କଥାରୁ କାହାଣୀ ନିଜେ ମୁଁ ପଢୁଚି
ନୀରବି ଗଲିଣି ଆଉ
ବିଶ୍ୱାସ ଭିତରୁ ନିଃଶ୍ୱାସ ଟିକକ
ଛାଡ଼ିଲା ପରିକା ଦାଉ
ଆକାଶ ଚାହିଁଲେ ଧୂସର ଦିଶୁଚି
ମୋ ପାଇଁ ହେଇନି ନୀଳ
ଲୁହରେ ଭିଜେଇ ନିଜକୁ ସଜେଇ
ପାଉନି ଏମିତି ବଳ ।୧ ।

ଭୂମିରୁ ଭୁମାକୁ ସ୍ୱାଗତ ବରଣ
ଉଭେଇ ଗଲାଣି ଆଜି
ପ୍ରେମର ବରଷା ମରୁଡ଼ି ଭାଷାକୁ
ସତେ କି ହେଲାଣି ରାଜି
ଖେଳିବା ପାଇଁକି ଭାଗ୍ୟକୁ ମିଳିଛି
କଠିନ ଜୀବନ ଖେଳ
ଲୁହରେ ଭିଜେଇ ନିଜକୁ ସଜେଇ
ପାଉନି ଏମିତି ବଳ ।୨ ।

ରଣପୁର, ଜିଲ୍ଲା-ନୟାଗଡ଼
ଦୂରଭାଷ- ୯୩୪୮୦୫୪୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଜି ଫେରିଯିବି ଗାଆଁକୁ

ଶିଶିର କୁମାର ପଣ୍ଡା



ଗାଆଁରେ ଥିଲି ମୁଁ ଭାରି ଭଲ ଥିଲି
କାହିଁକି ଆସିଲି ସହର
ଦେହରେ ମନରେ ପ୍ରାଣରେ ମୋହର
ଗୋଳେଇ ହେଲାଣି ଜହର ।
ନାହିଁ ଏଠି ସ୍ନେହ , ନାହିଁ ବି ଶରଧା
କୂଟନୀତି ଆଉ ଛଳରେ
ଏକକୁ ଆରେକ ଘାଇଲା କରନ୍ତି
ପ୍ରତିପତ୍ତି ଧନ ବଳରେ ।
ଚିହ୍ନନ୍ତିନି କେହି କାହାକୁ ଏଠାରେ
ଦରଜା କିଳନ୍ତି ଛାଆଁକୁ
ମନ ହୁଏ ଆଉ ନରହି ଏଠାରେ
ଆଜି ଫେରିଯିବି ଗାଆଁକୁ ।

ଗାଆଁରେ ରହିଛି ଆପଣା ପଣର
ଭଣ୍ଡାର ଯୋଉଠି ଅସରା
ଠେକା ବାନ୍ଧି ମୁଣ୍ଡେ ବୁଲେ ଚଷାଭାଇ
ଧରିକି କାଳିଆ କସରା ।
ଆଇବୁଢ଼ୀ ଗପ, ବିଛେଇଲେ ସପ
ଛାଆଁକୁ ଆସଇ ବାହାରି
ସହରରୁ ଗାଆଁ ଯିବି ଫେରିଯିବି
କେହି ନୁହଁ ଏଠି କାହାରି ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast Original at https://youtube.com/@drjyotiprasad

# ପ୍ରେମର ରଂଗ ଏକ

ସ୍ୱର୍ଣ୍ଣ ରଥ ମହାପାତ୍ର



ଫିକେଇ ମଉଳି ଆସୁଥିଲା ବେଳେ
ଜୀବନ ରଙ୍ଗଶାଳାର ରଂଗ
କିଏ ରଂଗ ଛିଟିଦିଏ ଅଦୃଶ୍ୟରେ !
ପୁନେଇଁ ରାତିକୁ ସପନେଇ ମୁଁ ଶୋଇଯାଏ
ରାତିକ ଜହ୍ନ ଜୋଛନାର ରଂଗ
ଅନ୍ଧାର ଗର୍ଭରେ ଫେଣ୍ଟା ଫେଣ୍ଟି ହେଇ
ଆଲୋକ ଜନ୍ମ ନିଏ ସକାଳକୁ
ରଂଗର ପିଚକାରୀରେ ରଙ୍ଗମୟ କରି ।

ସମ୍ପର୍କର କେତେ ନାମ
ହେଲେ ଧାମ ତ ଗୋଟିଏ... ପ୍ରେମ ଧାମ
ରକ୍ତର ରଂଗ ସମ୍ପର୍କର ଶିରା ପ୍ରଶିରାରେ
ହୋଲି ଖେଳୁଥାଏ ଅନୁଭବର ବେଢ଼ା ଭିତରେ
ବନ୍ଧୁତ୍ୱର ରଂଗ ଦେହରେ ଲାଗିଲେ
ଯେତେ ଝାଡ଼ି ପୋଛି ହେଲେ
ସେ ରଂଗ କି ଛାଡ଼େ ସହଜରେ !
ଛାତିରେ ଦାଗ ମନରେ ଛାପ ହେଇ ରହିଯାଏ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଗୁଣ୍ଡୁଚି ପିଠିର ଶ୍ରଦ୍ଧା ଆଉଁସା ଗାର ପରି ।
ହୋଲିର କେତେ ରଂଗ କେତେ କଳା
ହେଲେ ପ୍ରେମର ରଂଗ ଏକ... ନୀଳ
ନୀଳମଣିଙ୍କ ନୀଳ ରଙ୍ଗରେ
ଜଗତ ରଙ୍ଗମୟ ପ୍ରେମମୟ ହେଲା
ପ୍ରେମର ଭାଷା ଶିଖିଲା
ପ୍ରେମ ରଙ୍ଗେଇ ହେଲା ହୋଲିରେ
ଧରାରେ ବସନ୍ତର ରଂଗ
ବସନ୍ତ ରାସରେ ହୋଲି ଖେଳିଲା ।

ବିଜୟା ଗାର୍ଡେନ,
ଜାମଶେଦପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଝରଣା

ଆକୁଳାନନ୍ଦ ପୃଷ୍ଟି



ଶଇଳ ଶୀଖରୁ ଝରଝର ଝରି
ଗିରିପାଦ ଛୁଇଁ ଯାଏ ମୁଁ ବହି
ନଦୀ ହ୍ରଦ ସହ ଶେଷରେ ମିଶିବ
ତା ପରେ ଦେବି ମୁଁ ସତ୍ତା ହରାଇ ।

କେତେ ଜନପଦ ଅରଣ୍ୟ ସମ୍ପଦ
ଶସ୍ୟ ଖେତ ବାଡି ସହର ଦେଇ
ପରଷି ଚାଲିଛି ମଧୁର ଜଳ ମୋ
ଭେଦ ଭାବ କିଛି ରଖେ ମୁଁ ନାହିଁ ।

ପଶୁଠୁ ପାଦପ କୀଟ ପତଙ୍ଗାଦି
ବଞ୍ଚନ୍ତି ପକ୍ଷୀ ମଣିଷ
ତୃଷାର୍ତ୍ତର ତୃଷା ମେଣ୍ଟାଇ ଥାଏ ମୁଁ
ଜଳ ପିଇ ସର୍ବେ ତୋଷ ।

ମୋ ଜଳକୁ ନେଇ ଜମିରେ ମଡାଇ
ଚାଷୀ ଭାଇ ଆମ କରନ୍ତି ଚାଷ
ଜଳ ସହ ଖାଦ୍ୟ ଅଭାବ ନ ଥିବ
ନ ଥିବ ଭୋକ ଉପାସ ।

ମୋ ଗର୍ଭେ ନଥାନ୍ତି ଭୟଙ୍କର ଜୀବ
ମଣିଷ ଖିଆ କୁମ୍ଭୀର
ନାଆ କି ନାଉରୀ ମୋଟର ଲଞ୍ଚ
ହୁଏ ନାହିଁ ଦରକାର ।

ବର୍ଷାରେ ଅଶାନ୍ତ ଅନ୍ୟ ଦିନେ ଶାନ୍ତ
ସରୁ ଝରଣା ମୁଁ ଝରେ
ବନ୍ଧ ବାଡ଼ ଶିଳ୍ପ କଳକାରଖାନା
ବସେ ନାହିଁ ମୋ କୂଳରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୁଳୁ କୁଳୁ ଗୀତ ଗାଏ ଅବିରତ
ମାଟି ମା କୋଳେ ଶୋଇ
କବିତାରେ କବି ଲେଖକ ଲେଖନ୍ତି
ଶବ୍ଦ ଅଳଙ୍କାର ଦେଇ ।

ଚିତ୍ରରେ ମୁଁ ଦିଶେ ପ୍ରକୃତି ଗଳାରେ
ମଣିମୟ ରତ୍ନ ହାର
ପର ଉପକାର ମୋ ଜୀବନ ବ୍ରତ
ପାଏ ମୁଁ ସ୍ନେହ ଆଦର ।

ତନୁ ତୀର୍ଥେ ମୋର ତରଙ୍ଗ ଉଠେନି
ହୁଏ ନି ବିପଥଗାମୀ
ସରଳ ତରଳ ସରୁ ଝରଣା ମୁଁ
ପ୍ରକୃତିର ଅନୁଗାମୀ ।

ଏବେ ଏ ମଣିଷ ଆବର୍ଜନା ଫିଙ୍ଗି
ମୋ ଜଳ କରେ ଦୂଷିତ
ପୂର୍ବେ ପୂଜୁଥିଲା ଗଙ୍ଗାମାତା କହି
ଏବେ କହେ ଅପବିତ୍ର ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଲପଡ଼ା କଖଡି କଟକ
ମୋ -୯୪୩୭୮୬୪୫୬୨

Listen to Odia Podcast Original at https://youtube.com/@drjyotiprasad

# ଅନ୍ତର

ଅରୁଣ କୁମାର ଦାସ



ଘଡିଏ ଦୂରକୁ ଗଲେ
ବାରମ୍ବାର କୁହ
କେତେ ବେଳେ ଫେରିବ ।
କିନ୍ତୁ ଏବେ ଦିନେ ନୁହେଁ
କି ଦୁଇ ଦିନ ନାହିଁ
ତିନି ଦିନରେ ଉଚ୍ଛନ୍ନ
ଚାରି ଦିନରେ ଆସି ହାଜର ।
ଏହାକୁ ବୋଧେ କୁହନ୍ତି
ଭଲ ପାଇବା
ଆସିବା ଦିନଠାରୁ ଆଜି ଯାଏ
କେବେ ଅଲଗା ରହିଛ
ମୋ ଜାଣତରେ ତ ନା ।

କେମିତି ବିତୁଥିଲା ଦିନ
ରାତି କଥା ଛାଡ
ତମ କଥା ଭାବି ଭାବି
ରାତି ଯାଏ ବିତି
ମନେ ଥାଏ କାଲେ ଆସିବ
ସପନରେ ଅସୁମାରୀ କୋହ ନେଇ ।

ଠାକୁରା, ପୁରୁଣା ବଉଳମାଳ, ଧର୍ମଶାଳା ଯାଜପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅବିଶ୍ରାନ୍ତ ଯୁଦ୍ଧ ପରେ

ସୁଶାନ୍ତ ଶେଖର ଦାଶ



ଅବିଶ୍ରାନ୍ତ ଯୁଦ୍ଧ ପରେ
ଝାମ୍ପି ପଡିଲା ନିସ୍ତବ୍ଧତା,
ଲାଲ ଟହଟହ ମାଟିର ରଙ୍ଗ—
ଅବକ୍ଷୟ ଅବୟବ ସବୁ
ବିକ୍ଷିପ୍ତ, ବିଚ୍ଛୁରିତ ଚଉଦିଗେ ।

ବିଧବାଙ୍କ ଧର୍ଯ୍ୟହୀନ ରୋଦ,
ସ୍ୱାନ–ଶୃଗାଳାଦି ବିକଟାଳ ଶବ୍ଦ,
ଛାଇଗଲା ଅମାବାସ୍ୟା ପରି,
ନିଶ୍ୱାସରେ ଭୟାତୁର ଝଡ଼
ଖେଳିଗଲା ଶୂନ୍ୟ ଚେତନାରେ—
ଅଦ୍ଭୁତ ଏ ଦୃଶ୍ୟ ହସ୍ତିନାପୁରରେ !

ବିଭୀତ ବିଭୀଷିକା ପରେ
ମୁକ୍ତାକେଶୀ, ବିଷର୍ଣ୍ଣ ପାଞ୍ଚାଳୀ—
ରଣାଙ୍ଗନ ସମୀପ ଦିଶାରେ
ଆସକ୍ତିରହିତ ବିମର୍ଶ ପ୍ରାଣରେ
ରଖିଲେ ପ୍ରଶ୍ନଟିଏ ସଖା ସମ୍ମୁଖରେ—
ମାଧବ ହେ !

କ୍ରୁର ନିୟତିର କ୍ରୁର କାର୍ଯ୍ୟଧାରେ
ସମାହିତ ହୃତ–ନିହତ ରଣରେ
ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଶଲ୍ୟ, ଧୃଷ୍ଟଦ୍ୟୁମ୍ନ—
ବ୍ୟଥିତ ଏ ପ୍ରାଣ, ବ୍ୟର୍ଥ ଏ ଜୀବନ।
ଅବଶ ସଭିଏଁ ବିନା ସହୋଦରେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୈଧବ୍ୟ–ବେଦନା ହସ୍ତୀନାପୁରରେ
ଅବିଶ୍ରାନ୍ତ ଯୁଦ୍ଧ ପରେ...

ବିଜୟର ଅବା କି ପ୍ରୟୋଜନ ?
କି ଲଭିବ ଦେଇ ଦୁଃଖ ଅକଳନ ?
ଘାରୁଛି ବିଷାଦ ବିଷର୍ଣ୍ଣ ଏ ମନ,
ବିକ୍ଷିପ୍ତ କାଳିମା ପାଣ୍ଡବ ଶିବିରେ।
ପରାଜୟ ପରାକାଷ୍ଠା ଘାରୁଛି ଅନ୍ତରେ—
ଗୋବିନ୍ଦ ହେ !
କି ଲୋଡ଼ା ଏ ବିତ୍ତ ବୈଭବ୍ୟ,
ବହି ଅପଯଶ- ବିନାଶ ଓ ବୈଧବ୍ୟ ?
ବିଧ୍ୱଂସ ଦେଖଇ ଅନତି ଦୂରରେ,
ଦୋଷଯୁକ୍ତ ଭାବ ଘାରେ ଭାବାନ୍ତରେ—
ଅବିଶ୍ରାନ୍ତ ଯୁଦ୍ଧ ପରେ...

ଶବ୍ଦ-ସକ୍ତ, ବଜ୍ର, ବଳିୟାନ
ଶକ୍ତିଶାଳୀ, ଅଫେରନ୍ତ ବାଣ
ବିସ୍ତାରେ ଯୋଡ଼େ ଯୁଦ୍ଧର ମାନ,
ବାକ୍–ସଂଯମତା ଅଜୟ, ଅମ୍ଳାନ।
ଶବ୍ଦର ଏ କି ଅପବ୍ୟବହାର ?
ପ୍ରତିଶୋଧ ବହ୍ନି ଉଠେ ଆଗ୍ନେୟର,
ଲେଲିହାନ ଶିଖା ବ୍ୟାପେ ଚତୁର୍ଦିଗେ—
ନଜରରେ ଦୃଶ୍ୟ, ଶୂନ୍ୟ ଅନ୍ଧକାର।
ଶିରାରେ ବିଷାଦର ତିକ୍ତ ଲହର,
ମନରେ ଅକୁହା ଅସହାୟ ଭାର—
କୌରବେ ପୀଡିତ ଶବ୍ଦର ପ୍ରହାରେ
ବିନାଶର ବହ୍ନି ହସ୍ତୀନାପୁରରେ।
ଅବିଶ୍ରାନ୍ତ ଯୁଦ୍ଧ ପରେ....

ପ୍ରାକ୍ତନ ବ୍ୟାଙ୍କ ମହାପ୍ରବନ୍ଧକ
ରୟାଲ ଲାଗୁନ, ଭୁବନେଶ୍ୱର
sushant.dash1962@gmail.com

( ଦ୍ରୌପଦୀ କର୍ଣ୍ଣଙ୍କୁ ଅପଶବ୍ଦ ବ୍ୟବହାର ଜନିତ ଅପମାନ ଏବଂ ଦୁର୍ଯୋଧନଙ୍କୁ ଅନ୍ଧପୁତ୍ର ଭଳି କଟୁ ଶବ୍ଦର କାରଣ ହିଁ ମହାଭାରତ ଯୁଦ୍ଧ ର ଉତ୍ପତି । ଶବ୍ଦ ସଂଯମ ବ୍ୟବହାର ହିଁ ଶାନ୍ତିର ମାର୍ଗ । ଏହାଉପରେ ଏଇ କବିତାଟି )

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରକୃତିର କୋଳ

ଲିଟନ୍ କୁମାର ବେହେରା



ପ୍ରକୃତି କୋଳରେ ଶୋଭା ପାଉଅଛି
ରଙ୍ଗ ବେରଙ୍ଗର ଫୁଲ ।
ଫୁଲ ନୁହେଁ ସେ ପ୍ରକୃତି କୋଳରେ
ବାସ ତାର ମଧୁଝର ।।

ଫୁଲଟି ତାହାର ଶୋଭା ବଢ଼ାଉଛି
ମହୁମାଛି ଫୁଲେ ବସି ।
ପ୍ରକୃତିର ଏହା ଅଟେ ବରଦାନ
ସଭିଏଁ ପାନ୍ତି ଖୁସି ।।

ପ୍ରକୃତି ଅଟଇ ଆଉ ଏକ ମା'
ସ୍ନେହ ତାର ଅପାସୋରା ।
ସାରା ଦୁନିଆକୁ ଆମ ପାଖେ ରଖି
ଦିଏ ନାନାଦି ପସରା ।।

ପ୍ରକୃତିର ମଧ୍ୟେ ଝିଲିମିଲି କରେ
ପର୍ବତ ଗିରି ଝରଣା ।
ପ୍ରକୃତି ଅଟଇ ପୂଜାର ଭଣ୍ଡାର
ଆମ ସଭିଙ୍କ ପ୍ରେରଣା ।।

ପ୍ରକୃତି ରାଣୀର ରୂପ ଅଟେ ସେ ଯେ
ବଡ ମନ ମୁଗ୍ଧକର ।
ପ୍ରକୃତି ଅଟଇ ପ୍ରେମର ଠିକଣା
ରୂପ ତାର ମନୋହର ।।

ପ୍ରକୃତିର ଦାନ ଅତୁଳନୀୟ ସେ
ଜନ୍ମଦାତ୍ରୀ ମା ପରି ।
ପ୍ରକୃତି ମାର ସନ୍ତାନ ସନ୍ତତି
ତା ପରି କେ ହେବ ସରି ।।

ବ୍ରହ୍ମଗିରି, ପୁରୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୋଉ

ଶର୍ମିଷ୍ଠା ଦାସ



ତୋ ନାଁରେ ଭରିଛି ଏତେ ମିଠା,
ତତେ ଛାଡିଲେ ଲାଗେ ଆଉ ସବୁ ପିତା ।
ତୋ କୋଳରେ ଥାଏ ସ୍ୱର୍ଗୀୟ ସୁଖ,
ତତେ ଛାଡିଲେ ଆଉ ସବୁଠି ଖାଲି ଦୁଃଖ ।
ଏତେ ବଡ଼ ଦୁନିଆରେ ତୁ ହିଁ ଏକା ସତ,
ତତେ ଛାଡିଲେ ଆଉ ସବୁ ଏଠି ମିଛ ।
ତୋ ସ୍ନେହ ଆଗରେ ସବୁ ଲାଗେ ଫିକା,
ତୋ ବ୍ୟତୀତ ଆଉ ସବୁ ପରା ଏଠି ଛଳନା
ତୋ ପଣତ କାନିରେ ଜୀବନ ମୋର,
ଖଣ୍ଡୁଆପାଟ ବି ଲାଗେ ତା ଆଗେ ତୁଚ୍ଛ ।
ତୋ ହାତର ଶାଗ ଭାତ ଆଗରେ ,
ରେଷ୍ଟୁରାଣ୍ଟର ଖାଦ୍ୟ ପଡେ ଫିକା ।
ତୋ ଆଖିରେ ମୁଁ ଦେଖେ ଦୁନିଆ,
ତୁ ହିଁ ତ ମୋ ଏକା ସାହା ଭରସା ।
ତୁ ମୋ ଦୁଃଖର ଭାଗୀଦାରୀ,
ମୋ ସୁଖ ସମୟର ସାଥୀ ।
ତୁ ମୋ ସେଇ ଚଳନ୍ତି ଦେବୀ ପ୍ରତିମା,
ଯାହା ଆଗେ ମନକଥା କହିବାକୁ ପଡେନା ।
ତୁ ହିଁ ମୋର ଦୁନିଆରେ ନିଜର,
ତୋ ଛଡା ଆଉ ସମସ୍ତେ ପର ।
ମୋର ଲୋଡ଼ା ନାହିଁ ହୀରା ମୋତି
ତୁ ହିଁ ତ ମୋର ଅମୂଲ୍ୟ ବିତ ସମ୍ପତ୍ତି ।
ସର୍ବଦା ରହିବୁ ମୋ ଦେହର ଜୀବନ ହୋଇ,
ତତେ ଛାଡି ମୁଁ ମୃତ ପ୍ରାୟ ହୋଇ ପଡ଼ଇ ।

ଓରତ, ମହାକାଳପଡ଼ା, କେନ୍ଦ୍ରାପଡା

Listen to Odia Podcast Original at https://youtube.com/@drjyotiprasad

# ଫରସୀ ଢୁଲା

ସୁନୀଲ କୁମାର ଅଗସ୍ତି



ବଛର୍ ତିନ୍ କୁଏର୍ ଠାନୁନ୍
ହେଇ ଗଲା'ନ ଅଏଧକା ମତେ
ଆ'ଦେ ଦିନ୍ ଗଲା ମୋର ସରି,
ନାଇଁ ପାରଲିଁ ଗମି
ନାଇଁ ପାରଲିଁ ଯୁଝି
ନାଇଁ ପାରଲିଁ ଖେଟି
ଇ' ଆମର୍ ଲୋକର୍ ଦରବାରର୍ ନିଦାନେ,,
ସତ୍ ଆଏ ଅବଗି ଲୋକ୍ ମାନକଁର୍ ଦରବାର୍
ହେଲେ ଇଠାନେ ଚାଲିଛେ ଗୁଟେ ଭେଲିର୍
ମଲେଇ ଜଲେବିର୍ କାରବାର୍,
ଇ' ଦରବାରେ ଚୋର୍ ସାଁକାର୍ ମିତା ମାରସାଦ୍
ଆଲେମାଲେ ଅବଗା ଖେପେକ୍
ଖେଟିଗଲେ ଇ' ଦରବାରେ ଯେହେନସି କିସମେ
ତାଁକର୍ ହର୍ ଏକ୍ କଥା ଆଏ ବେଦର୍ ଗାର୍,
କେନ୍ ହଲିଆ ଆର୍ କେନ୍ ସାଁକାର୍
ଆର୍ କେଭେଁ ଗମି ନେବ ତମେ ଯେତେ ଚାଁଟି ମକରା,
ଦରବାର୍ କେ କଲେ ନା' ଠାବ୍ ନିଜର୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇ' ଫାଲେ ବାପ୍ ଦାଦି ଅର୍ଜିଲା ଘର୍ ଦୁଆର୍,
ତମର୍ ନା' ଥିଁ କିସମ୍ କିସମ୍ ନିତି ନିଏ
ତମର୍ ନା' ଥିଁ କିସମ୍ କିସମ୍ ହାତୀ ଘୁଡା,
ଫିରଭି ତାଁକର୍ ଲାଗତି ହର୍ ଦିନ୍ ଆଏ ପୁନୀ ଜନ୍
ହେଲେ,ତମର୍ ଲାଗତି ହେଇଛେ କୁଡା ଉଁଆସର୍ ଢୁଡା,,
ତାର୍ ବତରେ ଚାଲିଛେ ଅନ୍ଧରିଆ କୁରଲା କୁରଲି
ଆର୍ କେତେ ଦିନ୍ ଶୁଇଥିବ ତମେ ମାନେ ଛେତକା ହି,
ଆ'ନ ଉଲଟେଇ ଘାଏ ଜୁନହାଁ ଫରଦର୍ ସେ ଗଖା ହୁଲା
ସୋର୍ କରି ଆ'ନ ଘାଏ ସେ ଜୁନହାଁ ଫରଦର୍ 'ଲୁଇ',,

ଟିଟିଲାଗଡ଼, ବଲାଙ୍ଗୀର
ମୋ/୯୪୩୭୨ ୧୦୮୮୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପୁତ୍ ନାମକ ନର୍କ ଓ ପୁତ୍ର ଜନ୍ମ

ପ୍ରଭାତ କୁମାର ବୈଦ୍ୟ



## ପୁତ୍ ନାମକ ନର୍କରୁ ଉଦ୍ଧାର ପାଇଁ ପୁତ୍ର ଜନ୍ମ — ପରମ୍ପରା ଓ ଆଧୁନିକ ସମାଜର ଦୃଷ୍ଟିକୋଣ

ଭାରତୀୟ ସଭ୍ୟତା ଓ ସଂସ୍କୃତି ହଜାର ହଜାର ବର୍ଷର ପୁରୁଣା । ଏହି ସଂସ୍କୃତିର ମୂଳରେ ଧର୍ମ, ନୈତିକତା, ପରିବାର ପ୍ରଥା ଓ ସାମାଜିକ ମୂଲ୍ୟବୋଧ ଗଭୀର ଭାବରେ ଜଡିତ । ଆମ ଶାସ୍ତ୍ର, ପୁରାଣ ଓ ଧାର୍ମିକ ଗ୍ରନ୍ଥମାନଙ୍କରେ ଅନେକ ଧାରଣା ଓ ଦର୍ଶନ ରହିଛି ଯାହା ସମାଜକୁ ଦିଗଦର୍ଶନ ଦେଇଆସିଛି । ସେହିପରି ଏକ ପ୍ରଚଳିତ ବିଚାର ହେଉଛି, "ପୁତ୍ ନାମକ ନର୍କରୁ ଉଦ୍ଧାର ପାଇଁ ମାତାପିତା ପୁତ୍ର ଜନ୍ମ କରନ୍ତି ।"

ଏହି ବାକ୍ୟଟି ଶୁଣିଲେ ପ୍ରଥମେ ଏହା ଏକ ପୁରାତନ ଧାର୍ମିକ ବିଶ୍ୱାସ ପରି ଲାଗେ । କିନ୍ତୁ ଏହାର ମଧ୍ୟରେ ଥିବା ଅର୍ଥ ଓ ସାମାଜିକ ପ୍ରଭାବକୁ ଭଲଭାବରେ ବୁଝିଲେ ଦେଖାଯାଏ ଯେ ଏହା କେବଳ ଧର୍ମୀୟ ଧାରଣା ନୁହେଁ, ବରଂ ପରିବାର ଓ ସମାଜିକ ଦାୟିତ୍ୱ ସମ୍ପର୍କିତ ଏକ ଗଭୀର ଚିନ୍ତନ ମଧ୍ୟ ଅଟେ ।

ପୁରାତନ ହିନ୍ଦୁ ଶାସ୍ତ୍ରମାନେ "ପୁତ୍" ନାମରେ ଏକ ନରକର ଉଲ୍ଲେଖ କରିଛନ୍ତି । ବିଶ୍ୱାସ ଅନୁଯାୟୀ, ଯଦି କୌଣସି ବ୍ୟକ୍ତିଙ୍କର ପୁତ୍ର ସନ୍ତାନ ନଥାଏ ଓ ତାଙ୍କ ପରେ ଶ୍ରାଦ୍ଧ, ପିଣ୍ଡଦାନ ଓ ପିତୃକର୍ମ କରିବାକୁ କେହି ନଥାଏ, ତେବେ ସେମାନେ "ପୁତ୍" ନରକରେ ପଡ଼ନ୍ତି ବୋଲି କୁହାଯାଏ । ସେଥିପାଇଁ ପୁରାତନ ସମାଜରେ ପୁତ୍ର ସନ୍ତାନକୁ ବହୁତ ଗୁରୁତ୍ୱ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିଆଯାଉଥିଲା । ସଂସ୍କୃତରେ "ପୁତ୍ର" ଶବ୍ଦର ଅର୍ଥ ମଧ୍ୟ ଏଭଳି ବ୍ୟାଖ୍ୟା କରାଯାଇଛି — "ପୁତ୍ ନରକରୁ ଯିଏ ଉଦ୍ଧାର କରେ ସେହିଜଣ ପୁତ୍ର ।"

ପୁରାଣ, ମନୁସ୍ମୃତି ଓ ଗରୁଡ ପୁରାଣ ଭଳି ଗ୍ରନ୍ଥମାନେ ପିତୃକର୍ମର ଗୁରୁତ୍ୱକୁ ବହୁତ ଭାବରେ ଉଲ୍ଲେଖ କରିଛନ୍ତି । ପିତୃପକ୍ଷ ସମୟରେ ଶ୍ରାଦ୍ଧ ଓ ପିଣ୍ଡଦାନ କରି ପିତୃପୁରୁଷଙ୍କୁ ସ୍ମରଣ କରାଯାଏ । ଏହା ଦ୍ୱାରା ସେମାନଙ୍କ ଆତ୍ମାର ଶାନ୍ତି ମିଳେ ବୋଲି ବିଶ୍ୱାସ ରହିଛି । ପୁରାତନ ସମୟରେ ଏହି କାର୍ଯ୍ୟମାନେ ପୁତ୍ରଙ୍କ ଦ୍ୱାରା କରାଯିବାକୁ ଧର୍ମ ଭାବରେ ମନାଯାଉଥିଲା ।

ତଥାପି ଏହି ଧାରଣାକୁ ବୁଝିବା ପାଇଁ ସେହି ସମୟର ସମାଜିକ ପରିସ୍ଥିତିକୁ ମଧ୍ୟ ଦେଖିବା ଆବଶ୍ୟକ । ପୁରାତନ ସମାଜରେ ପରିବାର ବ୍ୟବସ୍ଥା ମୁଖ୍ୟତଃ ପିତୃସତ୍ତାତ୍ମକ ଥିଲା । ଜମି, ସମ୍ପତ୍ତି ଓ ପରିବାରିକ ଦାୟିତ୍ୱ ସାଧାରଣତଃ ପୁରୁଷମାନଙ୍କ ହାତରେ ଥାଏ । ସେହିପରି ପରିବାରର ନାମ ଓ ପରମ୍ପରାକୁ ଅଗ୍ରସର କରିବାର ଭୂମିକା ପୁତ୍ରଙ୍କ ଉପରେ ଥିଲା । ଏହି ପରିସ୍ଥିତିରୁ ପୁତ୍ର ସନ୍ତାନ ପ୍ରତି ଲୋକମାନଙ୍କର ଆକାଙ୍କ୍ଷା ବଢ଼ିଥିଲା ।

କିନ୍ତୁ ସମୟ ସହିତ ସମାଜ ବହୁତ ପରିବର୍ତ୍ତନ ଦେଖିଛି । ଶିକ୍ଷାର ପ୍ରସାର, ନାରୀ ସଶକ୍ତିକରଣ ଓ ଆଧୁନିକ ଚିନ୍ତାଧାରା ଦ୍ୱାରା ଆଜିର ସମାଜରେ ପୁତ୍ର ଓ କନ୍ୟା ମଧ୍ୟରେ ଭେଦଭାବ କ୍ରମେ କମିଆସୁଛି । ଆଜି କନ୍ୟାମାନେ ସମସ୍ତ କ୍ଷେତ୍ରରେ ପୁରୁଷମାନଙ୍କ ସହ ସମାନ ଭାବରେ ଅଗ୍ରସର ହେଉଛନ୍ତି । ଶିକ୍ଷା, ବିଜ୍ଞାନ, ପ୍ରଶାସନ, ସେନା, ବ୍ୟବସାୟ — ପ୍ରତ୍ୟେକ କ୍ଷେତ୍ରରେ ସେମାନେ ନିଜ କ୍ଷମତା ପ୍ରମାଣ କରୁଛନ୍ତି ।

ଆଜି ଅନେକ ସ୍ଥାନରେ କନ୍ୟାମାନେ ମଧ୍ୟ ମାତାପିତାଙ୍କ ପାଇଁ ଶ୍ରାଦ୍ଧ କରୁଛନ୍ତି ଓ ସେମାନଙ୍କର ସମସ୍ତ ଦାୟିତ୍ୱ ନିଭାଉଛନ୍ତି । ଅନେକ ପରିବାରରେ ଦେଖାଯାଏ ଯେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କନ୍ୟାମାନେ ବୃଦ୍ଧ ମାତାପିତାଙ୍କୁ ପୁତ୍ରଠାରୁ ମଧ୍ୟ ଅଧିକ ସେବା କରୁଛନ୍ତି । ଏହା ଆମକୁ ଏକ ନୂଆ ସତ୍ୟ ସହିତ ପରିଚୟ କରାଏ — ସନ୍ତାନର ମୂଲ୍ୟ ତାଙ୍କର ଲିଙ୍ଗରେ ନୁହେଁ, ବରଂ ତାଙ୍କର ମନୋଭାବ ଓ ସଂସ୍କାରରେ ରହିଛି ।

ଆଧୁନିକ ସମାଜରେ "ପୁତ୍ ନରକରୁ ଉଦ୍ଧାର" ବୋଲି ଧାରଣାକୁ ଆମେ ଏକ ପ୍ରତୀକାତ୍ମକ ଅର୍ଥରେ ବୁଝିପାରୁ । ଏହାର ଅର୍ଥ ହେଉଛି — ସନ୍ତାନ ନିଜ ମାତାପିତାଙ୍କୁ ସମ୍ମାନ, ସେବା ଓ ସ୍ନେହ ଦେଇ ସେମାନଙ୍କ ଜୀବନକୁ ସୁଖମୟ କରିବା । ଯେ ସନ୍ତାନ ମାତାପିତାଙ୍କୁ ଅବହେଳା କରେ, ସେହି ସନ୍ତାନ ଥିଲେ ମଧ୍ୟ ମାତାପିତାଙ୍କ ପାଇଁ ଦୁଃଖର କାରଣ ହୋଇପାରେ । କିନ୍ତୁ ଯେ ସନ୍ତାନ ସେମାନଙ୍କୁ ସମ୍ମାନ ଓ ଭଲପାଇବା ଦେଇଥାଏ, ସେହି ସନ୍ତାନ ମାତାପିତାଙ୍କ ପାଇଁ ଆଶୀର୍ବାଦ ସମାନ ।

ଆଜିର ସମୟରେ ଆମେ ଦେଖୁଛୁ ଯେ କେତେକ ସ୍ଥାନରେ ବୃଦ୍ଧ ମାତାପିତା ଏକାକୀ ଜୀବନ ବିତାଉଛନ୍ତି । ଅନେକ ସନ୍ତାନ ନିଜ କାର୍ଯ୍ୟଜୀବନ ଓ ସ୍ୱାର୍ଥରେ ବ୍ୟସ୍ତ ହୋଇ ପରିବାର ପ୍ରତି ଦାୟିତ୍ୱ ଭୁଲିଯାଉଛନ୍ତି । ଏହି ପରିସ୍ଥିତି ଆମ ସମାଜ ପାଇଁ ଏକ ଚିନ୍ତାର ବିଷୟ । ଯଦି ଆମେ ପୁରାତନ ସଂସ୍କୃତିର ମୂଳ ମୂଲ୍ୟବୋଧକୁ ବୁଝିପାରିବା, ତେବେ ଏହି ସମସ୍ୟାକୁ କମାଇ ପାରିବା ।

ସେହିପରି ଆଜି ଆବଶ୍ୟକ ହେଉଛି ଯେ ଆମେ ସନ୍ତାନମାନଙ୍କୁ ଛୋଟବେଳୁ ଭଲ ସଂସ୍କାର ଦେବା । ସେମାନଙ୍କୁ ଶିଖାଇବା ଯେ ମାତାପିତାଙ୍କ ପ୍ରତି ସମ୍ମାନ ଓ ସେବା ହେଉଛି ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ କର୍ତ୍ତବ୍ୟ । ଯେ ପରିବାରରେ ସମ୍ମାନ, ସ୍ନେହ ଓ ଦାୟିତ୍ୱବୋଧ ଥାଏ, ସେହି ପରିବାର ସଦା ସୁଖୀ ଓ ସମୃଦ୍ଧ ହୁଏ ।

ଶେଷରେ କୁହିପାରିବା ଯେ ପୁରାତନ ସମୟରେ କୁହାଯାଇଥିବା "ପୁତ୍ ନାମକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନର୍କରୁ ଉଦ୍ଧାର ପାଇଁ ପୁତ୍ର ଜନ୍ମ” ବାକ୍ୟଟି ଆମ ସଂସ୍କୃତିର ଏକ ଦାର୍ଶନିକ ଚିନ୍ତାଧାରାକୁ ପ୍ରକାଶ କରେ । କିନ୍ତୁ ଆଜିର ସମାଜରେ ଏହାର ଅର୍ଥକୁ ଅଧିକ ବ୍ୟାପକ ଭାବରେ ବୁଝିବା ଦରକାର ।

ଆଜିର ସତ୍ୟ ହେଉଛି — ପୁତ୍ର କି କନ୍ୟା ନୁହେଁ, ଭଲ ସନ୍ତାନ ହେବା ହିଁ ମୁଖ୍ୟ । ଯେ ସନ୍ତାନ ନିଜ ମାତାପିତାଙ୍କୁ ସମ୍ମାନ ଦେଇଥାଏ, ସେମାନଙ୍କ ସେବା କରେ ଓ ପରିବାରର ମୂଲ୍ୟବୋଧକୁ ରକ୍ଷା କରେ — ସେହି ସନ୍ତାନ ନିଜେ ମାତାପିତାଙ୍କ ପାଇଁ ସତ୍ୟ ଅର୍ଥରେ ଉଦ୍ଧାରକାରୀ ।

ପ୍ରଭାତ କୁମାର ବୈଦ୍ୟ
କାଶୀପୁର, ରାୟଗଡ଼ା
୯୦୭୮୧୭୫୧୪୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିର୍ବାଚନ ପରେ ବଙ୍ଗଳାଦେଶ

ଡା ରାଜ କିଶୋର ପଣ୍ଡା



ଏ ନିବନ୍ଧଟି ଲେଖିବା ବେଳକୁ ତାରିକ ଜିଆ ବାଂଲାଦେଶର ନୂଆ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇ ସାରିଲେଣି । ଦୀର୍ଘ ପଇଁତିରିଶି ବର୍ଷ ପରେ ଦେଶ ଜଣେ ପୁରୁଷଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ପାଇଛି ଓ ଏହା ସହିତ ଏହାର ବହୁଚର୍ଚ୍ଚିତ ଓ ବହୁ ପ୍ରତୀକ୍ଷିତ ସାଧାରଣ ନିର୍ବାଚନ ପ୍ରକ୍ରିୟାର ମଧ୍ୟ ଏକ ପ୍ରକାରର ପରିସମାପ୍ତି ଘଟିଛି । ବାଂଲାଦେଶ ପକ୍ଷରେ ଏକ ନୂତନ ସୂର୍ଯ୍ୟୋଦୟ ଘଟିଛି କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ । ଦେଶର ଜନତା ମଧ୍ୟ ଏହି ନିର୍ବାଚନରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଛନ୍ତି । ଏ ବିଷୟରେ ନିଜର ମତବ୍ୟକ୍ତ କରି ଆମେରିକା ଭିତ୍ତିକ ଗବେଷଣା ସଂସ୍ଥା ଆଟଲାଣ୍ଟିକ୍ କାଉନ୍ସିଲର ଫେଲୋ ମାଇକେଲ କଗେଲମ୍ୟାନ ନିର୍ବାଚନଟିକୁ ପ୍ରାୟତଃ ଶାନ୍ତିପୂର୍ଣ୍ଣ ବୋଲି କହିଛନ୍ତି । ସରକାରୀ ଭାବରେ ମତଦାନ ହାର ଷାଠିଏ ପ୍ରତିଶତ କୁହାଗଲେ ମଧ୍ୟ ବିଭିନ୍ନ ବେସରକାରୀ ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟ ଏହାକୁ ପଚାଶ ପ୍ରତିଶତରୁ ତଳକୁ ଇଙ୍ଗିତ କରୁଛି । ଶେଖ୍ ହାସିନାଙ୍କର ନିର୍ବାଚନ ବୟକଟ୍ ଡାକରା, ଜନସାଧାରଣଙ୍କ ଉପରେ ନିଶ୍ଚିତ ଭାବେ କିଛି ପ୍ରଭାବ ପକାଇଛି, ଏହା କୁହାଯାଇପାରେ । ବର୍ତ୍ତମାନ ଆମେ ଜାଣିବା କେଉଁଦଳ, କେତେ ଆସନ ପାଇଛନ୍ତି ସେ ବିଷୟରେ ବାଙ୍ଗଲାଦେଶ ନ୍ୟାସ୍ନାଲିଷ୍ଟ ପାର୍ଟି (ବି.ଏନ୍.ପି) ସମୁଦାୟ ତିନିଶହ ଆସନ ମଧ୍ୟରୁ ଦୁଇଶହ ବାର ଆସନ ହାସଲ କରିଛି । ଏହା ଦୁଇ ତୃତୀୟାଂଶରୁ ଅଧିକ ।

ଜମାତ-ଇ-ଇସ୍ଲାମୀ ଦ୍ୱାରା ଗଠିତ ହୋଇଥିବା ଇସ୍ଲାମିକ ମେଣ୍ଟର ଅଣସ୍ତରୀଟି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସନରେ ସୀମିତ ରହିଛି ଯଦିଓ ଏହା ଏପର୍ଯ୍ୟନ୍ତ ଏହାର ସବୁଠାରୁ ଭଲ ନିର୍ବାଚନ ପ୍ରଦର୍ଶନ । ସେହିଭଳି ଇସ୍ଲାମିକ ମେଣ୍ଟର ନ୍ୟାସନାଲ୍ ସିଟିଜେନ୍ ପାର୍ଟି ଯାହାର ଯୁବନେତା ମାନେ ଏକଦା ୨୦୨୪ରେ ସଂଘଟିତ ହୋଇଥିବା ଜୁଲାଇ ବିଦ୍ରୋହର ମୁଖ୍ୟ କାର୍ପଟ୍‌ଦାର ଥିଲେ ମାତ୍ର ଛଅଟି ଆସନ ପାଇଛି । ନିର୍ବାଚନରେ ଅସାଧୁ ଉପାୟ ଅବଲମ୍ବନ କରାଯାଇଛି ବୋଲି ମଧ୍ୟ ଜମାତ ଅଭିଯୋଗ ଆଣି ସାରିଲାଣି । ନିର୍ବାଚନଟିକୁ ମଧ୍ୟ ଏକଦମ ଠିକ୍ ଓ ନିରପେକ୍ଷ ବୋଲି କୁହାଯାଇପାରିବ ନାହିଁ କାରଣ ଏଥିରେ ଦେଶର ସବୁଠାରୁ ବଡ଼ ଦଳ ଆୱାମି ଲିଗ୍‌କୁ ଭାଗ ନେବାରୁ ବଞ୍ଚିତ କରାଯାଇଛି । ଯଦିଓ ଏହାର ସର୍ବୋଚ୍ଚ ନେତା ଶେଖ୍ ହାସିନା ଓ ଅନ୍ୟାନ୍ୟ ନେତୃବୃନ୍ଦ ମାନଙ୍କର ଅନେକ ଜଘନ୍ୟ ଭୁଲ ରହିଛି, ତଥାପି ନିର୍ବାଚନରୁ ବାସନ୍ଦ କରିବା ସାମ୍ବିଧାନିକ ନୁହେଁ । ଏହି ବାସନ୍ଦ ଦେଶଟିକୁ ମହମ୍ମଦ ୟୁନୁସ୍‌ଙ୍କର ନେତୃତ୍ୱାଧିନ ଅନ୍ତରୀଣ ସରକାର ଲାଗୁ କରିଥିଲେ । ସେହିପରି ଭାବରେ ୟୁନୁସ୍‌ଙ୍କର ସରକାର ତାରିକ ଜିଆଙ୍କ ଉପରେ ଲାଗିଥିବା ସମସ୍ତ ଅଭିଯୋଗରୁ ତାଙ୍କୁ ନ୍ୟାୟାଳୟରୁ କ୍ଲିନ୍‌ଚିଟ୍ ଦେବାପରେ ହିଁ ସେ ଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଅନ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି କି ଏହି ନିର୍ବାଚନରେ ବିଜୟ ଲାଭ କରିଥିବା ତିନିଜଣ ସାଂସଦ, ଯେଉଁମାନେ କି ବି.ଏନ୍.ପି ର, ଭାରତ ବିରୋଧୀ ଆତଙ୍କବାଦ କାର୍ଯ୍ୟରେ ଲିପ୍ତ ଥିବା ଯୋଗୁଁ ମୃତ୍ୟୁ ଦଣ୍ଡାଦେଶ ପାଇଥିଲେ । ଭାରତ ବିରୋଧି ମହମ୍ମଦ ୟୁନୁସ୍ ନ୍ୟାୟାଳୟ ସହିତ ସାଲିସ୍ କରି ସେମାନଙ୍କୁ ଦୋଷମୁକ୍ତ କରିବାରୁ ହିଁ ସେମାନେ ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ପାଇଲେ । ଶେଖ୍ ହାସିନାଙ୍କର ପଳାୟନ ପରେ ନୋବେଲ୍ ବିଜେତା ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଗଠନ କରାଯାଇଥିଲା । ଆଶା କରାଯାଉଥିଲା ୟୁନୁସ୍ ଦେଶକୁ ଶାନ୍ତି ଓ ସ୍ଥିରତା ପଥରେ ଆଗେଇ ନେବେ, ମାତ୍ର ସେ ପାଲଟିଗଲେ ଦାନବ । ବାରମ୍ବାର ଭାରତ ବିରୋଧି ମନ୍ତବ୍ୟ ଓ କାର୍ଯ୍ୟକରିବା ସହ ୟୁନୁସ୍‌ଙ୍କର ପ୍ରରୋଚନାରେ ହିଁ ବାଂଲାଦେଶରେ ହିନ୍ଦୁ ଭାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭଉଣୀଙ୍କ ଉପରେ ହେଲା ପାଶବିକ ଅତ୍ୟାଚାର । ବିପ୍ଲବୀ ଯୁବନେତା ସରିଫ୍ ଓସ୍ମାନ ହାଦିଙ୍କ ସନ୍ଦିଗ୍ଧ ହତ୍ୟା ପରେ ଏଥିପାଇଁ ଭାରତକୁ ଦାୟୀ କରି ହୋଇଥିବା ହିନ୍ଦୁ ବିରୋଧୀ ଦଙ୍ଗାରେ ସର୍ବପ୍ରଥମେ ଦୀପୁ ଚନ୍ଦ୍ର ଦାସଙ୍କୁ ନିର୍ମମ ହତ୍ୟା କରାଗଲା । ଏପର୍ଯ୍ୟନ୍ତ ପାଖାପାଖି କୋଡ଼ିଏରୁ ଊର୍ଦ୍ଧ୍ୱର୍ ହିନ୍ଦୁ ମୃତ୍ୟୁବରଣ କରିସାରିଲେଣି । ବର୍ତ୍ତମାନ ୟୁନୁସ୍‌ଙ୍କ ଯିବାର ସମୟ ଆସିଛି, କିନ୍ତୁ ଯିବା ପୂର୍ବରୁ ସେ ବାଂଲାଦେଶର ଏକ ପୁରୁଣା ଆନ୍ଦୋଳନର ଦାବିକୁ ପୂରଣ କରିଛନ୍ତି । ଏହା ହେଉଛି "ମାଇନସ୍ ଟୁ" ପ୍ରସଙ୍ଗ । ଏହି ବିଷୟରେ ଜାଣିବା ପାଇଁ ଆମକୁ ଯିବାକୁ ପଡ଼ିବ ୨୦୦୭ ମସିହାକୁ । ୨୦୦୭- ୦୮ ମସିହାରେ ବାଂଲାଦେଶରେ ସେନା ନେତୃତ୍ୱରେ ଶାସନ ଚାଲିଥିଲା ଓ ଦେଶର ରାଜନୀତିରୁ ଦୁଇ ବେଗମ୍ ଖାଲେଦା ଜୀଆ ଓ ଶେଖ୍ ହାସିନାଙ୍କୁ ବିତାଡ଼ିତ କରିବା ପାଇଁ ହୋଇଥିଲା ଏହି ମାଇନସ୍ ଟୁ ଆନ୍ଦୋଳନ । କିନ୍ତୁ ଏହା ବିଫଳ ହେଲା । ଏହାର କାରଣ ଆନ୍ତର୍ଜାତିକ ଚାପ ଫଳରେ ୨୦୦୮ ଡିସେମ୍ବରରେ ଦେଶରେ ନିର୍ବାଚନ ହେଲା ଓ ସେ ଶେଖ ହାସିନା ବିପୁଳ ବିଜୟ ଲାଭ କରି ରାଜନୀତିକୁ ପ୍ରତ୍ୟାବର୍ତ୍ତନ କଲେ । ଏବେ କିନ୍ତୁ ଖାଲେଦା ଜିଆ ପରଲୋକଗତା ଓ ଶେଖ୍ ହାସିନା ଭାରତରେ ଶରଣାର୍ଥୀ । ତେଣୁ ଏହି "ମାଇନସ୍ ଟୁ" ସଫଳ ହୋଇଛି ବୋଲି ମତବ୍ୟକ୍ତ କରାଯାଇପାରେ । ଏବେ ଆମେ ଜମାତ୍ ଉପରେ ଟିକିଏ ଆଖି ପକାଇ ଏହାର ପରାଜୟର କାରଣ ଗୁଡ଼ିକ ଆଲୋଚନା କରିବା । ଯଦିଓ ଜମାତ ଓ ଏହାର ସହଯୋଗୀ ଦଳ ଏନ୍.ସି.ପି ର ଏହା ସବୁଠାରୁ ଭଲ ନିର୍ବାଚନ ପ୍ରଦର୍ଶନ, ଏହା ସତ୍ତ୍ୱେ କିନ୍ତୁ ଦୁଇଦଳ ଦେଖାଉଥିବା ଦମ୍ଭ ଅନୁସାରେ, ଆସନ ଜିତିବାରେ ଅସମର୍ଥ ରହିଛନ୍ତି ଓ ମାଟି କାମୁଡ଼ି ପଡ଼ିଛନ୍ତି । ଏହାର ପ୍ରମୁଖ କାରଣ ହେଉଛି ସେମାନଙ୍କର ହିନ୍ଦୁ ବିରୋଧି ଓ ନାରୀ ବିରୋଧି ମନୋଭାବ । ଜମାତ କୌଣସି ନାରୀ ପ୍ରାର୍ଥୀ ନିର୍ବାଚନରେ ଛିଡ଼ା କରି ନଥିଲା ଏବଂ ଏହାର ନେତୃବୃନ୍ଦ ତଥା ଏନ.ସି.ପିର ଛାତ୍ର ନେତାମାନେ ମଧ୍ୟ ନିର୍ବାଚନରେ ବିଜୟ ଲାଭ କରିବା ପରେ ଶାରିଆ ନିୟମ ପ୍ରଣୟନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରି ବାଂଲାଦେଶକୁ ଏକ ମୌଳବାଦୀ ଦେଶରେ ପରିଣତ କରିବା ପାଇଁ ଘୋଷଣା କରିଥିଲେ । ଏଥିପାଇଁ ବାଂଲାଦେଶର ମୁସଲମାନ ଭୋଟର ଏମାନଙ୍କୁ ପ୍ରତ୍ୟାଖ୍ୟାନ କରି ସ୍ପଷ୍ଟ ଭାବରେ ଜଣାଇଦେଲେ ଯେ ଏହା ସେମାନେ କୌଣସି ପରିସ୍ଥିତିରେ ସାରିଆ ନିୟମ ଚାହାଁନ୍ତି ନାହିଁ । ଅନ୍ୟ ଗୋଟିଏ କାରଣ ହେଉଛି ବାଂଲାଦେଶୀ ଜନତା, ଜମାତ ଓ ଏହାର ସହଯୋଗୀ ଦଳକୁ ପାକିସ୍ଥାନର ବିଶ୍ୱସ୍ତ ପ୍ରତିନିଧି ଭାବି ଭୋଟ ଦେବାରୁ ବିରତ ରହିଲେ ।

୧୯୭୧ ମସିହାରେ ହୋଇଥିବା ବାଂଲାଦେଶ ମୁକ୍ତି ସଂଗ୍ରାମରେ ଜମାତ୍ କରିଥିବା ହିନ୍ଦୁ ଗଣହତ୍ୟା, ହିନ୍ଦୁ ଭୋଟରମାନଙ୍କ ହୃଦୟରେ ଏପର୍ଯ୍ୟନ୍ତ ଗଭୀର ଦାଗ ଭାବେ ରହିଛି । ତେଣୁ ହିନ୍ଦୁମାନେ ଯଦିଓ ଆୱାମୀ ଲିଗର ଦୃଢ଼ ସମର୍ଥକ ଥିଲେ, ଏହାକୁ ବାସନ୍ଦ କରାଯାଇଥିବାରୁ ଅପେକ୍ଷାକୃତ ଧର୍ମ ନିରପେକ୍ଷ ଦଳ ବି.ଏନ.ପି କୁ ଭୋଟ ଦେଇଛନ୍ତି । କିନ୍ତୁ ଆମକୁ ଏହା ମନେ ରଖିବାକୁ ହେବ ଯେ ଜମାତ ପାଖରେ ସତୁରୀ ଜଣ ସାଂସଦ ଅଛନ୍ତି ଓ ଖାଲେଦା ଜିଆଙ୍କ ସମୟରୁ ଜମାତ ଓ ଏନ୍.ସି.ପି ମଧ୍ୟରେ ମେଣ୍ଟ; ସମ୍ପର୍କ ରହି ଆସିଛି । ତାରିକ ଜିଆଙ୍କ ପ୍ରଧାନମନ୍ତ୍ରୀତ୍ୱରେ ଦୁଇଦଳ ମଧ୍ୟରେ ସମ୍ପର୍କ କିପରି ହେବ ତାହା ଆଗାମୀ ଭବିଷ୍ୟତରେ ଜଣା ପଡ଼ିବ । ଏହା ସର୍ବଜନବିଦିତ ଯେ ମହମ୍ମଦ ୟୁନୁସ୍‌ଙ୍କୁ ଅନ୍ତରୀଣ ସରକାରର ମୁଖ୍ୟ ଭାବେ ଶାସନ ଗାଦିରେ ବସାଇବା ପଛରେ ଆମେରିକା, ପାକିସ୍ତାନ ଓ ଜମାତର ହିଁ ହାତ ଥିଲା । ୟୁନୁସ୍‌ଙ୍କ କାର୍ଯ୍ୟକାଳରେ ହିଁ ଜମାତ ଦେଶରେ ସବୁଠାରୁ ଶକ୍ତିଶାଳୀ ଦଳ ପାଲଟି ଯାଇ ସଂଖ୍ୟାଲଘୁମାନଙ୍କ ଉପରେ ନାରକୀୟ ଅତ୍ୟାଚାର କରିଥିଲା ଓ ବର୍ତ୍ତମାନ ସମୟରେ ଏହାର କାର୍ଯ୍ୟକଳାପରେ ଅଙ୍କୁଶ ଲାଗିବା ଆଶା କରାଯାଏ । ଆଉ ଗୋଟିଏ କଥା ମଧ୍ୟ ଶୁଣାଯାଉଛି କି ୟୁନୁସ୍, ତାରିକଙ୍କ ଉପରେ ଲାଗିଥିବା ସମସ୍ତ ଅଭିଯୋଗରୁ ତାଙ୍କୁ ଦୋଷମୁକ୍ତ କରିଛନ୍ତି ଓ ପ୍ରତିବଦଳରେ ତାରିକ ମଧ୍ୟ ୟୁନୁସ୍‌ଙ୍କୁ ରାଷ୍ଟ୍ରପତି କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏହା ପଛରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମେରିକାର ହାତ ଥିବା କଥାକୁ ଆମେ ଏଡ଼ାଇ ପାରିବା ନାହିଁ । ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ତାରିକ ରେହେମାନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିଥିଲେ ମଧ୍ୟ ଆଗରୁ ସ୍ଥିରୀକୃତ ହୋଇଥିବା କାର୍ଯ୍ୟ ସୂଚୀ ଯୋଗୁଁ ପ୍ରଧାନମନ୍ତ୍ରୀ ଏଥିରେ ଯୋଗ ଦେଇ ପାରି ନାହାନ୍ତି । ଭାରତ ତରଫରୁ ବାଚସ୍ପତି ଓମ୍ ବିର୍ଲା ଏହି ଉତ୍ସବରେ ପ୍ରତିନିଧିତ୍ୱ କରିଛନ୍ତି । ବର୍ତ୍ତମାନ ସମୟ ଆସିଛି ଉଭୟ ଦେଶ ପକ୍ଷରେ ନିଜ ନିଜର ପୁରାତନ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ପୁନଃସ୍ଥାପିତ କରିବା ପାଇଁ ଆଗଭର ହେବା । ଅର୍ଥନୈତିକ ସ୍ଥିରତା ବାଂଲାଦେଶର ନୂତନ ନିର୍ବାଚିତ ସରକାରର ପ୍ରାଥମିକ ଲକ୍ଷ୍ୟ ହେବା ଉଚିତ୍ । ଛାତ୍ର ଆନ୍ଦୋଳନ ଓ ଅନ୍ତରୀଣ ସରକାରର ବିଫଳତା ଦେଶର ଅର୍ଥନୀତିକୁ ସମ୍ପୂର୍ଣ୍ଣ ଭାବରେ ବିପର୍ଯ୍ୟସ୍ତ କରି ଦେଇଛି । ଦେଶର ଯୁବପୀଢ଼ି ବେକାରୀ ସମସ୍ୟାର ସହ ସଂଘର୍ଷ କରୁଛନ୍ତି । କଳକାରଖାନା, କୃଷି ଓ ପୁଞ୍ଜିନିବେଶର ଅବସ୍ଥା ସଙ୍ଗୀନ୍ । ତେଣୁ ଏଗୁଡ଼ିକରୁ ଦେଶକୁ ଉଦ୍ଧାର କରି ପ୍ରଗତି ପଥରେ ଆଗେଇବା ପାଇଁ ବାଂଲାଦେଶକୁ ଭାରତ ସହ ଦୃଢ଼ ଅର୍ଥ ନୈତିକ ସମ୍ପର୍କ ସ୍ଥାପନ କରିବା ପାଇଁ ପଡ଼ିବ । ଏକଥା କହିବା ବାହୁଲ୍ୟ ଭାରତ ସଦା ସର୍ବଦା ଅର୍ଥନୀତି କ୍ଷେତ୍ରରେ ଆବଶ୍ୟକତା ଠାରୁ ଅଧିକ ହିଁ ବାଂଲାଦେଶକୁ ସାହାଯ୍ୟ କରି ଆସିଛି । ମାତ୍ର ୟୁନୁସ୍ ସରକାରର ଭାରତ ବିରୋଧି ମନୋଭାବ ଓ କାର୍ଯ୍ୟକଳାପ ହେତୁ ଭାରତ ନିକଟ ଅତୀତରେ ଆଗତ ହୋଇଥିବା ଏହାର ବଜେଟରେ ବାଂଲାଦେଶକୁ ଦିଆଯାଇଥିବା ଆର୍ଥିକ ସାହାଯ୍ୟକୁ ହ୍ରାସ କରିଛି ।

ଶେଖ୍ ହାସିନା ବର୍ତ୍ତମାନ ଭାରତର ଶରଣାଗତ । ୟୁନୁସ୍ ସରକାର ହାସିନାଙ୍କର ବାଂଲାଦେଶକୁ ପ୍ରତ୍ୟାର୍ପଣ ଦାବି ବାରମ୍ବାର ଭାରତ ଆଗରେ କରି ଆସୁଥିଲା ଏବଂ ନୂତନ ସରକାର ମଧ୍ୟ ବର୍ତ୍ତମାନ ଏହା କରିବ । ଯଦିଓ ଭାରତ କେବେବି ଏକଥାରେ ରାଜିହେବ ନାହିଁ କିନ୍ତୁ ବାଂଲାଦେଶର ନୂତନ ସରକାର ସହିତ ଆମ ଦେଶର ସମ୍ପର୍କରେ ମଧ୍ୟ ହାସିନା ବାଧା ସୃଷ୍ଟି କରିବା ଭାରତ ଚାହୁଁନି । ଗୋଟିଏ କଥାରୁ ଏହା ସ୍ପଷ୍ଟ ଯେ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ନୂତନ ସରକାରକୁ ପ୍ରଧାନମନ୍ତ୍ରୀ ମୋଦି ଅଭିବାଦନ ଜଣାଇଲେ ଯେବେକି ଶେଖ୍ ହାସିନା ଏହି ନିର୍ବାଚନ ଫଳାଫଳକୁ "ଭୋଟର ବିହୀନ ଫାର୍ସ୍" ବୋଲି କହିଥିଲେ ।

ବାଂଲାଦେଶ ସହିତ ଭାରତର ଏକ ଦୃଢ଼ କୂଟନୈତିକ ସମ୍ପର୍କ ଏଇଥିପାଇଁ ମଧ୍ୟ ରହିବା ଦରକାର କି ଏହାଦ୍ୱାରା ଭାରତ ଏହାର ସୀମାରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଶକ୍ତି ଯେପରିକି ଚାଇନା, ପାକିସ୍ତାନ, ମିଆଁମାର ଓ ତୁର୍କୀକୁ ମଧ୍ୟ ନିୟନ୍ତ୍ରଣ କରି ପାରିବ । ବାଂଲାଦେଶର ରାଜନୀତିରେ ଜମାତର ଅଭ୍ୟୁଦୟ ଓ ଏହାର ପାକିସ୍ତାନ ପ୍ରୀତି କାହାରିକୁ ଅଛପା ନାହିଁ । ଏହି ଦଳ ଯୋଗୁଁ ହିଁ ବାଂଲାଦେଶର ରାସ୍ତାରେ ଭାରତ ବିରୋଧି ସ୍ଲୋଗାନ ଶୁଭୁଛି । ଏପରିକି ଦେଶର ପିତା ଶେଖ ମୁଜିବୁର୍ ରେହେମାନଙ୍କର ପ୍ରତିମୂର୍ତ୍ତି ଭଙ୍ଗାରୁଜାରେ ମଧ୍ୟ ଏହି ଜମାତର ହିଁ ପ୍ରଚ୍ଛନ୍ନ ହାତ ରହିଛି । ପୁନଶ୍ଚ ଏହା ଯୋଗୁଁ ବାଂଲାଦେଶର ରାଜନୀତିରେ ଏକ ଗଠନାତ୍ମକ ଓ ଆଦର୍ଶାତ୍ମକ ପରିବର୍ତ୍ତନ ମଧ୍ୟ ଘଟିଛି । ତେଣୁ ଉଭୟ ଭାରତ ଓ ବାଂଲାଦେଶର ନବ ନିର୍ବାଚିତ ସରକାରକୁ ଜମାତ ଉପରେ ସତର୍କମୂଳକ ଦୃଷ୍ଟି ରଖିବା ନିତାନ୍ତ ଆବଶ୍ୟକ । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଯେପରିକି ଯୋଗାଯୋଗ, ବାଣିଜ୍ୟ, ସୀମା ପରିଚାଳନା ଓ ଭାରତ-ବାଂଲାଦେଶ ମଧ୍ୟରେ ୧୯୯୬ ମସିହାରେ ୩୦ ବର୍ଷ ପାଇଁ ସ୍ୱାକ୍ଷରିତ ହୋଇଥିବା ଐତିହାସିକ ଗଙ୍ଗାଜଳ ଚୁକ୍ତିର ପୁନଃ ନବୀକରଣ ପାଇଁ ତାରିକ ରେହେମାନଙ୍କୁ ଭାରତର ସାହଚର୍ଯ୍ୟ ନିହାତି ଦରକାର । ଏହି ବିଷୟ ଗୁଡ଼ିକ ଦ୍ୱିପାକ୍ଷିକ ଆଲୋଚନା ଦ୍ୱାରା ହିଁ ସମାହିତ ହୋଇ ପାରିବ ।

ବାଂଲାଦେଶ ବିଷୟରେ ଯେହେତୁ ଯୁକ୍ତରାଷ୍ଟ୍ର ଓ ଭାରତ ମଧ୍ୟରେ ମତପାର୍ଥକ୍ୟ ରହି ଆସୁଛି ତେଣୁ ଭାରତ, ବାଂଲାଦେଶରେ ନିଜର ସ୍ୱାର୍ଥ ସାଧନ ପାଇଁ ସମଭାବାପନ୍ନ ରାଷ୍ଟ୍ରମାନଙ୍କୁ ନେଇ ଏକ ସାମ୍ମୁଖ୍ୟର ଗଠନ କରିବା ଦରକାର । ଏହି ରାଷ୍ଟ୍ରମାନେ ହେଉଛନ୍ତି ଜାପାନ, ଇଉରୋପୀୟ ସଂଘ ଓ ଦକ୍ଷିଣ କୋରିଆ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶେଖ ହାସିନାଙ୍କ ସହ ଭାରତର ଏକ ଭାବଗତ ସଂପର୍କ ରହିଆସିଛି କିନ୍ତୁ ସେ ଗାଦିରୁ ହଟିଲା ପରେ ଦୁଇଦେଶ ମଧ୍ୟରେ ସମ୍ପର୍କରେ ଦୃତ ଅବନତି ଘଟିଲା । ତେଣୁ ପଡ଼ୋଶୀ ଦେଶରେ ସରକାର ଆସିବ ଓ ଯିବ କିନ୍ତୁ ଭାରତର ସ୍ୱାର୍ଥ ସାଧିତ ହେବା ଦରକାର । ଆର୍ନ୍ତଜାତୀୟ ରାଜନୀତିରେ କୌଣସି ବ୍ୟକ୍ତିତ୍ୱ ବା ସରକାର ସ୍ଥାୟୀ ନୁହେଁ, ସ୍ଥାୟୀ ହେଉଛି ସ୍ୱାର୍ଥ । ତେଣୁ ଭାରତ ଏହାକୁ ଗୁରୁତ୍ୱ ଦେବା ଆବଶ୍ୟକ ।  ଶେଷରେ ଯଦି ବାଂଲାଦେଶର ନୂତନ ନିର୍ବାଚିତ ସରକାର ଦେଶରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା କରିବା ସହ ଏହାକୁ ପ୍ରଗତି ପଥରେ ଆଗେଇ ନିଅନ୍ତି, ତେବେ ସମଗ୍ର ଦକ୍ଷିଣ ଏସିଆ ପାଇଁ ଏହା ଏକ ଉଲ୍ଲେଖନୀୟ ଘଟଣା ହେବ ।

ଓଡ଼ିଶା ସ୍ୱାସ୍ଥ୍ୟ ସେବା

ଭୁବନେଶ୍ୱର

ମୋବାଇଲ ନଂ- ୮୧୪୪୦୪୨୯୯୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୋସିଆଲ୍ ମିଡ଼ିଆ

ମଧୁସ୍ମିତା ସାହୁ



ସୋସିଆଲ ମିଡ଼ିଆ ମାନେ ଆଜିକାଲିର ୟୁଟ୍ୟୁବ, ଫେସବୁକ, ଇନଷ୍ଟାଗ୍ରାମ, ଟୁଇଟର ହ୍ୱାଟସ୍ଆପ ଇତ୍ୟାଦିକୁ ସୂଚିତ କରିଥାଏ ।

ମନୁଷ୍ୟ ସାମାଜିକ ପ୍ରାଣୀ ହିସାବରେ ସମସ୍ତଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ଉଦ୍ଦେଶ୍ୟରେ ଏକ ଜରିଆ ଅଟେ । ଦେଶ ବିଦେଶରୁ ତ୍ୱରିତ ଭାବେ ସଭିଙ୍କ ସହିତ ସୁସମ୍ପର୍କର ଆଦାନ ପ୍ରଦାନ ଖୁବ୍ ଚଳଚଞ୍ଚଳ କରିଥାଏ । ଯେଉଁ ବ୍ୟକ୍ତିବିଶେଷ ସୋସିଆଲ ମିଡ଼ିଆରେ ବହୁତ ଲୋକପ୍ରିୟ ହୋଇଥାଏ ତାକୁ  ସମସ୍ତେ ପସନ୍ଦ କରିଥାଆନ୍ତି । କିଛି ଭଲ ଓ ମନ୍ଦର ମିଶ୍ରଣରେ ତିଆରି ହୋଇଥାଏ । କିଛି  ଶିକ୍ଷଣୀୟ ତଥ୍ୟ ସବୁ ଜଣାଇଥାଏ, ଜ୍ଞାନ, ବିଜ୍ଞାନର ମହତ୍ୱ ଜାଣିବାକୁ ମିଳିବା ସହିତ ମନକୁ ପ୍ରଫୁଲ୍ଲ କରିଥାଏ ।

ବିଶ୍ୱବାସୀଙ୍କୁ ବନ୍ଧୁତ୍ୱ ସୂତ୍ରରେ ବାନ୍ଧି ରଖିଥିବା ସୋସିଆଲ ମିଡ଼ିଆରେ ଅନେକଙ୍କର ଦିନର ଅଧିକାଂଶ ସମୟ କଟିଯାଉଛି । ଏହାଦ୍ୱାରା ନିଜ ଅଜାଣତରେ ନିଜର କ୍ଷତି ହିଁ ହେଉଛି । ଲାପ୍‌ଟପ୍, ଟ୍ୟାବ୍, ମୋବାଇଲରେ ନୂଆ ନୂଆ ଆପ୍ଲିକେଶନ ଡାଉନ୍‌ଲୋଡ୍ କରି ଦିନରାତି ସେଥିରେ ବୁଡ଼ି ରହୁଛନ୍ତି ଅନେକେ । ବିଶେଷକରି ପାଠପଢୁଆ ପିଲାଙ୍କ ମଧ୍ୟରେ ସୋସିଆଲ ମିଡ଼ିଆ ବ୍ୟବହାର କରିବାର ପ୍ରବଣତା ଅଧିକ । ବିଭିନ୍ନ ସୋସିଆଲ ମିଡ଼ିଆ ଏକ ଅଦୃଶ୍ୟ ଦୁନିଆ । ଏଥିସହ ସଂଯୁକ୍ତ ଏମିତି ବହୁସଂଖ୍ୟକ ଲୋକ ଅଛନ୍ତି, ଯେଉଁମାନେ ବାସ୍ତବରେ ସଂସାରରେ ବି ନାହାନ୍ତି । ଅର୍ଥାତ୍ ଏମାନେ ଏକଦମ୍ ନକଲି । ଆଜିକାଲି ଅଧିକାଂଶ ପିଲା ନିଜର ମୋବାଇଲ୍‌ରେ ସବୁବେଳେ ଅନ୍‌ଲାଇନ୍‌ରେ ରହି ସାଙ୍ଗ ସହ ଅଯଥା ଚାଟିଂରେ ସମୟ ନଷ୍ଟ କରୁଛନ୍ତି । ଦିନର ପ୍ରାୟ ଅଧାଅଧି ସମୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଟିଯାଉଛି ସୋସିଆଲ ମିଡ଼ିଆରେ । ବୃତ୍ତିଗତ ଶିକ୍ଷାରେ ପାଠପଢୁଥିବା ପିଲାମାନେ ସୋସିଆଲ ମିଡ଼ିଆର ଭରପୂର ଫାଇଦା ନେବା କଥା । ହେଲେ ଅଧିକାଂଶ ପିଲା ଏହି ସାଇଟ୍‌ରେ ପାଠ ଓ କ୍ୟାରିୟର କଥା ଆଦାନ ପ୍ରଦାନ କରିବା ବଦଳରେ ଅନ୍ୟ ଖରାପ କଥାରେ ବ୍ୟସ୍ତ ରହୁଛନ୍ତି । ଏଥିପ୍ରତି ସଜାଗ ନ ହେଲେ ଏହା ପିଲାଙ୍କ ସୁନେଲି ଭବିଷ୍ୟତ ପ୍ରତି କ୍ଷତି ପହଞ୍ଚାଇବାର ଭୟ ରହିଛି । ଏହା ବିବିଧ ଭଲ ଭିତରେ ମଣିଷ ନିଜ ପାଇଁ ସୃଷ୍ଟି କରୁଛି ବହୁ ଭେଲ ।

ଅଧିକାଂଶ ସୋସିଆଲ ନେଟୱର୍କିଂ ସାଇଟ୍ ଏକ ଅବାସ୍ତବ ଦୁନିଆରେ ବଞ୍ଚିବା ଶିଖାଇ ଥାଏ । ନିଜ ଜୀବନର ଅପ୍ରାସଙ୍ଗିକ ବିଷୟଗୁଡ଼ିକୁ ନେଇ ଭାବିବାକୁ ଏକ ପ୍ରକାର ବାଧ୍ୟ କରିଥାଏ । ସବୁବେଳେ ନିଜକୁ ଏକ ଅଦୃଶ୍ୟ ବା ଅବାସ୍ତବ ଦୁନିଆରେ ଆବଦ୍ଧକରି ରଖିବା ଫଳରେ ନାନା ମାନସିକ ଓ ଶାରୀରିକ ସମସ୍ୟା ଦେଖାଦିଏ । ବାରମ୍ବାର ମୋବାଇଲ ଦେଖିବା, ସୋସିଆଲ ନେଟୱର୍କିଂ ସାଇଟ୍‌ର ନୋଟିଫିକେଶନ୍ ଚେକ୍ କରିବା, ଷ୍ଟାଟସ୍ ଅପଡେଟ୍ ଆଦି ଫଳରେ ମାନସିକ ଅସ୍ଥିରତା ବୃଦ୍ଧିପାଇବା, ମେଦବୃଦ୍ଧି ସହିତ ହାର୍ଟବିଟ୍ କମ୍ ହେବା ଓ ନିଦ୍ରାହୀନତା ସମସ୍ୟା ସୃଷ୍ଟି କରିଥାଏ । ବେକମୂଳ ଦରଜ, ଅଣ୍ଟା ବିନ୍ଧା, ଆଖି ପୋଡ଼ାଜଳା, ଜଏଣ୍ଟ ପେନ୍, ଟେନିସ୍ ଏଲ୍‌ବୋ ଭଳି ସମସ୍ୟା ଉପୁଜିଥାଏ ।

ବିଭିନ୍ନ ସୋସିଆଲ ସାଇଟ୍‌ରେ ଲାଇକ୍, କମେଣ୍ଟ ଓ ଲମ୍ବି ଚାଲିଥିବା ବନ୍ଧୁ ତାଲିକା ହିଁ ସମାଜର ପରିଭାଷା ପାଲଟିଛି । ସହରାଞ୍ଚଳରେ ସାଇପଡ଼ିଶାଙ୍କ ସହ କଥା ହେବାକୁ ସତେ ଯେମିତି କାହା ପାଖରେ ସମୟ ନାହିଁ । ଏପରିକି ନିଜ ପରିବାରର ଅନ୍ୟ ସଦସ୍ୟଙ୍କ ସହ କଥା ହେବାକୁ ଯେମିତି ସମୟ ନାହିଁ । କାରଣ ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ଇନ୍‌ଷ୍ଟାଗ୍ରାମ୍ ଆଦିରେ ବ୍ୟସ୍ତ ରହୁଛୁ ଆମେ । ନୂଆ ନୂଆ ବିଜ୍ଞାନ ବା ଟେକ୍ନୋଲୋଜିର ବହୁଳ ବ୍ୟବହାର ଆମକୁ ଅନ୍ତର୍ମୁଖୀ ହେବାକୁ ବାଧ୍ୟ କରୁଛି । ଧୀରେ ଧୀରେ ସମାଜଠାରୁ ଆମେ ଦୂରେଇ ଯାଉଛେ । ମନୋବିଜ୍ଞାନୀଙ୍କ ମତରେ, ସୋସିଆଲ୍ ମିଡ଼ିଆରେ ଅଧିକ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ସମୟ ବିତାଇବା ଦ୍ୱାରା ସମ୍ପର୍କ ଉପରେ ଏହାର କୁପ୍ରଭାବ ପଡୁଛି ।

କଲେଜପଢୁଆ ପିଲାଙ୍କ ଲାଗି ସୋସିଆଲ ନେଟ୍‌ୱର୍କ ପାଲଟିଛି ନିଶା । ଆଧୁନିକ ପିଢ଼ି ନିଜ ଆଖପାଖରେ ଥିବା ସମପିଢ଼ିଙ୍କ ସହ ବନ୍ଧୁତା ରଖିବାକୁ ପସନ୍ଦ କରୁନାହାନ୍ତି । କିନ୍ତୁ ସୋସିଆଲ ମିଡ଼ିଆରେ ଦୂରଦୂରାନ୍ତର ଅଜଣା ପିଲା ସହ ବନ୍ଧୁତା କରୁଛନ୍ତି । ଏହି ଅଜଣା ଅର୍ବାଚୀନ ବନ୍ଧୁଙ୍କ ସହ ଫଟୋ, ଭିଡିଓ ତଥା ଜୀବନର ବ୍ୟକ୍ତିଗତ ଓ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଶେୟାର କରିବା ସହ ପସନ୍ଦ, ନାପସନ୍ଦ ଓ ସମସ୍ତ ପ୍ରକାର କାର୍ଯ୍ୟକଳାପକୁ ସେମାନେ ବିନା ଦ୍ୱିଧାରେ ପରସ୍ପର ମଧ୍ୟରେ ବାଣ୍ଟୁଛନ୍ତି, ଫଳରେ ସେମାନେ ଅନାୟାସରେ ଠକାମିରେ ପଡୁଛନ୍ତି ।

ଅନେକ ଝିଅ ସୋସିଆଲ ମିଡ଼ିଆରେ ବନ୍ଧୁତା କରି ନିଜର ଭିଡ଼ିଓ ଓ ଫଟୋଗ୍ରାଫ୍ ଦିଆନିଆ କରିବା ପରେ ଜାଣୁଛନ୍ତି ଯେ, ସେମାନେ ଯାହା ସହିତ ବନ୍ଧୁତା କରିଥିଲେ, ତାହା ଏକ ଫେକ୍ ଆଇଡି ବା ସେମିତି କେହି ଲୋକ ହିଁ ନାହାନ୍ତି । ହେଲେ ଶେୟାର କରିଥିବା ନିଜର ବ୍ୟକ୍ତିଗତ ଫଟୋ ବା ଭିଡ଼ିଓ ଏଡିଟ୍ ହୋଇ ବିଭିନ୍ନ ସୋସିଆଲ ସାଇଟ୍‌ରେ ନଗ୍ନଚିତ୍ର ଭାବେ ପ୍ରଦର୍ଶିତ ହୋଇଛି । ଏମିତି ଘଟଣା ବାରମ୍ବାର ଘଟୁଛି, ଯାହାକୁ ନିୟନ୍ତ୍ରଣ କରିବା ସମ୍ଭବ ହେଉନାହିଁ ।

କେହି କେହି ସୋସିଆଲ୍ ମିଡ଼ିଆରେ ଅପଡେଟ୍ ରହିବାକୁ ଯାଇ ନିଜ ଜୀବନର ସତ ଖୁସିଠାରୁ ଦୂରେଇ ଯାଉଛନ୍ତି । ଆମ ଭିତରୁ ଅଧିକାଂଶ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ କିମ୍ବା ବିଭିନ୍ନ ଉତ୍ସବ ଓ ପୂଜାପର୍ବରେ ଫଟୋ ଉଠାଇ ସୋସିଆଲ ମିଡ଼ିଆରେ ଅପଲୋଡ୍ କରିବା ନିଶାରେ ଏତେ ନିମଗ୍ନ ରହୁଛନ୍ତି ଯେ, ସେହି ପରିବେଶର ପ୍ରକୃତ ଖୁସି ଉପଭୋଗ କରିପାରୁ ନାହାନ୍ତି । ନିଜର ଷ୍ଟାଟସ୍ ଅପଡ଼େଟ କରିବାକୁ ଯାଇ ଅନେକେ ନିଜର ଖୁସିକୁ ଅଧାରେ ଛାଡ଼ି ଆସୁଛନ୍ତି ।

ସୋସିଆଲ ସାଇଟ୍‌ରେ ବ୍ୟକ୍ତିଗତ ଜୀବନ ଓ କଥାକୁ ସର୍ବସାଧାରଣ ଆଗରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପସ୍ଥାପନ କରିବା ଦ୍ୱାରା ବେଳେବେଳେ ବିବାଦ ଉପୁଜିବା ଦେଖାଦିଏ । ପୁଣି ଯୁବପିଢ଼ି ସୋସିଆଲ ମିଡ଼ିଆରେ ଯୋଡ଼ି ହେବାକୁ ଷ୍ଟାଟସ୍ ସିମ୍ବଲ୍ ବୋଲି ଭାବୁଛନ୍ତି । ସେମାନଙ୍କ ମତରେ, ଏସବୁରେ ନଥିବା ଲୋକ ପୁରୁଣାକାଳିଆ ବା ଆଉଟ୍ ଡେଟେଡ୍ । ଯୁବପିଢ଼ି ସୋସିଆଲ ମିଡ଼ିଆରେ ଅଧିକ ସମୟ ବିତାଇବା ଦ୍ୱାରା ଚିଡ଼ିଚିଡ଼ା ସ୍ୱଭାବର ହୋଇ ଯାଉଛନ୍ତି । କ୍ରୋଧୀ ପାଲଟି ଯାଉଛନ୍ତି । ଫଳରେ ପ୍ରକୃତ ବନ୍ଧୁମାନଙ୍କ ସହ ସମ୍ପର୍କ ବିଗିଡ଼ି ଯାଉଛି ।

ସାଇବର୍ ନିଶା କାରଣରୁ ଯୁବଗୋଷ୍ଠୀଙ୍କ ମନରେ ଅପରାଧ ଭାବନା ଜାଗିଉଠୁଛି । ଉଗ୍ରବାଦ, ଆତଙ୍କବାଦର ପ୍ରଚାରରେ ମଧ୍ୟ ମୁଖ୍ୟ ମାଧ୍ୟମ ସାଜିଛି ସୋସିଆଲ୍ ମିଡ଼ିଆ । ଅପରାଧପ୍ରବଣ ଲୋକ ଏହାକୁ ମାଧ୍ୟମ କରି ବିଭିନ୍ନ ଅପରାଧମୂଳକ କାର୍ଯ୍ୟ ସହଜରେ କରିପାରୁଛି । ଠିକ୍ ସେମିତି କିଛି ନକାରାତ୍ମକ ଲୋକଙ୍କ ପାଇଁ ନଗ୍ନ ଫଟୋ, ଭିଡ଼ିଓ ଭାଇରାଲ୍ ହେବାରେ ଲାଗିଛି ସୋସିଆଲ ମିଡ଼ିଆରେ ।

ଫେସ୍‌ବୁକ୍, ଟୁଇଟର୍ ଭଳି ସାମାଜିକ ଗଣମାଧ୍ୟମରେ ପ୍ରାୟତଃ ଭ୍ରମାତ୍ମକ ତଥ୍ୟ ପ୍ରକାଶ ପାଇଥାଏ । ଏକ ଆକଳନରୁ ଜଣାପଡ଼େ ଯେ, ସତ୍ୟ ବା ଠିକ୍ ତଥ୍ୟ ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ମାତ୍ର ଶତକଡ଼ା ୧୮ ଭାଗ । ପୁଣି ମିଥ୍ୟା ବା ଭୁଲ ତଥ୍ୟ ଦେବାରେ ମହିଳାଙ୍କଠାରୁ ପୁରୁଷ ଆଗୁଆ। ୪୩ ଭାଗ ପୁରୁଷ ଭୁଲ ତଥ୍ୟ ପ୍ରଦାନ କରୁଥିବା ଜଣାଯାଏ । ଅନ୍ୟମାନଙ୍କୁ ପ୍ରଭାବିତ କରିବା ତଥା ନିଜ ଆଡକୁ ଅଧିକ ଆକର୍ଷିତ କରିବା ପାଇଁ ବ୍ୟବହାରକାରୀ ଏପରି କରନ୍ତି ବୋଲି ଏହି ଅଧ୍ୟୟନରୁ ଜଣାପଡ଼ିଛି ।

ଅପବ୍ୟବହାରରୁ ବର୍ତ୍ତିବା ପାଇଁ ଦରକାର କେବଳ ନିଜ ଉପରେ ନିୟନ୍ତ୍ରଣ । କିପରି ଓ କେତେ ସମୟ ବ୍ୟବହାର କଲେ ତାହା ମନ ଓ ସ୍ୱାସ୍ଥ୍ୟ ପ୍ରତି ଠିକ୍ ରହିବ, ତାହା ନିର୍ଭର କରେ ନିଜର ମାନସିକତା ଉପରେ । ଯେ କୌଣସି ଜିନିଷର ଉଭୟ ସକାରାତ୍ମକ ଓ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନକାରାତ୍ମକ ଦିଗ ରହିଛି । ତେବେ ଏହାକୁ କେଉଁ ଭାବରେ ବ୍ୟବହାର କରିବେ, ତାହା ନିଜର ଦାୟିତ୍ୱ ହେବା ଉଚିତ । ସୋସିଆଲ ମିଡ଼ିଆର ଅପବ୍ୟବହାର ବହୁ ଅସୁବିଧାରେ ପକାଇପାରେ । ତେଣୁ ଭାବିଚିନ୍ତି ଏହାର ଉପଯୋଗ କରିବା ଉଚିତ ।

ବ୍ରହ୍ମା ନଗର ପ୍ରଥମ ଗଳି

ବ୍ରହ୍ମପୁର

ଜିଲ୍ଲା-ଗଞ୍ଜାମ, ଓଡ଼ିଶା

ମୋବାଇଲ ଫୋନ -୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବସନ୍ତ ରାସ

ଅର୍ଜୁନୀ ଚରଣ ବେହେରା



କଷ୍ଟଦାୟୀ ଶୀତକାଳ ଅନ୍ତେ ବୃନ୍ଦାବନରେ ପ୍ରବେଶ କରିଛି ଅତି ମନୋହର ବସନ୍ତଋତୁ । ନବ କିଶଳୟ ବିମଣ୍ଡିତ ବୃକ୍ଷରାଜି ଶୋଭିତ ବୃନ୍ଦାବନର ବନଭୂମି ଧାରଣ କରିଛି ଅପୂର୍ବ ଶୋଭା । ନଦୀ ପୁଷ୍କରିଣୀର ଜଳ ନିର୍ମଳହୋଇ ସେଥିରେ ପ୍ରସ୍ଫୁଟିତ ହୋଇଛନ୍ତି ରକ୍ତ, ଶ୍ୱେତ ଓ ନୀଳ କୁମୁଦ ଓ କଇଁଫୁଲ ମାନେ । ନିର୍ମଳ ଯମୁନାଜଳରେ ମଧୁରକ୍ରୀଡ଼ାରେ ରତ ମୀନ ମାନେ । ମନ୍ଦମନ୍ଦ ମଳୟମରୁତ ପ୍ରବାହରେ ଚହଟି ଆସୁଛି ବିବିଧ କୁସୁମ ମାନଙ୍କ ମହ ମହ ସୁବାସ । ଶୁକ ପିକ ମୟୂରମାନଙ୍କ କଳ କୁଜନରେ ବନଭୂମି ମୁଖରିତ । ବ୍ରଜ ସୁନ୍ଦର ଶ୍ରୀକୃଷ୍ଣ ଗାଈ ଚରାଉ ଚରାଉ ନିଜର ଅପୂର୍ବ ବଂଶୀଟିକୁ ହସ୍ତରେ ଧରି ବଜାଇବାରେ ଲାଗିଲେ । ସେହି ମନମୋହକ, ଚିତ୍ତ ହରଣକାରୀ ବଂଶୀଧ୍ୱନୀ ଶୁଣି ଗୋପୀ ମାନଙ୍କ ହୃଦୟ ପ୍ରେମରେ ପରିପୂର୍ଣ୍ଣ ହୋଇଗଲା ।

ବସନ୍ତର ବାସନ୍ତୀବିଭା ବିଲୋକନରେ ଶ୍ରୀରାଧାଙ୍କ ମାନସିକ ଚଞ୍ଚଳତା ବୃଦ୍ଧି ପାଇଲା । ସେ ଶ୍ରୀକୃଷ୍ଣଙ୍କ ଘନ ସାନିଧ୍ୟ ଲାଭପାଇଁ ଅଧୀରା ହୋଇ ଘୋର ବନ ମଧ୍ୟରେ ତାଙ୍କର ସନ୍ଧାନ କରିବାକୁ ଲାଗିଲେ । ଏହି ସମୟରେ ଜଣେ ସଖୀ, ଶ୍ରୀରାଧାଙ୍କୁ ଏକ ଅଭିନବ ଦୃଶ୍ୟ ଦେଖିବାପାଇଁ ବୃନ୍ଦାବନର ଅଭ୍ୟନ୍ତରକୁ ଡାକି ନେଇ କହିଲେ :-

ଲଳିତ ଲବଙ୍ଗଲତା ପରିଶୀଳନ
କୋମଳ ମଳୟ ସମୀରେ ।
ମଧୁକରନିକର କରମ୍ବିତ କୋକିଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୂଜିତ କୁଞ୍ଜ କୁଟୀରେ ॥

ବିହରତି ହରିରିହ ସରସ ବସନ୍ତେ,

ନୃତ୍ୟତି ଯୁବତୀ ଜନେନ ସମଂ ।

ସଖି ବିରହି ଜନସ୍ୟ ଦୁରନ୍ତେ ॥

ଅର୍ଥାତ ଦେଖ ସଖୀ, ମଳୟସମୀର ଦକ୍ଷିଣ ଦିଗରୁ ଧିରେ ଧିରେ ପ୍ରବାହିତ ହୋଇ ଲଳିତ ଲବଙ୍ଗ ଲତା କୋମଳ ତନୁକୁ କେଉଁ ପରି ଆଦରରେ ଆଲିଙ୍ଗନ କରୁଛି । ମଧୁପର ଗୁଞ୍ଜନ ଓ କୋକିଳର କୁହୁ କୁହୁ ତାନରେ କୁଞ୍ଜବନ ମୁଖରିତ ହୋଇ ଉଠୁଛି । ଏହି ନବ ବସନ୍ତ କାଳରେ ନନ୍ଦସୁତ କଳା କହ୍ନାଇ ବ୍ରଜ କାମିନୀ ମାନଙ୍କ ସହିତ ରାସ କ୍ରୀଡ଼ାରେ ବିଭୋର ହୋଇଛନ୍ତି ।

ସଖୀ ପୁଣି କହିଲେ :-

ଚନ୍ଦନ ଚର୍ଚ୍ଚିତ ନୀଳ କଳେବର

ପୀତବସନ ବନମାଳୀ ।

କେଳିଚଳନ୍ମଣି କୁଣ୍ଡଳ ମଣ୍ଡିତ

ଗଣ୍ଡଯୁଗ ସ୍ମିତଶାଳୀ ॥

ହରିରିହ ମୁଗ୍ଧବଧୂ ନିକରେ ।

ବିଳସତି ବିଳାସିନୀ କେଳିପରେ ॥

ଅର୍ଥାତ୍, ଚନ୍ଦନ ଚର୍ଚ୍ଚିତ, ସୁନ୍ଦର ନୀଳତନୁ, କୃଷ୍ଣଙ୍କ କଟି ଦେଶରେ ଶୋଭାପାଉଛି ପୀତବସନ । ତାଙ୍କ ଗଳାରେ ବନମାଳ, ତାଙ୍କ କର୍ଣ୍ଣରେ ଝଟକୁଛି ସୁନ୍ଦର କୁଣ୍ଡଳ । ଶ୍ରୀପତି, କୃଷ୍ଣ ବିମୋହିତ ଗୋପୀ ମାନଙ୍କ ସହ ବୃନ୍ଦାବନରେ ନାନାରଙ୍ଗରେ କେଳିରେ ପ୍ରମତ୍ତ ହୋଇଛନ୍ତି । ଗୋପୀଙ୍କ ଗହଣରେ ଗୋପୀଜନ ନାଥ ଶ୍ରୀକୃଷ୍ଣ ନାନା ରଙ୍ଗରେ ଉପସ୍ଥିତ ।

ଏହା ହିଁ ମହାକବି ଜୟଦେବଙ୍କ ବର୍ଣ୍ଣନାରେ ବସନ୍ତ ରାସ । ଶ୍ରୀମଦ୍ ଭାଗବତରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶରଦ ରାସର ବିସ୍ତୃତ ବର୍ଣ୍ଣନା ରହିଛି । ଗୋପତରୁଣୀଗଣ କୃଷ୍ଣଙ୍କ ମୋହନ ବଂଶୀର ଆହ୍ୱାନରେ ଲଜ୍ଜା, ସଙ୍କୋଚ । ଭୟ, ସଂସ୍କାର, ଗୃହଧର୍ମ, କୁଳାଚାର ଓ ସାମାଜିକ ରୀତିକୁ ଉପେକ୍ଷା କରି ଉନ୍ମାଦିନୀ ପରି ଧାଇଁ ଆସିଛନ୍ତି ବୃନ୍ଦାବନ ନିଭୃତ କେଳୀ କୁଞ୍ଜକୁ। କୃଷ୍ଣପ୍ରେମରେ ଆତ୍ମବିସ୍ମୃତା ଗୋପୀ ଗଣ କହି ଉଠିଛନ୍ତି :-

ହେ କୃଷ୍ଣ ! ଆମେ ଆମର ଗୃହରେ ସୁଖରେ ଥିଲୁ । ଆମର ଚିତ୍ତ ଚଞ୍ଚଳ ନଥିଲା । ତୁମେ ଆମର ସେହି ସବୁ ସୁଖକୁ ଅପହରଣ କରିନେଲ । ଆମର ଯେଉଁ ପାଦ ଆଜି ଗୃହ ଛାଡ଼ି ତୁମ ପାଖକୁ ଦଉଡ଼ି ଆସିଛି ସେ ଆଉ ଫେରିଯିବାପାଇଁ ଚାହେଁନା । ଏବେ ଆଉ ଫେରିଲେ ବା କି ଲାଭ । ତୁମ ମୃଦୁ ମଧୁର ବଂଶୀର ମନୋହର ସ୍ୱନ, ତୁମ ସ୍ମିତହାସ୍ୟ, ତୁମର ମନ୍ଦମନ୍ଦ ଦୃଷ୍ଟିର ଆନନ୍ଦ ପାଇବାପରେ ଆମର ଦ୍ୱିତୀୟ ଗତି ଆଉ କାହିଁ? ତୁମ ପ୍ରେମ ଦାନରେ । ତୁମ ଅଧରର ମଧୁର ସ୍ପର୍ଶରେ ଆମକୁ ତୃପ୍ତକର । ନ ହେଲେ ତୁମ ବିରହରେ ଦଗ୍ଧ ଏ ଶରୀରକୁ ନେଇ ଆମେ ତୁମରି ପାଦଦ୍ୱୟର ଧ୍ୟାନରେ କାଳାତିପାତ କରିବୁ । ଏହାହିଁ ରାସ । ଜୀବ ପରମର ମିଳନ । ଭଗବାନଙ୍କ ଠାରେ ସମ୍ପୂର୍ଣ୍ଣ ଆତ୍ମ ସମର୍ପଣ ।

ବସନ୍ତରାସ ଅଧିକନ୍ତୁ ମହାରାସ ବହନକରେ ଆତ୍ମ ସମର୍ପଣ, ଶୃଙ୍ଗାର, ବିରହ ଏବଂ ଅକୁଣ୍ଠ ନୈସର୍ଗିକ ପ୍ରେମର ଗାଥା । ଆମ ବୈଷ୍ଣବସାହିତ୍ୟ ମାନଙ୍କରେ ତିନି ପ୍ରକାର ରାସର ବର୍ଣ୍ଣନା ରହିଛି । ବର୍ଷାକାଳୀନ ରାସ ବା ପ୍ରାବୃଟରାସ, ଶରତକାଳୀନ ଶରଦ ରାସ ଓ ବସନ୍ତ ରାସ । ତିନୋଟି ଯାକ ରାସ ଯଥା କ୍ରମେ ଝୁଲଣ ପୂର୍ଣ୍ଣିମା, ରାଧାଦାମୋଦର ରାସ, ବସନ୍ତ ରାସ ବା ଦୋଳଉତ୍ସବ ଭାବେ ପାଳନ କରାଯାଏ । ମାସ ବିଶେଷରେ ଭଗବାନଙ୍କର ନାମ ଭିନ୍ନ ଭିନ୍ନ ଅଟେ । ସେ ଝୁଲଣରେ ଶ୍ରୀଧର, କାର୍ତ୍ତିକମାସରେ ଦାମୋଦର ଓ ଫଗୁଣରେ ଗୋବିନ୍ଦ ନାମ ଧାରଣ କରି ରାସ ରଚନା କରନ୍ତି । ଭଗବାନ୍ ଶ୍ରୀକୃଷ୍ଣଙ୍କ ଅତିପ୍ରିୟ ଏହି ବସନ୍ତ ଋତୁ । ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ୍ ସ୍ୱଜୟଂ

Listen to Odia Podcast Original at https://youtube.com/@drjyotiprasad

କହିଛନ୍ତି, "ମାସାନାଂ ମାର୍ଗଶୀର୍ଷୋଽହମ୍,ଋତୁନାଂ କୁସୁମାକରଃ"। ଏଣୁ ଏହି ବସନ୍ତ ଋତୁରେ ପାଳନ କରାଯାଏ ଆତ୍ମା ଓ ପରମାତ୍ମାଙ୍କ ମହା ମିଳନ ପର୍ବ ହୋଲି।

!!! ଓଁ କୃଷ୍ଣାୟ ଗୋବିନ୍ଦାୟ ନମଃ !!!

ମୋ -୭୬୯୩୦୯୧୯୭୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଓଡ଼ିଶାର ଦୋଳଯାତ୍ରା

ବାବାଜୀ ଚରଣ ଦାସ



ବୈଷ୍ଣବ ଧର୍ମ ପରମ୍ପରା ସହ ସଦ୍ଭାବ, ସୌହାର୍ଦ୍ଦ୍ୟ ଓ ଐତିହ୍ୟର ପର୍ବ ଦୋଳଯାତ୍ରା । ଓଡ଼ିଆ ଜ୍ୟୋତିର୍ବିଦ ଶତାନନ୍ଦଙ୍କ ଦ୍ୱାଦଶ ଶତାବ୍ଦୀରେ ରଚିତ 'ଶତାନନ୍ଦ ସଂଗ୍ରହ'ରେ ଦୋଳଯାତ୍ରା ସମ୍ପର୍କରେ ଆଲୋକପାତ କରାଯାଇଥିବାରୁ ଏହି ଯାତ୍ରାର ପ୍ରାଚୀନତା ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳେ । ଶ୍ରୀରାଧାକୃଷ୍ଣଙ୍କ ରାସଲୀଳା ବ୍ୟତୀତ କେତେକ ପୌରାଣିକ ମତ ଏହି ପର୍ବ ସହିତ ସମ୍ମିଳିତ । ମହା ତପସ୍ୱୀ ଭଗବାନ ଶିବ, ଦକ୍ଷଯଜ୍ଞରେ ଆତ୍ମବିସର୍ଜନ କରିଥିବା ସତୀଙ୍କ ବିରହରେ ମ୍ରିୟମାଣ ହୋଇ ତପସ୍ୟାରତ । ଏଣେ ତାରକାସୁରକୁ ନିଧନ ପାଇଁ ଶିବ ପାର୍ବତୀଙ୍କ ଠାରୁ ଦେବ ସେନାପତି କାର୍ତ୍ତିକେୟଙ୍କ ଜନ୍ମର ଆବଶ୍ୟକତା । ଦେବତାମାନଙ୍କ ସୁରକ୍ଷା ପାଇଁ, ଭଗବାନ ଶିବଙ୍କ ଧ୍ୟାନ ଭଗ୍ନ ଉଦ୍ଦେଶ୍ୟରେ ମଦନଙ୍କ ପଞ୍ଚବାଣ ପ୍ରୟୋଗ ଓ ଶିବଙ୍କ ତୃତୀୟ ନୟନରୁ ନିର୍ଗତ ଅଗ୍ନି ଦ୍ୱାରା କାମଦେବଙ୍କ ଭସ୍ମୀଭୂତ ହେବା ଘଟଣା ସହିତ ହୋଲିର ଦିବ୍ୟ ଦହନ କ୍ରିୟା ସଂଯୁକ୍ତ । ଅଗ୍ନିରେ ପ୍ରବିଷ୍ଟ ରାକ୍ଷସୀ ହୋଲିକା ଓ ହିରଣ୍ୟକଶିପୁର ଶିଶୁ ପୁତ୍ର ପ୍ରହଲ୍ଲାଦ ମଧ୍ୟରୁ ବିଷ୍ଣୁ ଭକ୍ତ ପ୍ରହଲ୍ଲାଦର ସୁରକ୍ଷା ଓ ହିରଣ୍ୟକଶିପୁର ଭଉଣୀ ହୋଲିକା ଦହନ ସହିତ ଦୋଳ ପୂର୍ଣ୍ଣିମାର ଅଗ୍ନି ପ୍ରଜ୍ୱଳନ ପରମ୍ପରା, ଆମ ସଂସ୍କୃତିର ଏକ ଅଂଶ ହୋଇଯାଇଛି । ଆଉ ମଧ୍ୟ ଭଗବାନ କୃଷ୍ଣଙ୍କ ଦ୍ୱାରା ପୁତନା ରାକ୍ଷସୀର ଅନ୍ତ ଓ ଅନ୍ତ୍ୟେଷ୍ଟି ସହିତ ହୋଲିର ଅଗ୍ନି ପ୍ରଜ୍ୱଳନର ସମ୍ପର୍କ ରହିଛି ବୋଲି ବିଶ୍ୱାସ କରାଯାଏ । କେତେକ ସ୍ଥାନରେ ପୂର୍ଣ୍ଣିମା ଦିନରୁ ଆରମ୍ଭ ହୋଇ ଛଅ ଦୋଳ କିମ୍ବା ନବଦୋଳ ପାଳିତ ହୁଏ । ଚାଚେରୀ ଆଉ ମେଳଣ, ଝୁଲଣ ମଣ୍ଡପ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି, ଚୈତନ୍ୟ ଜୟନ୍ତୀରେ ଖୋଳ କରତାଳର ସଂକୀର୍ତ୍ତନ, ଦୋଳଯାତ୍ରାକୁ ଏକ ମହୋତ୍ସବରେ ପରିଣତ କରେ । ଭୁବନେଶ୍ୱର କେଦାରଗୌରୀ ନିକଟସ୍ଥ ଓଡ଼ିଆ ସ୍ଥାପତ୍ୟର ଅନନ୍ୟ ନିଦର୍ଶନ ସିଦ୍ଧେଶ୍ୱର, ମୁକ୍ତେଶ୍ୱର ମନ୍ଦିରପୁଞ୍ଜର ପ୍ରତିରୂପ ଦୋଳମଣ୍ଡପ ନିର୍ମାଣ ଏହି ପବିତ୍ର ପର୍ବର ମହତ୍ତ୍ୱ ବୃଦ୍ଧି କରେ । ଶ୍ରୀମଦ୍ଭାଗବଦ୍ ବର୍ଣ୍ଣିତ ରାସଲୀଳାର ଏକ ଅଂଶ ଭାବରେ ଦୋଳଯାତ୍ରା ଓ ହୋଲିକୁ ଗ୍ରହଣ କରାଯାଇଛି । ପୃଥିବୀରେ ଋତୁରାଜ ବସନ୍ତକୁ ସ୍ୱାଗତ କରିବା ସହିତ ଦୋଳଯାତ୍ରା ଓ ହୋଲି ମାଧ୍ୟମରେ ବ୍ୟକ୍ତି, ବ୍ୟକ୍ତି ମଧ୍ୟରେ, ଗୋଷ୍ଠୀ, ଗୋଷ୍ଠୀ ମଧ୍ୟରେ ଓ ଗ୍ରାମ, ଗ୍ରାମ ମଧ୍ୟରେ ସ୍ନେହ, ଶ୍ରଦ୍ଧା ଓ ସଦ୍ଭାବ ସୃଷ୍ଟି କରିବା ହୋଲିର ମହତ ଉଦ୍ଦେଶ୍ୟ ହେବା ଉଚିତ ।

*'ସମାଜ' ଖବରକାଗଜରେ ୨୦୨୧ ମସିହା ଦୋଳଯାତ୍ରା ଦିନ ପ୍ରକାଶିତ

ପଞ୍ଚସଖା ନଗର, ଡୁମୁଡୁମା, ଭୁବନେଶ୍ୱର



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମହିଳା ଶିକ୍ଷାବିତ୍ ନିୟତି ନନ୍ଦ

ଡଃ ସମୀର କୁମାର ନନ୍ଦ



ନିୟତି ଏବେ କେବଳ ସ୍ମୃତିରେ ବଞ୍ଚି ରହିଛି - କୋମଳ, ଉଜ୍ଜ୍ୱଳ ଏବଂ ଅବିସ୍ମରଣୀୟ । ଶ୍ରାବଣ, ବୈଶାଖ ଏବଂ ବସନ୍ତର କୋମଳ ଋତୁ ଯାହା ଥରେ ତାଙ୍କ ଉପସ୍ଥିତିରେ ପ୍ରତିଧ୍ୱନିତ ହେଉଥିଲା, ସେ ଏବେ ଦୂରରେ ଅନୁଭବ ହେଉଛି, ଯେପରି ଆକାଶର ଦୂର ସୀମାରେ ତାରାଗୁଡ଼ିକ ମଳିନ ହୋଇଯାଉଛନ୍ତି । ଫେବୃଆରୀ ୪ର ଅଭିଶପ୍ତ ଅପରାହ୍ନରେ, ତାଙ୍କ ହଠାତ୍ ବିୟୋଗ ଖବର ସ୍ତବ୍ଧ ନୀରବତାରେ ବ୍ୟାପିଗଲା, ହୃଦୟ ଭାରୀ ହୋଇଗଲା ଏବଂ ଆଖି ଦୁଃଖରେ ଓଦା ହୋଇଗଲା । ଦେଓଗଡ଼ ଏବଂ ତାଳଚେରର ଜଣେ ପୂଜ୍ୟ ମହିଳା ଶିକ୍ଷାବିତ୍ ନିୟତି ନନ୍ଦ କେବଳ ଜଣେ ଶିକ୍ଷୟିତ୍ରୀ ନଥିଲେ ବରଂ ଅଗଣିତ ଯୁବ ଜୀବନରେ ଜଣେ ମାର୍ଗଦର୍ଶକ ଆଲୋକ ଥିଲେ । ସେ ଜୀବନରେ ନୀରବରେ ଚାଲିଥିଲେ, ଅନନ୍ତ ଦାନ କରୁଥିଲେ । ସରଳତା ତାଙ୍କର ଶକ୍ତି, ସଚ୍ଚୋଟତା ତାଙ୍କର ଅଭ୍ୟାସ, ନମ୍ରତା ତାଙ୍କର ଅଳଙ୍କାର ଏବଂ ମାନବୀୟ ଉଷ୍ମତା ତାଙ୍କର ସର୍ବୋତ୍ତମ ଗୁଣ ଥିଲା ।

ବର୍ଷଟି ଥିଲା ୧୯୭୧ - ଜରୁରୀକାଳୀନ ପରିସ୍ଥିତି ସମୟରେ ଦେଶର ଇତିହାସର ଏକ ଅସ୍ଥିର ସମୟ । ସେହି ସମୟରେ, ଯେତେବେଳେ ପରିସ୍ଥିତି ଦ୍ୱାରା ଝିଅମାନଙ୍କ ଶିକ୍ଷାର ସ୍ୱପ୍ନ ପ୍ରାୟତଃ ଦବି ଯାଉଥିଲା, ନିୟତି ତାଙ୍କ ମାଟ୍ରିକ ପାସ୍ କରିଥିଲେ ଦେଓଗଡ଼ରୁ, ଯାହାକି ସେତେବେଳେ ଓଡ଼ିଶାର ଏକ ପଛୁଆ ଉପବିଭାଗ ଥିଲା । ଯଦିଓ ଦେବଗଡ଼ କଲେଜ ପୂର୍ବରୁ ପ୍ରତିଷ୍ଠିତ ହୋଇସାରିଥିଲା, ମହିଳାମାନଙ୍କ ପାଇଁ ଉଚ୍ଚଶିକ୍ଷା ଅନେକ ପରିବାର ପାଇଁ ଏକ ଦୂର ଆଶା ହୋଇ ରହିଗଲା ଯେଉଁମାନେ ନିଜ ଝିଅମାନଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଘରୁ ଦୂରରେ ପଠାଇବାକୁ ସାମର୍ଥ୍ୟ ରଖି ନଥିଲେ । ତଥାପି ନିୟତି ପ୍ରତିକୂଳ ପରିସ୍ଥିତିକୁ ତାଙ୍କ ଭାଗ୍ୟ ଲେଖିବାକୁ ମନା କଲେ । ଶାନ୍ତ ଦୃଢ଼ତାର ସହିତ, ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଘରୋଇ ପାଠ୍ୟକ୍ରମ ମାଧ୍ୟମରେ ଘରୁ ତାଙ୍କର ପାଠପଢ଼ା ଜାରି ରଖିଲେ । ସମସ୍ତ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ, ସେ ପର୍ଯ୍ୟାୟକ୍ରମେ ତାଙ୍କର I.A, B.A, C.T ଏବଂ B.Ed ସମାପ୍ତ କଲେ । ତାଙ୍କର ଯାତ୍ରା ନିଜେ ସାହସ ଏବଂ ଦୃଢ଼ତାର ଏକ ଶିକ୍ଷା ହୋଇଗଲା ।

ତାଙ୍କର ଶିକ୍ଷକତା ଜୀବନ ଦେଓଗଡ଼ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ପରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ଆରମ୍ଭ ହୋଇଥିଲା । ତାଳଚେର ବ୍ରାହ୍ମଣ ଶାସନର ପ୍ରଖ୍ୟାତ ଶିକ୍ଷାବିତ୍ କାମେଶ ମିଶ୍ରଙ୍କ ସହ ବିବାହ ପରେ, ସେ ୧୯୮୮ ମସିହାରେ ତାଳଚେର ଚାଲିଆସିଥିଲେ ଏବଂ ତାଳଚେର ଯୁବରାଜ ହାଇସ୍କୁଲରେ ଯୋଗ ଦେଇଥିଲେ । ସମୟ ସହିତ, ସେ ତାଳଚେର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହୋଇଥିଲେ, ଯେଉଁଠାରୁ ସେ ୨୦୧୨ ମସିହାରେ ଅବସର ନେଇଥିଲେ - ପ୍ରେମ, ଶୃଙ୍ଖଳା ଏବଂ ପ୍ରେରଣାର ଏକ ଐତିହ୍ୟ ଛାଡି । ତାଙ୍କ ଛାତ୍ରମାନଙ୍କ ପାଇଁ, ନିୟତି ଜଣେ ଶିକ୍ଷୟିତ୍ରୀ ଅପେକ୍ଷା ଅଧିକ ଥିଲେ । ସେ ଜଣେ ପରାମର୍ଶଦାତା, ଜଣେ ଅଭିଭାବକ ଏବଂ ପ୍ରାୟତଃ ଦ୍ୱିତୀୟ ମାଆ ଥିଲେ । ସେ କେବଳ ତାଙ୍କ ପାଠପଢ଼ା ମାଧ୍ୟମରେ ନୁହେଁ ବରଂ ସେମାନଙ୍କ ଜୀବନରେ ତାଙ୍କର କୋମଳ ଜଡିତତା ମାଧ୍ୟମରେ ଯୁବପିଢ଼ିଙ୍କ ହୃଦୟ ଜିତିଥିଲେ - ସେମାନଙ୍କୁ ସିଲେଇ ଶିଖାଇବା, ରୋଷେଇ ଘରେ ମୁହୂର୍ତ୍ତଗୁଡ଼ିକୁ ବାଣ୍ଟିବା, ଖେଳରେ ସେମାନଙ୍କୁ ଉତ୍ସାହିତ କରିବା । କଳାରେ ତାଲିମପ୍ରାପ୍ତ ହୋଇଥିଲେ ମଧ୍ୟ, ତାଙ୍କର କୌତୁହଳ ଗଣିତ ଏବଂ ବିଜ୍ଞାନକୁ ଗ୍ରହଣ କରିଥିଲା, ଯାହା ତାଙ୍କର ବିଶ୍ୱାସକୁ ପ୍ରତିଫଳିତ କରିଥିଲା ଯେ ଶିକ୍ଷାର କୌଣସି ସୀମା ନାହିଁ । ତାଙ୍କର ଶାନ୍ତ ମୁହୂର୍ତ୍ତଗୁଡ଼ିକରେ, ସେ କବିତା ଆଡକୁ ମୁହାଁଇଲେ, ତାଙ୍କ ଭାବନାକୁ ଶବ୍ଦ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଧ୍ୟମରେ ପ୍ରବାହିତ କରିବାକୁ ଦେଲେ । ସେ ସାହାଯ୍ୟ ଆବଶ୍ୟକ କରୁଥିବା ଛାତ୍ରମାନଙ୍କ ପାଇଁ ତାଙ୍କର ଘର ଏବଂ ହୃଦୟ ଖୋଲି ଦେଇଥିଲେ, କେବେ ବି ସ୍ୱୀକୃତି ନ ପାଇ ମାଗଣା ଶିକ୍ଷା ପ୍ରଦାନ କରୁଥିଲେ । ତାଙ୍କ ପାଇଁ ସେବା ଏକ କର୍ତ୍ତବ୍ୟ ନଥିଲା - ଏହା ପ୍ରବୃତ୍ତି ଥିଲା । ସେ କେବଳ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ନଥିଲେ ବରଂ ଜଣେ ଅସାଧାରଣ ମାଆ ମଧ୍ୟ ଥିଲେ । ସେ ସର୍ବଦା ତାଙ୍କ ପିଲାମାନଙ୍କ ସହିତ ସମ୍ମାନର ସହିତ କଥା ହେଉଥିଲେ ଏବଂ କାହାକୁ ହୀନ ଦୃଷ୍ଟିରେ ଦେଖୁନଥିଲେ - ସେମାନଙ୍କ ଅନୁପସ୍ଥିତିରେ ମଧ୍ୟ ନୁହେଁ । ସେ ଅପବାଦ, ଗପସପ କିମ୍ବା ନିଷ୍କ୍ରିୟ ଥଟ୍ଟା ଦ୍ୱାରା ଅସ୍ପୃଶ୍ୟ ରହିଲେ । ଆମ ବାପାଙ୍କ ଅକାଳ ମୃତ୍ୟୁ ପରେ, ସେ ପରିବାରର ସ୍ତମ୍ଭ ହୋଇଗଲେ, ତାଙ୍କ ଭାଇଭଉଣୀମାନଙ୍କୁ ତାଙ୍କ ନିଜ ପିଲାମାନଙ୍କ ଅପେକ୍ଷା ଅଧିକ ପ୍ରେମ ଏବଂ ଯତ୍ନ ସହିତ ପାଳନ କରୁଥିଲେ । ଜଣେ କର୍ତବ୍ୟନିଷ୍ଠ, ସଚ୍ଚୋଟ, ନିଷ୍ଠାବାନ ଓ ନିର୍ବିବାଦୀୟ ବ୍ୟକ୍ତିତ୍ୱ ଥିଲେ ।

ଯଦିଓ ସେ ଏହି ଦୁନିଆ ଛାଡି ଯାଇଛନ୍ତି, ନିୟତି ନନ୍ଦ ବଞ୍ଚି ରହିଛନ୍ତି - ତାଙ୍କ ଦ୍ୱାରା ପ୍ରଦତ୍ତ ମୂଲ୍ୟବୋଧରେ, ତାଙ୍କ ଦ୍ୱାରା ପ୍ରଦତ୍ତ ଆତ୍ମବିଶ୍ୱାସରେ ଏବଂ ଧୈର୍ଯ୍ୟ ଏବଂ ପ୍ରେମରେ ସେ ଯେଉଁ ଅଗଣିତ ଜୀବନ ଗଠନ କରିଥିଲେ, ସେଥିରେ । ତାଙ୍କର ଅନୁପସ୍ଥିତି ଗଭୀର ଭାବରେ ଅନୁଭୂତ ହୁଏ, କିନ୍ତୁ ତାଙ୍କ ଉପସ୍ଥିତି, ନରମ ଏବଂ ଚିରକାଳ ପାଇଁ, ତାଙ୍କ ହୃଦୟରେ ରହିଛି ଯେଉଁମାନେ ତାଙ୍କୁ ଜାଣିବାର ସୌଭାଗ୍ୟବାନ ଥିଲେ ।

ଡ଼ଃ ସମୀର କୁମାର ନନ୍ଦ
୯୪୩୭୨୧୮୯୧୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୂଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad